# ଧରିତ୍ରୀ
DHARITRI

ଶୁକ୍ରବାର, ମେ ୨୯/୨୦୨୦ (୨୨ ପୃଷ୍ଠା) | Friday, May 29/2020

୪୬ଶ ଭାଗ ୧୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସାଉଥ୍‌ରେ ରିମେକ୍ ହେବ ଆୟୁଷ୍ମାନଙ୍କ ଫିଲ୍ମ**

ଅଭିନେତା ଆୟୁଷ୍ମାନଙ୍କ କିଛି ସୁପରହିଟ୍ ଫିଲ୍ମ ସାଉଥ୍‌ରେ ରିମେକ୍ ହେବାକୁ ଯାଉଛି। ତାଙ୍କ ଅଭିନୀତ ୫ଟି ଫିଲ୍ମ ଦକ୍ଷିଣ ଭାରତୀୟ ସିନେମା ଜଗତରେ ପୁନଃ ନିର୍ମାଣ କରାଯିବ।

୧୧

୨୨

**କ୍ୱାରାଣ୍ଟାଇନ୍‌ରେ ନରିନ୍ଦର ବାତ୍ରା**

ପିତା କରୋନା ପଜିଟିଭ ଜଣାପଡ଼ିବାରୁ ଭାରତୀୟ ଅଲିମ୍ପିକ ଆସୋସିଏଶନ ସଭାପତି ନରିନ୍ଦର ବାତ୍ରା ନିଜ ବାସଭବନରେ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି।






# ଦାଦନଙ୍କ ଯାତ୍ରା, ଖାଦ୍ୟ ମାଗଣା

**ନୂଆଦିଲ୍ଲୀ,୨୮।୫(ପି.ଟି.)**

ଦାଦନ ଶ୍ରମିକମାନେ ସହରରୁ ନିଜ ରାଜ୍ୟକୁ ଫେରିବାବେଳେ ଟ୍ରେନ୍ ଓ ବସ୍ ଯାତ୍ରା ପାଇଁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ସେହିପରି ଯାତ୍ରାବେଳେ ଖାଦ୍ୟ ଓ ପାନୀୟ ଜଳ ମଧ୍ୟ ରାଜ୍ୟ ସରକାର ଯୋଗାଇଦେବେ। ଏନେଇ ସୁପ୍ରିମକୋର୍ଟ ଗୁରୁବାର ରାଜ୍ୟ ସରକାରମାନଙ୍କୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି।

କରୋନା ମୁକାବିଲା ପାଇଁ ଜାରି ଲକ୍‌ଡାଉନ୍ ଯୋଗୁ ଦେଶର କୋଟି କୋଟି ପ୍ରବାସୀ ବଡ଼ ବଡ଼ ସହରରେ ଜୀବିକା ହରାଇବା ପରେ ନିଜ ରାଜ୍ୟକୁ ଫେରିବାରେ ଲାଗିଛନ୍ତି। ଅନେକ ସ୍ଥାନରେ ଏବେ ମଧ୍ୟ ବହୁ ସଂଖ୍ୟକ ଦାଦନ ଶ୍ରମିକ ଫସିରହିଛନ୍ତି। ସେମାନେ ବିଭିନ୍ନ ସମୟରେ ହଇରାଣ ହେଉଥିବା ଦେଖିବାକୁ ମିଳୁଛି। ସୁପ୍ରିମକୋର୍ଟ ଏନେଇ ଗୁରୁବାର ଚିନ୍ତାବ୍ୟକ୍ତ କରିଛନ୍ତି। ଜଷ୍ଟିସ୍ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଏସ୍.କେ. କୌଲ ଏବଂ ଏମ୍. ଆର୍. ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଦାଦନ ଶ୍ରମିକମାନେ ନିଜ ରାଜ୍ୟକୁ ଫେରିବାକୁ ଚାହିଁଲେ ସେମାନଙ୍କଠାରୁ ଟ୍ରେନ୍ କିମ୍ବା ବସ୍ ଯାତ୍ରା ଖର୍ଚ୍ଚ ନିଆଯିବ ନାହିଁ। ସେମାନଙ୍କୁ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାର ବା ପ୍ରଶାସନ ମାଗଣାରେ ଖାଦ୍ୟ ପାନୀୟ ଯୋଗାଇଦେବେ। ଏହାସହ କେଉଁ ସ୍ଥାନରେ ମାଗଣା ଖାଦ୍ୟ



ଉତ୍ତରପ୍ରଦେଶର ମଥୁରା ରେଲୱେ ଷ୍ଟେଶନରେ ପହଞ୍ଚିଥିବା ଶ୍ରମିକ ସ୍ପେଶାଲ ଟ୍ରେନ୍ ଯାତ୍ରୀଙ୍କୁ ପାନୀୟ ଜଳ ଦିଆଯାଉଛି।

ଦିଆଯାଉଛି ସେ ସମ୍ପର୍କରେ ସେମାନଙ୍କୁ ଜଣାଇଦେବେ। ଶ୍ରମିକମାନେ ଟ୍ରେନ୍ କିମ୍ବା ବସ୍‌କୁ ଅପେକ୍ଷା କରିଥିବା ପର୍ଯ୍ୟନ୍ତ ସେମାନେ ଅବସ୍ଥାନ କରିଥିବା ରାଜ୍ୟର ସରକାର ଖାଇବାକୁ ଦେବେ। ଦାଦନ ଶ୍ରମିକ ଫସିଥିବା ରାଜ୍ୟର ସରକାର ସେମାନଙ୍କୁ ଷ୍ଟେଶନରେ ଖାଦ୍ୟ ଓ ପାଣି ଦେବେ। ଯାତ୍ରାବେଳେ ରେଲୱେ ପକ୍ଷରୁ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯିବ। ବସ୍‌ରେ ଯାତ୍ରା ପାଇଁ ମଧ୍ୟ ଅନୁରୂପ ବ୍ୟବସ୍ଥା କରାଯିବ। ସେହିପରି ପ୍ରବାସୀ ଶ୍ରମିକଙ୍କ ନାମ ପଞ୍ଜୀକରଣ କରାଇ ସେମାନେ ଯେପରି ଟ୍ରେନ୍ କିମ୍ବା ବସ୍‌ରେ ଶୀଘ୍ର ଯାଇପାରିବେ ତାହା ରାଜ୍ୟଗୁଡ଼ିକ ନିଶ୍ଚିତ କରିବେ। ଏ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ସମ୍ପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଅବଗତ କରାଯିବା ଉଚିତ ବୋଲି ଖଣ୍ଡପୀଠ କହିଛନ୍ତି।

ପ୍ରାୟ ଅଢ଼େଇ ଘଣ୍ଟା ଧରି ଭିଡିଓ କନ୍‌ଫରେନ୍ସ ଜରିଆରେ ଶୁଣାଣି ବେଳେ ଖଣ୍ଡପୀଠ କହିଥିଲେ, ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦାଦନ ଶ୍ରମିକଙ୍କ ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ଏଥିରେ ସନ୍ଦେହ ନାହିଁ। କିନ୍ତୁ ପଞ୍ଜୀକରଣ,ପରିବହନ ଓ ଖାଦ୍ୟପେୟ ଯୋଗାଇବା ପ୍ରକ୍ରିୟାରେ ଅନେକ ତ୍ରୁଟି ହେଉଥିବା ମଧ୍ୟ ନଜରକୁ ଆସିଛି। ଯାତ୍ରା ପାଇଁ ପଞ୍ଜୀକରଣ ସତ୍ତ୍ୱେ ପ୍ରବାସୀମାନଙ୍କୁ ଫେରିବା ଲାଗି ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି ବୋଲି ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦାଦନ ଶ୍ରମିକମାନେ ଚାଲି ଚାଲି ଯାଉଥିବା ନଜରକୁ ଆସିଲେ ସେମାନଙ୍କ ପାଇଁ ବସ୍ ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ନେଇ କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଖଣ୍ଡପୀଠଙ୍କୁ ଅବଗତ ☞ପୃଷ୍ଠା–୪

**ସୁପ୍ରିମକୋର୍ଟଙ୍କ ଅନ୍ତରୀଣ ନିର୍ଦ୍ଦେଶ**



- ପ୍ରବାସୀ ଶ୍ରମିକଙ୍କ ଟ୍ରେନ୍ ଓ ବସ୍ ଯାତ୍ରା ପାଇଁ ଲାଗିବନି ଖର୍ଚ୍ଚ
- ଖାଦ୍ୟ, ପାନୀୟ ଜଳ ରାଜ୍ୟ ସରକାର ଯୋଗାଇଦେବେ
- କେଉଁଠି ଖାଦ୍ୟର ବ୍ୟବସ୍ଥା କରାଯାଇଛି ଅବଗତ କରାଇବେ
- ଟ୍ରେନ୍‌ରେ ଯିବାବେଳେ ରେଲୱେ ଖାଇବାକୁ ଦେବ
- ଜୁନ୍ ୫ରେ ପରବର୍ତ୍ତୀ ଶୁଣାଣି କରାଯିବ
- ମେ ୧ରୁ ୨୭ ମଧ୍ୟରେ ୯୧ ଲକ୍ଷ ପ୍ରବାସୀଙ୍କୁ ପଠାଯାଇଛି: କେନ୍ଦ୍ର

# ୪.୯ କୋଟି ଲୋକ ଉତ୍କଟ ଦାରିଦ୍ର୍ୟ ସାମ୍ନା କରିବେ

**ନୂଆଦିଲ୍ଲୀ,୨୮।୫**



କରୋନା ଭାଇରସ ଲକ୍‌ଡାଉନ ଲାଗି ଭାରତର ଅର୍ଥ ବ୍ୟବସ୍ଥା ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। କରୋନା ଯୋଗୁ ସାରା ବିଶ୍ୱରେ ପ୍ରାୟ ୪.୯ କୋଟି ଲୋକ ଉତ୍କଟ ଦାରିଦ୍ର୍ୟକୁ ଚାଲିଯିବେ ବୋଲି ଆଶଙ୍କା କରାଯାଇଛି। ସେହିଭଳି ଭାରତରେ ୧.୨ କୋଟି ଲୋକ ଏଭଳି ସମସ୍ୟା ସାମ୍ନା କରିବେ ବୋଲି ବିଶ୍ୱ ବ୍ୟାଙ୍କ ପକ୍ଷରୁ ଏକ ରିପୋର୍ଟରେ ପ୍ରକାଶ ପାଇଛି। ଭାରତରେ ୧୨.୨ କୋଟି ଲୋକଙ୍କ ଜୀବିକା ସଙ୍କଟ ସ୍ଥିତିକୁ ଚାଲିଯିବ ବୋଲି ସେଣ୍ଟର ଫର ମନିଟରିଂ ଇଣ୍ଡିଆନ୍ ଇକୋନୋମି ନାମକ ଥିଙ୍କ୍‌ଟ୍ୟାଙ୍କ୍ ପ୍ରକାଶ କରିଛି। ଦିନ ମଜୁରିଆ ଏବଂ କ୍ଷୁଦ୍ର ବାଣିଜ୍ୟଗୁଡ଼ିକ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହେବେ। ହକର, ରାସ୍ତାକଡ ଭେଣ୍ଡର, ନିର୍ମାଣ ଶିଳ୍ପଗୁଡିକରେ କାମ କରୁଥିବା ଶ୍ରମିକଙ୍କ ସମେତ ଅନ୍ୟ କ୍ଷେତ୍ରଗୁଡିକର ଶ୍ରମିକ ଏହା ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି। କାରବାର କ୍ଷତିଗ୍ରସ୍ତ ସ୍ଥିତିରେ ରହିଥିବାରୁ ଲୋକଙ୍କ ନିଯୁକ୍ତି ଉପରେ ଗଭୀର ପ୍ରଭାବ ରହିବ। ☞ପୃଷ୍ଠା–୪

# ୩୦ରେ ଗାଇବା ବନ୍ଦେ ଉତ୍କଳ ଜନନୀ

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

- କୋଭିଡ୍ ଯୋଦ୍ଧାଙ୍କୁ ସମ୍ମାନ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
- ରାଜ୍ୟ ଭଲ ସ୍ଥିତିରେ ଅଛି, ଅଧାରୁ ଅଧିକ ସୁସ୍ଥ ହେଲେଣି
- ସଙ୍କଳ୍ପ ନେଇ କାମ କରିବାକୁ ଦେଲେ ପରାମର୍ଶ

କୋଭିଡ୍ ବିରୋଧରେ ଚାଲିଥିବା ଯୁଦ୍ଧରେ ଓଡ଼ିଶା ଭଲ ସ୍ଥିତିରେ ଅଛି। ଏହା ପଛରେ ଦିନରାତି କାମ କରୁଥିବା କୋଭିଡ୍ ଯୋଦ୍ଧାଙ୍କ ତ୍ୟାଗ, ନିଷ୍ଠା ଓ ପ୍ରତିବଦ୍ଧତା ରହିଛି। ଲୋକପ୍ରତିନିଧି, ସରକାରୀ କିମ୍ବା ବେସରକାରୀ କର୍ମଚାରୀ ସମସ୍ତେ ନିଜ ସୁଖ ଦୁଃଖକୁ ପଛରେ ପକାଇ ଯେଭଳି ସେବା ଯୋଗାଇ ଚାଲିଛନ୍ତି ତା'ର ତୁଳନା ନାହିଁ। ଏହି ଯୁଦ୍ଧରେ ଓଡ଼ିଶାବାସୀ ସରକାରଙ୍କ ପଦକ୍ଷେପକୁ ଯେଭଳି ବିପୁଳ ସମର୍ଥନ ଦେଇଛନ୍ତି ସେଥିପାଇଁ ସେମାନଙ୍କ ପାଖରେ ଋଣୀ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମହାପ୍ରଭୁଙ୍କ ଆଶୀର୍ବାଦ ମଧ୍ୟ ସବୁବେଳେ ଆମ ସାଥିରେ ରହିଛି। ଏହି ପରିପ୍ରେକ୍ଷୀରେ କୋଭିଡ୍ ଯୋଦ୍ଧାଙ୍କୁ ଉତ୍ସାହିତ କରିବା ଓ ସେମାନଙ୍କ ତ୍ୟାଗକୁ ସମ୍ମାନ ଜଣାଇବା ପାଇଁ ଆସନ୍ତା ୩୦ ତାରିଖ ସନ୍ଧ୍ୟା ୫ଟା ୩୦ରେ ବନ୍ଦେ ଉତ୍କଳ ଜନନୀ ଗାନ କରିବାକୁ ଓଡ଼ିଶା ମାଟି ସହ ସମ୍ପର୍କ ଥିବା ବ୍ୟକ୍ତି ଏବଂ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଯିଏ ଯେଉଁଠି ଥିବେ ସେଠାରେ ସାମାଜିକ ଦୂରତ୍ୱ ରକ୍ଷା କରି ବନ୍ଦେ ଉତ୍କଳ ଜନନୀ ଗାନ କରିବାକୁ ଗୁରୁବାର ଏକ ଭିଡିଓ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା କୋଭିଡ୍ ଯୋଦ୍ଧାଙ୍କ ମନୋବଳ ବଢ଼ିବା ସହିତ ସେମାନେ ଆହୁରି ଉତ୍ସାହିତ ହୋଇ କାର୍ଯ୍ୟ କରିବେ। ସେମାନଙ୍କ ତ୍ୟାଗକୁ ସମ୍ମାନ ମିଳିବ। ଏହାଛଡ଼ା ଆମର ସଙ୍କଳ୍ପକୁ ଆହୁରି ଦୃଢ଼ କରିବା ପାଇଁ ଏହା ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମୟରେ ଉତ୍କଳ ସମ୍ମିଳନୀର ଆଦ୍ୟ ସଙ୍ଗୀତ ଥିଲା ବନ୍ଦେ ଉତ୍କଳ ଜନନୀ। ଓଡ଼ିଆ ଜାତୀୟତାର ବନ୍ଧନକୁ ଏହା ମଜଭୁତ କରିଥିଲା। ବର୍ତ୍ତମାନ ସମୟରେ ଏହା ଓଡ଼ିଆ ଜାତିକୁ ଓ ଆମ ସମସ୍ତଙ୍କୁ ଅଭୂତପୂର୍ବ ପ୍ରେରଣା ଯୋଗାଇବ। ଆଗକୁ କଠିନ ରାସ୍ତା ଆସିପାରେ। ତେଣୁ ନୂଆ ସଙ୍କଳ୍ପ ନେଇ କାମ କରିବା ପାଇଁ ଏହା ଆମକୁ ଶକ୍ତି ଯୋଗାଇବ। ୨ ମାସ ହେଲା ସମଗ୍ର ବିଶ୍ୱ ବଡ଼ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେଉଥିବା ବେଳେ ଓଡ଼ିଶା କୋଭିଡ୍ ବିରୋଧରେ ତା'ର ଯୁଦ୍ଧ ଜାରି ରଖିଛି। କୋଭିଡ୍ ସଂକ୍ରମଣରୁ ଲୋକମାନଙ୍କୁ ରକ୍ଷା କରିବା ଏବଂ ସେମାନଙ୍କ ଜୀବନ ବଞ୍ଚାଇବା ସରକାରଙ୍କ ପ୍ରାଥମିକତା ଥିଲା। ଏହା କରି ଦେଖାଇବାରେ ଓଡ଼ିଶା ଆଜି କେବଳ ଭାରତବର୍ଷ ନୁହେଁ, ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି। କୋଭିଡ୍‌ରେ ସାରାଦୁନିଆ ☞ପୃଷ୍ଠା–୪

# କରୋନା ଆକ୍ରାନ୍ତ ସରପଞ୍ଚ, ଆଶାଙ୍କ ସହ କଥା ହେଲେ

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

କରୋନା ଆକ୍ରାନ୍ତ ସରପଞ୍ଚ, ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ପୂର୍ବାହ୍ଣରେ ଟେଲିଫୋନ ଯୋଗେ କଥା ହୋଇଥିବା ବେଳେ ଅପରାହ୍ଣରେ କରୋନା ଯୁଦ୍ଧରେ ସାମିଲ ହୋଇ ଆକ୍ରାନ୍ତ ହୋଇଥିବା ଶିକ୍ଷକ ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ସହ କଥା ହୋଇଛନ୍ତି। କରୋନା ମୁକାବିଲା ଦିଗରେ ଉତ୍ସର୍ଗୀକୃତ କାର୍ଯ୍ୟ କରିଥିବା ଏହି ଯୋଦ୍ଧାଙ୍କୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। ଆଶୁ ଆରୋଗ୍ୟ କାମନା କରିବା ସହ ସେମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବେ ବୋଲି କହିଛନ୍ତି। ଏଥିସହିତ କରୋନା ବିରୋଧରେ ଲଢ଼େଇ ପାଇଁ କାର୍ଯ୍ୟ କରୁଥିବା ବ୍ୟକ୍ତି ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷିତ ରଖିବା ପାଇଁ ମାର୍ଗଦର୍ଶିକା ପାଳନ କରିବା ଆବଶ୍ୟକ। ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ବ୍ୟବହାର କରୁଥିବା ମୋବାଇଲ ଓ ଇଲେକ୍ଟ୍ରୋନିକ୍ସ ଗ୍ୟାଜେଟକୁ ସାନିଟାଇଜ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

# ଗଡ଼ିଲା ସୀମିତ ସଂଖ୍ୟକ ଘରୋଇ ବସ୍

**କଟକ ଅଫିସ,୨୮।୫**

ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ନିଷ୍ପତ୍ତି ଅନୁଯାୟୀ ଗୁରୁବାର ବସ୍ ଚଳାଚଳ ଆରମ୍ଭ କରିଛି। ତେବେ ଆବଶ୍ୟକ ସଂଖ୍ୟକ ଯାତ୍ରୀ ନ ହେବାରୁ ସମସ୍ତ ବସ୍ ଗଡ଼ିନାହିଁ। କଟକରୁ ମାତ୍ର ୪ଟି ବସ୍ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିବାବେଳେ ଅନ୍ୟ ଜିଲାରୁ ୨ଟି ବସ୍ ଆସିଥିଲା। ସବୁ ବସ୍‌ରେ ଅଧାରୁ ଅଧିକ ସିଟ୍ ଖାଲିପଡ଼ିଥିଲା। ଅନ୍ୟପକ୍ଷରେ ବସ୍‌ରେ ଯିବାକୁ କେତେଜଣ ଯାତ୍ରୀ ବାଦାମବାଡ଼ି ବସ୍‌ଷ୍ଟାଣ୍ଡକୁ ଆସିଥିଲେ। ମାତ୍ର ଷ୍ଟାଣ୍ଡରେ ବସ୍ ନ ଥିବାବେଳେ ସୂଚନାକେନ୍ଦ୍ରରେ ତାଲା ଝୁଲୁଥିବା ଦେଖି ନିରାଶ ହୋଇ ଫେରିଥିଲେ।

ଦୀର୍ଘଦିନର ବ୍ୟବଧାନ ପରେ ରାଜ୍ୟର ପ୍ରମୁଖ ବସ୍‌ଷ୍ଟାଣ୍ଡ ଭାବେ ଜଣାଶୁଣା ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ଚଳଚଞ୍ଚଳ ହେବ ବୋଲି ଆଶା କରାଯାଉଥିଲା। ଗୁରୁବାର ଭୋରୁ ବାଦାମବାଡ଼ି ଅଞ୍ଚଳରେ ଦୋକାନବଜାର ଖୋଲିବା ସହିତ ଅଟୋଗୁଡ଼ିକର ଭିଡ଼ ଲାଗିଥିଲା। ସହରର ଏହି ପ୍ରମୁଖ ସ୍ଥାନ ଲୋକାରଣ୍ୟ ହେବ ବୋଲି ଛୋଟ ବ୍ୟବସାୟୀମାନେ ଆଶା ରଖିଥିଲେ। ହେଲେ ସକାଳ ଯାଇ ଅପରାହ୍ଣ ହୋଇଥିଲେ ବି ବାଦାମବାଡ଼ି ସେହିଭଳି ଖାଁଖାଁ ରହିଥିଲା। ସେହିପରି ବାଦାମବାଡ଼ି ନିକଟ ଅନୁଗୋଳ ଓ ପୁରୀ ବସ୍‌ଷ୍ଟାଣ୍ଡରୁ ମଧ୍ୟ କୌଣସି ବସ୍ ଯାତ୍ରା କରିନାହିଁ। କଟକ ଜିଲା ଘରୋଇ ବସ୍ ମାଲିକ ସଂଘ ସଭାପତି ଅଜୟ କୁମାର ବାରିକଙ୍କ କହିବା ଅନୁଯାୟୀ, ପ୍ରଥମ ଦିନରେ ମାତ୍ର ୪ଟି ବସ୍ ବାଦାମବାଡ଼ିରୁ ଯାତ୍ରା କରିଥିଲା। ସକାଳୁ ଭୁବନେଶ୍ୱର ଓ ପାରାଦୀପକୁ ଗୋଟିଏ ଲେଖାଏ ବସ୍ ଯାଇଛି। ଏଥିରେ ଖୁବ କମ୍ ସଂଖ୍ୟକ ଲୋକ ଯାଇଥିଲେ। ଯେଉଁଥିରୁ ଲାଭାଂଶ ମିଳିବା କାଠିକର ପାଠ। ଭଦ୍ରକ ଓ ବାରିପଦାରୁ ଯେଉଁ ଦୁଇଟି ବସ୍ କଟକ ଆସିଥିଲା, ସେଥିରେ ଯାତ୍ରୀ ନ ଯିବାରୁ ତାହା ସିଟ୍ ଖାଲି ରଖି ପୁନର୍ବାର ଫେରିଯାଇଥିଲା। ଏହାଛଡ଼ା ବସ୍ ଚଳାଚଳ ନିମନ୍ତେ ଏବେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନାହାନ୍ତି। ଅଧାରୁ ଅଧିକ ବସ୍ କର୍ମଚାରୀ ଗାଁକୁ ଚାଲିଯାଇଛନ୍ତି। ସେମାନଙ୍କୁ ଡକା ସରିଛି। ସେମାନେ ଖୁବଶୀଘ୍ର କଟକ ଆସିବେ। ଶୁକ୍ରବାରଠାରୁ ବସ୍ ଚଳାଚଳ ପାଇଁ ଆମେ ଦୃଷ୍ଟି ଦେବୁ। ତେବେ ଯାତ୍ରୀ ନ ହେଲେ ଏଭଳି ସ୍ଥିତି ଜାରି ରହିବ ଓ ବସ୍ ମାଲିକମାନେ କ୍ଷତି ସହିବେ ବୋଲି ବାରିକ କହିଛନ୍ତି।



ଆବଶ୍ୟକ ସଂଖ୍ୟକ ଯାତ୍ରୀ ନ ହେବାରୁ ଖାଲି ପଡ଼ିଲା ସିଟ୍

## ଇ-କେୱାଇସି ଦ୍ୱାରା ତ୍ୱରିତ ପାନ୍




**ନୂଆଦିଲ୍ଲୀ,୨୮।୫:** ଆଧାର ଭିତ୍ତିକ ଇ-କେୱାଇସି ଦ୍ୱାରା ତ୍ୱରିତ ପାନ୍ (ଇନଷ୍ଟାଣ୍ଟ ପାନ୍) ପ୍ରଦାନ ସେବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୁରୁବାର ଶୁଭାରମ୍ଭ କରିଛନ୍ତି। ଏ ସମ୍ପର୍କିତ ଘୋଷଣା ୨୦୨୦ ବଜେଟରେ ହୋଇଥିଲା। ଏହା ଦ୍ୱାରା ଆଧାର ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ତୁରନ୍ତ ପାନ୍ ପ୍ରଦାନ କରାଯିବ। ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ମୋରାଟୋରିୟମ୍ ବୃଥା**

# ଆସିବ ନୂଆ ପର୍ଯ୍ୟଟନ ନୀତି

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

- କରୋନାଜନିତ ସମସ୍ୟା ଦୂର ଉପରେ ଫୋକସ୍
- ସ୍ୱଳ୍ପ, ମଧ୍ୟମ ଓ ଦୀର୍ଘ ମିଆଦୀ ଖସଡ଼ା ପ୍ରସ୍ତୁତ ହେବ
- ଫିକି ନ୍ୟାଶନାଲ ୱେବିନାରରେ ପର୍ଯ୍ୟଟନ ସଚିବଙ୍କ ସୂଚନା

କରୋନା ପରବର୍ତ୍ତୀ ସମୟରେ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଓଡ଼ିଶା ଆଣିବ ନୂଆ ପର୍ଯ୍ୟଟନ ନୀତି। କରୋନା ସଂକ୍ରମଣ ଓ ଲକ୍‌ଡାଉନ୍ ଲାଗି ପର୍ଯ୍ୟଟନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାକୁ ଦୃଷ୍ଟିରେ ରଖି ବର୍ତ୍ତମାନର ଟୁରିଜମ୍ ପଲିସି ବା ପର୍ଯ୍ୟଟନ ନୀତିରେ ସଂଶୋଧନ କରାଯିବ। ଫିକି ପକ୍ଷରୁ ଆୟୋଜିତ ନ୍ୟାଶନାଲ ୱେବିନାରରେ ଅଂଶଗ୍ରହଣ କରି ରାଜ୍ୟ ପର୍ଯ୍ୟଟନ ସଚିବ ବିଶାଲ ଦେବ ଗୁରୁବାର ଏନେଇ ସୂଚନା ଦେଇଛନ୍ତି। ପର୍ଯ୍ୟଟନ ଶିଳ୍ପକୁ ସଜାଡିବା ପାଇଁ ସ୍ୱଳ୍ପ, ମଧ୍ୟମ ଓ ଦୀର୍ଘ ମିଆଦୀ ଖସଡା ପ୍ରସ୍ତୁତ କରାଯିବ। ସ୍ୱଳ୍ପ ମିଆଦୀ ଖସଡା କାର୍ଯ୍ୟକାରୀ ଲାଗି ରାଜ୍ୟ ସରକାର ଇତିମଧ୍ୟରେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଛନ୍ତି। ପର୍ଯ୍ୟଟନ ଶିଳ୍ପ ସହ ଜଡ଼ିତ ସମ୍ପତ୍ତିର ଟିକସ, ବିଦ୍ୟୁତ୍ ବିଲ୍ ଓ ଅବକାରୀ ଲାଇସେନ୍ସ ଫି' ଆଦି ଉପରେ ରିହାତି ଦେବାକୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏହି ମନ୍ତ୍ରୀସ୍ତରୀୟ କମିଟି ନିକଟରେ ଦାବି ଉପସ୍ଥାପନ କରାଯାଇଛି। ହୋଟେଲ, ରେଷ୍ଟୁରାଣ୍ଟ, ହୋମ୍ ଷ୍ଟେ, ହେରିଟେଜ୍ ହୋମ୍ ଆଦି ଉପରୁ ଟିକସ ବୋଝ ହାଲୁକା କରିବା ପାଇଁ ମଧ୍ୟ ସରକାରୀ ସ୍ତରରେ ବିଚାରବିମର୍ଶ ଚାଲିଛି। ସେହିଭଳି ମଧ୍ୟମ ମିଆଦୀ ଯୋଜନାରେ ପର୍ଯ୍ୟଟନ ଶିଳ୍ପର ଲାଇସେନ୍ସ ଅବଧିକୁ ଏକାଥରକେ ୫ବର୍ଷ ବୃଦ୍ଧି କରିବାକୁ ଆଲୋଚନା କରାଯାଉଥିବା ସଚିବ ସୂଚନା ଦେଇଛନ୍ତି।

ODISHA INDIA'S BEST KEPT SECRET.

ରାଜ୍ୟ ସରକାର ଆଗାମୀ ଦିନରେ ଯେଉଁ ନୂଆ ଯୋଜନା ପ୍ରସ୍ତୁତ କରିବେ ସେଥିରେ ଐତିହାସିକ କୀର୍ତ୍ତିରାଜି ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଗୁରୁତ୍ୱ ଦିଆଯିବ। ଓଡ଼ିଶାର ପ୍ରାଚୀନ ରାଜପ୍ରାସାଦଗୁଡିକରେ ପର୍ଯ୍ୟଟକମାନେ ରହିପାରିବା ଭଳି ଯୋଜନାକୁ ପ୍ରୋତ୍ସାହିତ କରାଯିବ। ପର୍ଯ୍ୟଟନକୁ ପ୍ରୋତ୍ସାହନ ପାଇଁ ମୋଟ ୧୩ଟି ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରକୁ ଚିହ୍ନଟ କରାଯାଇଥିବାବେଳେ ସେଠାରେ ଭିତ୍ତିଭୂମି ଓ ଆନୁଷଙ୍ଗିକ ବିକାଶ ହେବ। ଓଡିଆ ଖାଦ୍ୟ ଭିତ୍ତିକ ପର୍ଯ୍ୟଟନ ତଥା ଫୁଡ୍ ଟୁରିଜମ୍‌କୁ ପ୍ରୋତ୍ସାହନ ଦେବାପାଇଁ ପଦକ୍ଷେପ ନିଆଯିବ ବୋଲି ବିଶାଲ ଦେବ ଏହି ୱେବିନାରରେ ସୂଚନା ଦେଇଛନ୍ତି। ଓଡ଼ିଆ ଖାଦ୍ୟର ସ୍ୱତନ୍ତ୍ର ପରିଚୟ ରହିଛି। ଶ୍ରୀଜଗନ୍ନାଥଙ୍କ ନିକଟରେ ଲାଗି ହେଉଥିବା ମହାପ୍ରସାଦ ବେଶ୍ ସ୍ୱାସ୍ଥ୍ୟପ୍ରଦ। ଏହି ମହାପ୍ରସାଦ ପାଇଁ ଦେଶ ଓ ବିଦେଶରେ ବିଶେଷ ଆଗ୍ରହ ରହିଛି। ତେଣୁ ଓଡିଆ ଖାଦ୍ୟକୁ ଯେପରି ପର୍ଯ୍ୟଟନ ଶିଳ୍ପ ସହିତ ଯୋଡାଯାଇ ପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବ। ସେହିଭଳି ପର୍ଯ୍ୟଟନ ଶିଳ୍ପ ସହ ଜଡିତ ଗାଇଡ୍, ଫଟୋଗ୍ରାଫର, ବୋଟ୍ ଚାଳକ ପ୍ରମୁଖଙ୍କୁ ସହାୟତା ଦିଆଯିବା ଉପରେ ବିଚାର ବିମର୍ଶ ହେଉଛି। ନୌକାବିହାରକୁ ପ୍ରୋତ୍ସାହନ ଦେବାପାଇଁ କାଠ ଡଙ୍ଗାଗୁଡିକୁ ଫାଇବର ☞ପୃଷ୍ଠା–୪

# ମନ୍ଦିରରେ ନରବଳି: ପୂଜକଙ୍କ ଆତ୍ମସମର୍ପଣ

**ନରସିଂହପୁର, ୨୮।୫ (ସ୍ୱ.ପ୍ର./ଡି.ଏନ୍.ଏ.)**

**ପୂର୍ବଶତ୍ରୁତାରୁ ହତ୍ୟା ଅଭିଯୋଗ**

କଟକ ଜିଲା ନରସିଂହପୁର ଥାନା ବନ୍ଧହୁଡା ଗ୍ରାମ ବ୍ରାହ୍ମଣୀଦେବୀ ମନ୍ଦିର ପରିସରରୁ ମୁଣ୍ଡ ଗଣ୍ଡି ଅଲଗା ହୋଇଥିବା ମୃତଦେହ ଜବତ ହୋଇଛି। ହତ୍ୟାକାଣ୍ଡ ପରେ ପୂଜକ ସଂସାରୀ ଓଝା(୭୦) ଥାନାରେ ଆତ୍ମସମର୍ପଣ କରି ନରବଳି ଦେଇଥିବା କହିଛନ୍ତି। ମୃତକ ହେଲେ ସରୋଜ ପ୍ରଧାନ(୫୨)। ଅପରପକ୍ଷେ କେତେଜଣ ବ୍ୟକ୍ତି ମନ୍ଦିରରେ ଯୋଜନାବଦ୍ଧ ଭାବେ ସରୋଜଙ୍କ ହତ୍ୟା କରିଛନ୍ତି ବୋଲି ଭାଇ ତ୍ରିଲୋକ୍ୟ ପ୍ରଧାନ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ.୧୫୬/୨୦)ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଛି। ପୂଜକ ଓଝାଙ୍କ କହିବା ଅନୁଯାୟୀ, ବୁଧବାର ରାତିରେ ମନ୍ଦିରରେ ବୋଦା ବଳି ଦେବାକୁ ସରୋଜ ବାଧ କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ପୂଜକ ଉତ୍କ୍ଷିପ୍ତ ହୋଇ ନିକଟରେ ଥିବା କଟୁରି ସାହାଯ୍ୟରେ ସରୋଜଙ୍କ ମୁଣ୍ଡକୁ ହାଣି ମନ୍ଦିରରେ ବଳି ଦେଇଛନ୍ତି ବୋଲି କହିଛନ୍ତି। ଅପରପକ୍ଷେ ତ୍ରିଲୋକ୍ୟଙ୍କ ଅଭିଯୋଗ ଅନୁଯାୟୀ, ଜମିବାଡି ବିବାଦକୁ କେନ୍ଦ୍ର କରି ସରୋଜଙ୍କ ସହ କେତେଜଣଙ୍କ ପୂର୍ବଶତ୍ରୁତା ଲାଗି ରହିଥିଲା। ଏନେଇ ବିଳମ୍ବିତ ରାତିରେ ମନ୍ଦିରରେ ନିଶା ସେବନ କରି ତାଙ୍କୁ ହତ୍ୟା କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା କଟୁରି ଜବତ କରିଛି।



ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ୍ ପାତ୍ରଙ୍କଠାରେ କୋଭିଡ୍-୧୯ ଲକ୍ଷଣ ଦେଖାଯିବା ପରେ ତାଙ୍କୁ ଗୁରୁଗ୍ରାମସ୍ଥିତ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଭାଜପା ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ ଏବଂ ତେଜିନ୍ଦର ପାଲ୍ ସିଂ ବଗ୍ଗା ଟୁଇଟ୍ କରି ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ଅଧିକାଂଶ ସମୟରେ ଦେଖାଦେଉଥିବା ସମ୍ବିତ୍ ସୋସିଆଲ ମିଡିଆରେ ମଧ୍ୟ ଖୁବ୍ ସକ୍ରିୟ।

# ହଂକଂ ସୁରକ୍ଷା ବିଲ୍‌କୁ ଚାଇନାର ମଞ୍ଜୁରୀ

ବେଜିଂ/ହଂକଂ,୨୮।୫

ଚାଇନା ପାର୍ଲାମେଣ୍ଟ ଗୁରୁବାର ହଂକଂ ସୁରକ୍ଷା ବିଲ୍‌କୁ ମଞ୍ଜୁରୀ ଦେଇଛି। ବେଜିଂର କ୍ଷମତାକୁ ଦୁର୍ବଳ କରିବା ଏହି ବିବାଦୀୟ ଆଇନ ଅନୁସାରେ ଅପରାଧ ବିବେଚିତ ହେବ। ତେବେ ଅର୍ଦ୍ଧ ସ୍ୱୟଂଶାସିତ ଭୂଖଣ୍ଡ ତଥା ବିଶ୍ୱ ସ୍ତରୀୟ ବ୍ୟବସାୟିକ କେନ୍ଦ୍ର ହଂକଂର ମୌଳିକ ରାଜନୈତିକ ସ୍ୱାଧୀନତା ଓ ନାଗରିକ ସ୍ୱାଧୀନତା ପ୍ରତି ଏହି ଆଇନ ବିପଦ ସୃଷ୍ଟି କରିବ ବୋଲି ଅନେକେ ସମାଲୋଚନା କରୁଛନ୍ତି।

କୋଭିଡ୍-୧୯ ଯୋଗୁ ବିଳମ୍ବିତ ହୋଇଥିବା ଚାଇନାର ବାର୍ଷିକ ରାଜନୈତିକ ଅଧିବେଶନ ଗୁରୁବାର ଶେଷ ହୋଇଛି। ଏକଦା ବ୍ରିଟେନ ଅଧୀନରେ ଥିବା ହଂକଂ ସହର ପାଇଁ ଏକ ନୂଆ ସୁରକ୍ଷା ଆଇନ ଚାଇନା ପାର୍ଲାମେଣ୍ଟରେ ଅଣାଯାଇଥିବାବେଳେ ଏହାକୁ ବିପୁଳ ସମର୍ଥନ ମିଳିଛି। ଦେଶର ରବରଷ୍ଟାମ୍ପ ପାର୍ଲାମେଣ୍ଟ ନ୍ୟାଶନାଲ ପିପୁଲ୍ସ କଂଗ୍ରେସ (ଏନ୍‌ପିସି)ରେ ଏହା ଏକପ୍ରକାର ସର୍ବସମ୍ମତିକ୍ରମେ ଗୃହୀତ ହୋଇଛି। ବିଧେୟକ ସପକ୍ଷରେ ୨,୮୭୮ ଖଣ୍ଡ ଭୋଟ ପଡ଼ିଥିବାବେଳେ ମାତ୍ର ଜଣେ ପ୍ରତିନିଧି ଏହାକୁ ବିରୋଧ କରିଥିଲେ। ଅନ୍ୟ ୬ ପ୍ରତିନିଧି ମତଦାନରୁ ବିରତ ରହିଥିଲେ। ଏବେ ଏହି ବିଧେୟକକୁ ଏନ୍‌ପିସିର ଷ୍ଟାଣ୍ଡିଂ କମିଟି ନିକଟକୁ ପଠାଯିବ, ଯେଉଁଠି ବରିଷ୍ଠ ନେତୃତ୍ୱ ଏହାର ଚିଠା ପ୍ରସ୍ତୁତ କରିବେ।





- ହଂକଂରେ ନିଜ ସୁରକ୍ଷା ଏଜେନ୍ସିର ଅଫିସ୍ ଖୋଲିପାରିବ ଚାଇନା
- ବିଧେୟକ ସପକ୍ଷରେ ୨୮୭୮, ବିରୋଧରେ ଜଣେ
- ଅଗଷ୍ଟରେ ଆଇନରେ ପରିଣତ ହେବ
- ହଂକଂ ରାଜନୈତିକ ସ୍ୱାଧୀନତା ହରାଇବା ନେଇ ଆଶଙ୍କା

ଅଗଷ୍ଟ ସୁଦ୍ଧା ଏହା ଆଇନରେ ପରିଣତ ହେବ ବୋଲି କୁହାଯାଉଛି। ଏହା ଆଇନର ରୂପ ନେବା ପରେ ହଂକଂର ସ୍ୱତନ୍ତ୍ର ମାନ୍ୟତା ଶେଷ ହୋଇଯିବ ବୋଲି ବହୁ ସଂଖ୍ୟକ ଲୋକ ଚିନ୍ତାବ୍ୟକ୍ତ କରୁଛନ୍ତି। ନୂଆ ସୁରକ୍ଷା ଆଇନ ଅନୁସାରେ ହଂକଂ ଭିତରେ ଚାଇନା ନିଜର ସୁରକ୍ଷା ଏଜେନ୍ସିଗୁଡ଼ିକ ଗଠନ କରିପାରିବ। ବର୍ତ୍ତମାନ ସୁଦ୍ଧା ଏହି ଆଇନ ସମ୍ପର୍କରେ ବିସ୍ତୃତ ତଥ୍ୟ ସାମ୍ନାକୁ ଆସିପାରି ନ ଥିଲେ ହେଁ ବିଶେଷଜ୍ଞଙ୍କ ମତରେ ଦେଶ ସହ ସମ୍ପର୍କ ଛିନ୍ନ କରିବା, କେନ୍ଦ୍ରୀୟ ସରକାରଙ୍କ କ୍ଷମତା କିମ୍ବା ଅଧିକାରକୁ ଦୁର୍ବଳ କରିବା ଅପରାଧ ବିବେଚିତ ହେବ। ଲୋକଙ୍କୁ ଡରାଇ ଧମକାଇ ବା ସେମାନଙ୍କ ବିରୋଧରେ ହିଂସା ଭିଆଇଲେ କଠୋରପନ୍ଥୀ ଅପରାଧ ବୋଲି ଧରାଯିବ। ହଂକଂ ବ୍ୟାପାରରେ ହସ୍ତକ୍ଷେପ କରୁଥିବା ବିଦେଶୀ ଶକ୍ତିଗୁଡ଼ିକର ଗତିବିଧି ମଧ୍ୟ ଅପରାଧ ଶ୍ରେଣୀଭୁକ୍ତ ହେବ। ପ୍ରସ୍ତାବିତ ଆଇନର ଯେଉଁ ନିୟମକୁ ନେଇ ଲୋକେ ଅଧିକ ଚିନ୍ତିତ ହୋଇଛନ୍ତି, ତାହା ହେଲା ଚାଇନା ହଂକଂରେ ଏପରି ଏଜେନ୍ସି ଗଠନ କରିପାରିବ, ଯାହା ଜାତୀୟ ସୁରକ୍ଷା ପାଇଁ ଉତ୍ତରଦାୟୀ ହେବ। ଏହାର ତାତ୍ପର୍ଯ୍ୟ ହେଉଛି ହଂକଂରେ ଚାଇନା ନିଜ ଆଇନ ଲାଗୁ କରାଇବା ଭଳି ସଂସ୍ଥା ରହିବ। ତେବେ ହଂକଂରେ କୌଣସି ଅପରାଧ ଘଟାଇଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମାମଲାର ବିଚାର ପାଇଁ ଚାଇନାକୁ ପଠାଯିବ ନାହିଁ ବୋଲି ବେଜିଂ ପକ୍ଷରୁ କୁହାଯାଇଛି।

ଏହି ଆଇନ ବିରୋଧରେ ହଂକଂରେ ପୂର୍ବରୁ ବିକ୍ଷୋଭ ପ୍ରଦର୍ଶନ ଚାଲିଥିଲା। ବୁଧବାର ହଂକଂରେ ସୁରକ୍ଷା ବଳ ଓ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହି ଦିନ ହଂକଂ ପାର୍ଲାମେଣ୍ଟରେ ଏକ ଭିନ୍ନ ପ୍ରସ୍ତାବିତ ଆଇନ ଉପରେ ବିତର୍କ ଚାଲିଥିଲା, ଯାହା ବଳରେ ଚାଇନାର ଜାତୀୟ ସଙ୍ଗୀତକୁ ଅସମ୍ମାନ କଲେ ଅପରାଧ ମନେକରାଯିବ। ବୁଧବାର ହଂକଂରେ ବହୁ ସଂଖ୍ୟକ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଥିଲା। ହଂକଂ ପାର୍ଲାମେଣ୍ଟରେ ଗୁରୁବାର ମଧ୍ୟ ପ୍ରସ୍ତାବିତ ଆଇନ ଉପରେ ବିତର୍କ ଚାଲିଛି ଏବଂ ସୁରକ୍ଷା ବଳକୁ ଆଲର୍ଟ କରାଯାଇଛି।



ବେଜିଂସ୍ଥିତ ନ୍ୟାଶନାଲ ପିପୁଲ୍ସ କଂଗ୍ରେସର ଉଦ୍‌ଯାପନୀ ଅଧିବେଶନରେ ଉପସ୍ଥିତ ପ୍ରତିନିଧିମାନେ।

# ଜୁନ୍ ୧ରେ କେରଳ ଛୁଇଁବ ମୌସୁମୀ

ନୂଆଦିଲ୍ଲୀ,୨୮।୫

ଜୁନ୍ ପହିଲାରେ କେରଳକୁ ମୌସୁମୀ ବାୟୁ ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଦର୍ଶାଯାଇଛି। ଖୁବ୍‌ଶୀଘ୍ର ଅନୁକୂଳ ପରିବେଶ ସୃଷ୍ଟି ହେବ ଓ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆସିବ ବୋଲି ଭୂ ବିଜ୍ଞାନୀମାନେ ମତବ୍ୟକ୍ତ କରିଛନ୍ତି। ଏହି ବାୟୁ ମାଳଦ୍ୱୀପ, ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ନିକୋବର ଦ୍ୱୀପ ଦେଇ ଆଗକୁ ବଢ଼ିବ ବୋଲି ଦର୍ଶାଯାଇଛି। ମେ ୩୧ରୁ ଜୁନ ୪ ପର୍ଯ୍ୟନ୍ତ ପାଗ ଅନୁକୂଳ ହେତୁ ମୌସୁମୀ ଆସିବା ସମ୍ଭବ ହୋଇଥିବା ଜଣାପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନେ ମେ ୨୯ରୁ ଜୁନ ୪ ମଧ୍ୟରେ ଆରବ ସାଗର ଭିତରକୁ ନ ଯିବା ଲାଗି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଜୁନ ପହିଲାରେ ଦକ୍ଷିଣ ଭାରତର କେତେକ ସ୍ଥାନରେ ବର୍ଷା ପବନ ହେବା ଆଶଙ୍କା ରହିଛି। ଜୁନ ୧୩ରୁ ୧୫ ବେଳକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ତଥା ମଧ୍ୟ ଭାରତୀୟ ଅଞ୍ଚଳରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି।

# ୭୦% ସଂକ୍ରମିତ ୧୩ ସହରରେ

ନୂଆଦିଲ୍ଲୀ,୨୮।୫(ପି.ଟି.)

**ମ୍ୟୁନିସିପାଲ କମିଶନ, ଜିଲାପାଳଙ୍କ ସହ କ୍ୟାବିନେଟ ସଚିବଙ୍କ ବୈଠକ**

ଲକ୍‌ଡାଉନ ୪.୦ ଅବଧି ଶେଷ ହେବାକୁ ଆଉ ୩ ଦିନ ବାକି ଥିବାବେଳେ କ୍ୟାବିନେଟ ସଚିବ ରାଜୀବ ଗୌବା ଗୁରୁବାର ଦେଶର ସର୍ବାଧିକ ସଂକ୍ରମିତ ୧୩ ସହରର ମ୍ୟୁନିସିପାଲ କମିଶନ ଏବଂ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଦେଶର ପାଖାପାଖି ୭୦ ପ୍ରତିଶତ କରୋନା ପଜିଟିଭ୍ ଏହି ୧୩ଟି ସହରରେ ରହିଥିବାରୁ କ୍ୟାବିନେଟ ସଚିବଙ୍କ ବୈଠକକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ହୋଇଥିବା ଏହି ବୈଠକରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଓ ପ୍ରମୁଖ ସ୍ୱାସ୍ଥ୍ୟ ସଚିବମାନେ ଯୋଗଦେଇଥିଲେ। ମୁମ୍ବାଇ, ଚେନ୍ନାଇ, ଦିଲ୍ଲୀ, ଅହମଦାବାଦ, ଠାଣେ, ପୁଣେ, ହାଇଦ୍ରାବାଦ, କୋଲକାତା/ହାଓଡା, ଇନ୍ଦୋର, ଜୟପୁର, ଯୋଧପୁର, ଚେଙ୍ଗଲପାଟ୍ଟୁ, ଥିରୁଭାଲ୍ଲୁରର ମ୍ୟୁନିସିପାଲ କମିଶନ ତଥା ସମ୍ପୃକ୍ତ ଜିଲାର ଜିଲାପାଳ ଆଲୋଚନାରେ ସାମିଲ ହୋଇଥିଲେ। କୋଭିଡ୍-୧୯ ମାମଲା ପରିଚାଳନାରେ ମ୍ୟୁନିସିପାଲ କର୍ପୋରେଶନ ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା।

## ୧୬ ବିମାନ ଯାତ୍ରୀଙ୍କୁ କରୋନା

**ନୂଆଦିଲ୍ଲୀ,୨୮।୫:** ଦୁଇ ମାସ ବନ୍ଦ ରହିବା ପରେ ଗତ ସୋମବାରଠାରୁ ଦେଶ ଭିତରେ ବିମାନ ସେବା ଆରମ୍ଭ ହୋଇଛି। ଇତିମଧ୍ୟରେ ୩ ଏୟାରଲାଇନ୍ସରେ ଯାତ୍ରା କରିଥିବା ୧୬ ଜଣ ଯାତ୍ରୀଙ୍କଠାରେ କରୋନା ପଜିଟିଭ୍ ଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ ଇଣ୍ଡିଗୋର ସର୍ବାଧିକ ୧୨ ଜଣ ଯାତ୍ରୀ ଅଛନ୍ତି। ସେମାନେ ଉକ୍ତ ଏୟାରଲାଇନ୍ସର ୪ଟି ବିମାନରେ ଯାତ୍ରା କରିଥିଲେ। ସେମାନଙ୍କଠାରେ ଲକ୍ଷଣ ନ ଥିଲା ବୋଲି ଇଣ୍ଡିଗୋ ପକ୍ଷରୁ କୁହାଯାଇଛି। ସେହିପରି ସ୍ପାଇସ୍‌ଜେଟ୍‌ରେ ଆସିଥିବା ୨ ଜଣଙ୍କଠାରେ କରୋନା ଭୂତାଣୁ ଥିବା ଜଣାପଡ଼ିଛି।

## ଟିକା ପ୍ରସ୍ତୁତିରେ ୩୦ ସଂସ୍ଥା

**ନୂଆଦିଲ୍ଲୀ,୨୮।୫(ପି.ଟି.):** ବଡ଼ ଶିଳ୍ପସଂସ୍ଥାଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ ଭାରତର ପାଖାପାଖି ୩୦ଟି ସଂସ୍ଥା କୋଭିଡ୍-୧୯ ପ୍ରତିକାର ଲାଗି ଟିକା ପ୍ରସ୍ତୁତି କାର୍ଯ୍ୟରେ ଲାଗିଛନ୍ତି। ସେମାନଙ୍କ ମଧ୍ୟରୁ ୨୦ଟି ସଂସ୍ଥା ଏକ୍ଷେତ୍ରରେ ବେଶ୍ ଅଗ୍ରଗତି କରିଥିବା ପ୍ରମୁଖ ବୈଜ୍ଞାନିକ ଉପଦେଷ୍ଟା କେ. ବିଜୟ ରାଘବନ୍ ଗୁରୁବାର କହିଛନ୍ତି। ଟିକା ଭଳି ନୂଆ ଔଷଧ ପ୍ରସ୍ତୁତ କରିବା ମଧ୍ୟ ଏକ ବଡ଼ ଚ୍ୟାଲେଞ୍ଜ। ଉଭୟ ଟିକା ଓ ଔଷଧ ପ୍ରସ୍ତୁତି ଲାଗି ଦୀର୍ଘ ସମୟ ଲାଗିପାରେ। ତେବେ ବର୍ଷକ ମଧ୍ୟରେ ଟିକା ବାହାର କରିବା ଲକ୍ଷ୍ୟ ରଖାଯାଇଥିବା ରାଘବନ କହିଛନ୍ତି।



କୋସୋଭୋ ରାଜଧାନୀ ପ୍ରିଷ୍ଟିନାରେ କରୋନା ମୁକାବିଲା ପାଇଁ ଲକ୍‌ଡାଉନ୍ ଜାରି କରାଯାଇଥିବାବେଳେ ଏକ ମସ୍‌ଜିଦରେ ଭୂତାଣୁ ନାଶକ ସ୍ପ୍ରେ କରୁଛନ୍ତି ଜଣେ ବ୍ୟକ୍ତି।

# କ୍ୱାରାଣ୍ଟାଇନରେ ୨୩ ଲକ୍ଷ

ନୂଆଦିଲ୍ଲୀ,୨୮।୫(ପି.ଟି.)

**ଫେରିଲେଣି ୯୧ ଲକ୍ଷ ପ୍ରବାସୀ ଶ୍ରମିକ**

କୋଭିଡ୍-୧୯ ଯୋଗୁ ସାରା ଦେଶ ଲକ୍‌ଡାଉନରେ ଥିବାବେଳେ ବିଭିନ୍ନ ସ୍ଥାନକୁ ଗସ୍ତ କରିଥିବା କିମ୍ବା ବିଦେଶରୁ ଫେରିଥିବା ପାଖାପାଖି ୨୩ ଲକ୍ଷ ଲୋକଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। ଅନ୍ୟ ରାଜ୍ୟରୁ ଫେରୁଥିବା ଲୋକଙ୍କ ପାଇଁ ଅଧିକାଂଶ ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳ ପ୍ରଶାସନ ୭ଦିନ କ୍ୱାରାଣ୍ଟାଇନ ବାଧ୍ୟତାମୂଳକ କରିଛନ୍ତି। ମେ' ୨୬ ସୁଦ୍ଧା ଦେଶର ବିଭିନ୍ନ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ୨୨.୮୧ ଲକ୍ଷ ଲୋକ ରହିଥିବା ଜଣାପଡିଛି। ମେ' ୧୪ରେ ଏହି ସଂଖ୍ୟା ଥିଲା ୧୧.୯୫ ଲକ୍ଷ। ଅର୍ଥାତ୍ ୧୨ ଦିନ ମଧ୍ୟରେ କ୍ୱାରାଣ୍ଟାଇନରେ ଥିବା ଲୋକଙ୍କ ସଂଖ୍ୟା ଦୁଇଗୁଣ ହୋଇଛି। ଏବେ ମହାରାଷ୍ଟ୍ରରେ ସର୍ବାଧିକ ୬.୦୨ ଲକ୍ଷ କ୍ୱାରାଣ୍ଟାଇନରେ ଥିବାବେଳେ ଗୁଜରାଟରେ ୪.୪୨ ଲକ୍ଷ ରହିଛନ୍ତି। ଟ୍ରେନ୍ ଓ ବସ୍ ଯୋଗେ ବୁଧବାର ସୁଦ୍ଧା ବିଭିନ୍ନ ଅଞ୍ଚଳରୁ ୯୧ ଲକ୍ଷ ପ୍ରବାସୀ ଶ୍ରମିକ ସେମାନଙ୍କ ଜନ୍ମସ୍ଥାନକୁ ଫେରିଛନ୍ତି। ଉତ୍ତରପ୍ରଦେଶକୁ ସର୍ବାଧିକ ଶ୍ରମିକ ଫେରିଥିବାବେଳେ ସେଠାରେ ୩.୬ ଲକ୍ଷଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। ବନ୍ଦେ ଭାରତ ମିଶନରେ ୪୦ଟି ଦେଶରୁ ପ୍ରାୟ ୩୦ ହଜାର ଭାରତୀୟ ଫେରିଲେଣି। ୬୦ ଦେଶରୁ ଲକ୍ଷେ ଭାରତୀୟଙ୍କୁ ଫେରାଇ ଆଣିବା ଲାଗି ସରକାର ଯୋଜନା କରିଛନ୍ତି।

# ନବମ ସ୍ଥାନକୁ ଉଠିଲା ଭାରତ

ୱାଶିଂଟନ/ବ୍ରାଜିଲିଆ/ନୂଆଦିଲ୍ଲୀ,୨୮।୫



- ବିଶ୍ୱରେ ୩.୫୮ ଲକ୍ଷରୁ ଅଧିକ ମୃତ
- ୫୮.୨୮ ଲକ୍ଷ ଲୋକ ସଂକ୍ରମିତ
- ଆମେରିକା, ବ୍ରାଜିଲ ସ୍ଥିତି ଭୟଙ୍କର

ଦିନ ଗଡ଼ୁଛି, ସଂଖ୍ୟା ବଢ଼ୁଛି। ଅସମ୍ଭାଳ ହେଲାଣି କରୋନା ସ୍ଥିତି। ବିଶ୍ୱର ୨୧୩ ଦେଶରେ ଏବେ ରାଜୁତି କରୁଛି କରୋନା ଭୂତାଣୁ। ଗୋଟାଏ ପରେ ଗୋଟାଏ ମୁଣ୍ଡ ଗଡ଼ିବା ସହ ସଂକ୍ରମିତଙ୍କ ସଂଖ୍ୟା ଅହେତୁକ ଭାବେ ବଢ଼ିଚାଲିଛି। ବିଶ୍ୱରେ ଏବେ ଭୂତାଣୁଜନିତ ମୃତ୍ୟୁସଂଖ୍ୟା ବଢ଼ି ୩,୫୮, ୩୨୯ରେ ପହଞ୍ଚିଛି। ସଂକ୍ରମିତଙ୍କ ସଂଖ୍ୟା ୫୮,୨୮,୧୫୭କୁ ବୃଦ୍ଧିପାଇଛି। ଯଦିଓ ଏପର୍ଯ୍ୟନ୍ତ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି, ତଥାପି କରୋନାର ଉଗ୍ର ସଂକ୍ରମଣ ସ୍ଥିତି ଆତଙ୍କ ଖେଳାଇଛି। ବିଶ୍ୱର ସର୍ବାଧିକ ଆକ୍ରାନ୍ତ ତାଲିକାର ଶୀର୍ଷରେ ଆମେରିକା ଥିବାବେଳେ ଦ୍ୱିତୀୟରେ ବ୍ରାଜିଲ, ତୃତୀୟରେ ରୁଷିଆ ଅଛନ୍ତି। ଏହି ୩ ଦେଶରେ ସ୍ଥିତି ଏବେ ଭୟଙ୍କର ରହିଛି। ଭାରତରେ ଗତ କିଛିଦିନ ମଧ୍ୟରେ ଉଗ୍ର ସଂକ୍ରମଣ ସ୍ଥିତି ଦେଖାଦେବା ଫଳରେ ଗୁରୁବାର ତାଲିକାର ନବମ ସ୍ଥାନକୁ ଏହି ଦେଶ ଉନ୍ନୀତ ହୋଇଛି। ବର୍ତ୍ତମାନ ସୁଦ୍ଧା ଭାରତରେ ୪,୫୬୮ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ଭାରତରେ ୫ ହଜାରରୁ ଉର୍ଦ୍ଧ୍ୱ ନୂଆ ମାମଲା ନଜରକୁ ଆସିଛି। ଏହି ସମୟ ମଧ୍ୟରେ ଆମେରିକାରେ ୪ ହଜାର, ରୁଷିଆରେ ୮,୩୩୧ ମାମଲା ସାମ୍ନାକୁ ଆସିଛି।

ଆମେରିକାରେ କରୋନା ମୃତ୍ୟୁସଂଖ୍ୟା ବଢ଼ି ୧,୦୨,୨୪୯ରେ ପହଞ୍ଚିଛି। ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୧୭.୪୯ ଲକ୍ଷ ଟପିଲାଣି। ବ୍ରାଜିଲରେ ୪୧.୪ ଲକ୍ଷରୁ ଅଧିକ ଭୂତାଣୁ ଆକ୍ରାନ୍ତ ଥିବାବେଳେ ମୃତ୍ୟୁସଂଖ୍ୟା ୫,୬୯୭କୁ ବୃଦ୍ଧିପାଇଛି। ଏହା ପଛକୁ ରହିଛି ରୁଷିଆ। ଏଠାରେ ରୋଗୀସଂଖ୍ୟା ୩.୭୯ ଲକ୍ଷରୁ ଅଧିକ ରହିଥିବା ବେଳେ ମୃତ୍ୟୁସଂଖ୍ୟା ୪,୧୪୨ ରହିଛି। ସ୍ପେନ୍, ବ୍ରିଟେନ, ଇଟାଲୀ, ଫ୍ରାନ୍ସ ଓ ଜର୍ମାନୀ ପଛକୁ ଭାରତ ରହିଛି। ଏହିସବୁ ଦେଶଗୁଡ଼ିକରେ ଭୂତାଣୁ ଆକ୍ରାନ୍ତଙ୍କ ସଂଖ୍ୟା ଯଥାକ୍ରମେ ୨.୮୩ ଲକ୍ଷ, ୨.୬୭ ଲକ୍ଷ, ୨.୩୧ ଲକ୍ଷ, ୧.୮୨ ଲକ୍ଷ, ୧.୮୨ ଲକ୍ଷ ଓ ୧.୬୩ ଲକ୍ଷରୁ ଉର୍ଦ୍ଧ୍ୱ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଆମେରିକାରେ ୧୪୨, ରୁଷିଆରେ ୧୭୪, ଜର୍ମାନୀରେ ୧୫ ଓ ଭାରତରେ ୧୧୯ ଜଣଙ୍କ ମୃତ୍ୟୁ ଘଟିଛି। ଏହାଛଡ଼ା ତୁର୍କୀରେ ୧.୫୯ ଲକ୍ଷ, ଇରାନରେ ୧.୪୩ ଲକ୍ଷ, ପେରୁରେ ୧.୩୫ ଲକ୍ଷରୁ ଅଧିକ ଲୋକ କରୋନା ସଂକ୍ରମଣ ହୋଇଛନ୍ତି। ଏଥିସହ ବେଲଜିୟମରେ ୯,୩୮୮, ମେକ୍ସିକୋରେ ୮,୫୯୭, ନେଦରଲାଣ୍ଡ୍ସରେ ୫,୯୦୩, ସୁଇଡେନରେ ୪,୨୬୬ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି।

## ପ୍ରକାଶ ପାଇବ ଜଗଜ୍ଜନନୀଙ୍କୁ ମୋଦିଙ୍କ ଚିଠିର ସଙ୍କଳନ

ନୂଆଦିଲ୍ଲୀ,୨୮।୫(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁବାବସ୍ଥାରେ ବିଭିନ୍ନ ପ୍ରସଙ୍ଗରେ ମା' ଜଗଜ୍ଜନନୀଙ୍କୁ ପତ୍ର ଲେଖୁଥିଲେ। ସେହିସବୁ ଚିଠିର ଏକ ସଙ୍କଳନ ଆସନ୍ତା ମାସରେ ପ୍ରକାଶିତ ହେବାକୁ ଯାଉଛି। ହାର୍‌ପରକୋଲିନ୍ସ ଇଣ୍ଡିଆ ଇଂଲିଶରେ ପ୍ରକାଶ କରିବାକୁ ଯାଉଥିବା ଏହି ପୁସ୍ତକର ନାଁ ରହିଛି 'ଲେଟର୍‌ସ ଟୁ ମଦର'। ଖ୍ୟାତନାମା ଚଳଚ୍ଚିତ୍ର ସମାଲୋଚକ ଭାୱନ ସୋମାୟା ଉକ୍ତ ପତ୍ରଗୁଡ଼ିକୁ ଗୁଜରାଟୀରୁ ଇଂଲିଶକୁ ଅନୁବାଦ କରିଛନ୍ତି। ଏହା ଉଭୟ ଇବୁକ୍ ଓ ପୁସ୍ତକ ଭାବେ ଉନ୍ମୋଚିତ ହେବାକୁ ଯାଉଛି। ୧୯୮୬ରେ ମୋଦିଙ୍କ ଡାଏରୀରୁ ଉକ୍ତ ଚିଠିଗୁଡ଼ିକୁ ସଂଗ୍ରହ କରାଯାଇଥିଲା।



ରାଜସ୍ଥାନର ବିକାନେରରେ ଜଣେ ବିକାଳି ତରଭୁଜ ଗାଡ଼ି ଉପରେ ଶୋଇଛନ୍ତି।

# ବଡ଼ ବିସ୍ଫୋରଣ ଯୋଜନା ପଣ୍ଡ

ଶ୍ରୀନଗର,୨୮।୫(ପି.ଟି.)





- ପୁଲ୍‌ୱାମାରେ ୪୫ କି.ଗ୍ରା. ଆଇଇଡି ସହ କାର ଜବତ
- ସୁରକ୍ଷା ବଳ ଥିଲା ଜେଇଏମ୍, ଏଚ୍‌ଏମ୍‌ର ଟାର୍ଗେଟ

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ଗତବର୍ଷ ଭଳି ଏକ ବଡ଼ ବିସ୍ଫୋରଣକୁ ଗୁରୁବାର ସୁରକ୍ଷା ବଳ ପଣ୍ଡ କରିଦେଇଛି। ଏକ କାରରେ ଖଞ୍ଜାଯାଇଥିବା ୪୫ କିଲୋଗ୍ରାମ ବିସ୍ଫୋରକ ସାମଗ୍ରୀ (ଆଇଇଡି) ଜବତ ହୋଇଥିବା ପୋଲିସ ଆଇଜି ବିଜୟ କୁମାର ସୂଚନା ଦେଇଛନ୍ତି। ୨୦୧୯ ଫେବୃୟାରୀ ୧୪ରେ ଜୈଶ-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀମାନେ ପୁଲ୍‌ୱାମାରେ ଘଟାଇଥିବା ଆତ୍ମଘାତୀ ବିସ୍ଫୋରଣରେ ୪୦ରୁ ଅଧିକ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ।

ହିଜବୁଲ ମୁଜାହିଦ୍ଦିନ (ଏଚ୍‌ଏମ୍) ଏବଂ ଜେଇଏମ୍ ଆତଙ୍କବାଦୀମାନେ ମିଳିତ ଭାବେ ସୁରକ୍ଷାବଳକୁ ଟାର୍ଗେଟ କରୁଛନ୍ତି। ଗୁରୁବାର ଜବତ ହୋଇଥିବା ବିସ୍ଫୋରକ ଭର୍ତ୍ତି କାର ପଛରେ ଏହି ଦୁଇ ସଙ୍ଗଠନର ସମ୍ପୃକ୍ତି ଥିବା ଜଣାପଡିଛି। କାରଣ ସେମାନେ କାର୍ ବୋମା ସହାୟତାରେ ଆତ୍ମଘାତୀ ବିସ୍ଫୋରଣ ଘଟାଇବାକୁ ଯୋଜନା କରୁଥିବା ସମ୍ପର୍କରେ ସପ୍ତାହେ ପୂର୍ବରୁ ପୋଲିସକୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ସୁରକ୍ଷା ବଳ ବୁଧବାର ପୁଲ୍‌ୱାମାରେ ନାକାବନ୍ଦୀ କରିଥିଲା। ସନ୍ଧ୍ୟାରେ ବିସ୍ଫୋରକ ଭର୍ତ୍ତି କାର୍ ନାକା ନିକଟରେ ପହଞ୍ଚିବା ପରେ ସୁରକ୍ଷା କର୍ମୀ ଗୁଳି ଚଳାଇବାରୁ ଆତଙ୍କବାଦୀମାନେ କାର୍‌କୁ ବୁଲାଇ ପଳାଇଯାଇଥିଲେ। ଅନ୍ୟ ନାକା ପାଖରେ ମଧ୍ୟ ଅନୁରୂପ ଭାବେ ସୁରକ୍ଷା ବଳ ଗୁଳି ଚଳାଇବାରୁ ଆତଙ୍କବାଦୀ କାର୍ ଛାଡ଼ି ଅନ୍ଧାର ମଧ୍ୟରେ ଖସିପଳାଇଥିଲେ। ସକାଳେ ବୋମା ନିଷ୍କ୍ରିୟକାରୀ ଟିମ୍ ପହଞ୍ଚି କାର୍‌ରେ ଆଇଇଡି ଥିବା ଜାଣିବାକୁ ପାଇଥିଲା। ପୋଲିସ, ସେନା ଓ ସିଆର୍‌ପିଏଫ ଯବାନମାନେ ବିସ୍ଫୋରକକୁ ଅକାମୀ କରିଥିଲେ। ବଡ଼ ଧରଣର ବିସ୍ଫୋରଣକୁ ଟାଳିଦିଆଯାଇଥିବାରୁ ଏଥିପାଇଁ ଆଇଜି ପୁଲ୍‌ୱାମା ପୋଲିସ ଏବଂ ସୁରକ୍ଷା ବଳକୁ ଅଭିନନ୍ଦନ ଜଣାଇଛନ୍ତି।

ଜେଇଏମ୍ ରମଜାନ ମାସର ୧୭ତମ ଦିବସ ତଥା ଜଙ୍ଗ-ଇ-ବଦର ଆକ୍ରମଣ ବାର୍ଷିକୀରେ ଜେଇଏମ୍ ଏଭଳି ଆକ୍ରମଣ କରିବାକୁ ଯୋଜନା କରିଥିଲା। ସୂଚନା ପାଇ ସୁରକ୍ଷା ବଳ ଆଗରୁ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାରୁ ଆତଙ୍କବାଦୀମାନେ ଆକ୍ରମଣ ଘଟାଇବାରେ ସଫଳ ହୋଇପାରି ନ ଥିଲେ। ଜେଇଏମ୍ ପାଇଁ କାମ କରୁଥିବା ହିଜ୍‌ବୁଲ ମୁଜାହିଦ୍ଦିନ ଆତଙ୍କବାଦୀ ଆଦିଲ ଏବଂ ପାକ୍ ଆତଙ୍କବାଦୀ ତଥା ପୁଲ୍‌ୱାମାର ଜେଇଏମ୍ କମାଣ୍ଡର ଏହି ଆକ୍ରମଣ ଯୋଜନା ସହ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି ବୋଲି ଆଇଜି କହିଛନ୍ତି।

# ଟିକା ଆସିଲେ ବି ଯିବନି କରୋନା

ନୂଆଦିଲ୍ଲୀ,୨୮।୫





- ଦୀର୍ଘ ବର୍ଷ ରହିବ ଭୂତାଣୁ
- ସତର୍କ କରାଇଲେ ବିଶେଷଜ୍ଞ

କୋଭିଡ୍-୧୯ ମହାମାରୀର ପ୍ରତିକାର ଲାଗି ଟିକା ପ୍ରସ୍ତୁତିରେ ଲାଗିଛନ୍ତି ବିଭିନ୍ନ ଦେଶର ଅନେକ ସଂସ୍ଥା। ତେବେ ଟିକା ଆବିଷ୍କାର ହୋଇ ଏହାକୁ ପ୍ରୟୋଗ କରାଗଲେ ମଧ୍ୟ କରୋନା ଭୂତାଣୁ ଏତେଶୀଘ୍ର ଚାଲିଯିବାର ସମ୍ଭାବନା ନାହିଁ। ଏହା ଦୀର୍ଘ ଦଶନ୍ଧି ଧରି ପୃଥିବୀ ପୃଷ୍ଠରେ ରହିବା ସହ ଲୋକଙ୍କୁ ସଂକ୍ରମିତ କରିଚାଲିବ ବୋଲି ବିଶେଷଜ୍ଞମାନେ ସତର୍କ କରିଦେଇଛନ୍ତି। କାରଣ ମୂଳପୋଛ କରିବା ଉଦ୍ୟମକୁ ଏହିସବୁ ମହାମାରୀ ଭୂତାଣୁ କଡ଼ା ପ୍ରତିରୋଧ କରିଥାନ୍ତି ବୋଲି ମିଳିମିଳା, ଏଚ୍‌ଆଇଭି ଏବଂ ହାଡ଼ଫୁଟିର ଉଦାହରଣ ଦେଇ ସେମାନେ କହିଛନ୍ତି। ସଂକ୍ରମଣର ପରବର୍ତ୍ତୀ ପର୍ଯ୍ୟାୟରେ ବାସ୍ତବତାକୁ ଗ୍ରହଣ କରିନେବା ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ମହାମାରୀ ବିଜ୍ଞାନ, ବିପର୍ଯ୍ୟୟ ପରିଚାଳନା ଯୋଜନା ପ୍ରସ୍ତୁତି ଓ ଟିକା ପ୍ରସ୍ତୁତି ସହ ସମ୍ପୃକ୍ତ ବିଶେଷଜ୍ଞମାନେ ମତ ଦେଇଛନ୍ତି। କୋଭିଡ୍-୧୯ର ଦୀର୍ଘମିଆଦୀ ଯୁଦ୍ଧରେ ଜନସାଧାରଣଙ୍କୁ ଲଢ଼ିବାକୁ ହେବ। ଏହାବ୍ୟତୀତ ପ୍ରଚୁର ଅର୍ଥ ବିନିଯୋଗ ଲାଗି ଯୋଜନା ପ୍ରସ୍ତୁତ କରିବା ସହ ବର୍ତ୍ତମାନ ଦେଖାଦେଇଥିବା ସ୍ଥିତିରୁ ମୁକୁଳିବାକୁ ହେବ। ଏତେ ଅନିଶ୍ଚିତତା ସତ୍ତ୍ୱେ ଏଭଳି ସ୍ଥିତି ସବୁବେଳେ ରହିବ ନାହିଁ। ୪ଟି କରୋନା ଭୂତାଣୁ ସଂକ୍ରମିତ ହୋଇଚାଲିଛି, ଯେଉଁଥିପାଇଁ ସାଧାରଣ ଥଣ୍ଡା ରୋଗ ସୃଷ୍ଟି ହେଉଛି। ଏହି ଭୂତାଣୁ ପଞ୍ଚମରେ ପରିଣତ ହେବ ଏବଂ ଶରୀରର ରୋଗ ପ୍ରତିଷେଧକ ଶକ୍ତି ବଢ଼ିବା ସହ ଏହାର ପ୍ରଭାବ କମିଯିବ ବୋଲି ଅଧିକାଂଶ ବିଶେଷଜ୍ଞ ଚିନ୍ତା କରୁଛନ୍ତି।

ଶିକାଗୋ ବିଶ୍ୱବିଦ୍ୟାଳୟର ମହାମାରୀ ବିଜ୍ଞାନୀ ତଥା ବିବର୍ତ୍ତନବାଦୀ ଜୀବବିଜ୍ଞାନୀ ସାରାହ କୋବେଙ୍କ କହିବା ଅନୁଯାୟୀ କରୋନା ଭୂତାଣୁ ରହିବ। ପ୍ରଶ୍ନ ହେଉଛି, ଏହା ସହ ଆମେ କିପରି ସୁରକ୍ଷିତ ରହିବା। ଏଥିପାଇଁ ବିସ୍ତୃତ ଭାବେ ଚିନ୍ତା କରିବା ସହ ଦୀର୍ଘମିଆଦୀ ଉଦ୍ୟମ ଓ ଅନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ରହିଛି। ଭୂତାଣୁକୁ ମୂଳପୋଛ କରିବା ପାଇଁ କିଛି ଦଶନ୍ଧି ଲାଗିଯାଇପାରେ। ଏଥିପାଇଁ ସମୟ, ଅର୍ଥ ସହ ସର୍ବୋପରି ରାଜନୈତିକ ଇଚ୍ଛାଶକ୍ତି ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ସ୍ୱଳ୍ପ ମିଆଦୀ ପଦକ୍ଷେପ ନୁହେଁ, ଆମକୁ ବିସ୍ତୃତ ରଣକୌଶଳ ଆପଣାଇବାକୁ ହେବ ବୋଲି ସେଣ୍ଟରସ୍ ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍‌ଶନର ପୂର୍ବତନ ନିର୍ଦ୍ଦେଶକ ଟମ୍ ଫ୍ରିଡେନ୍ କହିଛନ୍ତି।

# ବିପତ୍ତି ସତ୍ତ୍ୱେ ବିକାଶ ତ୍ୱରାନ୍ୱିତ



ପଞ୍ଚମଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଉଛନ୍ତି ନବୀନ ପଟ୍ଟନାୟକ।

- ନବୀନଙ୍କ ପଞ୍ଚମ ପାଳିକୁ ପୂରିଲା ବର୍ଷେ
- ଆଗାମୀ ବର୍ଷ ପାଇଁ ନୂଆ ରୋଡ୍‌ମ୍ୟାପ
- ଆଜି ହୋଇପାରେ ବଡ଼ ଘୋଷଣା

**ଭୁବନେଶ୍ୱର,୨୮।୫(ବ୍ୟୁରୋ)** ୨୦୧୯ ମେ ୨୯ରେ ଲଗାତର ପଞ୍ଚମ ଥର ପାଇଁ ରାଜ୍ୟ ଶାସନ ଡୋରି ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେକର୍ଡ ସୃଷ୍ଟି କରିଛନ୍ତି। ଅସାଧାରଣ ଲୋକପ୍ରିୟତା ତାଙ୍କୁ ଜନପ୍ରିୟ ମୁଖ୍ୟମନ୍ତ୍ରୀରେ ପରିଣତ କରିପାରିଛି। ଶୁକ୍ରବାର ନବୀନଙ୍କ ପଞ୍ଚମ ପାଳି ସରକାରକୁ ବର୍ଷେ ପୂରଣ ହୋଇଛି। ପ୍ରଥମ ବର୍ଷରେ ରାଜ୍ୟ ସରକାର ଅନେକ ଘାତ ପ୍ରତିଘାତ ଦେଇ ଗତି କରିଛନ୍ତି। ବିପତ୍ତି ସତ୍ତ୍ୱେ ରାଜ୍ୟର ବିକାଶ ତ୍ୱରାନ୍ୱିତ ହୋଇଛି। କରୋନା ମହାମାରୀ ଏବଂ ବାତ୍ୟା ଅମ୍ଫନ ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା କରି ସରକାର ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇ ପାରିଛନ୍ତି। ବର୍ଷକ ମଧ୍ୟରେ ସରକାର ଅନେକ ଜନକଲ୍ୟାଣକାରୀ ଯୋଜନାର ମୂଳଦୁଆ ପକାଇଛନ୍ତି। ପୁରୀ ଶ୍ରୀମନ୍ଦିର ଏବଂ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଐତିହ୍ୟ ଯୋଜନାଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ, ସହରାଞ୍ଚଳରେ ଗରିବ ଲୋକଙ୍କୁ ପକ୍କାଘର, ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜାଗା ମିଶନରେ ଜମି ଯୋଗାଇଦେବା ଭଳି ଅନେକ ଜନ କଲ୍ୟାଣ ଯୋଜନାର ମୂଳଦୁଆ ପଡ଼ିଛି। ପୁରୀକୁ ବିଶ୍ୱ ଐତିହ୍ୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ୩୦୨୮ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ସେହିପରି ଲିଙ୍ଗରାଜ ମନ୍ଦିର ଐତିହ୍ୟର ବିକାଶ ପାଇଁ ପ୍ରସ୍ତୁତ ହୋଇଥିବା ମେଗା ପ୍ଲାନ ସରକାରଙ୍କ ପ୍ରାଚୀନ କୀର୍ତ୍ତିରାଜି ପ୍ରତି ଥିବା ପ୍ରତିବଦ୍ଧତାକୁ ସୂଚାଇଛି।

କେନ୍ଦ୍ରୀୟ ଅନୁଦାନ ହ୍ରାସ ସତ୍ତ୍ୱେ ରାଜ୍ୟ ସରକାର କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାକୁ ଆଗେଇ ନେବାରେ ସଫଳ ହୋଇଛନ୍ତି। ଆର୍ଥିକ ମାନ୍ଦାବସ୍ଥା ଏବଂ କୋଭିଡ-୧୯ ମହାମାରୀ ସଂକ୍ରମଣ ରାଜ୍ୟର ବିକାଶରେ ବଡ ଅନ୍ତରାୟ ସୃଷ୍ଟି କରିଛି। ହେଲେ ସରକାର ଲୋକମାନଙ୍କ ସ୍ୱାସ୍ଥ୍ୟ ଓ ଜୀବିକାକୁ ପ୍ରାଥମିକତା ଦେଇ ଆସିଛନ୍ତି। କରୋନାଜନିତ ଲକଡାଉନ ଯୋଗୁ କାମ ହରାଇଥିବା ୧୧୪ଟି ସହରାଞ୍ଚଳର ଲୋକଙ୍କ ପାଇଁ ୪୦୦ କୋଟି ଟଙ୍କାର ଯୋଜନା ଘୋଷଣା କରି ମୁଖ୍ୟମନ୍ତ୍ରୀ ଗରିବଙ୍କ ପ୍ରତି ନିଜର ପ୍ରତିବଦ୍ଧତାକୁ ପ୍ରତିପାଦିତ କରିଛନ୍ତି। କୋଭିଡ ଯୁଦ୍ଧରେ ଓଡିଶା ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଭଲ ସ୍ଥିତିରେ ରହିଛି। ଆକ୍ରାନ୍ତ ଓ ମୃତ୍ୟୁହାର ଅନ୍ୟ ରାଜ୍ୟ ତୁଳନାରେ ଅନେକ କମ୍ ରହିଛି। ରାଜ୍ୟ ସରକାରଙ୍କ ଆଗୁଆ ପଦକ୍ଷେପ ଏହି ମହାମାରୀକୁ ରୋକିବାରେ ସକ୍ଷମ ହୋଇଛି।

ପଞ୍ଚମ ପାଳି ମନ୍ତ୍ରିମଣ୍ଡଳ ଶପଥ ଦିନ ଅପରାହ୍ନରେ ମନ୍ତ୍ରୀ ପରିଷଦ ବୈଠକ ଡକାଇ ନବୀନ ନିର୍ବାଚନ ଇସ୍ତାହାରରେ ଓଡିଶାବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ଅହରହ କାମ କରିବାକୁ ମନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲୋକମାନଙ୍କ ନିକଟକୁ ଯାଇ ଭଲମନ୍ଦ ବୁଝିବା ଓ ସେମାନଙ୍କର ସମସ୍ୟା ସମାଧାନ କରିବାକୁ ପରାମର୍ଶ ଦିଆଯାଇଥିଲା। ଜିଲା ଗସ୍ତ କରି ବିଭିନ୍ନ ଜନକଲ୍ୟାଣ ଯୋଜନାର ନିୟମିତ ସମୀକ୍ଷା କରି ସମସ୍ୟାର ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲୋକଙ୍କ ଘରେ ଯେପରି ସରକାରୀ ଯୋଜନା ଓ ସୁବିଧା ପହଞ୍ଚିବ ସେ ନେଇ 'ମୋ ସରକାର' ଏବଂ '୫-ଟି' ଭଳି ଅଭିନବ କାର୍ଯ୍ୟକ୍ରମ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ପ୍ରତି ଥିବା ନିଜର ଉତ୍ତରଦାୟିତ୍ୱକୁ ନିଷ୍ଠାର ସହ ପ୍ରମାଣିତ କରିଛନ୍ତି। ଯେଉଁ ସରକାରୀ ଅଧିକାରୀ ଲୋକଙ୍କୁ ସେବା ଯୋଗାଇବାରେ ଉତ୍ତମ କାର୍ଯ୍ୟ କରିବେ ସେମାନଙ୍କୁ ପୁରସ୍କାର ଏବଂ ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରିବେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇ ରାଜ୍ୟ ସରକାର ପ୍ରଶାସନିକ ସ୍ୱଚ୍ଛତାକୁ ପ୍ରତିପାଦିତ କରିଛନ୍ତି। ୫-ଟି ପ୍ରଶାସନିକ କ୍ଷେତ୍ରରେ ଏକ ବଡ ପରିବର୍ତ୍ତନ ଓ ସ୍ୱଚ୍ଛତା ଆଣିବାରେ ରାଜ୍ୟ ସରକାର ସଫଳ ହୋଇ ପାରିଛନ୍ତି। କରୋନା ମହାମାରୀ ବିପତ୍ତିରେ ଘେରି ରହିଥିବା ରାଜ୍ୟ ସରକାର ଆସନ୍ତା ବର୍ଷ ପାଇଁ ପ୍ରସ୍ତୁତ କରିବେ ନୂଆ ଯୋଜନା। ଶୁକ୍ରବାର ପୂର୍ବାହ୍ନରେ ଡକାଯାଇଥିବା ରାଜ୍ୟ କ୍ୟାବିନେଟ ବୈଠକ ସହିତ ମନ୍ତ୍ରୀ ପରିଷଦ ବୈଠକରେ ପ୍ରସ୍ତୁତ ହେବ ରୋଡ୍ ମ୍ୟାପ। ମୁଖ୍ୟମନ୍ତ୍ରୀ ଆଗାମୀ ବର୍ଷ ପାଇଁ ରାଜ୍ୟର ବିକାଶ ନେଇ ଅନେକ ଯୋଜନାର ମୂଳଦୁଆ ପକାଇବା ସମ୍ଭାବନା ରହିଛି। ତେବେ କୋଭିଡ ମହାମାରୀ କବଳରୁ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ରାଜ୍ୟ ସରକାର ପାଇଁ ବଡ ଚ୍ୟାଲେଞ୍ଜ ହେବ ବୋଲି ରାଜନୈତିକ ବିଶ୍ଳେଷକ ମତ ଦେଇଛନ୍ତି।

# ଲୋକଙ୍କ ସରକାର




**ଭୁବନେଶ୍ୱର,୨୮।୫(ବ୍ୟୁରୋ)** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପ୍ରତିଦ୍ୱନ୍ଦ୍ୱୀ ନେତା । ଦୀର୍ଘ ୨୧ବର୍ଷ ଶାସନ ପରେ ମଧ୍ୟ ତାଙ୍କର ନିର୍ମଳ ଭାବମୂର୍ତ୍ତୀ ଏବେ ବି ଅମଳୀନ ରହିଛି। ବହୁ ବାଧା ବିଘ୍ନ ସତ୍ତ୍ୱେ ନବୀନ ଓ ବିଜୁ ଜନତା ଦଳ ରାଜ୍ୟବାସୀଙ୍କ ହୃଦୟ ଜିଣିବାରେ ସକ୍ଷମ ହୋଇଛନ୍ତି। ନିର୍ମଳ ଏବଂ ସଚ୍ଚୋଟ ଭାବମୂର୍ତ୍ତୀ କେବଳ ରାଜ୍ୟ ନୁହେଁ,ଜାତୀୟ ରାଜନୀତିରେ ମଧ୍ୟ ନବୀନ ନିଜର ଶ୍ରେଷ୍ଠତା ପ୍ରମାଣିତ କରି ପାରିଛନ୍ତି। ମୁଖ୍ୟମନ୍ତ୍ରୀ ଶାସନ ଭାର ଗ୍ରହଣ କରିବା ବେଳେ ରାଜ୍ୟ ଏକ ବୃହତ ଆର୍ଥିକ ଦୁର୍ଦ୍ଦଶା ଦେଇ ଗତି କରୁଥିଲା। ଗତ ୨୧ ବର୍ଷ ମଧ୍ୟରେ ନବୀନ ଓଡିଶାକୁ ଏକ ପ୍ରଗତିଶୀଳ,ଆର୍ଥିକ ମଜଭୁତ ଲୋକଙ୍କ ସରକାରରେ ପରିଣତ କରିବାରେ ସଫଳ ହୋଇଛି। ଲୋକମାନଙ୍କୁ ଉତ୍ତମ ପ୍ରଶାସନିକ ସେବା ସେମାନଙ୍କ ନିକଟରେ ପହଞ୍ଚାଇବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ବଦ୍ଧ। ଲୋକମାନେ ହେଉଛନ୍ତି ମାଲିକ। ଲୋକମାନେ ସରକାରୀ କାର୍ଯ୍ୟାଳୟରୁ ଯେପରି ସୁଖଦ ଅନୁଭୂତି ନେଇ ଫେରିବେ ସେ ନେଇ ମୁଖ୍ୟମନ୍ତ୍ରୀ ପଞ୍ଚମ ପାଳି ଶାସନରେ ଗୁରୁତ୍ୱ ଦେଇଛନ୍ତି। ୩-ଡି (ପ୍ରତିବଦ୍ଧତା, ଉତ୍ସର୍ଗୀକୃତ ଏବଂ ଭକ୍ତି ସହକାରେ) ଜରିଆରେ ଲୋକଙ୍କ ସେବା କରିବାକୁ ମୁଖ୍ୟମନ୍ତ୍ରୀ ବିଧାୟକ ଓ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇ ଆସିଛନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ପାଇଁ ସରକାର ୫-ଟି (ଟ୍ରାନ୍ସପାରେନ୍ସି, ଟିମଓ୍ୱାକ, ଟେକ୍ନୋଲୋଜି, ଟାଇମ ଆଣ୍ଡ ଟ୍ରାନ୍ସଫରମେଶନ)ଏବଂ ମୋ ସରକାର ଭଳି ଅଭିନବ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏହାଦ୍ୱାରା ପ୍ରଶାସନି ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆଣିବାରେ ସଫଳ ହୋଇ ପାରିଛନ୍ତି। ଦୁର୍ନୀତି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ଜିରୋ ଟଲେରାନ୍ସ ନୀତି ଆପଣାଇଛନ୍ତି। ଦୁର୍ନୀତି ଗ୍ରସ୍ତଙ୍କୁ ବାହାର ରାସ୍ତା ଦେଖାଇ ନବୀନ ଓ ତାଙ୍କ ସରକାର ସ୍ୱଚ୍ଛାତାର ପ୍ରମାଣ ଦେଖାଇଛନ୍ତି।

ପ୍ରାକୃତିକ ବିପତ୍ତି ରାଜ୍ୟ ପାଇଁ ସବୁ ସମୟରେ ବଡ ବିପତ୍ତି ଭାବେ ଦେଖା ଦେଇଛି। ୧୯୯୯ ମସିହା ମହାବାତ୍ୟାରେ ବହୁ ଧନଜୀବନ କ୍ଷତି ରାଜ୍ୟକୁ ସହିବାକୁ ପଡିଥିଲା। ବିଜେଡି କ୍ଷମତାସୀନ ହେବା ପରେ ବିପର୍ଯ୍ୟୟରୁ ଲୋକଙ୍କ ଜୀବନ ବଞ୍ଚାଇବା ଥିଲା ନବୀନଙ୍କ ପ୍ରାଥମିକତା। ଏ ଦିଗରେ ରାଜ୍ୟ ସରକାର ସଫଳ ହୋଇଛନ୍ତି। ପାଇଲିନ, ହୁଡୁହୁଡ୍, ତିତଲି, ଫନୀ ଭଳି ବାତ୍ୟାକୁ ରାଜ୍ୟ ସରକାର ସଫଳତାର ସହ ମୁକାବିଲା କରିଛନ୍ତି। ସେଥିପାଇଁ ଆନ୍ତର୍ଜାତୀୟ ସ୍ତରରେ ରାଜ୍ୟ ସରକାର ପ୍ରଶଂସିତ ହୋଇଛନ୍ତି। ଧାନ ଉତ୍ପାଦନରେ ଓଡିଶା ବଳକା ରାଜ୍ୟରେ ପରିଣତ ହୋଇ ପାରିଛି। ଏଥିପାଇଁ ଓଡିଶାକୁ ୪ଥର କୃଷି କର୍ମଣ ପୁରସ୍କାର ମିଳି ପାରିଛି।

କୃଷି, କୃଷକଙ୍କ ବିକାଶ ଠାରୁ ଆରମ୍ଭ କରି ମହିଳା ଶସକ୍ତିକରଣ, ଅନୁସୂଚୀତ ଜାତି, ଜନଜାତି,ପଛୁଆ ବର୍ଗଙ୍କ ବିକାଶ ଦିଗରେ ନିରନ୍ତର କାର୍ଯ୍ୟ କରି ଆସୁଛି। କୃଷକଙ୍କ ଆୟ ବହୁ ଗଣିତ କରିବା ଲକ୍ଷ୍ୟରେ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଓଡିଶାକୁ କ୍ଷୁଧା ମୁକ୍ତ କରିବାକୁ ରାଜ୍ୟ ସରକାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କରି ଗରିବଙ୍କ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛନ୍ତି। ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ଗରିବଙ୍କୁ ପକ୍କାଘର, ସାମାଜିକ ନିରାପତ୍ତା, ଭିତ୍ତିଭୂମି ଆଦି କ୍ଷେତ୍ରରେ ରାଜ୍ୟ ଅନେକ ପ୍ରଗତି ହାସଲ କରିଛି।

କ୍ରୀଡା କ୍ଷେତ୍ରରେ ଅଣ ଦେଖା ହୋଇ ଆସୁଥିବା ଓଡିଶା ବିଜେଡି ସରକାର ଅମଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ରାଜ୍ୟକୁ ଭାରତର କ୍ରୀଡା ହବରେ ପରିଣତ କରିବା ଲକ୍ଷ୍ୟ ନେଇ ସରକାର ଉଦ୍ୟମ ଜାରି ରଖିଛନ୍ତି। ଉନ୍ନତମାନର କ୍ରୀଡା ଭିତ୍ତିଭୂମି ଏବଂ ଅନୁକୂଳ ପରିବେଶ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡା ଆୟୋଜନ ପାଇଁ ପଥ ପରିଷ୍କାର କରିଛି। ଏସିଆନ ଗେମ୍ସ ଏବଂ ହକି ଚାମ୍ପିୟନ୍ସ ଟ୍ରଫି ଆୟୋଜନ କରି ଓଡିଶା ନିଜର କ୍ରୀଡା ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ରାଜ୍ୟରେ ନୂତନ କ୍ରୀଡା ପ୍ରତିଭା ସୃଷ୍ଟି କରିବା ଠାରୁ ଆରମ୍ଭ କରି ପଞ୍ଚାୟତସ୍ତରରେ କ୍ରୀଡା ଭିତ୍ତିଭୂମି ପ୍ରସ୍ତୁତ କରିବା ଦିଗରେ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି।

# ଚ୍ୟାଲେଞ୍ଜିଂ କିନ୍ତୁ ସଫଳତାର ବର୍ଷ



ଏ ବର୍ଷ ଆମପାଇଁ ଚ୍ୟାଲେଞ୍ଜିଂ ଥିଲେ ବି ସଫଳତାର ବର୍ଷ ଥିଲା। ଫନୀ, ବୁଲ୍‌ବୁଲ୍, କୋଭିଡ୍, ଅମ୍ଫନ୍ ଭଳି ୪ଟି ପ୍ରାକୃତିକ ବିପର୍ଯ୍ୟୟକୁ ଆମେ ସଫଳତାର ସହ ମୁକାବିଲା କରିଛୁ। 'ମୋ ସରକାର' ଏବଂ '୫-ଟି' କାର୍ଯ୍ୟକ୍ରମ ପାଇଁ ଏହା ସମ୍ଭବ ହୋଇପାରିଛି। ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଥମେ ମୋ ସରକାର ଏବଂ ୫-ଟିରେ ଅନ୍ତର୍ଭୁକ୍ତ କରାଯିବା ଦ୍ୱାରା କୋଭିଡ୍ ମୁକାବିଲାରେ ଏହା ସହାୟକ ହୋଇପାରିଛି। ସେଥିପାଇଁ ଆଜି ଓଡ଼ିଶା କୋଭିଡ୍ ମୁକାବିଲା କ୍ଷେତ୍ରରେ ସମଗ୍ର ଦେଶରେ ଏକ ଶ୍ରେଷ୍ଠ ରାଜ୍ୟରେ ପରିଗଣିତ ହୋଇପାରିଛି। ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଜଣେ ଦୃଢ଼ ଶାସକଭାବେ ମୁଖ୍ୟମନ୍ତ୍ରୀ ପ୍ରମାଣ କରି ଦେଖାଇଛନ୍ତି। ପ୍ରାକୃତିକ ବିପତ୍ତି ମୁକାବିଲା କ୍ଷେତ୍ରରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ବିଭିନ୍ନ କଠିନ ପରିସ୍ଥିତିରେ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି। ଲୋକମାନଙ୍କ ସେବା ପାଇଁ ସବୁବେଳେ ସେ ନିଜକୁ ପ୍ରସ୍ତୁତ କରି ରଖି ଆସିଛନ୍ତି। ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଲୋକଙ୍କ ଆଶା ପୂରଣ କରିବା ଦିଗରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ସଫଳ ହୋଇଛନ୍ତି।

**-ପ୍ରଣବ ପ୍ରକାଶ ଦାସ,**
**ଯାଜପୁର ବିଧାୟକ**
**ବିଜୁ ଜନତା ଦଳ ସାଙ୍ଗଠନିକ ସମ୍ପାଦକ**

# ଗରିବଙ୍କ ପାଇଁ ୬୦ରୁ ଉର୍ଦ୍ଧ୍ୱ ଯୋଜନା

ବିଜେଡ଼ି ଏହାର ଶାସନକାଳ ମଧ୍ୟରେ ଗରିବ ତଥା ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ୬୦ରୁ ଅଧିକ ଯୋଜନା ଆରମ୍ଭ କରିଛି। କାଳିଆ ଯୋଜନାରୁ ଆରମ୍ଭକରି ମଧୁବାବୁ ପେନ୍‌ସନ୍ ଯୋଜନା ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ମମତା ଯୋଜନା ରହିଛି। ମହିଳା ଏବଂ ଗରିବମାନଙ୍କୁ ପ୍ରାଥମିକତା ଦେଇ ଉପରୋକ୍ତ ସମସ୍ତ ଯୋଜନା କାର୍ଯ୍ୟକାରୀ ହେଉଛି। ସେହିଭଳି ଦିବ୍ୟାଙ୍ଗ ଜନ, ବୃଦ୍ଧାବୃଦ୍ଧ, ଚାଷୀ, ଯୁବବର୍ଗ, କଳାକାର, ନବଜାତ, ଛାତ୍ରୀଛାତ୍ର ସମସ୍ତେ କୌଣସି ନା କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ଦାବି କରାଯାଇଛି।

# ଫୋକସ୍‌ରେ ମହିଳା

ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ସରକାରର ମୂଳଦୁଆଭାବେ ସର୍ବଦା ରାଜ୍ୟର ମହିଳାମାନେ ରହିଆସିଛନ୍ତି। ବିଜେଡି ଭୋଟ ବ୍ୟାଙ୍କରେ ୪୮.୪% କେବଳ ମହିଳା ଭୋଟର ଥିବାରୁ ଏମାନଙ୍କୁ ପଟ୍ଟନାୟକଙ୍କ ସବୁଠାରୁ ବଡ଼ ଅସ୍ତ୍ର ବୋଲି କୁହାଯାଉଛି। ଆଉ ସେଥିପାଇଁ ବିଭିନ୍ନ ଯୋଜନାରେ ସେମାନଙ୍କୁ ପ୍ରାଥମିକତା ଦିଆଯାଉଥିବାବେଳେ ମିଶନ ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କ ବିକାଶ ପାଇଁ ଅନେକ ପଦକ୍ଷେପ ନିଆଯାଇଛି। ଓଡ଼ିଶାର ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ପ୍ରାୟ ୭ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ମିଶନ ଶକ୍ତିର ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇ ନିଜକୁ ଆର୍ଥିକକ୍ଷେତ୍ରରେ ସ୍ୱାବଲମ୍ବୀ କରିପାରିଛନ୍ତି।



ପଞ୍ଚମ ପାଳି ସରକାର ଗଠନ ପରେ ନୂଆ ମନ୍ତ୍ରିମଣ୍ଡଳ ସଦସ୍ୟାସଦସ୍ୟଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍।

**ଆଜିର ମନ୍ତବ୍ୟ**
"ଦାଦନ ଶ୍ରମିକଙ୍କ ଦୁର୍ଦ୍ଦଶା ଓ ମୃତ୍ୟୁରୁ ଜଣାପଡ଼ୁଛି ଯେ ପ୍ରବାସୀଙ୍କୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାର ଚିନ୍ତିତ ନୁହନ୍ତି।
– ମାୟାବତୀ, ବିଏସ୍‌ପି ମୁଖ୍ୟ




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ନିହାର
ପରିବାରବର୍ଗ


ପପି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜ୍ରପାତ ନେଲା ୫ ଜୀବନ

**ବାଲିଆପାଳ/ରାଇରଙ୍ଗପୁର/ଭଞ୍ଜନଗର/ଲଇକେରା,୨୮।୫(ସ୍ୱ.ପ୍ର/ଡି.ଏନ୍.ଏ.)**

ରାଜ୍ୟର ବିଭିନ୍ନ ସ୍ଥାନରେ ଗୁରୁବାର ବଜ୍ରପାତରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ବାଲେଶ୍ୱର ଜିଲା ଭୋଗରାଇ ଓ ବାଲିଆପାଳ ଅଞ୍ଚଳରେ ୨, ମୟୂରଭଞ୍ଜ ଜିଲା ଯାମଦା ଥାନା ଅଞ୍ଚଳର ଜଣେ ଛାତ୍ରୀ, ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳର ଜଣେ ବ୍ୟବସାୟୀ ଓ ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଞ୍ଚଳର ଜଣେ ଯୁବକଙ୍କ ଜୀବନ ଯାଇଛି।

ଭୋଗରାଇ ଥାନା ବଡ଼ପାହି ଗ୍ରାମର ବିପ୍ଲବ ରଣାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ଘର ବାରଣ୍ଡାରେ ବସି କାମ କରୁଥିବା ବେଳେ ବଜ୍ରପାତର ଶୀକାର ହୋଇଥିଲେ। ତାଙ୍କୁ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ନଂ.୧୨/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

ସେହିପରି ବାଲିଆପାଳ ଥାନା ଜାମକୁଣ୍ଡା ପଞ୍ଚାୟତ କେନ୍ଦୁଆଡ଼ିଆ ଗ୍ରାମର ନିତେନ୍ଦୁ ଦାସଙ୍କ ଚିଙ୍ଗୁଡିଝିଲରେ କାମ କରୁଥିବା ପଶ୍ଚିମବଙ୍ଗ ପୁରୁଲିଆ ଅଞ୍ଚଳର ଦୁଇ ଭାଇ ଉପେନ ସିଂ ଏବଂ କୁଞ୍ଜ ସିଂ ବଜ୍ରପାତ ଯୋଗୁ ସଂଜ୍ଞାହୀନ ହୋଇ ପଡ଼ିଥିଲେ। କୁଞ୍ଜଙ୍କ ଚେତା ଫେରିବା ପରେ ଭାଇ ଉପେନ ଚେତାଶୂନ୍ୟ ହୋଇପଡିଥିବା ଦେଖିଥିଲେ। ନିକଟରେ କାମ କରୁଥିବା ଲୋକଙ୍କୁ ଡାକି ଉପେନଙ୍କୁ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

ଯାମଦା ଥାନା ଅନ୍ତର୍ଗତ ତେଣ୍ଡରା ଗ୍ରାମରେ ପୂର୍ବାହ୍ନ ୧୦ଟା ୩୦ରେ ବଜ୍ରପାତ ଘଟି ଷଷ୍ଠ ଶ୍ରେଣୀ ଛାତ୍ରୀ ଶିବାନୀ ସିର୍କାଙ୍କ ମୃତ୍ୟୁ ଘଟିଛି। ଶିବାନୀ ଘର ସମ୍ମୁଖରେ ଥିବା ବେଳେ ବଜ୍ରପାତରେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଯାମଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୭/୨୦୨୦) ରୁଜୁ ହୋଇଛି।

ସେହିପରି ଭଞ୍ଜନଗର ଥାନା ବଡ଼କୋଦଣ୍ଡାର ବ୍ୟବସାୟୀ ତ୍ରିନାଥ ଦାସ ଗୁରୁବାର ଅପରାହ୍ନରେ ତାଙ୍କ ଘର ସମ୍ମୁଖରେ ବସିଥିବା ବେଳେ ବଜ୍ରପାତରେ ଟଳିପଡ଼ିଥିଲେ। ତାଙ୍କୁ ଭଞ୍ଜନଗର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତ୍ରିନାଥଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଭଞ୍ଜନଗର ଅଞ୍ଚଳରେ ଅପରାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଝଡ଼ତୋଫାନ ସହ ପ୍ରବଳ ବର୍ଷା ହୋଇଛି। ଏହାର ପ୍ରଭାବରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି।

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଧୀନ ଗମ୍ଭାରୀଗୁଡ଼ା ଗ୍ରାମର ପରିକ୍ଷୀତ ଭଇଁସା(୨୮)ଙ୍କ ମୃତ୍ୟୁ ଘଟିଛି। ସେହି ଗାଁର ବର୍ଷା ବେହେରା(୧୬), କୁଲେମୁରାର ସୁପ୍ରିୟା ରୋହିଦାସ(୨୩) ଓ ମୁକ୍ତା ରୋହିଦାସ(୪୦) ଆହତ ହୋଇଛନ୍ତି। ବଜ୍ରପାତ ଯୋଗୁ ୧୦ ଗୋରୁଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି।

# ଯାଜପୁରରେ ସର୍ବାଧିକ ସକ୍ରିୟ ସଂକ୍ରମିତ

**ଭୁବନେଶ୍ୱର, ୨୮।୫ (ବ୍ୟୁରୋ)**

- ୬୭ ନୂଆ ପଜିଟିଭ୍, ସୁସ୍ଥ ହେଲେ ୭୫
- ୧୬୬୦ରେ ପହଞ୍ଚିଲା ଆକ୍ରାନ୍ତଙ୍କ ସଂଖ୍ୟା, ୮୮୭ ସୁସ୍ଥ
- ରାଜ୍ୟରେ ନମୁନା ପଜିଟିଭ୍ ହାର ୧.୧୯ ପ୍ରତିଶତ

ରାଜ୍ୟରେ ଆଉ ୬୭ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬୬୦ରେ ପହଞ୍ଚିଛି। ସେହିପରି ପୁଣି ୭୫ଜଣ ସୁସ୍ଥ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ୭୬୬ଜଣ ସକ୍ରିୟ ସଂକ୍ରମିତ ଥିବାବେଳେ ୮୮୭ ସୁସ୍ଥ ହୋଇଛନ୍ତି ଓ ୭ ଜଣଙ୍କର ମୃତ୍ୟୁ ଘଟିଛି। ତେବେ ଆକ୍ରାନ୍ତଙ୍କ ସଂଖ୍ୟାରେ ଗଞ୍ଜାମ ଜିଲା ସର୍ବାଗ୍ରେ ରହିଛି। କିନ୍ତୁ ଯାଜପୁର ଜିଲାରେ ସର୍ବାଧିକ ସକ୍ରିୟ ଆକ୍ରାନ୍ତ ରହିଥିବା ସରକାରୀ ତଥ୍ୟରୁ ଜଣାପଡିଛି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସୂଚନାନୁସାରେ, ଗଞ୍ଜାମ ଜିଲାରେ ସର୍ବାଧିକ ୩୮୫ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସର୍ବାଧିକ ୩୦୨ଜଣ ସୁସ୍ଥ ହୋଇଛନ୍ତି ଓ ୮୦ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି। ଆଉ ୩ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ଯାଜପୁରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୨୫୩ ରହିଛନ୍ତି। ଏମାନଙ୍କ ମଧ୍ୟରୁ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୦୨ ଥିବାବେଳେ ୧୫୧ ଜଣ ସୁସ୍ଥ ହୋଇଛନ୍ତି। ତୃତୀୟ ସ୍ଥାନରେ ଥିବା କଟକରେ ୬୭ଜଣ ସକ୍ରିୟ ସଂକ୍ରମିତ ଥିବାବେଳେ ପୁରୀରେ ୫୨, ବଲାଙ୍ଗୀରରେ ୫୦, ଖୋର୍ଦ୍ଧାରେ ୪୯, ନୟାଗଡ଼ରେ ୪୮ ଓ ଜଗତ୍‌ସିଂହପୁରରେ ୪୪ଜଣ ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ୟପକ୍ଷରେ ଚିହ୍ନଟ ହୋଇଥିବା ନୂଆ ୬୭ ଆକ୍ରାନ୍ତମାନେ ୧୦ ଜିଲାର। ୬୫ଜଣ ସଙ୍ଗରୋଧ କେନ୍ଦ୍ରରୁ ଥିବାବେଳେ ୨ଜଣ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି। ଗଞ୍ଜାମରୁ ସର୍ବାଧିକ ୨୬ଜଣ ରହିଥିବାବେଳେ ଯାଜପୁରରୁ ୧୧, ଖୋର୍ଦ୍ଧାରୁ ୧୧, ନୟାଗଡ଼ରୁ ୭, ସୁବର୍ଣ୍ଣପୁରରୁ ୪ଜଣ, ଜଗତ୍‌ସିଂହପୁର, ସମ୍ବଲପୁର, ବଲାଙ୍ଗୀରରୁ ୨ଜଣ ଲେଖାଏ, ବରଗଡ଼ ଓ କେନ୍ଦୁଝରରୁ ଜଣେ ଲେଖାଏ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ସୁସ୍ଥ ହୋଇଥିବା ୭୫ ଆକ୍ରାନ୍ତଙ୍କ ମଧ୍ୟରେ ଯାଜପୁରରୁ ୨୫, ଗଞ୍ଜାମରୁ ୧୯, କଟକରୁ ୯, ପୁରୀରୁ ୮, ନୟାଗଡ଼ ଓ କେନ୍ଦ୍ରାପଡ଼ାରୁ ୩ଜଣ ଲେଖାଏ, କନ୍ଧମାଳ ଓ ବଲାଙ୍ଗୀରରୁ ୨ ଜଣ ଲେଖାଏ, କେନ୍ଦୁଝର, ବୌଦ୍ଧ, ସମ୍ବଲପୁର ଓ ଖୋର୍ଦ୍ଧାରୁ ଜଣେ ଲେଖାଏ ରହିଛନ୍ତି।

ସେପଟେ ଗୁରୁବାର ସୁଦ୍ଧା ରାଜ୍ୟରେ ମୋଟ ୧ଲକ୍ଷ ୩୯ହଜାର ୩୧୧ଜଣଙ୍କର ନମୁନା ପରୀକ୍ଷଣ ହୋଇଛି। ସେଥିମଧ୍ୟରୁ ମାତ୍ର ୧.୧୯ ପ୍ରତିଶତ ନମୁନା ପଜିଟିଭ୍ ଆସିଥିବାବେଳେ ୯୮.୮୧% ନେଗେଟିଭ୍ ବାହାରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କରମରେ ଥାଇ ଯାହାର ଦଶା,**
**ସେ କିମ୍ପା କରଇ ପରକୁ ଆଶା;**
**ପର ସ୍ତିରୀ ଯଦି ହରଇ ଫୁସା,**
**କହେ ଦନାଇ ଏ ପାପ ଦୁର୍ଦ୍ଦଶା।**

ଭାଗ୍ୟ ଯାହାର ବିଡ଼ମ୍ବିତ ସେ ଯେତେ ଚେଷ୍ଟା କଲେ ମଧ୍ୟ ସେଥିରୁ ବର୍ତ୍ତିପାରି ନ ଥାଏ। ପରଠାରୁ ଯେତେ ସାହାଯ୍ୟ ସମର୍ଥନ ତଥା ଉପକାର ପାଇଲେ ସୁଦ୍ଧା ତାହା କେବେ ଭୋଗ୍ୟ ହୋଇପାରି ନ ଥାଏ। ସେହିପରି ପର ନାରୀ ପ୍ରତି କୁନଜର ଦେବା ସବୁଠାରୁ ବଳି ଘୃଣ୍ୟ ତଥା ପାପ କର୍ମ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ପ୍ରଥମ ପୃଷ୍ଠାରୁ...

### ଦାଦନଙ୍କ ଯାତ୍ରା,...

କରାଇଥିଲେ। ଏନେଇ ଖଣ୍ଡପୀଠ କହିଥିଲେ, ଯେଉଁଠି କୌଣସି ଦାଦନ ଶ୍ରମିକ ଚାଲି ଚାଲି ଯାଉଥିବା ଦେଖିବାକୁ ମିଳୁଛି ତାଙ୍କୁ ତୁରନ୍ତ ଆଶ୍ରୟସ୍ଥଳକୁ ନେଇ ଖାଦ୍ୟ ଓ ଅନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦିଆଯିବା ଉଚିତ। ପ୍ରକାଶ ଯେ, ପ୍ରବାସୀ ଶ୍ରମିକଙ୍କ ଦୁର୍ଦ୍ଦଶାକୁ ଦେଖି ସୁପ୍ରିମକୋର୍ଟ ଗତ ୨୬ ତାରିଖରେ ନିଜ ଆଡୁ ମାମଲା ରୁଜୁ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଏହି ପ୍ରସଙ୍ଗରେ କି ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କିତ ରେକର୍ଡ ଦାଖଲ କରିବା ପାଇଁ ସେମାନଙ୍କୁ କିଛି ସମୟ ଦିଆଯିବା ଉଚିତ। ଦାଦନ ଶ୍ରମିକଙ୍କ ସଂଖ୍ୟା, ପରିବହନ ଯୋଜନା, ପଞ୍ଜୀକରଣ ବ୍ୟବସ୍ଥା ଓ ଅନ୍ୟ ପ୍ରାସଙ୍ଗିକ ସୂଚନା ଦାଖଲ କରିବା ପରେ ଜୁନ୍ ୫ରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି। ଶୁଣାଣି ବେଳେ କେନ୍ଦ୍ର ଓ ଅନ୍ୟ କେତେକ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ନିଜ ନିଜ ଜବାବ ଦାଖଲ କରିଥିଲେ। ମେ ୧ରୁ ୨୭ ତାରିଖ ମଧ୍ୟରେ ଦାଦନ ଶ୍ରମିକଙ୍କ ପାଇଁ ୩,୭୦୦ ଟ୍ରେନ୍ ଚଳାଚଳ କରିଛି। ଏହି ଅବଧି ମଧ୍ୟରେ ୯୧ ଲକ୍ଷ ପ୍ରବାସୀଙ୍କୁ ଟ୍ରେନ୍ ଓ ବସ୍‌ରେ ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଯାଇଛି ବୋଲି ସଲିସିଟର ଜେନେରାଲ ମେହେଟ୍ଟା ଶୀର୍ଷ ଅଦାଲତଙ୍କୁ ଅବଗତ କରାଇଥିଲେ।

### ୪.୯ କୋଟି ଲୋକ...

ଲକ୍‌ଡାଉନ ବଢିବା ଯୋଗୁ ସହରରେ ପ୍ରବାସୀ ଶ୍ରମିକଙ୍କ ଦୁର୍ଦ୍ଦଶା ବଢିଛି। ଏହା ଯୋଗୁ ଲୋକମାନେ ଅନେକ ସଂଖ୍ୟାରେ ରାସ୍ତାରେ ଚାଲିଥିବା ନଜରକୁ ଆସିଛି। ଲକ୍‌ଡାଉନ ଦ୍ୱାରା ୮୦% ଗ୍ରାମାଞ୍ଚଳ ପରିବାରର ଆୟ କ୍ଷତିଗ୍ରସ୍ତ ହୋଇଛି। ଚଳିତ ବର୍ଷ ଭାରତୀୟ ଅର୍ଥ ବ୍ୟବସ୍ଥା ସବୁଠାରୁ ନିମ୍ନ ସ୍ତରକୁ ଖସିଯିବ ବୋଲି ପୂର୍ବାନୁମାନ କରାଯାଇଛି। ମାନ୍ଦାବସ୍ଥା ସହ ଲଢୁଥିବା ଅର୍ଥ ବ୍ୟବସ୍ଥା କରୋନା ଚାପରେ ଆସିବା ଯୋଗୁ ବେହାଲ ହୋଇପଡିଛି। ଅର୍ଥ ବ୍ୟବସ୍ଥାରେ ବର୍ତ୍ତମାନ ଚାହିଦା ନ ରହିବା ଯୋଗୁ ଏହା ପରଫରମାନ୍ସ ୪ ଦଶନ୍ଧିର ସବୁଠାରୁ ଖରାପ ସ୍ତରରେ ରହିବା ନେଇ ଆକଳନ କରାଯାଇଛି।

କ୍ଷତିଗ୍ରସ୍ତ ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଲାଗି ସରକାର ମୋଟ ଜିଡିପିର ୧୦% ବା ୨୦ ଲକ୍ଷ କୋଟି ଟଙ୍କାର ପ୍ୟାକେଜ ଘୋଷଣା କରିଛନ୍ତି। ଏହା ଦ୍ୱାରା ଅର୍ଥ ବ୍ୟବସ୍ଥା ଉପରେ ବିଶେଷ ପ୍ରଭାବ ପଡିବ ନାହିଁ ବୋଲି ବିଶ୍ୱ ସ୍ତରର ବିଭିନ୍ନ ଏଜେନ୍ସି ଆକଳନ କରିଛନ୍ତି। କାରଣ ପ୍ରକୃତ ପକ୍ଷେ ଏହା ୧% ହିଁ ହେବ। ସରକାର ଯେଉଁ ଭଳି ଭାବେ ବିତ୍ତୀୟ ସହାୟତା ପ୍ରଦାନ କରିବା କଥା ସେଭଳି କିଛି ପ୍ରଦାନ କରିଲେ ନାହିଁ। ଅର୍ଥ ବ୍ୟବସ୍ଥାକୁ ଯେଉଁ ଭଳି ଭାବେ ସହାୟତା ଲୋଡା ପଡିଥିଲା ତାହା ହେଲା ନାହିଁ। ସେହିଭଳି ଶିଳ୍ପଗୁଡିକର କାର୍ଯ୍ୟକଳାପକୁ ଟ୍ରାକକୁ ଆଣିବା ବର୍ତ୍ତମାନ ଦ୍ରୁତ ଭିତ୍ତିରେ ଅସୁବିଧା ହେବ। କାରଣ ଶ୍ରମିକମାନେ ବର୍ତ୍ତମାନ ଘରକୁ ଫେରିଯାଇଛନ୍ତି।

### ୩୦ରେ ଗାଇବା...

ଠାରୁ ଓଡ଼ିଶାର ମୃତ୍ୟୁ ହାର ସବୁଠାରୁ କମ୍। ପୀଡ଼ିତଙ୍କ ମଧ୍ୟରୁ ଅଧାରୁ ଅଧିକ ସୁସ୍ଥ ହୋଇ ଘରକୁ ଫେରିଲେଣି। ଓଡ଼ିଶାବାସୀଙ୍କ ପାଇଁ ଏହା ବଡ଼ ସଫଳତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସମୟରେ ବାହାର ରାଜ୍ୟରେ ଥିବା ଲକ୍ଷ ଲକ୍ଷ ଲୋକ ଘରକୁ ଫେରିଛନ୍ତି। ତଥାପି କୋଭିଡ୍ ବିରୋଧରେ ଚାଲିଥିବା ଯୁଦ୍ଧରେ ଓଡ଼ିଶା ଭଲ ସ୍ଥିତିରେ ଅଛି। ଏହା ପଛରେ ଦିନରାତି କାମ କରୁଥିବା ଲକ୍ଷ ଲକ୍ଷ କୋଭିଡ୍ ଯୋଦ୍ଧା ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଭିଡିଓ ବାର୍ତ୍ତାରେ କହିଛନ୍ତି।

### ଆସିବ ନୂଆ...

ବୋଟ୍‌ରେ ପରିଣତ କରିବା ଲାଗି ରାଜ୍ୟ ସରକାର ବୋଟ୍ ମାଲିକମାନଙ୍କୁ ଆବଶ୍ୟକ ଅର୍ଥର ୯୦ ପ୍ରତିଶତ ପ୍ରଦାନ କରିବାପାଇଁ ଯୋଜନା କରିଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଅନୁକୂଳ ପରିବେଶକୁ ଦୃଷ୍ଟିରେ ରଖି ଗ୍ଲାମରସ୍ କ୍ୟାମ୍ପିଂ ବା ଗ୍ଲାମ୍ପିଂ ଇଭେଣ୍ଟ୍ସର ଆୟୋଜନ କରାଯିବାକୁ ଯୋଜନା ରହିଛି। ଆଗାମୀ ୨ରୁ ୩ ବର୍ଷ ପର୍ଯ୍ୟନ୍ତ ଆଭ୍ୟନ୍ତରୀଣ ପର୍ଯ୍ୟଟକଙ୍କ ଉପରେ ଫୋକସ୍ ରହିବ। ଲୋକେ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯେଭଳି ସହଜରେ ଯାଇପାରିବେ ସେଥିପାଇଁ ରାଜ୍ୟଗୁଡ଼ିକ ପରସ୍ପର ସହ ସହଯୋଗ ରକ୍ଷାକରିବାକୁ ସଚିବ ଅନୁରୋଧ କରିଥିଲେ।

### ଇ-କେୱାଇସି ଦ୍ୱାରା...

ଏହି ସେବା ଦ୍ୱାରା ପ୍ୟାନ ଜାରି କରିବା ପ୍ରକ୍ରିୟାକୁ ପେପର ବିହୀନ କରାଯାଇଛି। ଆବେଦନକାରୀ ରିୟଲ ଟାଇମ ଭିତ୍ତିରେ ପ୍ୟାନ ଲାଭ କରିପାରିବେ। ଏହି ସେବା ମାଗଣା ମିଳିବ। ଏଥିଲାଗି ଆଧାରର ମୋବାଇଲ ନମ୍ବର ସହ ଲିଙ୍କ ହେବା ଜରୁରୀ। ଏହି ସେବାକୁ ପରୀକ୍ଷଣ ଭିତ୍ତିରେ ଫେବୃୟାରୀମାସଠାରୁ ଆରମ୍ଭ କରାଯାଇଛି। ବର୍ତ୍ତମାନ ୬.୭ ଲକ୍ଷ ଲୋକଙ୍କୁ ଇ-ପ୍ୟାନ ଜାରି କରାଯାଇଛି। ମାତ୍ର ୧୦ ମିନିଟରେ ଇପ୍ୟାନ ଜାରି କରାଯାଇଛି। ଏ ନେଇ ଆବେଦନ କରିବାକୁ ହେଲେ ଆୟକର ବିଭାଗର ଇଫାଇଲିଂ ୱେବସାଇଟକୁ ଯିବାକୁ ହେବ। ଆଧାର ନମ୍ବର ପ୍ରଦାନ କରିବା ଦ୍ୱାରା ପଞ୍ଜୀକୃତ ମୋବାଇଲ ନମ୍ବରକୁ ଓଟିପି ଆସିବ। ସମ୍ପୂର୍ଣ୍ଣ ପ୍ରକ୍ରିୟା ଶେଷ ହେବା ପରେ ୧୫ ଅଙ୍କ ବିଶିଷ୍ଟ ଆକନଲେଜମେଣ୍ଟ ନମ୍ବର ଜେନେରେଟ ହେବ। ଏହା ପରେ ଇ-ପ୍ୟାନକାର୍ଡ ଡାଉନଲୋଡ କରାଯାଇପାରିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଆଜି ରୋହିଣୀ ନକ୍ଷତ୍ରସ୍ଥ ଶନିଙ୍କ ଯୋଗୁ ଅନୁକୂଳତା ରହିବା ବେଳେ ଅପରାହ୍ନରେ ପରିସ୍ଥିତି ବଦଳି ଯିବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଅଧ୍ୟୟନ, ଅଧ୍ୟାପନା, ଗବେଷଣା, କଳା, ସାହିତ୍ୟ, ରାଜନୀତି, ସଭାସମିତି ତଥା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। କିନ୍ତୁ ପାରିବାରିକ ସ୍ତରରେ ପିଲାଙ୍କ କଥାକୁ ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**ବୃଷ** – ବୁଧ ଶତଭିଷା ନକ୍ଷତ୍ରରେ ଥିବାରୁ ଆପଣଙ୍କ ଭୁଲ୍ ନିଷ୍ପତ୍ତି, କାମରେ ଦ୍ୱନ୍ଦ୍ୱ, ପରିବାରରେ ଅଶାନ୍ତି ସୃଷ୍ଟି କରିବ। ଇଚ୍ଛା ନ ଥିଲେ ମଧ୍ୟ ଆଜି ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବାକୁ ପଡିପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ କଳହର ସମ୍ଭାବନା ରହିଛି।

**ମିଥୁନ** – ପାରିବାରିକ କଳହ କାରଣରୁ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତାରେ ମନ ଅଥୟ ରହିବ। ଶୁକ୍ରଙ୍କ ପ୍ରଭାବରେ ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବା ସାଙ୍ଗକୁ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ସାମାଜିକ ସ୍ତରରେ ପରିସ୍ଥିତିକୁ ଦେଖି ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ ହେବେ।

**କର୍କଟ** – ଚନ୍ଦ୍ର ପାପଗ୍ରହ ଶନିଙ୍କ ଦୃଷ୍ଟିରେ ରହିଥିବାରୁ ବିଭିନ୍ନ ପ୍ରକାରର ନକାରାତ୍ମକ ଭାବନା ମନକୁ ବିଷାକ୍ତ କରିପାରେ। ବହୁ ପୂର୍ବରୁ ଚିନ୍ତା କରିଥିବା ଓ ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ** – ରବି ଓ ଶୁକ୍ରଙ୍କ ସ୍ଥିତିର ବିଷମତା ଯୋଗୁ ପରିସ୍ଥିତିର ଭାରସାମ୍ୟ ରକ୍ଷା କରିବାକୁ ମିଥ୍ୟାଳାପ କରିବାକୁ ପଡିପାରେ। ଖଳ ଲୋକଙ୍କ କଥାରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିବ। କର୍ମକ୍ଷେତ୍ରରେ କିନ୍ତୁ ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ,ଏଜେନ୍ସି, ସାମ୍ବାଦିକତାରୁ ଖୁସି ରହିବେ।

**କନ୍ୟା** – କର୍ମସ୍ଥ ରାହୁ ପ୍ରଭାବରେ ଆଜି କଳେ ବଳେ କୌଶଳେ ସମସ୍ୟା ସମାଧାନ ସାଙ୍ଗକୁ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ଯିଏ ଯେତେ ପ୍ରକାରର ଶତ୍ରୁତା କଲେ ମଧ୍ୟ କିଏ କିଛି କରିପାରିବେ ନାହିଁ। ଦୀର୍ଘଦିନରୁ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ତୁଳା** – ଆଜି କର୍ମାଧିପ ଚନ୍ଦ୍ର ସ୍ୱଗୃହରେ ଅବସ୍ଥାନ କରୁଥିବାରୁ ଆପଣଙ୍କ ସକାଶେ ଏକ ସ୍ମରଣୀୟ ଦିବସ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି କିଛି ଅସୁବିଧା ପରିଲକ୍ଷିତ ହୁଏ ତାହା ନିଜ ଦୋଷରୁ ହିଁ ହେବାର ଆଶଙ୍କା ରହିଛି। କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା** – ଶୁକ୍ର ଓ ରବିଙ୍କ ସଂଯୋଗରୁ ଆଜି ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ବାଧ ହେବେ। କିନ୍ତୁ ତରବରିଆ ଭାବେ କୌଣସି କାମ କଲେ ସବୁ ଓଲଟ ପାଲଟ ହୋଇଯାଇପାରେ। କିନ୍ତୁ ଚେଷ୍ଟା ଅବ୍ୟାହତ ରଖିବା ଫଳରେ ବିଳମ୍ବରେ ସଫଳତା ପାଇବେ। ଯାନବାହନରେ ସତର୍କତା ବିଧେୟ, ଅନ୍ୟଥା ଚିନ୍ତାରେ ପଡିଯାଇପାରନ୍ତି।

**ଧନୁ** – ସତର୍କତାର ସହ କାମ କରନ୍ତୁ ନଚେତ୍ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହେବାର ଆଶଙ୍କା ଦେଖାଦେବ। ମତାନ୍ତରଜନିତ ପାରିବାରିକ ସ୍ତରରେ ଟେନସନ୍ କିଛି ମାତ୍ରାରେ ବଢିଯିବାର ସୂଚନା ରହିଛି। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମକର** – ଆଜି ଚତୁର୍ଥାଧିପତି ଧନଭାବସ୍ଥ ହୋଇ ଉଚ୍ଚାଂଶରେ ରହିଥିବାରୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ସ୍ୱାଭାବିକ ରହିବ। କୌଣସି ପରିସ୍ଥିତିରେ ମଧ୍ୟ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଅସୁବିଧାରେ ପଡିପାରନ୍ତି। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ପର କ୍ଷଣରେ ଅନୁତପ୍ତ ହେବେ।

**କୁମ୍ଭ** – ବନ୍ଧୁମାନଙ୍କୁ ସାହାଯ୍ୟ ସହଯୋଗ ପ୍ରଦାନ କରି ଆତ୍ମତୃପ୍ତି ଲାଭ କରିପାରନ୍ତି। ସଭା ସମିତିରେ,ବନ୍ଧୁ ଗହଣରେ ଗାମ୍ଭୀର୍ଯ୍ୟ ରକ୍ଷାକଲେ ତାହା ହିଁ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇପାରିବ। କେତେକ କ୍ଷେତ୍ରରେ ନିଜେ କଷ୍ଟ ଅନୁଭବ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**ମୀନ** – ମଧୁର ବ୍ୟବହାର ଦ୍ୱାରା ବନ୍ଧୁମାନଙ୍କୁ ଆପ୍ୟାୟିତ କରି ପ୍ରଶଂସିତ ହେବେ। ବୃହସ୍ପତିଙ୍କ ଦୁର୍ବଳତାରୁ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ ଏବଂ ମାନସିକ ସ୍ତରରେ ଦୁର୍ଭାବନା ବଢିଚାଲିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

ଆଜି ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ ଶୁକ୍ରବାର, ମେ ୨୯ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୨.୧୦ମି. ଗତେ ଘ. ୦୨.୪୭ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୧୭ମି. ଗତେ ଘ.୦୮.୨୭ମି. ମଧ୍ୟେ, ରାତ୍ରି ଘ.୧୨.୪୯ମି. ଗତେ ଘ.୦୩.୦୦ମି. ମଧ୍ୟେ, ଘ.୦୩.୪୩ମି.ଗତେ ଘ.୦୫.୧୧ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୬.୦୩ମି. ଗତେ ଘ.୦୬.୫୬ମି.ମଧ୍ୟେ, ଦିବା ଘ.୦୯.୩୩ମି. ଗତେ ଘ.୧୦.୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୦୬ମି. ଗତେ, ଘ.୧୧.୪୪ମି. ମଧ୍ୟେ ରାହୁକାଳ।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହେବ ୭ ନୂତନ ପାଠ୍ୟକ୍ରମ

**ସୁନାବେଡ଼ା,୨୮।୫(ସ୍ୱ.ପ୍ର.):** କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ଏକଡେମୀ କାଉନସିଲ ବୈଠକ ବୁଧବାର ସୁନାବେଡ଼ାସ୍ଥିତ ମୁଖ୍ୟ କ୍ୟାମ୍ପସରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଆଇ. ରାମବ୍ରହ୍ମମ୍‌ଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଆଗାମୀ ୨୦୨୧-୨୨ ଶିକ୍ଷାବର୍ଷରୁ ୭ ନୂତନ ବିଷୟରେ ପାଠ୍ୟକ୍ରମ ଆରମ୍ଭ ତଥା ନାମଲେଖା ପାଇଁ ଏଥିରେ ନିଷ୍ପତ୍ତି ହୋଇଛି। ସେଗୁଡ଼ିକ ହେଲା ଜୀବବିଜ୍ଞାନ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ସାମାଜିକ କାର୍ଯ୍ୟ, ରାଜନୀତି ବିଜ୍ଞାନ ମନୋବିଜ୍ଞାନ ଏବଂ ଜନ ପ୍ରଶାସନ ଓ ଜନ ସ୍ୱାସ୍ଥ୍ୟ।

## ଆଇଆଇସିଙ୍କ ମାଡ଼ ମାମଲା ବିଚାର ନ ହେବା ଯାଏ ଆଦାୟ ହେବନି ଜରିମାନା

**କଟକ ଅଫିସ,୨୮।୫:** କେନ୍ଦୁଝର ଜିଲା ପାଟଣା ଥାନାରେ ଜଣେ ଅଭିଯୁକ୍ତଙ୍କୁ ତତ୍କାଳୀନ ଆଇଆଇସି ସନ୍ଧ୍ୟାରାଣୀ ଜେନା ମାଡ଼ ମାରୁଥିବା ଅଭିଯୋଗ ହୋଇଥିଲା। ଏନେଇ ରାଜ୍ୟ ମାନବାଧିକାର କମିଶନରେ ଏକ ମାମଲା ରୁଜୁ କରାଯାଇଥିଲା। ଆଇଆଇସିଙ୍କ ଦରମାରୁ ୧୦ ହଜାର ଟଙ୍କା ପୀଡ଼ିତଙ୍କୁ ପ୍ରଦାନ କରିବାକୁ କମିଶନ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିର୍ଦ୍ଦେଶ ଉପରେ ରୋକ୍ ଲଗାଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ ଆବେଦନକାରିଣୀଙ୍କ ଅଭିଯୋଗକୁ ବିଚାରକୁ ନେଇ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିଚାର ଶେଷ ନ ହେବା ଯାଏଁ ଜେନାଙ୍କଠାରୁ ଅର୍ଥଦଣ୍ଡ ଆଦାୟ ହେବ ନାହିଁ ବୋଲି କହିଛନ୍ତି।


# classified




**SALE**

Gold on Booking. 4/5 BHK Duplex at Balianta. Construction-2200 @ 60Lakhs/ 2600 @ 70Lakhs. Mplanets: 9938219397/ 9861022055. D-17327

ଭୁବନେଶ୍ୱର ଓ ପୁରୀ (BDA & PKDA) ଏରିଆ ଭିତରେ ପ୍ଲଟ୍, ଘର, ଆପାର୍ଟମେଣ୍ଟ, କିଣିବା ଓ ବିକିବାପାଇଁ ଯୋଗାଯୋଗ କରନ୍ତୁ। ଯୋଗାଯୋଗ- 9438109040, 8144658008. D-17362

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସଉପଯୋଗୀ plot ଦିଆଯାଉଅଛି sqft. 650/-, 7008045582, 9692003948. D-17353

3BHK completed Duplex for sale at Tankapaniroad, near Brahmeswar Temple, Bank finance available, Only buyer Contact: 9438109040, 8144658008. D-17361




Interested to Construct newly built house with complete finishing@1200/- sqft. onward. Contact- 9861448065, 7992819489. D-17351

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି.(W) ହେବା ଆବଶ୍ୟକ।




2BHK & 3BHK flat available for rent near Krupajal Collage, Gudiapokhari, Bhubaneswar. Contact: 7978097047, 9438143108. D-69407




Full body massage with Gents and Ladies, Aaiginia Square. 9777167531. D-59950

Newly open spa centre full body massage smart ladies: 8260347387. D-59948

Herbal full body massage by smart / expert therapist. Contact: 8338067247. D-69255

Rejuvenate and Ayurvedic full body massage by smart therapist. 9114402304. D-69257

Newly open full body massage SPA in Bhubaneswar. Contact: 7205058838. D-69271

**AFFIDAVIT**

I, S Padminee Dora spouse of K Gopinath Dora resident of Vill & PO- Mahanala, Teh. Digapahandi, Dist- Ganjam (Odisha) Pin- 761013 have changed my name from S.Padminee Dora to K. Padminee Dora vide affidavit deted 342/ 13.05.2020 before Notary, Aska. D-17366

By an Affidavit before the Notary, Rourkela, I Hetal Ray, R/o. BL-70, Basanti Colony, Rourkela declares that before marriage my maiden name was Hetal Ben Patel, D/o. Kalidas Patel. Since my marriage with Vipul Ray I became Hetal Ray, so both the names belong to me. D-17369

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକାରିତାରେ ଢେଙ୍କାନାଳ ରାଜ୍ୟରେ ପ୍ରଥମ

**ଢେଙ୍କାନାଳ ଅଫିସ, ୨୮।୫**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି ଢେଙ୍କାନାଳ ଜିଲା। କରୋନା ସମୟରେ ବ୍ୟାପକ ଶ୍ରମ ଦିବସ ସୃଷ୍ଟି କରି ନିଜ ନାମରେ ଥିବା ପୁରୁଣା ରେକର୍ଡ ଭାଙ୍ଗିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ଯୋଜନାରେ ୯୪୬୦.୨୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ମୋଟ ୩୫ଲକ୍ଷ ୩୦ହଜାର ୪୯୭ ଶ୍ରମ ଦିବସ ସୃଷ୍ଟି କରାଯାଇଥିଲା। ଚଳିତବର୍ଷ କେବଳ ମେ' ମାସରେ ୪ଲକ୍ଷ ୫୬ହଜାର ୩୩୦ ଶ୍ରମ ଦିବସ ସୃଷ୍ଟି ହୋଇଛି, ଯାହା ସର୍ବକାଳୀନ ରେକର୍ଡ। ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟକାରିତାରେ ଜିଲା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିବା ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ସୂଚନା ଦେଇଛନ୍ତି। ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଗୁରୁବାର ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରି କହିଲେ, ଉଭୟ ପ୍ରଶାସନିକ ଏବଂ ସ୍ୱେଚ୍ଛାସେବୀଙ୍କ ସହଯୋଗ ମିଳିଲେ ଯୋଜନାର ସୁଫଳ ମିଳିବ।

ଦକ୍ଷତାର ପଞ୍ଚମ ପାଳି, ପଞ୍ଚମ ପାଳିର ପ୍ରଥମ ବର୍ଷ, ଭରପୂର ବିକାଶ, ସଭିଙ୍କ ମୁହଁରେ ହସ, ବିଜୁ ଜନତା ଦଳର ଏତିକି ପ୍ରୟାସ।



ଦେବୀରଞ୍ଜନ ତ୍ରିପାଠୀ
ବିଧାୟକ, ବାଙ୍କୀ

"ଗୋଟିଏ ନେତା ଗୋଟିଏ ଦଳ, ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳ"
ପଞ୍ଚମ ପାଳିର ପ୍ରଥମ ବାର୍ଷିକ ପୂର୍ତ୍ତି ଅବସରରେ ରାଜ୍ୟବାସୀଙ୍କୁ ଅଭିନନ୍ଦନ।



ପ୍ରଶାନ୍ତ ଜଗଦେବ
ବିଧାୟକ, ଚିଲିକା

ଓଡ଼ିଶାବାସୀଙ୍କ ଆଶୀର୍ବାଦ ଓ ସହଯୋଗରେ ବିଜୁ ଜନତା ଦଳ ସରକାର ୫ମ ପାଳିର ପ୍ରଥମ ବର୍ଷ ସଫଳତାର ସହିତ ପୂର୍ଣ୍ଣ କରିପାରିଛି। ବିକାଶର ଏହି ଧାରା ଅବ୍ୟାହତ ରହିବ। ଶ୍ରୀଜଗନ୍ନାଥ, ଓଡ଼ିଶାବାସୀ, ବିଜୁ ଜନତା ଦଳ ଏବଂ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରନ୍ତୁ। ଆଜିର ଦିନରେ ଏତିକି ପ୍ରାର୍ଥନା କରୁଛୁ।



ସଞ୍ଜୟ ଦାସବର୍ମା
ଉପାଧ୍ୟକ୍ଷ, ରାଜ୍ୟ ଯୋଜନାବୋର୍ଡ଼

ବିଜେଡି ସରକାରର ୫ମ ପାଳିର ପ୍ରଥମ ବର୍ଷ ପୂର୍ତ୍ତି
ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ଏବଂ ଓଡ଼ିଆଙ୍କ କଲ୍ୟାଣର ଧାରା ନିରବଚ୍ଛିନ୍ନ ଭାବେ ଅବ୍ୟାହତ ରହିଛି। ଶ୍ରୀଜଗନ୍ନାଥଙ୍କ କୃପାରୁ ଏକ ସ୍ୱୟଂସମୃଦ୍ଧ ଓଡ଼ିଶା ରାଜ୍ୟ ଆମର ଲକ୍ଷ୍ୟ।



ବଦ୍ରିନାରାୟଣ ପାତ୍ର
ବିଧାୟକ, ଘସିପୁରା



COVID-19
ଘରେ ରୁହନ୍ତୁ ସୁରକ୍ଷିତ ରୁହନ୍ତୁ



|| ଏକବର୍ଷ ପୂର୍ତ୍ତି ଅବସରରେ ||
ସିମୁଳିଆ-ଖଇରା ବାସୀଙ୍କୁ ମୋର ଅଶେଷ ଧନ୍ୟବାଦ। ଆପଣମାନଙ୍କ ସହଯୋଗ ମୋ ସହିତ ରହିଅଛି। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ର ଉନ୍ନତି ପାଇଁ ମୋର ପରିଶ୍ରମ ଆଗାମୀ ଦିନରେ ଜାରି ରହିବ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆପଣଙ୍କ ମଙ୍ଗଳ କାମନା କରୁଛି।
ଜ୍ୟୋତି ପ୍ରକାଶ ପାଣିଗ୍ରାହୀ
ପର୍ଯ୍ୟଟନ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ

ବିଜେଡି ସରକାରର ୫ମ ପାଳିର ପ୍ରଥମ ବର୍ଷ ପୂର୍ତ୍ତି
ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ଏବଂ ଓଡ଼ିଆଙ୍କ କଲ୍ୟାଣର ଧାରା ନୀରବଚ୍ଛିନ୍ନ ଭାବେ ଅବ୍ୟାହତ ରହିଛି। ଶ୍ରୀଜଗନ୍ନାଥଙ୍କ କୃପାରୁ ଏକ ସ୍ୱୟଂ ସମୃଦ୍ଧ ଓଡ଼ିଶା ରାଜ୍ୟ ଆମର ଲକ୍ଷ୍ୟ।



ଅଶୋକ ଚନ୍ଦ୍ର ପଣ୍ଡା
ମନ୍ତ୍ରୀ

"ଗୋଟିଏ ନେତା ଗୋଟିଏ ଦଳ, ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳ"
ପଞ୍ଚମ ପାଳିର ପ୍ରଥମ ବାର୍ଷିକ ପୂର୍ତ୍ତି ଅବସରରେ ରାଜ୍ୟବାସୀଙ୍କୁ ଅଭିନନ୍ଦନ



ଜଗନ୍ନାଥ ନାୟକ
ବିଧାୟକ, ପାଟଣା

କ୍ଷମତାସୀନ ବିଜେଡି ସରକାରର ୫ମ ପାଳିର ଏକବର୍ଷ ପୂର୍ତ୍ତି ଅବସରରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଆପଣମାନଙ୍କ ବିକାଶ ପାଇଁ ବିଜୁ ଜନତା ଦଳ ଏବଂ ଏହାର ନେତା ନବୀନ ପଟ୍ଟନାୟକ ଅଙ୍ଗୀକାର ବଦ୍ଧ।



ସୌମ୍ୟଶଙ୍କର ଚକ୍ର
ଜିଲ୍ଲା ଯୁବ ବିଜେଡି ସଭାପତି, କେଉଁଝର



A Well Wisher

ଓଡ଼ିଶାବାସୀଙ୍କ ଆଶୀର୍ବାଦ ଓ ସହଯୋଗରେ ବିଜୁ ଜନତା ଦଳ ସରକାର ୫ମ ପାଳିର ପ୍ରଥମ ବର୍ଷ ସଫଳତାର ସହିତ ପୂର୍ଣ୍ଣ କରିପାରିଛି। ବିକାଶର ଏହି ଧାରା ଅବ୍ୟାହତ ରହିବ। ଶ୍ରୀଜଗନ୍ନାଥ, ଓଡ଼ିଶାବାସୀ, ବିଜୁ ଜନତା ଦଳ ଏବଂ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରନ୍ତୁ। ଆଜିର ଦିନରେ ଏତିକି ପ୍ରାର୍ଥନା କରୁଛୁ।



ରାଜେନ୍ଦ୍ର ସାହୁ
ବିଧାୟକ, ବେଗୁନିଆ

ସୁଶାସନ ମାଧ୍ୟମରେ ଓଡ଼ିଶାକୁ ବିଶ୍ୱସ୍ତରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ କରିପାରିଥିବା ବିଜୁ ଜନତା ଦଳ ସରକାରର ୫ମ ପାଳିର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାବାସୀଙ୍କୁ ଅନେକ ଶୁଭେଚ୍ଛା।



ବିଷ୍ଣୁ ଦାସ
ବିଧାୟକ, ତିର୍ତ୍ତୋଲ

ସ୍ୱାର୍ଥପରତା ହିଁ ଏକମାତ୍ର ପାପ । ନୀଚତା ହିଁ ଏକମାତ୍ର କୁବୃତ୍ତି । ଘୃଣା ହିଁ ଏକମାତ୍ର ଅପକର୍ମ । ଆଉ ସବୁକୁ ସତ୍‌ରୂପରେ ପରିବର୍ତ୍ତନ କରାଯାଇପାରେ । କିନ୍ତୁ ଏଇ କେତୋଟି ହେଲା ଭଗବାନଙ୍କର ଚିରଶତ୍ରୁ । -ଶ୍ରୀଅରବିନ୍ଦ

# ମୋରାଟୋରିୟମ୍ ବୃଥା

ସଦ୍ୟତମ ଆର୍ଥିକ ପଦକ୍ଷେପ ସ୍ୱରୂପ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋ ହାରରେ ୪୦ ବେସିସ୍ ପଏଣ୍ଟ ହ୍ରାସ କରିଛି । ଭାରତ କରୋନା ଭୂତାଣୁ ବିରୋଧରେ ଯୁଦ୍ଧ ଆରମ୍ଭ କରିବା ପରେ ୭୫ ବେସିସ୍ ପଏଣ୍ଟ ହ୍ରାସ କରାଯାଇଥିବା ବେଳେ ତାହା ଉପରେ ପୁଣି ଏହି ହ୍ରାସ କରାଯାଇଛି । ଲକ୍‌ଡାଉନ୍ ୪.୦ ମେ ୩୧ ପର୍ଯ୍ୟନ୍ତ ଚାଲିବ । ସରକାର ମେ ୩୧ ପରେ ଲକ୍‌ଡାଉନ୍ ବାବଦରେ କ'ଣ ନିଷ୍ପତ୍ତି ନେବେ ତାହା ଆମେ ବର୍ତ୍ତମାନ ସୁଦ୍ଧା ଜାଣିନାହୁଁ । କେବଳ ରେପୋ ହାର (ଯେଉଁ ହାରରେ ଆର୍‌ବିଆଇ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ଦେଇଥାଏ) ହ୍ରାସ କରିଚାଲିବା ଭୂତାଣୁ-ଜନିତ ଆର୍ଥିକ ଦୁରବସ୍ଥାକୁ ଦୂର କରିବା ପାଇଁ ରାମବାଣ ନୁହେଁ । ଲୋକମାନେ ତ ପୂର୍ବରୁ ହିଁ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ଯୋଗୁ ଦୁଃଖ ଭୋଗି ଆସୁଛନ୍ତି । ବ୍ୟାଙ୍କଗୁଡ଼ିକ ଦ୍ୱାରା ଋଣ ପ୍ରଦାନକୁ ସହଜ କରିବା ପାଇଁ ଆର୍‌ବିଆଇ ପର୍ଯ୍ୟାୟକ୍ରମେ ରେପୋ ହାର ହ୍ରାସ କରିଆସୁଛି, ଯାହାଫଳରେ ଲୋକମାନେ ଶସ୍ତା ଦରରେ ଋଣ ପାଇପାରିବେ ଏବଂ ଅଧିକ ଖର୍ଚ୍ଚ କରିପାରିବେ । ମାର୍ଚ୍ଚ ପୂର୍ବରୁ ହୋଇଥିବା ସମସ୍ତ ହ୍ରାସ ବିଭିନ୍ନ ଜିନିଷ କିଣାରେ ଜନସାଧାରଣଙ୍କ ଖର୍ଚ୍ଚ ବୃଦ୍ଧି କରିବା ଏବଂ ଶିଳ୍ପସଂସ୍ଥାଗୁଡ଼ିକର କାର୍ଯ୍ୟକଳାପକୁ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ଥିବାବେଳେ ଗତ ଦୁଇମାସ ମଧ୍ୟରେ ହୋଇଥିବା ହ୍ରାସ କୋଭିଡ୍-୧୯ ଜନିତ ଝଟ୍‌କାକୁ ଲାଘବ କରିବା ପାଇଁ ପରିକଳ୍ପନା କରାଯାଇଥିଲା । ଗତବର୍ଷ ଫେବୃୟାରୀରୁ ରେପୋ ହାରରେ ମୋଟ କ୍ରମିକ ହ୍ରାସ ୨୦୦ ବେସିସ୍ ପଏଣ୍ଟରୁ ଅଧିକ ହୋଇଛି । ରେପୋ ରେଟ୍‌ରେ ଏପରି ବିରାଟ କାଟର ସୁଫଳ ଜନସାଧାରଣଙ୍କୁ ବାସ୍ତବରେ ସମ୍ପୂର୍ଣ୍ଣ ରୂପେ ମିଳିପାରି ନାହିଁ । ସଦ୍ୟତମ ହ୍ରାସ ପରେ ମଧ୍ୟ ସମାନ ଘଟଣା ଘଟିବାକୁ ଯାଉଛି । ବ୍ୟାଙ୍କଗୁଡ଼ିକ କ୍ଷତିରେ କଦାପି ଋଣ ଦିଅନ୍ତି ନାହିଁ । ବ୍ୟାଙ୍କଗୁଡ଼ିକ ତାଙ୍କ ପୁଞ୍ଜିର ଏକ ବଡ଼ ଅଂଶ ଲୋକମାନଙ୍କ ଜମାରୁ ଆଣିଥାନ୍ତି । ତେଣୁ ବ୍ୟାଙ୍କଗୁଡିକର ସୁଧ ହାର ସେମାନଙ୍କ ଜମା ହାର ସହିତ ସର୍ବଦା ଜଡିତ । ଜମା ସୁଧହାରରେ ଅନୁରୂପ ହ୍ରାସ ନ ହେବା ପର୍ଯ୍ୟନ୍ତ ବ୍ୟାଙ୍କଗୁଡ଼ିକ ସେମାନଙ୍କର ଋଣ ସୁଧହାର କଦାପି ହ୍ରାସ କରିପାରିବେ ନାହିଁ । ଆମେ ଦେଖିଛୁ ସବୁବେଳେ ଜମା ହାରରେ ହ୍ରାସ ପୂର୍ବରୁ କିମ୍ବା ପରେ ରେପୋ ହାରରେ ହ୍ରାସ କରାଯାଏ । ମାର୍ଚ୍ଚ ୧୨ ତାରିଖରେ ଏସ୍‌ବିଆଇ ଏହାର ଜମା ସୁଧହାରରେ ୨୦ ପଏଣ୍ଟ ହ୍ରାସ କରିଛି । ଘରୋଇ ବ୍ୟାଙ୍କଗୁଡ଼ିକ ସେମାନଙ୍କ ଜମା ହାରକୁ ମାର୍ଚ୍ଚ ସୁଦ୍ଧା ୭୦ ବେସିସ୍ ପଏଣ୍ଟ ହ୍ରାସ କରିଛନ୍ତି । ଜମା ସୁଧହାରରେ କୌଣସି ହ୍ରାସ କରାଗଲେ ତାହା ସିଧାସଳଖ ଜମାକାରୀ ବ୍ୟକ୍ତିଙ୍କ ଉପରେ ପ୍ରଭାବ ପକାଇବ । ସେମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ବୃଦ୍ଧ ଓ ପେନସନଭୋଗୀ । ତେଣୁ ସରକାର ବୁଝିବା ଦରକାର ଯେ ବାରମ୍ବାର ରେପୋ ରେଟ୍ କମାଇବା ଦ୍ୱାରା ଏଭଳି ସଙ୍କଟ ସମୟରେ ଲୋକଙ୍କ ସମସ୍ୟା ଦୂର ହେବ ନାହିଁ । ସେଥିପାଇଁ ଏକ ଦୀର୍ଘକାଳୀନ ସ୍ଥାୟୀ ଉପାୟ ବାହାର କରିବାକୁ ପଡ଼ିବ ।

## ଆଜିର ଅର୍ଥନୀତି

ଅଗଷ୍ଟ ୩୧ ପର୍ଯ୍ୟନ୍ତ ଛଅମାସର ଦୁଇଟି ମୋରାଟୋରିୟମ୍ ଘୋଷଣା ହେଉଛି ବ୍ୟାଙ୍କର ଏକ ଆତ୍ମ-ପରାଜୟମୂଳକ ରଣନୀତି । ପ୍ରଥମତଃ ଏହା ବ୍ୟାଙ୍କଗୁଡ଼ିକର ମେରୁଦଣ୍ଡକୁ ଭାଙ୍ଗିବ, କାରଣ ସେମାନେ ସେମାନଙ୍କ ଋଣରୁ ଆୟ ପାଇବା ବନ୍ଦ କରିବେ । ଏକ ବ୍ରୋକିଂ ହାଉସର ଅନୁସନ୍ଧାନ ରିପୋର୍ଟରୁ ଜଣାପଡ଼ିଛି ଯେ, ବ୍ୟାଙ୍କ ଅଫ୍ ବରୋଦାରୁ ଋଣ ନେଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ୯୦ ପ୍ରତିଶତ ମୋରାଟୋରିୟମ୍‌ର ସୁବିଧା ଲାଭ କରିଥିବାବେଳେ ଏସ୍‌ବିଆଇ ପାଇଁ ଏହି ହାର ୨୦ ପ୍ରତିଶତ ରହିଛି । ଅଧିକାଂଶ ଋଣ ନେଇଥିବା ବ୍ୟକ୍ତି ମୋରାଟୋରିୟମ୍ ପରେ ବକେୟା ଇଏମ୍‌ଆଇ ପରିଶୋଧ କରିବେ କି ନା, କି ସେମିତି ଖିଲାପି ହୋଇ ରହିଯିବେ ତାହା କେହି ଜାଣନ୍ତି ନାହିଁ । ଯଦି ସେମିତି ହୁଏ, ତେବେ ଏହା ବ୍ୟାଙ୍କଗୁଡ଼ିକର ମେରୁଦଣ୍ଡ ଭାଙ୍ଗିଦେବ ଏବଂ ଏହା ସରକାରଙ୍କ ପାଇଁ ଏକ ନୂତନ ଦାୟରେ ପରିଣତ ହେବ । ଅତୀତରେ ରୁଗ୍ଣ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ପୁନର୍ଜୀବିତ କରିବା ପାଇଁ ଲକ୍ଷ ଲକ୍ଷ କୋଟି ଟିକସଦାତାଙ୍କ ଟଙ୍କା ବ୍ୟବହୃତ ହୋଇଥିଲା । ଦୁର୍ବଳ ବ୍ୟାଙ୍କଗୁଡିକୁ ପୁନଃପୁଞ୍ଜୀକୃତ କରିବା ପାଇଁ ପ୍ରତିବର୍ଷ କେନ୍ଦ୍ର ବଜେଟରେ ହଜାର ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଉଛି । ବ୍ୟାଙ୍କଗୁଡ଼ିକ ଟଙ୍କା ହରାଇବା ଦ୍ୱାରା ଯୋଗ୍ୟ ଋଣଗ୍ରହୀତା, କର୍ପୋରେଟ୍ ପ୍ରଭୃତିଙ୍କୁ ଋଣ ଦେବା ପାଇଁ ଅର୍ଥର ଅଭାବ ହେବ । ଗ୍ରାହକଙ୍କ ଦୃଷ୍ଟିରୁ ଦେଖିଲେ ମଧ୍ୟ ସେମାନେ ଏହିପରି ବଢ଼ାଯାଇଥିବା ମୋରାଟୋରିୟମ୍‌ରୁ କିଛି ଲାଭ ପାଇବେ ନାହିଁ । ମୋରାଟୋରିୟମ୍‌ର ଅର୍ଥ ହେଉଛି ବ୍ୟାଙ୍କଗୁଡିକ କେବଳ ଋଣଗ୍ରହୀତାମାନଙ୍କୁ ସେମାନଙ୍କ ମିଆଦୀ ଋଣରେ ଇଏମ୍‌ଆଇ ଦେବାରେ ବିଳମ୍ବ କରିବାକୁ ଅନୁମତି ଦେବା ଏବଂ ଏହି ବିଳମ୍ବକୁ ଡିଫଲ୍ଟ ବା ଖିଲାପି ଭାବେ ବିବେଚନା କରାଯିବ ନାହିଁ । ମାତ୍ର ମୋରାଟୋରିୟମ୍ ଅବଧି ସମାପ୍ତ ହୋଇଗଲେ, ଋଣ ନେଇଥିବା ବ୍ୟକ୍ତିମାନେ ପୂର୍ବ ଇଏମ୍‌ଆଇକୁ ସୁଧ ସହିତ ଭରିବାକୁ ବାଧ୍ୟ ହେବେ । ଯଦି ଋଣଗ୍ରହୀତାଙ୍କୁ ସୁଧ ଉପରେ ସୁଧ ଦେବାକୁ କୁହାଯିବ, ତେବେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ । ବର୍ତ୍ତମାନ ସମସ୍ତେ ସନ୍ଦେହରେ ଅଛନ୍ତି ଯଦି ଲକ୍‌ଡାଉନ୍ ୫.୦ ଲାଗୁ ହୁଏ ତେବେ ଏହା କେତେ ଦିନ ଚାଲିବ । ସରକାର ଲକ୍‌ଡାଉନ୍ ନିୟମରେ ଅନେକ କୋହଳ କରିଛନ୍ତି, କିନ୍ତୁ ଏହା କୋହଳ ନ ହୋଇ ଯେତେ କଡ଼ାକଡ଼ି ହେଲେ ବି ଭୂତାଣୁ ସହ ଆମକୁ ବଞ୍ଚିବାକୁ ପଡ଼ିବ । ମହାମାରୀକୁ ରୋକିବା ପାଇଁ କୌଣସି ଟିକା ବା ଔଷଧ ବାହାରିବା ଉପରେ ନିଶ୍ଚିତତା ନ ଥିବାରୁ ଆମେ ପ୍ରକୃତରେ ଜାଣି ନାହୁଁ ଯେ ଆମେ କେତେ ଦିନ ଲକ୍‌ଡାଉନ୍‌ରେ ରହିବୁ ଏବଂ ଏପରି ପରିସ୍ଥିତିରେ ଆର୍‌ବିଆଇ ବା ସରକାର ବ୍ୟାଙ୍କଗୁଡ଼ିକୁ କେତେ ଥର ମୋରାଟୋରିୟମ୍ ପାଇଁ ଅନୁମତି ଦେବାକୁ କହିବେ ।

### ଚିରନ୍ତନୀ

ଏହି ବାତାୟନ ପାଶେ ଦେଖିଥିଲା ଦିନେ ସେ
ପରିଚିତ ରୂପ ଶୋଭା ଉଭା ହେଲା ନିମେଷେ
ଜଣାଇଲା ଦୁଇ କର ଯୋଡ଼ି ଛୋଟ ନତିଟି
ଥିଲେ ହେଁ ନିକଟେ ଯଥା ଅଛି ଦୂର ବିଦେଶେ ! (ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଲକ୍‌ଡାଉନ୍ ଓ ଆଦିବାସୀ ସମାଜ



ବିଚିତ୍ର ବିଶ୍ୱାଳ

କରୋନା ଭୂତାଣୁ ଯୋଗୁ ଦୀର୍ଘ ଦୁଇମାସ ଧରି ଜାରି ରହିଥିବା ଲକ୍‌ଡାଉନ୍‌ରେ ସାରା ଦେଶ ସନ୍ତୁଳି ହୋଇଗଲାଣି । ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକମାନେ । ଛୋଟ ବେପାରୀ, ଉଠା ଦୋକାନୀ, ଗାଡ଼ି ଚାଳକ, ଛୋଟ ଛୋଟ କୁଟୀର ଶିଳ୍ପ ସମସ୍ତଙ୍କ ଧନ୍ଦା ବନ୍ଦ । ଖାଇବାକୁ ନ ପାଇ ଲୋକମାନେ ହନ୍ତସନ୍ତ ହେଉଛନ୍ତି । ବଡ଼ ବଡ଼ ଶିଳ୍ପକାରଖାନା ବି ସବୁ ବନ୍ଦ ପଡ଼ିଛି । ଦୀର୍ଘ ଦୁଇମାସ ହେବ ଶ୍ରମିକମାନଙ୍କ ହାତରେ କାମ ନାହିଁ । ରେଳ, ବସ୍ ଓ ସମସ୍ତ ପ୍ରକାର ଯାତାୟାତ ବ୍ୟବସ୍ଥା ବନ୍ଦ । ଘରକୁ ଫେରିବାକୁ ବି ଉପାୟ ନାହିଁ ପ୍ରବାସୀ ଶ୍ରମିକମାନଙ୍କ ପାଖରେ । ଲକ୍ଷ ଲକ୍ଷ ଶ୍ରମିକ ପୁଡ଼ାପୁଟୁଳି ବାନ୍ଧି ପିଲାଛୁଆଙ୍କୁ ଧରି ରାଜରାସ୍ତାରେ ଚାଲୁଛନ୍ତି । ଦେଶ ବିଭାଜନ ସମୟର ଚିତ୍ର ପୁଣି ଥରେ ଦେଖିବାକୁ ମିଳିଛି । ଦେଶର ଅର୍ଥନୀତି ପୂରା ନିଥର ପଡ଼ିଯାଇଛି । କରୋନା ଭୂତାଣୁ ଅପେକ୍ଷା ଲକ୍‌ଡାଉନ୍ ଲୋକମାନଙ୍କୁ ବେଶି ହଇରାଣରେ ପକେଇ ଦେଇଛି । ଦେଶର ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକାକୁ ଉଜାଡ଼ି ଦେଇ ତାଙ୍କ ଅବସ୍ଥାକୁ ସଙ୍ଗିନ କରିଦେଇଛି ଲକ୍‌ଡାଉନ୍ । ପ୍ରତିଦିନ ଏ ବିଷୟରେ ଅତ୍ୟନ୍ତ ଦୟନୀୟ ଘଟଣାମାନ ଶୁଣିବାକୁ ମିଳୁଛି ଗଣମାଧ୍ୟମରୁ ।

କିନ୍ତୁ ଏହି ଲକ୍‌ଡାଉନ, ସହର ବଜାରଠାରୁ ଦୂରରେ ରହୁଥିବା ଆଦିବାସୀମାନଙ୍କୁ ବେଶି ପ୍ରଭାବିତ କରିପାରିନାହିଁ । ଓଲଟି ଏହି ଲକ୍‌ଡାଉନ୍ ସେମାନଙ୍କର ସଭ୍ୟତା ଓ ସଂସ୍କୃତିକୁ ପୁନଃସ୍ଥାପନା କରିବାରେ ଏକ ଆଶା ସଞ୍ଚାର କରିଛି ବୋଲି ସେମାନେ ବିଶ୍ୱାସ କରୁଛନ୍ତି । ଲକ୍‌ଡାଉନ୍ ଦେଶର ଅବଶିଷ୍ଟ ଅଞ୍ଚଳକୁ ଯେପରି ଭାବେ ଦୟନୀୟ ଅବସ୍ଥା ଭିତରକୁ ଠେଲି ଦେଇଛି, ଦକ୍ଷିଣ ଓଡ଼ିଶାର ରାୟଗଡ଼ା ଓ କଳାହାଣ୍ଡି ଜିଲା ମଧ୍ୟରେ ବ୍ୟାପ୍ତ ଥିବା ନିୟମଗିରି ପାହାଡ଼ରେ ରହୁଥିବା ଡଙ୍ଗରିଆ କନ୍ଧ ଓ ତା'ର ପାଦଦେଶରେ ରହୁଥିବା ତଳିଆ କନ୍ଧମାନଙ୍କ ଜୀବନକୁ ସେପରି ଭାବେ ପ୍ରଭାବିତ କରିପାରିନାହିଁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ଥାନୀୟ ଅର୍ଥନୀତି ଓ ଆତ୍ମନିର୍ଭରଶୀଳତା କଥା କହୁଥିବା ବେଳେ, ସେହି କନ୍ଧ ଆଦିବାସୀମାନେ ତାହାକୁ ଯୁଗ ଯୁଗ ଧରି କାମରେ ଲଗେଇ ଆସୁଛନ୍ତି ଓ ତା' ଉପରେ ଜୀବନ ବଞ୍ଚୁଛନ୍ତି । ସେହି କନ୍ଧ ଆଦିବାସୀମାନେ ସ୍ଥାନୀୟତାର ଆଧାରରେ ଏକ ଆତ୍ମନିର୍ଭରଶୀଳ ବ୍ୟବସ୍ଥାରେ ପରସ୍ପରଙ୍କ ସହଯୋଗରେ ଏକ ଗୋଷ୍ଠୀଭିତ୍ତିକ ଜୀବନ ବଞ୍ଚୁଛନ୍ତି, ଯାହା ଆଜିର ସମୟରେ ଅନ୍ୟମାନଙ୍କ ପାଇଁ ଏକ ବତିଘର ସଦୃଶ ।

ରାୟଗଡ଼ା ଜିଲାର ବିଷମ କଟକ ବ୍ଲକ୍‌ର ଟିକରପଡ଼ା ଗାଁର ଜଣେ ବୟସ୍କ କନ୍ଧ ଆଦିବାସୀ ରାଡ଼ିକା କୁହେ ଯେ, ଦୀର୍ଘ ଦିନ ହେଲାଣି ଲକ୍‌ଡାଉନ୍ ହୋଇଛି । ହେଲେ ଆମର ବେଶି କିଛି ଅସୁବିଧା ହୋଇନି । ଏହା ଭିତରେ ଆମକୁ କେବେ ବି ବଜାରକୁ ଯିବା ଭଳି ଆବଶ୍ୟକତା ପଡ଼ିନି । ଘରେ ଆମର ଅମଳ କରିଥିବା ଧାନ, ମାଣ୍ଡିଆ, କୋଶଳା, କାଙ୍ଗୁ ଅଛି, କାନ୍ଦୁଲ ଡାଲି ଅଛି, ଟୋଲ ତେଲ ଓ ରାଶି ତେଲ ବି ଅଛି । ଆମେ ଜଙ୍ଗଲରୁ ବରଡ଼ା ଶାଗ, ଗନ୍ଦିରି ଶାଗ, କନ୍ଦା, ବିଭିନ୍ନ ପ୍ରକାର କୋଳି ଓ ଫଳ ଆଦି ସଂଗ୍ରହ କରୁଛୁ ଓ ଖାଉଛୁ । ମୁଁ ଭାରି ଖୁସି ଯେ, ଏବେ ମୋ ପିଲାମାନେ ଅଯଥାରେ ସେ କୁର୍‌କୁରେ ଓ ମାଗି ଦିଗରେ ମନ ନ ବଳେଇ ଆମ ଆଦିବାସୀ ଖାଦ୍ୟ ବ୍ୟବସ୍ଥାର ସ୍ୱାତନ୍ତ୍ର୍ୟକୁ ଅନୁଭବ କରିପାରୁଛନ୍ତି । କେବଳ ଏଇ କରୋନା ଲକ୍‌ଡାଉନ୍ କ'ଣ, ବନ୍ୟା, ବାତ୍ୟା, ମରୁଡ଼ି ହେଲେ ବି ଆମର ସବୁ ଫସଲ ନଷ୍ଟ ହୋଇଯାଏ ନାହିଁ । କାରଣ ଆମେ ବିଭିନ୍ନ ପ୍ରକାର ଫସଲ ଯଥା ଶସ୍ୟ ଜାତୀୟ, ଡାଲି ଜାତୀୟ, ତୈଳବୀଜ, କନ୍ଦା, ପନିପରିବା ଆଦି ଏକାଧିକ କିସମର ଚାଷ କରିଥାଉ । ଗୋଟିଏ ନଷ୍ଟ ହେଲେ ଆଉ ଗୋଟିଏ ଅମଳ ହୋଇଯାଏ । ଯଦି ବି ଏମିତି କିଛି ପ୍ରାକୃତିକ ବିପର୍ଯ୍ୟୟରେ ସବୁକିଛି ନଷ୍ଟ ହୋଇଯାଏ, ତଥାପି ଆମ ପାଖରେ ଆମ ଜଙ୍ଗଲ ଅଛି । ସେଠାରୁ ଆମେ ବଞ୍ଚି ରହିବା ପାଇଁ ବିଭିନ୍ନ ପ୍ରକାର ଖାଦ୍ୟ ପାଇଯାଉ । ତା'ଛଡ଼ା ଆଞ୍ଚା, ଆମ ଗୋଷ୍ଠୀରେ ଆମେ କାହାକୁ ବି ଭୋକରେ ରହିବାକୁ ଦେଉନା । ଆମେ ସମସ୍ତେ ପରସ୍ପର ସହିତ ଆମ ଜିନିଷକୁ ବାଣ୍ଟିକୁଣ୍ଟି ଖାଉ । ସମସ୍ତଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରିବା ଆମ ଗୋଷ୍ଠୀର ଦାୟିତ୍ୱ ।

ପାଇକ ଡାକୁଲୁଗୁଡ଼ା ଗାଁର ଜଣେ ବୟସ୍କ କନ୍ଧ ମହିଳା ଆଲା ଡୁଇକା କୁହନ୍ତି ଯେ, ଲକ୍‌ଡାଉନ୍‌ରେ ଆମକୁ ଟିକେ ବି ଅସୁବିଧା ହୋଇନି । ଆମେ ବେଶ୍ ହସଖୁସିରେ ଅଛୁ । ଆମର ବଞ୍ଚିବା ପାଇଁ ସବୁକିଛି ଆମ ଘରେ ଅଛି ଓ ଯାହା ନାହିଁ ତାହା ଆମକୁ ଆମ ଜଙ୍ଗଲ ଦେଉଛି । ଆମେ ଏବେ ଡଙ୍ଗର ଜମି କୋଡୁଛୁ । ଜୁନ୍ ମାସରେ ବିହନ ବୁଣିବୁ । କିନ୍ତୁ ଏହି ନୂଆ ରୋଗ କଥା ଶୁଣି ଆମେ ଟିକେ ଡରିଯାଇଛୁ । ଆମେ ଜାଣିଛୁ ଯେ, ଲୋକମାନେ ପ୍ରକୃତି ମା' ପ୍ରତି ବେଶି ଅନ୍ୟାୟ କଲେ ବୋଲି ଏମିତି ସବୁ ନୂଆ ରୋଗ ଆସୁଛି । ପଦା ଦେଶର (ବାହାର) ଲୋକମାନେ ତ ନିଜ ଭାଇକୁ ବି ଭଲ ଆଖିରେ ଦେଖୁନାହାନ୍ତି । ଜଣେ ସେଇ ପାଖରେ ଖାଇବାକୁ ପାଉ ନ ଥିବା ବେଳେ ଆଉ ଜଣେ କେତେ କ'ଣ ଖାଉଛି । ସେ ପୁଣି ପ୍ରକୃତି ମା' କଥା ବୁଝିବ କେମିତି ! ବାହାରର ଲୋକମାନଙ୍କର ଲୋଭ ଓ ସମ୍ପତ୍ତି ଏକାଠି କରିବାର ମନୋବୃତ୍ତି ପ୍ରତି ଇଙ୍ଗିତ କରି କହୁଥିଲା ଆଲା । ଶୁଆ ହିକକା କୁହେ ଯେ, ଆମେ ପ୍ରକୃତି ମା'କୁ କେତେ କଷ୍ଟ ଦେଉଛୁ ବୋଲି ତା'ର ଫଳ ଭୋଗୁଛୁ । ଏ କରୋନା ବେମାରି ହିଁ ତା'ରି ଫଳ । ଆମର ଯେତିକି ଦରକାର ତା'ଠାରୁ ଅଧିକ ପ୍ରକୃତି ମା'ଠାରୁ ଶୋଷୁଛୁ । ମୁଁ ଭାବୁଛି, ଏହି ଲକ୍‌ଡାଉନ୍ ସେଇ ପଦାଦେଶର ଲୋକମାନଙ୍କୁ ଓ ଆମ କନ୍ଧ ଭେଣ୍ଡିଆମାନଙ୍କୁ (ଯେଉଁମାନେ ସେହି ସହରୀ ସଭ୍ୟତା ଦିଗରେ ମନ ବଳାଉଛନ୍ତି) ବି ଟିକେ ଭାବିବା ପାଇଁ ସୁଯୋଗ ଦେବ । ଆଲା ଡୁଇକା ଆହୁରି କୁହେ ଯେ, କେବଳ ଗୋଟିଏ ଅସୁବିଧା ହେଉଛି, ଲକ୍‌ଡାଉନ୍ ଯୋଗୁ ଆମ ପଡ଼ିଶା ଗାଁର ଲୋକମାନେ ଆମ ଗାଁକୁ ଆସିପାରୁନାହାନ୍ତି । ଆମେ ଆମ ସମାଜର ଲୋକମାନଙ୍କ ସହିତ କଥାବାର୍ତ୍ତା କରିପାରୁନୁ । ବର୍ଷର ବାକି ସବୁ ସମୟରେ ଚାଷ କାମ ଥାଏ ବୋଲି ଏହି ସମୟରେ ଆମର ସବୁ ବାହାଘର ହୁଏ । ବନ୍ଧୁପରିଜନମାନେ ଆସନ୍ତି । ଆମେ ଦୁଃଖସୁଖ ହେଉ ଓ ବାହାଘର କାମ ବି ହୁଏ । ଏ ଲକ୍‌ଡାଉନ୍ ଯୋଗୁ ଆମର ସେସବୁ ଏବେ ବନ୍ଦ ହୋଇଯାଇଛି । ରାଡିକା ପୁଣି କୁହେ ଯେ, ଲକ୍‌ଡାଉନ୍ ଲୋକମାନଙ୍କୁ ଏକୁଟିଆ କରିଦେଇଛି । ଆମ ସମାଜରେ ଆମେ ସକାଳୁ ସଞ୍ଜ ଯାଏ ସବୁବେଳେ ମିଳିମିଶି ବଞ୍ଚୁ । ସକାଳୁ ସଲପ ପିଇବାଠୁ ଆରମ୍ଭ କରି, ଜଙ୍ଗଲ ଯିବା, ଜାଳେଣି କାଠ ସଂଗ୍ରହ କରିବା, ଗୋରୁ ଚରେଇବା, ଚାଷ ପାଇଁ ଜମି ସଜାଡ଼ିବା ଆଦି ସବୁକାମ ଆମେ ମିଳିମିଶି କରୁ । ସେ ଆହୁରି କୁହେ ଯେ, ଯାହା କେହି କରିପାରି ନ ଥିଲେ, ଏ କରୋନା ବେମାରି ଓ ଲକ୍‌ଡାଉନ୍ ତାହା କରିଦେଇଛି । ଆମ ଛୁଆମାନେ ଯେଉଁମାନଙ୍କ ମନ ଟିକିଏ ଏପଟ ସେପଟ ହେଉଥିଲା, ସେମାନେ ଏବେ ଅନୁଭବ କରିବାକୁ ଆରମ୍ଭ କରୁଛନ୍ତି ଯେ, ବଜାର ଧୋକା ଦେଇପାରେ କିନ୍ତୁ ଆମ ଜଙ୍ଗଲ କେବେ ଧୋକା ଦେବନି । ଏବେ ଆମ ଗାଁର ଭେଣ୍ଡିଆମାନେ ଜଙ୍ଗଲକୁ ଯିବା ଆରମ୍ଭ କଲେଣି ଓ ଆମ ସଭ୍ୟତା ସଂସ୍କୃତିର ମହତ୍ତ୍ୱକୁ ଅନୁଭବ କଲେଣି । ଏବେ ସେମାନଙ୍କର ଜଙ୍ଗଲ ସହିତ ଗୋଟେ ଭଲ ସମ୍ପର୍କ ହେବା ଆରମ୍ଭ ହେଲାଣି । ସେମାନେ ଆମ ଚିରସ୍ଥାୟୀ ବ୍ୟବସ୍ଥାକୁ ବୁଝିବା ଆମ ସମାଜ ପାଇଁ ବହୁତ ଭଲ । ଆମ ପରେ ସେମାନେ ଏହି ସମାଜର ଦାୟିତ୍ୱ ନେବେ ।

କେବଳ ଆଲା, ରାଡ଼ିକା କି ଶୁଆମାନଙ୍କର କଥା ଇଏ ନୁହେଁ । ପ୍ରତ୍ୟେକ ଆଦିବାସୀ ଗାଁ ଯେଉଁଠି ବାହାରର ସଂସ୍କୃତି ପଶିପାରି ନାହିଁ, ସମସ୍ତଙ୍କର ମନର କଥା ଇଏ । ଆଜି ଲକ୍‌ଡାଉନ୍ ସମୟରେ ପୁଣି ଥରେ ପ୍ରମାଣିତ ହୋଇଗଲା, ଆମ ପାଖରେ ଆମ ଆଦିବାସୀ ଭାଇଭଉଣୀମାନଙ୍କର ଏମିତି ଏକ ବ୍ୟବସ୍ଥା ଅଛି, ଯାହା ଆଜିର ଆତ୍ମଘାତୀ ବଜାରବାଦୀ ବ୍ୟବସ୍ଥାର ଏକ ବିକଳ୍ପ ହୋଇପାରିବ ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର,
ମୋ-୯୪୩୮୪୬୮୪୭୪

# ବାତ୍ୟା ବିପର୍ଯ୍ୟୟର ମୁକାବିଲା



ଅଂଶୁମାନ ଦାଶ

ବାତ୍ୟା, ସାମୁଦ୍ରିକ ଝଡ଼, ଟର୍ନାଡୋ ବା ସାଇକ୍ଲୋନ୍ ରୂପରେ ମଣିଷ ଦେଖି ଆସିଛି ପ୍ରକୃତିର ଧ୍ୱଂସର ରଚନା । ଶାନ୍ତ, ନିର୍ବାକ୍ ପ୍ରକୃତିର ସମୟ ସମୟରେ ଏ କମ୍ପନ ଏ ବିଚିତ୍ରତା ମଣିଷ ମନରେ ଯୁଗଯୁଗରୁ ଅସଂଖ୍ୟ ପ୍ରଶ୍ନ ଉତ୍ପନ୍ନ କରିଛି । ହେଲେ ତଜ୍ଜନିତ କାଳ୍ପନିକ କାହାଣୀ ସବୁ ବିଜ୍ଞାନର ପ୍ରସାର ପରେ ଲୋପପାଇଛି । ପ୍ରଯୁକ୍ତି ଜ୍ଞାନକୌଶଳ ଦ୍ୱାରା ପାଣିପାଗର ପ୍ରାକ୍ ସୂଚନା ଉପଲବ୍ଧ ହୋଇପାରିଛି, ଯାହା ବାତ୍ୟା ପରି ପରିସ୍ଥିତିର ସମ୍ଭାବ୍ୟ ମୁକାବିଲା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି । ନବେ ଦଶକର ଉପକୂଳ ଓଡ଼ିଶାର ପିଲାମାନେ ୧୯୯୯ ଅକ୍ଟୋବର ୨୯ ତାରିଖ ଦିନ ବାତ୍ୟା ପରିସ୍ଥିତି ଓ ତଜ୍ଜନିତ କରାଳ ବିଭୀଷିକା ସହ ପ୍ରଥମକରି ପରିଚିତ ହୋଇଥିଲେ । ମହାବାତ୍ୟା ତାଣ୍ଡବର ସେହି ଦିବସଟି ପ୍ରଭାବିତ ପିଢ଼ିର ମନରେ ଚିର ଅଲିଭା ହୋଇ ରହିବ । ୧୯୯୯ ଓଡ଼ିଶା ସୁପର୍ ସାଇକ୍ଲୋନ୍ ନାମରେ ଜଣା ଏହି ମହାବାତ୍ୟାରେ ପବନର ବେଗ ଏତେ ଥିଲା ଯେ, ଏଥିରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ସରକାରୀ ତଥ୍ୟ ଅନୁସାରେ ପାଖାପାଖି ୧୦,୦୦୦ ଜୀବନ ନଷ୍ଟ ହୋଇଥିଲା ।

ଭାରତ ମହାସାଗରରେ ସୃଷ୍ଟି ହେଉଥିବା ବାତ୍ୟାକୁ ସାଇକ୍ଲୋନ୍ କୁହାଯାଉଥିବା ବେଳେ ଆଟଲାଣ୍ଟିକ୍ ମହାସାଗରରେ ହରିକେନ୍ ଓ ପ୍ରଶାନ୍ତ ମହାସାଗରରେ ଏହାକୁ ଟାଇଫୁନ୍ କୁହାଯାଇଥାଏ । ବାତ୍ୟା ସମୟର ପବନର ବେଗକୁ ସାଧାରଣତଃ ନଟ୍ (knot) ୟୁନିଟ୍‌ରେ ନିର୍ଣ୍ଣୟ କରାଯାଇଥାଏ । ଗୋଟିଏ ନଟ୍‌ର ଅର୍ଥ ଘଣ୍ଟା ପ୍ରତି ଗୋଟିଏ ନଟିକାଲ୍ ମାଇଲ୍ ବା ୧.୮୫୨ କିଲୋମିଟର । ପୃଥିବୀର ଅକ୍ଷାଂଶର ଗୋଟିଏ ମିନିଟ୍ ବା ୧/୬୦ ଡିଗ୍ରୀର ଦୂରତାକୁ ଏକ ନଟିକାଲ୍ ମାଇଲ୍ କୁହାଯାଇଥାଏ । ତରଳ ବା ଗ୍ୟାସ୍ ମାଧ୍ୟମରେ ଗତି କରୁଥିବା ପଦାର୍ଥର ବେଗ ନିର୍ଦ୍ଧାରଣ, ଉଡ଼ାଜାହାଜ, ପାଣି ଜାହାଜ ଓ ମହାକାଶ ଯାତ୍ରା ଆଦି କ୍ଷେତ୍ରରେ ଏହି ୟୁନିଟ୍‌ର ବ୍ୟବହାର ହୋଇଥାଏ ।

ଗତ ସାତବର୍ଷ ମଧ୍ୟରେ ଉପକୂଳ ଓଡ଼ିଶା ୫ଟି ଭୟାବହ ବାତ୍ୟାର ସମ୍ମୁଖୀନ ହୋଇଛି । ସେଗୁଡ଼ିକ ହେଲା- ୨୦୨୦ର ଅମ୍ପନ୍, ୨୦୧୯ର ଫନୀ, ୨୦୧୮ର ତିତ୍‌ଲି, ୨୦୧୪ର ହୁଡ୍‌ହୁଡ୍ ଏବଂ ୨୦୧୩ର ଫାଇଲିନ୍ । ପବନ ବେଗର ଆକଳନ ଅନୁଯାୟୀ ସାଇକ୍ଲୋନ୍‌ର ପ୍ରକାର ନିର୍ଦ୍ଧାରିତ ହୋଇଥାଏ । ୬୦ରୁ ୯୦ କିଲୋମିଟରର ବେଗ ବାତ୍ୟା, ୯୦ରୁ ୧୨୦ କିଲୋମିଟର ବେଗ ହେଲେ ତୀବ୍ର, ୧୨୦ରୁ ୧୭୦ କିଲୋମିଟର ବେଗର ଝଡ଼ ଅତି ତୀବ୍ର, ୧୭୦ରୁ ୨୨୦ କିଲୋମିଟର ବେଗ ଅତ୍ୟନ୍ତ ତୀବ୍ର ଓ ୨୨୦ରୁ ଅଧିକ କିଲୋମିଟର ପବନର ବେଗ ରହିଲେ ମହାବାତ୍ୟା ନାମାଙ୍କିତ ହୋଇଥାଏ ।

ଗତ ୨୦ ତାରିଖରେ ହୋଇଥିବା ସାଇକ୍ଲୋନ୍ ଅମ୍ପନ୍‌ର ପ୍ରାକ୍ ସୂଚନା ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ପ୍ରସାରିତ ହୋଇଥିଲା ଏବଂ ପ୍ରଶାସନ ଓ ଜନତାଙ୍କୁ ସତର୍କ କରାଯାଇ ପାରିଥିଲା । ପଶ୍ଚିମବଙ୍ଗର ଦିଘା, ସୁନ୍ଦରବନ ଓ ବାଂଲାଦେଶର ହାତିଆ ଅଞ୍ଚଳରେ ସ୍ଥଳଭାଗ ଛୁଇଁଥିବା ଏହି ଅତି ତୀବ୍ର ବାତ୍ୟାରେ ପଶ୍ଚିମବଙ୍ଗରେ ୭୨ ଲୋକଙ୍କ ଜୀବନହାନି ହୋଇଥିବା ବେଳେ ଅନେକ କୃଷିକ୍ଷେତ୍ର ଓ ଛପର, ଟିଣ ଘର ଆଦି ନଷ୍ଟ ହେବା ସହ ଟେଲିକମ୍ ଟାୱାର, ଇଲେକ୍ଟ୍ରି ଖୁଣ୍ଟି ଓ ଅସଂଖ୍ୟ ବୃକ୍ଷଲତା ଉପୁଡ଼ି ପଡ଼ିଛି । କୋଲକାତା ସହର ମଧ୍ୟ ବିଶେଷ ପ୍ରଭାବିତ ହୋଇଛି । ଏହାର ପ୍ରଭାବ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ୍ୟ ପରିଲକ୍ଷିତ ହୋଇଥିଲା ଏବଂ ୨ ଜଣ ପ୍ରାଣ ହରାଇଥିଲେ । କିନ୍ତୁ ବାତ୍ୟାର ଠିକ୍ ଆକଳନ ହୋଇପାରିଥିବାରୁ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ପାରିଥିଲା ।

୨୦୧୯ ମେ ୩ ତାରିଖରେ ପୂର୍ବ ଓଡ଼ିଶାରେ ହୋଇଥିବା ଫନୀ ବାତ୍ୟା ସମୟରେ ମଧ୍ୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସମୟ ପୂର୍ବରୁ ପ୍ରଶାସନ ଦ୍ୱାରା ଉଦ୍ଧାର କରାଯାଇ ବଡ଼ ଧରଣର ଜୀବନହାନିକୁ ଏଡ଼ାଇ ଦିଆଯାଇ ପାରିଥିଲା । ସେହିପରି ବାତ୍ୟା ପରର ପରିସ୍ଥିତି ଯଥା ଭଗ୍ନ ଟାୱାର, ବୃକ୍ଷ ଓ ଇଲେକ୍ଟ୍ରି ଖୁଣ୍ଟିର ଅବରୋଧରେ ଥିବା ରାସ୍ତାଘାଟକୁ ଗମନାଗମନ ଯୋଗ୍ୟ କରିବା ତଥା ଇଲେକ୍ଟ୍ରି ଓ ଟେଲିକମ୍ ଲାଇନ୍‌କୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରି କାର୍ଯ୍ୟକ୍ଷମ କରିବାରେ ମଧ୍ୟ ଓଡ଼ିଶା ସଫଳ ହୋଇଥିଲା । ଆପାତକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ଆବଶ୍ୟକ ରହିଛି ଲୋକବଳ, ଯାନ୍ତ୍ରିକ ଉପକରଣ (କଟର, ଜେନେରେଟର, ମାଟିଖୋଳା ସ୍ୱାଇଲିନ୍ ମେଶିନ୍, ହାଇଡ୍ରା, ଡିଜେଲ୍ ଇତ୍ୟାଦି) ଓ ଉପଯୁକ୍ତ ସମୀକ୍ଷା । ଜେନେରେଟର୍ ଦ୍ୱାରା ପରିଚାଳିତ ଆସ୍କା ଲାଇଟ୍, ହାମ୍ ରେଡିଓ ତଥା ଆପାତକାଳୀନ ରିଷ୍ଟୋରେଶନ୍ ଟାୱାର୍‌ର ବ୍ୟବହାର ସେହି ସମୟରେ ବହୁଳ ଫଳପ୍ରଦ ହୋଇଥିଲା । ଟେଲିଫୋନ୍ ଓ ମୋବାଇଲ୍ ଫୋନ୍ ନେଟୱର୍କ ଅକାମୀ ହୋଇଯିବା ସ୍ଥଳେ ହାମ୍ ରେଡିଓ ମାଧ୍ୟମରେ ଅନ୍ୟ ରାଜ୍ୟ ତଥା ଏଜେନ୍ସିମାନଙ୍କ ସହ ଯୋଗାଯୋଗ କରାଯାଇ ଜରୁରୀ ଖବର ପ୍ରସାରିତ ହୋଇଥିଲା । ବେତାର ଓ ବ୍ରଡ୍‌କାଷ୍ଟ ବ୍ୟବସ୍ଥା ଉପଯୋଗ କରୁଥିବା ହାମ୍ ରେଡିଓ ସୁନାମୀ, ଭୂମିକମ୍ପ, ବନ୍ୟା, ବାତ୍ୟା ତଥା ଦୁର୍ଗମ ଅଞ୍ଚଳ ଯେଉଁଠାରେ ମୋବାଇଲ୍ ସିଗ୍‌ନାଲ୍ ଉପଲବ୍ଧ ହୋଇ ନ ଥାଏ ସେଠାରେ କମ୍ୟୁନିକେଶନ୍ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ । ସେହିପରି ଭାଙ୍ଗିଯାଇଥିବା ବଡ଼ ବିଦ୍ୟୁତ୍ ଖୁଣ୍ଟ ପରିବର୍ତ୍ତେ ଇମର୍ଜେନ୍ସି ରିଷ୍ଟୋରେଶନ୍ ଟାୱାର୍ ପାୱାର୍ ଲାଇନ୍‌ର ଚଞ୍ଚଳ କାର୍ଯ୍ୟକ୍ଷମ ଦିଗରେ ନିର୍ଣ୍ଣାୟକ ଭୂମିକା ତୁଲାଇଥାଏ । ଏହି ଟାୱାର୍‌ର ବିଭିନ୍ନ ଅଂଶକୁ ପୃଥକ୍ ଭାବେ ଅତି ସହଜରେ ଗନ୍ତବ୍ୟ ସ୍ଥଳକୁ ପହଞ୍ଚାଯାଇଥାଏ ଏବଂ ଏକତ୍ରିତ କରାଯାଇ ମାଟିରେ ସ୍ଥାପନ କରାଯାଏ । ଏଥିପାଇଁ ସିଭିଲ୍ ଫାଉଣ୍ଡେଶନର ଆବଶ୍ୟକ ହୋଇ ନ ଥାଏ । ତେଣୁ ସ୍ୱଳ୍ପ ସମୟ ମଧ୍ୟରେ ଏହାର ନିର୍ମାଣ ସମ୍ଭବ ହୋଇଥାଏ । ୯ ଗୋଟି ଗାଏ ବା ଷ୍ଟେ ତାର ଓ ଆଙ୍କର୍ ରଡ୍ ଦ୍ୱାରା ଏହି ଟାୱାର୍‌କୁ ଚାରିପଟେ ମାଟି ସହ ଦୃଢ଼ ଭାବେ ସଂଯୋଗ କରାଯାଇଥାଏ । ଏହା ଏକ ସାମୟିକ ବ୍ୟବସ୍ଥା ହୋଇଥିଲେ ମଧ୍ୟ ପାୱାର୍ ରିଷ୍ଟୋରେଶନ୍ କ୍ଷେତ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ।

ବାତ୍ୟା ପରେ ଅନେକ ସମୟରେ ବିଦ୍ୟୁତ୍ ବ୍ୟବସ୍ଥା ମରାମତିରେ ବିଳମ୍ବକୁ ନେଇ ଜନତା ଧୈର୍ଯ୍ୟହରା ହୋଇ ରାସ୍ତା ଅବରୋଧ ପରି ପଦକ୍ଷେପ ଗ୍ରହଣ କରିଥାନ୍ତି । ଏହିପରି ଘଡ଼ିସନ୍ଧି ମୁହୂର୍ତ୍ତରେ ନୂତନ ସମସ୍ୟା ସୃଷ୍ଟି କରିବା ପରିବର୍ତ୍ତେ ପ୍ରଶାସନ ତଥା କାର୍ଯ୍ୟରତ ଏଜେନ୍ସିକୁ ସହାୟତାର ହାତ ବଢ଼ାଇବା ଆବଶ୍ୟକ । ଯାନ୍ତ୍ରିକ ଉପକରଣର ବ୍ୟବହାରରେ ସାବଧାନତା ଅବଲମ୍ବନ କରାଯିବା ଉଚିତ । ଛିଡ଼ିଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ନ ଆସି ବିଭାଗୀୟ ଲୋକଙ୍କ ଦ୍ୱାରା ଏହାର ମରାମତି କରିବା ଆବଶ୍ୟକ । ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧିତ ସୂଚନା ସବୁବେଳେ ଗୁରୁତ୍ୱର ସହିତ ଗ୍ରହଣ କରିବା ସହ ଏହାର ଉଚିତ ମୁକାବିଲା ପାଇଁ ସମସ୍ତେ ପ୍ରସ୍ତୁତ ରହିବା ଆବଶ୍ୟକ ।

ଡେପୁଟି ମ୍ୟାନେଜର୍, ଏନ୍‌ଟିପିସି,
ଭୁବନେଶ୍ୱର, ମୋ-୯୪୩୭୫୬୫୩୯୩

## ଏଇ ଭାରତରେ

ଅକ୍ଷୟ କୋଠାୱାଲେ ପେସାରେ ଅଟୋ ଚାଳକ । ହେଲେ ଲକ୍‌ଡାଉନରେ ଦୈନିକ ୩୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଖାଇବାକୁ ଦେଉଛନ୍ତି । ୩୦ ବର୍ଷୀୟ ଅକ୍ଷୟ ତାଙ୍କ ବାହାଘର ଲାଗି ସଞ୍ଚିତ ଅର୍ଥକୁ ଏଥିରେ ବ୍ୟୟ କରୁଛନ୍ତି । ସେ ଅଟୋରେ ବରିଷ୍ଠ ନାଗରିକ ଓ ଗର୍ଭବତୀମାନଙ୍କୁ ଡାକ୍ତରଙ୍କ ପାଖକୁ ମାଗଣାରେ ନେଉଛନ୍ତି । ଅକ୍ଷୟ ରୁହନ୍ତି ପୁଣେରେ । ମେ' ୨୫ରେ ଅକ୍ଷୟଙ୍କ ସହ ରୂପାଲିଙ୍କ ବାହାଘର ସ୍ଥିର ହୋଇଥିଲା । ପୁଣେରେ କରୋନା ସଂକ୍ରମଣ ବୃଦ୍ଧି ପାଇବାରୁ ଉଭୟେ ବାହାଘର ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲେ । ପରେ ଅକ୍ଷୟ ବାହାଘର ବାବଦକୁ ସଞ୍ଚୟ କରିଥିବା ପାଖାପାଖି ୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ସହରର ବେସାହାରା ତଥା ପ୍ରବାସୀ ଶ୍ରମିକଙ୍କୁ ଦୈନିକ ଖାଇବାକୁ ଦେଉଛନ୍ତି । ଏଥିରେ ରୂପାଲି ଅକ୍ଷୟଙ୍କୁ ଉତ୍ସାହିତ କରିବା ସହ ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି । ଅନ୍ୟମାନେ ବି ଅକ୍ଷୟଙ୍କୁ ଆର୍ଥିକ ସହଯୋଗ କରୁଛନ୍ତି । ଅକ୍ଷୟଙ୍କର ତିନି ଜଣ ସାଙ୍ଗ ତାଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରୁଛନ୍ତି । ସେମାନେ ସକାଳୁ ଉଠି ଖେଚୁଡ଼ି, ପଲାଉ ଓ ସମ୍ବର ରାଇସ୍ ପ୍ରସ୍ତୁତ କରି ତାହାକୁ ଅଟୋରେ ନେଇ ଲୋକମାନଙ୍କୁ ଦେଉଛନ୍ତି । ୪ରୁ ୫ଟି ସ୍ଥାନରେ ସେମାନେ ଖାଦ୍ୟ ପହଞ୍ଚାଉଛନ୍ତି । ମେ' ୩୧ ଯାଏ ଏହାକୁ ଚାଲୁ ରଖିବାକୁ ନିଷ୍ପତ୍ତି ନେଇଛନ୍ତି ଅକ୍ଷୟ । ଅଟୋରେ ବି ସେ ମାଇକ ଲଗାଇଛନ୍ତି । ଅଟୋରେ ଗଲାବେଳେ ସେ ଏଥିରେ ଲୋକମାନଙ୍କୁ କରୋନା ସମ୍ପର୍କରେ ସଚେତନ କରୁଛନ୍ତି । ରାସ୍ତାକଡ଼ରେ ରହୁଥିବା ଲୋକମାନଙ୍କୁ ବି ମାସ୍କ ଓ ସାନିଟାଇଜର ବାଣ୍ଟୁଛନ୍ତି ।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ମେ ୧୯୯୫

- ପୂର୍ବ ବାଙ୍ଗିକାଲୋଆ ଜିଲାର ଟୋପିଗାଲା ଜଙ୍ଗଲରେ ଥିବା ଏକ ସେନା ଶିବିର ଉପରେ ଏଲ୍‌ଟିଟିଇ ଉଗ୍ରପନ୍ଥୀମାନେ ଆକ୍ରମଣ କରି ୫୩ ଜଣ ସୈନ୍ୟଙ୍କୁ ହତ୍ୟା କରିଛନ୍ତି ।
- ଆମେରିକା ଏବଂ ରୁଷିଆ ମଧ୍ୟରେ ଶୀତଳ ଯୁଦ୍ଧର ଅବସାନ ଘଟିବା ଫଳରେ ଦୁଇ ଦେଶବାସୀଙ୍କ ମଧ୍ୟରେ ପ୍ରେମ-ପ୍ରଣୟର ସମ୍ପର୍କ ଉପରେ ରହିଥିବା ନିଷେଧାଦେଶକୁ ଉଠାଇ ଦିଆଯାଇଛି ।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରାଧେଶ୍ୟାମ ଆର୍ ମାରାରଜାଙ୍କର ବମ୍ବେଠାରେ ପରଲୋକ ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 4 | D | | | | | | C | | | | |
| 7 | | E | | | 9 | 5 | 1 | | | | D | | 2 | |
| | | | | | | 4 | | | 9 | | | D | | |
| | 1 | | 3 | | | | | D | | | | E | | B |
| | | 5 | | | | 9 | | | | 2 | 6 | | 8 | C |
| | | B | 6 | | 5 | | 8 | | | | | | | |
| | | 3 | | | D | 2 | | | | 1 | | | | |
| | 9 | | 0 | | | | | | 5 | E | 2 | 6 | 7 | |
| 6 | 4 | 7 | | | | | E | | | 3 | | | | |
| A | E | | | 4 | | | | C | 6 | 9 | | | 0 | |
| | B | | | | 2 | | C | 9 | | | 1 | 3 | | 4 |
| 9 | | | | | 8 | 0 | | | B | A | | | | 6 |
| | D | | E | | | | | | | | | | | 2 |
| | A | 8 | | | | D | | 7 | | | | | | E |
| | | | | | | | 4 | 1 | 0 | 5 | | A | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 1 | E | 9 | 6 | B | 2 | 7 | 8 | 4 | 5 | A | D | 0 | C |
| 4 | 7 | D | 2 | 0 | 8 | E | 9 | C | 6 | 3 | B | 5 | A | 1 |
| 2 | B | 0 | E | A | 1 | 3 | D | 5 | 9 | 8 | C | 7 | 6 | 4 |
| 9 | 5 | A | 7 | C | 3 | 6 | 0 | 4 | 1 | E | D | 8 | 2 | B |
| 6 | 8 | C | D | 5 | 4 | B | A | 1 | 2 | 7 | 0 | E | 3 | 9 |
| A | 9 | 7 | 6 | 3 | D | 0 | 8 | B | E | 4 | 5 | 1 | C | 2 |
| 8 | 6 | 3 | 0 | 1 | 9 | 5 | 2 | D | B | C | 7 | 4 | E | A |
| 5 | C | 1 | 4 | E | 2 | 7 | 6 | 9 | 3 | A | 8 | B | D | 0 |
| E | 0 | 4 | B | 7 | C | A | 1 | 3 | D | 9 | 2 | 6 | 8 | 5 |
| B | D | 2 | 5 | 8 | A | C | 4 | E | 0 | 1 | 6 | 9 | 7 | 3 |
| 7 | 3 | B | C | D | 0 | 4 | E | A | 5 | 6 | 9 | 2 | 1 | 8 |
| D | 4 | 6 | 8 | B | 7 | 9 | 3 | 0 | C | 2 | 1 | A | 5 | E |
| 0 | 2 | 8 | A | 9 | E | 1 | 5 | 6 | 7 | B | 3 | C | 4 | D |
| C | A | 5 | 1 | 4 | 6 | D | B | 2 | 8 | 0 | E | 3 | 9 | 7 |
| 1 | E | 9 | 3 | 2 | 5 | 8 | C | 7 | A | D | 4 | 0 | B | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସତ୍ୟବାଦୀ ଅଞ୍ଚଳରେ ରହୁନି ସାମାଜିକ ଦୂରତା

ମହାଶୟ,

ସତ୍ୟବାଦୀ ଅଞ୍ଚଳରେ କଟକଣା କୋହଳ ପରେ ଗହଳି ବଢୁଛି । ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ୍ ନିୟମ କଡ଼ାକଡ଼ି ରହିଥିବା ବେଳେ ତୃତୀୟ ପର୍ଯ୍ୟାୟ ସମୟରେ ପ୍ରଶାସନ କୋହଳ ମନୋବୃତ୍ତି ଆପଣାଇଛି । ପ୍ରଚଳିତ ନିୟମ ମୁତାବକ, ସକାଳ ସାତରୁ ସନ୍ଧ୍ୟା ୭ଟା ଯାଏ ସମସ୍ତ ଦୋକାନ ବଜାର ଖୋଲା ରହୁଛି । ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ ଲମ୍ବା ଧାଡ଼ି ଲାଗିରହୁଛି । ତଳୁ ଉପର ମହଲା ପର୍ଯ୍ୟନ୍ତ ମହିଳା ଗୋଷ୍ଠୀର ସଦସ୍ୟାମାନେ ଗୁଞ୍ଜାଗୁଞ୍ଜି ହୋଇ ଦୀର୍ଘ ସମୟ ଅପେକ୍ଷା କରି ରହୁଛନ୍ତି । ଅଧିକାଂଶ ମହିଳା ମାସ୍କ ବ୍ୟବହାର କରୁ ନାହାନ୍ତି । ସ୍ଥାନୀୟ ବିଡିଓଙ୍କୁ ଟେଲିଫୋନ୍‌ରେ ଜଣାଇବା ପରେ ସେ ତୁରନ୍ତ ପହଞ୍ଚି ସଚେତନ କରାଇବା ପରେ ମଧ୍ୟ କେହି ସାମାଜିକ ଦୂରତ୍ୱ ପାଳନ କରୁନାହାନ୍ତି । କିନ୍ତୁ ଦୋକାନବଜାର ଖୋଲିବା ବେଳଠାରୁ ସତ୍ୟବାଦୀ ବଜାରରେ ଭିଡ଼ ପରିଲକ୍ଷିତ ହେଉଛି । ସାକ୍ଷୀଗୋପାଳ ନିୟନ୍ତ୍ରିତ ବଜାର ପରିସର ମଧ୍ୟରେ ପରିବାହାଟ ଖୋଲାଯାଇ ବେପାର ଚାଲିଥିବା ବେଳେ ଅନେକେ ଏହାକୁ ବେଖାତିର କରୁଥିବା ଦେଖିବାକୁ ମିଳୁଛି । ଆଇନ ଅବମାନନା ହେତୁ ଲୋକମାନେ ଜରିମାନା ଦେଉଥିଲେ ମଧ୍ୟ ପରେ ଯଥାପୂର୍ବଂ ତଥା ପର ଅବସ୍ଥା ଦେଖିବାକୁ ମିଳୁଛି । ଆଗାମୀ ଦିନରେ ପୋଲିସ ଓ ପ୍ରଶାସନିକ ଅଧିକାରୀ ବଜାରରେ ଯାଞ୍ଚକୁ ଆହୁରି କଡ଼ାକଡ଼ି କରିବା ପାଇଁ ମତ ପ୍ରକାଶ ପାଇଛି ।

-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର,
ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାୟଗଡ଼ାକୁ କୋଭିଡ୍ ମୁକ୍ତ ରଖିବାକୁ ଗୁରୁତ୍ୱ

ଭୁବନେଶ୍ୱର,୨୮।୫(ବ୍ୟୁରୋ)/ ରାୟଗଡ଼ା ଅଫିସ

ରାଜ୍ୟର ୨୯ ଜିଲାରେ କରୋନା ପ୍ରବେଶ କରିଛି। କେବଳ ରାୟଗଡ଼ା ଜିଲାରୁ କୌଣସି କୋଭିଡ୍-୧୯ ପଜିଟିଭ୍ ବାହାରିନାହାନ୍ତି।

**ଜିଲା ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଯୋଜନା ବୋର୍ଡ ଉପାଧ୍ୟକ୍ଷ**

ତେଣୁ ଏହି ଜିଲାକୁ ଯଥାସମ୍ଭବ କୋଭିଡ୍‌ମୁକ୍ତ ରଖିବାକୁ ଗୁରୁତ୍ୱ ଦେଇଛନ୍ତି

ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା। ଗୁରୁବାର ଏକ ଉଚ୍ଚସ୍ତରୀୟ ବୈଠକରେ ଦାସବର୍ମା ରାୟଗଡ଼ା ଜିଲାର ବିଭିନ୍ନ ସଙ୍ଗରୋଧ କେନ୍ଦ୍ର ସହ ଟିଏମ୍‌ସି ସେଣ୍ଟର ତଥା ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଚାଳନା ସମ୍ପର୍କରେ ସମୀକ୍ଷା କରିଛନ୍ତି। କୋଭିଡ୍ ସେବା କେନ୍ଦ୍ରର ପରିଚାଳନା, ସାନିଟାଇଜେଶନ, ବେଡ୍ ସଂଖ୍ୟା ବୃଦ୍ଧି, ଆସୁଥିବା ପ୍ରବାସୀ ଓଡ଼ିଆଙ୍କ ସମସ୍ୟା ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ଏହାସହ ଖରିଫ୍ ଫସଲ, ବିହନ ବିତରଣ, ମିଶନ ଶକ୍ତି, ପିଡିଏସ୍ ସାମଗ୍ରୀ ବିତରଣ, ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅଧିକ ହିତାଧିକାରୀଙ୍କୁ ସାମିଲ, ବିଭିନ୍ନ ଯୋଜନାରେ ଭତ୍ତା ପାଉଥିବା ହିତାଧିକାରୀଙ୍କ ସ୍ଥିତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧିକ ଶ୍ରମଦିବସ ସୃଷ୍ଟି ଓ ପାନୀୟ ଜଳ ଯୋଗାଣ ଉପରେ ଦାସବର୍ମା ବିସ୍ତୃତ ସମୀକ୍ଷା କରିଥିଲେ। ଏନେଇ ସେ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା, ପିଡିଡିଆର୍‌ଡିଏ ଅମିତ୍ର ରୂପରାଜଙ୍କ ସମେତ ଜିଲା, ବ୍ଲକ୍ ଓ ତହସିଲ୍ ସ୍ତରର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

ବିଶେଷକରି ପ୍ରବାସୀଙ୍କ ଆସିବା, ରହିବା ଓ ସେମାନଙ୍କୁ ବିଭିନ୍ନ ଉନ୍ନୟନମୂଳକ ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଗୁରୁତ୍ୱ ଦିଆଯାଇଥିଲା। ସୂଚନାନୁସାରେ, ଏବେସୁଦ୍ଧା ୩୦ ହଜାର ପ୍ରବାସୀ ଓଡ଼ିଆ ଜିଲାରେ ପଞ୍ଜୀକୃତ ହୋଇଛନ୍ତି। ସେଥିମଧ୍ୟରୁ ୬୫୫୬ଜଣ ଫେରିବା ପରେ କ୍ୱାରାଣ୍ଟାଇନ୍ ସେଣ୍ଟରରେ ରହିଥିବାବେଳେ ୩୬୮୦ ଜଣ ଡିସ୍‌ଚାର୍ଜ ହୋଇଛନ୍ତି ଏବଂ ୨୮୭୬ ଜଣ ଏବେ ସେଣ୍ଟରରେ ଅଛନ୍ତି। ରାୟଗଡ଼ାରେ ୧୦୦ଟି ଅକ୍ସିଜେନ ଆଇସିୟୁ ପ୍ରସ୍ତୁତ ହୋଇଥିବାବେଳେ ୧୦ଟି ସମ୍ପୂର୍ଣ୍ଣ ଆଇସିୟୁ ରହିଛି। ଜିଲାରେ ଦୁଇଟି କୋଭିଡ୍-୧୯ ହସ୍ପିଟାଲ୍ ଏବଂ ଦୁଇଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସଂକ୍ରମିତ ଚିହ୍ନଟ ହେଲେ ସେମାନଙ୍କୁ କୋରାପୁଟ କିମ୍ବା ଅନ୍ୟ ଜିଲାକୁ ପଠାଇବାର ବ୍ୟବସ୍ଥା କରାଯାଇଛି। ଏହି ଭିଡ଼ିଓ କନଫରେନ୍ସରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ, ରାଗୟଡ଼ା ଜିଲା ପରିଷଦ ସଭାପତି ଗଙ୍ଗାଧର କୁଆଲା ପ୍ରମୁଖ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପସ୍ଥିତ ରହି ବିଭିନ୍ନ ପରାମର୍ଶ ଦେଇଥିଲେ।


ବୈଠକରେ ଉପସ୍ଥିତ ଯୋଜନା ବୋର୍ଡର ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଓ ଅନ୍ୟମାନେ।

# ସଙ୍ଗରୋଧ କେନ୍ଦ୍ରରୁ ଫେରି ପ୍ରବାସୀଙ୍କ ପ୍ରାଣଗଲା

ବେତନଟୀ,୨୮।୫(ଡି.ଏନ୍.ଏ.)

- ମୃତଦେହ ଛୁଇଁଲେନି ଗ୍ରାମବାସୀ
- ବିନା କରୋନା ଟେଷ୍ଟରେ ଘରକୁ ଯାଇଥିଲେ

ସଙ୍ଗରୋଧ କେନ୍ଦ୍ରରୁ ଘରକୁ ଫେରିବାର ୩ ଦିନ ପରେ ଜଣେ ପ୍ରବାସୀ ଓଡ଼ିଆଙ୍କ ବୁଧବାର ରାତିରେ ମୃତ୍ୟୁ ଘଟିଛି। ବିନା ଟେଷ୍ଟରେ ସେ ଘରକୁ ଫେରିଥିବାରୁ କରୋନା ସନ୍ଦେହରେ ଗ୍ରାମବାସୀ ମୃତଦେହ ଛୁଇଁ ନ ଥିବା ସୂଚନା ମିଳିଛି। ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ଏସଏସ ନହଣ୍ଡାଶୋଲ ପଞ୍ଚାୟତର ଭାଲୁବସା ଗ୍ରାମରେ ଏହି ଘଟଣା ଘଟିଛି। ମୃତକ ହେଲେ ପରେଶ ଚନ୍ଦ୍ର ମହାନ୍ତ (୫୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ।

ସୂଚନା ଅନୁଯାୟୀ, ଗୁଜରାଟର ସୁରଟସ୍ଥିତ ଏକ କମ୍ପାନୀରେ ରୋଷେୟା ଭାବେ କାର୍ଯ୍ୟ କରୁଥିବା ପରେଶ ୧୦ଦିନ ତଳେ ନିଜ ଗ୍ରାମକୁ ଫେରି ବେତନଟୀ ବ୍ଲକର ଗରୁଡ଼ବସାଠାରେ ଥିବା ଆଦର୍ଶ ବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ସେଠାରେ ୭ଦିନ କ୍ୱାରାଣ୍ଟାଇନ୍‌ରେ ରହିବା ପରେ ସେ ଘରକୁ ଫେରିଥିଲେ। ତେବେ ଘରକୁ ଆସିବାର ୩ ଦିନ ପରେ ବୁଧବାର ବିଳମ୍ବିତ ରାତିରେ ଦେହ ହଠାତ୍ ଅସୁସ୍ଥ ହୋଇ ପଡ଼ିବା ସହ ତାଙ୍କର ମୃତ୍ୟୁ ଘଟିଥିଲା। ନହଣ୍ଡାଶୋଳ ସରପଞ୍ଚଙ୍କ କହିବା ଅନୁଯାୟୀ ସଙ୍ଗରୋଧ କେନ୍ଦ୍ରରେ ରହୁଥିବା ବେଳେ କରୋନା ଲକ୍ଷଣ ଦେଖାଯାଇ ନ ଥିବାରୁ ତାଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇ ନ ଥିଲା। ମାତ୍ର ସୁରଟରୁ ମୟୂରଭଞ୍ଜକୁ ଫେରିଥିବା ଅନ୍ୟ କେତେଜଣ ପ୍ରବାସୀଙ୍କ କରୋନା ପଜିଟିଭ ବାହାରିଥିବା କାରଣରୁ ଭାଲୁବସା ଗ୍ରାମବାସୀ ପରେଶଙ୍କ ଘରକୁ ଯିବାକୁ ଭୟ କରୁଥିଲେ। ମୃତ୍ୟୁ ପରେ ମଧ ଗ୍ରାମବାସୀ ତାଙ୍କ ମୃତଦେହ ଛୁଇଁ ନ ଥିଲେ। ବେତନଟୀ ଥାନା ପୋଲିସ ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ଲୋକେ ମୃତଦେହ ଗାଁକୁ ନ ଆଣି ବାରିପଦାର ବାରୁଣିଘାଟଠାରେ ଶବ ସତ୍କାର କରିଛନ୍ତି। ପରେଶଙ୍କ ସ୍ତ୍ରୀ ସୋମବାରୀଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା (ନଂ.୧୧୯/୨୦୨୦) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ଆଠମଲ୍ଲିକ ଗଲେ ୭ ଯାତ୍ରୀ: ଅନୁଗୋଳରେ ଗଡ଼ିଲା ବସ୍

ଅନୁଗୋଳ ଅଫିସ, ୨୮।୫

କରୋନା କଟକଣା ଯୋଗୁ ଦୁଇମାସ ଧରି ବନ୍ଦ ରହିଥିବା ବସ୍ ସେବା ଗୁରୁବାରଠାରୁ ଅନୁଗୋଳରେ ଆରମ୍ଭ ହୋଇଛି। ତେବେ ପୂର୍ବାହ୍ନରେ କୌଣସି ବସ୍ ଅନୁଗୋଳ ବସ୍‌ଷ୍ଟାଣ୍ଡକୁ ଆସି ନ ଥିଲା। ମଧ୍ୟାହ୍ନ ବେଳକୁ ଶିବାନୀ ନାମକ ଏକ ବସ୍ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା। ଏହାପରେ ସେଠାରେ ଅପେକ୍ଷାରତ ୭ ଯାତ୍ରୀଙ୍କୁ ନେଇ ଗାଡ଼ିଟି ଆଠମଲ୍ଲିକ ଅଭିମୁଖେ ବାହାରିଥିଲା। ସେହିପରି ଆଠମଲ୍ଲିକରୁ ୧୫ ଜଣ ଯାତ୍ରୀଙ୍କୁ ଧରି ଉକ୍ତ ବସ୍ ଅନୁଗୋଳ ଫେରିଥିବା ସୂଚନା ମିଳିଛି। ଏ ନେଇ ବସ୍ ମାଲିକ ସଂଘର ସଦସ୍ୟ ରାଜୁ ମିଶ୍ର କହିଛନ୍ତି, ଯାତ୍ରୀ ପରିବହନ ସେବା ସ୍ୱାଭାବିକ ହେବାକୁ ଆହୁରି ଦୁଇ ତିନି ଦିନ ଲାଗିବ। ତେବେ ଜୁନ୍ ପହିଲାରୁ ସବୁ ଆଡ଼କୁ ଗାଡ଼ି ଚଳାଚଳ କରିପାରିବ ବୋଲି ମିଶ୍ର ପ୍ରକାଶ କରିଛନ୍ତି।

# କୃଷିଋଣ ଉପରେ ଗୁରୁତ୍ୱଦେବାକୁ ମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୨୮।୫(ବ୍ୟୁରୋ)

**ଏସ୍‌ଏଲ୍‌ବିସିର ୧୫୮, ୧୫୯ତମ ବୈଠକ ଅନୁଷ୍ଠିତ**

୧୫୮ତମ ଏବଂ ୧୫୯ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଲୋକସେବା ଭବନରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବୈଠକରେ ଯୋଗଦେଇ କହିଛନ୍ତି ଯେ, କରୋନା ଯୋଗୁ ବିଶ୍ୱ ମାନବ ଇତିହାସ ଏକ କଠିନ ସମୟ ଦେଇ ଗତି କରୁଛି। ଆର୍ଥିକ ଅବସ୍ଥା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ପ୍ରତି ଏହି ମହାମାରୀ ଆହ୍ୱାନ ସୃଷ୍ଟି କରିଛି। ପ୍ରତିବର୍ଷ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାରୁ ଆଗକୁ ଆଧାର ପ୍ରମାଣଭିତ୍ତିକ ଭ୍ରାମ୍ୟମାଣ ଏଟିଏମ୍ ସେବା ଉପଲବ୍ଧ କରିବା ଦିଗରେ ପଦକ୍ଷେପ ନେବାକୁ ବ୍ୟାଙ୍କଗୁଡ଼ିକୁ ସେ କହିଛନ୍ତି। ଚଳିତ ବର୍ଷ ଏକ ଉଚ୍ଚାଭିଳାଷ ବାର୍ଷିକ ଋଣ ଯୋଜନା ମାଧ୍ୟମରେ କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରକୁ ବ୍ୟାଙ୍କଗୁଡ଼ିକ ପ୍ରାଥମିକତା ଦେବାସହ ଭାଗଚାଷୀଙ୍କୁ ଋଣ ଯୋଗାଇବା ପାଇଁ ଅଧ୍ୟାଦେଶ ଜାରି କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କହିଛନ୍ତି, ଓଡ଼ିଶାରେ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ବ୍ରାଞ୍ଚ ସଂଖ୍ୟା ବହୁତ କମ୍ ଅଛି। ତେଣୁ ଚଳିତ ଆର୍ଥିକ ବର୍ଷରେ ବ୍ୟାଙ୍କ ନ ଥିବା ପଞ୍ଚାୟତଗୁଡ଼ିକରେ ନୂଆ ବ୍ରାଞ୍ଚ ଖୋଲାଯାଉ। ରାଜ୍ୟରେ ଉଦ୍ୟୋଗ ସୃଷ୍ଟିର ପର୍ଯ୍ୟାପ୍ତ ସୁଯୋଗ ରହିଛି। ମତ୍ସ୍ୟଚାଷ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ମାନୁଫାକ୍‌ଚରିଂ ଆଦି କ୍ଷେତ୍ରରେ ଅଧିକ ଋଣ ଯୋଗାଣ କରିବାକୁ ତ୍ରିପାଠୀ ବ୍ୟାଙ୍କଗୁଡ଼ିକୁ କହିଛନ୍ତି।

# ସକାଳ ୭ରୁ ଅପରାହ୍ନ ୫ଟା ଯାଏ ଖୋଲିବ ଦୋକାନ

**ଜଗତ୍‌ସିଂହପୁର ଅଫିସ, ୨୮।୫:** ଜିଲା ପ୍ରଶାସନ ଓ ଜଗତ୍‌ସିଂହପୁର ସହରରେ ଥିବା ବିଭିନ୍ନ ବଜାର କମିଟି ମଧ୍ୟରେ କୋଭିଡ୍-୧୯ ସୁପରିଚାଳନା, ଦୋକାନ ବଜାର ଓ ହାଟ ଖୋଲିବା ଉପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଗୁରୁବାର ଆଲୋଚନା ହୋଇଥିଲା। ଏଥିରେ ପ୍ରତ୍ୟହ ସକାଳ୭ରୁ ଅପରାହ୍ନ୫ଟା ପର୍ଯ୍ୟନ୍ତ ଦୋକାନବଜାର ଖୋଲିବ ବୋଲି ନିଷ୍ପତ୍ତି ହୋଇଥିଲା। ସୋମନାଥ ହାଟ ଗୋଟିଏ ଦିନ ଶନିବାର ସକାଳ ୭ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ। କିନ୍ତୁ ଚା', ପାନ ଦୋକାନ, ସେଲୁନ୍ ଓ ପାର୍ଲର ଖୋଲିବ ନାହିଁ। ପ୍ରତ୍ୟେକ ବଜାର କମିଟି ସଭାପତି/ସମ୍ପାଦକଙ୍କୁ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ପରିଚୟପତ୍ର ଦିଆଯିବ। ସାମାଜିକ ଦୂରତା, ମାସ୍କ ବ୍ୟବହାର ବାଧ୍ୟତାମୂଳକ କରାଯାଇଛି। ଗାଡ଼ି ଚଳାଚଳକୁ ଦୃଷ୍ଟିରେ ରଖି ସାନବଜାରସ୍ଥିତ ବସ୍ ଷ୍ଟପ୍‌ରେ ବସ ନ ରହି ଯୋଗଧାରୀଠାରେ ନିର୍ମାଣ ହୋଇଥିବା ନୂଆ ବସଷ୍ଟାଣ୍ଡକୁ ଏଗୁଡିକ ଯିବ। ସରଳାଦେବୀ କଲ୍ୟାଣ ମଣ୍ଡପ ସମ୍ମୁଖ ଖାଲି ଯାଗାରେ ଅଟୋ, ଟ୍ରେକର ରହିବ। ଏହି ଦାୟିତ୍ୱ ପୌର ପରିଷଦ ନିର୍ବାହୀ ଅଧିକାରୀ ନେବେ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି। ବୈଠକରେ ଥାନପତି ମହାଦେବ କ୍ଲବ ସଭାପତି ସତ୍ୟବ୍ରତ ମହାପାତ୍ର, ସମ୍ପାଦକ ଗୌରପ୍ରସାଦ ମହାନ୍ତିଙ୍କ ସମେତ ବିଭିନ୍ନ ବଜାର କମିଟି ସଭାପତି, ସମ୍ପାଦକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଲାଞ୍ଚ ନେଇ ସମବାୟ ସମିତି ସମ୍ପାଦକ ଗିରଫ

**ନୟାଗଡ଼ ଅଫିସ/ଦଶପଲ୍ଲା,୨୮।୫(ଡି.ଏନ୍.ଏ.):** ଦଶପଲ୍ଲା ବ୍ଲକ ଢ଼ିପିସାହି ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ପ୍ରମୋଦ କୁମାର ଦେହୁରି ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଗୁରୁବାର ନୟାଗଡ଼ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଏ ନେଇ ବିଭାଗ ପକ୍ଷରୁ ୧୨/୨୦ରେ ମାମଲା ରୁଜୁ କରାଯାଇଛି। ସୂଚନା ଅନୁସାରେ କଇନା ଗାଁର ଚାଷୀ ନିରଞ୍ଜନ ପ୍ରଧାନ ମଣ୍ଡିରେ ୧୫୦ କୁଇଣ୍ଟାଲ ଧାନ ବିକ୍ରି କରିଥିଲେ। ହେଲେ ଏ ବାବଦରେ ୨ ଲକ୍ଷ ୭୨ ହଜାର ୨୫୦ ଟଙ୍କା ପାଉ ନ ଥିଲେ। ୧୫ ହଜାର ଟଙ୍କା ପିସି ଦେଲେ ଧାନ ଟଙ୍କା ଦିଆଯିବ ବୋଲି ସମ୍ପାଦକ କହିଥିଲେ। ପରେ ନିରଞ୍ଜନ ନୟାଗଡ ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲେ। ଗୁରୁବାର ନିଜ କାର୍ଯ୍ୟାଳୟରେ ସମ୍ପାଦକ ନିରଞ୍ଜନଙ୍କଠାରୁ ୧୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲେ। ଭିଜିଲାନ୍ସ ଡିଏସ୍‌ପି ଶିଶିର ଭୋଇ ଓ ଖୋର୍ଦ୍ଧା ଭିଜିଲାନ୍ସ ଡିଏସ୍‌ପି ମନୋରଞ୍ଜନ ପାଇକରାଙ୍କ ନେତୃତ୍ୱରେ ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡର ୧୦ ଜଣିଆ ଦଳ ଟଙ୍କା ଜବତ କରି ପ୍ରମୋଦଙ୍କୁ ଗିରଫ କରିଥିଲେ। ପ୍ରମୋଦଙ୍କ ଘର ଦେଢ଼ଶର ଗାଁରେ।

# 'କରୋନା ମୁକାବିଲାରେ ଓଡ଼ିଶା ଅଗ୍ରଣୀ'

**ଭୁବନେଶ୍ୱର, ୨୮।୫(ବ୍ୟୁରୋ):** କରୋନା ମୁକାବିଲାରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ବୋଲି ଗୁରୁବାର କେନ୍ଦ୍ର କ୍ୟାବିନେଟ୍ ସଚିବ ରାଜୀବ ଗୌବାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଛି। ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଏବଂ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଭିଡିଓ କନ୍‌ଫରେନ୍ସିଂ ବୈଠକରେ ସାମିଲ ହୋଇଛନ୍ତି। କରୋନା ନେଇ ବିଭିନ୍ନ ରାଜ୍ୟର ସ୍ଥିତି ସମ୍ପର୍କରେ ଏକ ସମୀକ୍ଷା କରାଯିବାପରେ ଜଣାପଡ଼ିଛି, କରୋନା ପରିଚାଳନାରେ ଓଡ଼ିଶା ଅଗ୍ରଣୀ ସ୍ଥାନରେ ରହିଛି। ରାଜ୍ୟର ପ୍ରତି ନିୟୁତ ଜନସଂଖ୍ୟାରେ ୩୦୨୯ ପରୀକ୍ଷା କରାଯାଇଛି। ସର୍ବଭାରତୀୟ ସ୍ତରରେ ଏହି ସଂଖ୍ୟା ୨୪୯୦ ରହିଛି। ଜାତୀୟସ୍ତର ହାର ଅନୁଯାୟୀ ପ୍ରତି ୨୧ ପରୀକ୍ଷାରୁ ଜଣେ ଲେଖା କରୋନା ପଜିଟିଭ ବାହାରୁଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ଅତି କମ୍ ରହିଛି। ଏଭଳି ସ୍ଥିତିରେ ଓଡ଼ିଶାରେ ହାରାହାରି ୮୪ ନମୁନାରୁ ଗୋଟିଏ ପଜିଟିଭ କେସ୍ ମିଳୁଛି। ମୃତ୍ୟୁହାରରେ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶା ୦.୪୨ପ୍ରତିଶତ ଥିବାବେଳେ ସର୍ବଭାରତୀୟ ମୃତ୍ୟୁହାର ୨.୮୬ପ୍ରତିଶତ ରହିଛି। ଏବେସୁଦ୍ଧା ରାଜ୍ୟରେ ୧,୩୯,୩୧୧ ନମୁନା ପରୀକ୍ଷା କରାସରିଛି। ରାଜ୍ୟରେ ୪୯ପ୍ରତିଶତ ଭାଗ ଆକ୍ରାନ୍ତ ଲୋକ ସୁସ୍ଥ ହୋଇଛନ୍ତି। ସର୍ବଭାରତୀୟ ହାରଠାରୁ ପ୍ରାୟ ୭ପ୍ରତିଶତ ଅଧିକ।

# ଜୁନ୍ ପହିଲାରୁ ସମୁଦ୍ରରେ ମାଛଧରା

**ଭୁବନେଶ୍ୱର, ୨୮।୫ (ବ୍ୟୁରୋ):** ଜୁନ୍ ପହିଲାରୁ ପୂର୍ବ ଉପକୂଳ ସାମୁଦ୍ରିକ ଜଳସୀମାରେ ମାଛ ଧରିପାରିବେ ମତ୍ସ୍ୟଜୀବୀ। ଏନେଇ ଅନୁମତି ଦେଇଛି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ। ଗୁରୁବାର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିବାବେଳେ ମତ୍ସ୍ୟ ସମ୍ପଦର ସୁପରିଚାଳନା ସହ ମତ୍ସ୍ୟଜୀବୀଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଲକ୍‌ଡାଉନ୍ ଯୋଗୁ ସମୁଦ୍ରରେ ମାଛ ମାରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀମାନେ ହାତବାନ୍ଧି ବସିଥିଲେ।

# ଶ୍ରୀ ବଳଦେବଜୀଉଙ୍କ ସ୍ନାନଯାତ୍ରା ନୀତି ନିର୍ଘଣ୍ଟ

**କେନ୍ଦ୍ରାପଡ଼ା ଅଫିସ, ୨୮।୫:** ଶ୍ରୀ ବଳଦେବଜୀଉଙ୍କ ସ୍ନାନଯାତ୍ରା ଲାଗି ନୀତି ନିର୍ଘଣ୍ଟ ସ୍ଥିର ହୋଇଛି। ସକାଳ ୬ରୁ ୭ଟା ମଧ୍ୟରେ ଶ୍ରୀଜୀଉ ସ୍ନାନ ମଣ୍ଡପକୁ ବିଜେ ହେବେ। ୭ଟା୩୦ରେ ଜୟ ମଙ୍ଗଳା ଆରତି, ୧୦ଟାରେ ନୀତି ସ୍ନାନ, ୧୨ଟାରେ ବଲ୍ଲଭ ମଣୋହି, ୧ଟାରେ ମଙ୍ଗଳାର୍ପଣ, ୧ଟା୩୦ରେ ଗଜବଦନ ବେଶ, ଅପରାହ୍ନ ୨ଟାରେ ଖେଚୁଡ଼ି ଧୂପ ଓ ରାତ୍ର ୭ଟାରେ ଅନବସର ଗୃହ ପ୍ରବେଶ ହେବ ବୋଲି ସ୍ଥିର ହୋଇଛି। ଟ୍ରଷ୍ଟ ବୋର୍ଡ ସଭାପତି ତଥା ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟ୍ରଷ୍ଟ ବୋର୍ଡ ସଦସ୍ୟ ଧୀରେନ ସାହୁ, ବଳରାମ ସୁଆର, ରଞ୍ଜନ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।


## OFFICE OF THE CHIEF DISTRICT AGRICULTURE OFFICER, BARGARH

Walk in selection process is to be organised for selection of Facilitating Agency for Special Programme for promotion on Millets in Odisha (Odisha Millets Mission). Interested NGOs are invited to attend the selection process. Expression of interest is available in word format and pdf format at the websites www.milletsodisha.com and http://ncds.nic.in under the notice section under "Tender and Notice" respectively.

The walk in selection will be held on dt.05.06.2020 at 10 A.M. at Conference Hall at the Office of the CDAO, Bargarh. Further information can be obtained at the address below during office hours [Between 10.00 to 17.00 hours] by writing to ddabargarh@gmail.com or ddabargh.dag@nic.in or specialprogrammemilletsodisha@gmail.com

Sd./- Chief District Agriculture Officer-cum-Project Director, ATMA, Bargarh

## OFFICE OF THE SUPERINTENDENT MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL

BERHMAPUR - 760004, GANJAM, ODISHA
Tel.: 0680-2292624, Fax: 0680-2292752
E-mail: supdtmkcg@gmail.com, supdtmkcg-bam@gov.in
No.: 5478-MCH/CS/2020 Date: 21.05.2020

### TENDER CALL NOTICE

No.: E-15: The Superintendent, MKCG Medical College Hospital, Berhampur - 760004, Dist.- Ganjam, Odisha invites sealed tenders in the prescribed Proforma from the Registered and reputed Manufacturers, Authorized Suppliers, Dealers, Stockiest and EPM rate Contract holders for **"Supply of Medicine & Injectable Items"** for MKCG Medical College Hospital, Berhampur.
The detail information, terms and conditions can be obtained from the office of the undersigned in any working day after publication in newspapers. The bidder can also download the tender documents directly from the website: **www.ganjam.nic.in**.
The last date of receipt of tenders through Regd. Post/Speed/Courier is on or before Dt.26.06.2020 at 05.00 P.M. & the tender will be opened on 30.06.2020. It may be extended.
The Superintendent, MKCG Medical College Hospital, Berhampur reserves right to accept/reject/cancel any or all the tenders in full or part without assigning any reason thereof.

Sd./- Superintendent
MKCG Medical College Hospital, Berhampur
OIPR-10013/11/0006/2021

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଠାକୁରମୁଣ୍ଡା
## OFFICE OF THE PANCHAYAT SAMITI, THAKURMUNDA

At/P.O.- Thakurmunda, Dist.- Mayurbhanj, PIN - 757038
E-mail: ori-thakurmunda@nic.in
No.: 1176 Dt.: 26.05.2020

### CORRIGENDUM TO TENDER CALL NOTICE

No.-02/TMD/2019-20 Dated 12.05.2020

No.: i-02: With reference to the Tender Call Notice No. 02/TMD/2019-20 Dated 12.05.2020 following partial modification shall be done.

- The last date of selling of tender paper is extended from 27.05.2020 to 03.06.2020.
- The last date of receiving of tender paper is extended from 28.05.2020 to 04.06.2020 till 5.00 P.M.
- The date of opening of tender is extended from 29.05.2020 to 05.06.2020 at 11 A.M.
- Other terms & conditions shall remain unchanged.

The detailed advertisement can be accessed at Mayurbhanj district website: **mayurbhanj.nic.in**.

Sd./- Block Development Officer
Thakurmunda
OIPR-24148/11/0002/2021

## EXIDE Life Insurance

## Public Notice

We at Exide Life Insurance are deeply saddened to know that a lot of people have been adversely impacted by the recent cyclone in various parts of West Bengal and Odisha. In these tough times, as a company we aim to provide extended support to our customers who have been affected by the cyclone. To speed track the process, and to ensure a hassle-free claims settlement, we have set up the following facilities for the affected families:

1. Appointment of Nodal Officer: A Nodal Officer has been appointed to assist you in addressing all your grievances and issues regarding your claims.
   The details of the Nodal officer are as follows: Name: Mr. Dwaipayan Sengupta, Mobile: 9836233332
   Email: dwaipayan.sengupta@exidelife.in
2. Dedicated Helpline: You can reach us on any of the following:
   Call us during working hours : 080 49280628 (Monday to Friday, 9.00AM to 6.00PM)
   Email us at : claims@exidelife.in
3. Easy Claims Registration: Reach out to our nodal officer or at the above mentioned numbers for us to help you with claims registration.

Exide Life Insurance Company Limited is a wholly owned subsidiary of Exide Industries Limited. The trademark "Exide" is owned by Exide Industries Limited and licensed to Exide Life Insurance vide Trademark license agreement dated 30th October 2014. Exide Life Insurance Company Limited. **IRDAI Registration number: 114,** CIN: U66010KA2000PLC028273, Registered Office: 3rd Floor, JP Techno Park, No. 3/1, Millers Road, Bengaluru - 560001,India. Toll Free: 1800 419 8228; Visit: exidelife.in.

**Beware of Spurious/ Fraud Phone Calls: IRDAI is not involved in activities like selling insurance policies, announcing bonus or investment of premiums. Public receiving such phone calls are requested to lodge a police complaint.**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.: CAD-80

## OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR

Tender Call Notice No. File No.: H.O./P&C/EST-E-960/04/2015 (P-V)/7588 Dated: 20.05.2020

### NOTICE INVITING TENDER THROUGH e-Procurement

Name of the Work : Supply, Installation of Casettee and split type Air Conditioners of Administrative Building Paradeep Plastic Park at Paradeep.
Period of Completion : 02 (Two) Calendar Months

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/EST/E-12/2020-21 | Dtd.02.06.2020 at 12.00 hrs. | Dtd.11.06.2020 upto 17.00 hrs. |

Further details can be seen from the e-Procurement Portal **www.tendersodisha.gov.in** and Corrigendum if any will not be published in newspapers and can only be seen in the **e-procurement** portal as well as in **IDCO website**.

Sd./- Chief General Manager (P&C)
IDCO, Bhubaneswar
OIPR-14003/11/0020/2021

## Odisha Tourism

Paryatan Bhawan, Lewis Road
Bhubaneswar - 751014
Fax No.: +91-674 2430887
E-mail: info@odishatourism.gov.in

ODISHA INDIA'S BEST KEPT SECRET.
ଓଡ଼ିଶା ପର୍ଯ୍ୟଟନ
ପର୍ଯ୍ୟଟନ ଭବନ, ଲୁଇସ୍ ରୋଡ୍,
ଭୁବନେଶ୍ୱର – ୭୫୧୦୧୪

ଓଡ଼ିଶା ସରକାର
ପର୍ଯ୍ୟଟନ ବିଭାଗ
Government of Odisha
## TOURISM DEPARTMENT

No.: 4314/TSM, Bhubaneswar Dated: 27.05.2020
TCT-TSP-MISC-0017-2020

### EXPRESSION OF INTEREST
### FOR LAND OWNERS IN ODISHA FOR PROJECTS IN TOURISM SECTOR

No.: R-01: Department of Tourism, Odisha seeks Expression of Interest from Landowners (Individual/entity) possessing land parcels of minimum 20,000 Sq.ft. in Odisha with clear title and free from encumbrance, in the prescribed format along with a copy of the Patta (Record of Rights) and an Encumbrance Certificate (EC) from the concerned Tahasildar. The land parcels found suitable for tourism projects will be shared with potential investors by Department of Tourism.
Detailed information and application form can be downloaded from Odisha Tourism website **https://dot.odishatourism.gov.in**. Interested land owners may apply by 5.00 P.M. on or before July 15, 2020.

Director & Addl. Secretary to Govt.
OIPR-37001/11/0001/2021

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
Shinghania Tower
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର, ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ ୨୦ ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
088871-84570

DHANLAXMI FINANCE LIMITED
(Reg. No. KA08FS113 )
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165




## ଇସ୍ତାହାର ପ୍ରତିଶ୍ରୁତି ପୂରଣ କରିଛୁ: ମନ୍ତ୍ରୀ

**ଭୁବନେଶ୍ୱର, ୨୮।୫(ବ୍ୟୁରୋ):** ନିର୍ବାଚନ ଇସ୍ତାହାରରେ ଆମେ ଯାହା ପ୍ରତିଶ୍ରୁତି ଦେଇଥିଲୁ ଗତ ବର୍ଷକ ମଧ୍ୟରେ ତାକୁ ପୂରଣ କରିବା ଦିଗରେ ଦୃଢ଼ ପଦକ୍ଷେପ ନେଇଛୁ। ମଧୁବାବୁ ପେନ୍‌ସନ୍ ଯୋଜନାରେ ବିଧବାଙ୍କୁ ସାମିଲ କରିବା ପାଇଁ ଯେଉଁ ପ୍ରତିଶ୍ରୁତି ରହିଥିଲା ତାହାକୁ ପୂରଣ କରାଯାଇଛି। ବିଜ୍ଞାନ ପ୍ରତି ଛାତ୍ରୀଛାତ୍ରଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ଉପରେ ମୁଖ୍ୟମନ୍ତ୍ରୀ ସର୍ବଦା ଗୁରୁତ୍ୱ ଦେଇଆସିଛନ୍ତି। ତାଙ୍କ ନେତୃତ୍ୱରେ ଆଜି ୨୦ଟି ଜିଲାରେ ୨୦ଟି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ହେବାକୁ ସ୍ଥିର ହୋଇଛି। ଆଉ ୧୦ଟି ଖୁବ୍‌ଶୀଘ୍ର କରାଯିବ। ରାଜ୍ୟରେ ଏବେ ୬ଟି ପ୍ଲାନେଟାରିୟମ୍ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଖୁବ୍‌ଶୀଘ୍ର ଆଉ ୪ଟି ପ୍ରତିଷ୍ଠା ହେବ। ଏକାମ୍ର ନିର୍ବାଚନ ମଣ୍ଡଳୀରେ ପାନୀୟ ଜଳର ସୁବ୍ୟବସ୍ଥା ସହ ଲିଙ୍ଗରାଜ ମନ୍ଦିର ସୌନ୍ଦର୍ଯ୍ୟକରଣ, ନୂତନ ମାର୍କେଟ୍ କମ୍ପ୍ଲେକ୍ସ, ନଦୀବନ୍ଧ ସୁଦୃଢ଼ୀକରଣ, ୨୩ଟି ୱାର୍ଡରେ ରାସ୍ତା ପ୍ରଶସ୍ତୀକରଣ, ପୁଷ୍କରିଣୀ ପୁନରୁଦ୍ଧାର ଭଳି ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଛି ବୋଲି ବିଜ୍ଞାନ ଓ କାରିଗରି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି।

## ସବୁ ବର୍ଗଙ୍କ ପାଇଁ କାମ କରିଛୁ

**ଭୁବନେଶ୍ୱର, ୨୮।୫(ବ୍ୟୁରୋ):** ପଞ୍ଚମଥର ପାଇଁ ମୁଖ୍ୟମନ୍ତ୍ରୀଭାବେ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାବାସୀ ଦାୟିତ୍ୱ ଦେବା ପରେ ଉତ୍ତରଦାୟିତ୍ୱ ବହୁ ପରିମାଣରେ ବଢିଯାଇଥିଲା। ଏକ ସ୍ଥିର ସରକାର ଏବଂ ଲୋକାଭିମୁଖୀ କାର୍ଯ୍ୟକ୍ରମ ପାଇଁ ନବୀନ ପଟ୍ଟନାୟକଙ୍କର ଯେଉଁ ସ୍ୱତନ୍ତ୍ର ପରିଚୟ ରହିଛି ତାହାକୁ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ ଥିଲା। ଲୋକଙ୍କ ମତାମତରେ ସେମାନଙ୍କ ସେବା କରିବା ପାଇଁ ସେ 'ମୋ ସରକାର' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଶାସନିକ ସ୍ୱଚ୍ଛତା ଆଣିବା ସହ ପ୍ରଶାସନିକ ବ୍ୟବସ୍ଥାକୁ କ୍ରିୟାଶୀଳ କରିବା ପାଇଁ ସବୁପ୍ରକାର ଉଦ୍ୟମ କରିଛନ୍ତି। ଓଡ଼ିଆଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖିବା ସହ ଲୋକଙ୍କର ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଇପାରିଛି ବୋଲି ରାଜ୍ୟ ଯୁବ କଲ୍ୟାଣ ବୋର୍ଡ କାର୍ଯ୍ୟ ନିର୍ବାହୀ ଅଧ୍ୟକ୍ଷ ବିଜୟ ନାୟକ କହିଛନ୍ତି।

## କ୍ୱାରାଣ୍ଟାଇନ୍ ସେଣ୍ଟରକୁ ନେଇ ରାଜନୀତି

**ଭୁବନେଶ୍ୱର, ୨୮।୫(ବ୍ୟୁରୋ):** କରୋନା ସଙ୍କଟ ବଢି ଚାଲିଥିବାବେଳେ ବିଭିନ୍ନ ରାଜନୈତିକ ଦଳଗୁଡିକ ପକ୍ଷରୁ ପରସ୍ପର ବିରୋଧରେ କାଦୁଅଫିଙ୍ଗା ଜାରି ରଖିଛନ୍ତି। ରାଜ୍ୟରେ କ୍ୱାରାଣ୍ଟାଇନ୍ ସେଣ୍ଟରଗୁଡିକରେ ବ୍ୟାପକ ଅବ୍ୟବସ୍ଥା ଅଭିଯୋଗ ଆଣି ଉଭୟ କଂଗ୍ରେସ ଏବଂ ଭାଜପା ଗୁରୁବାର ସରକାରଙ୍କ ଉପରେ ବର୍ଷିଛନ୍ତି। କଂଗ୍ରେସ ଉଭୟ ବିଜେଡି ଏବଂ ଭାଜପାକୁ ଟାର୍ଗେଟ କରିଛି। କେନ୍ଦ୍ର ଓ ରାଜ୍ୟରେ ଥ୍ରୀ-ପିର ସରକାର ଚାଲିଛି ବୋଲି କହିଛି। ସେହିପରି କେନ୍ଦ୍ରର ଠିକ ପରିଚାଳନା ନ ହେଲେ ରାଜ୍ୟ ସରକାରଙ୍କୁ ବିରୋଧ କରିବାକୁ ଭାଜପା ପଛାଇବ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

ଗୁରୁବାର ସ୍ପିକ୍ ଅଫ ଇଣ୍ଡିଆ କାର୍ଯ୍ୟକ୍ରମ ଅବସରରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, କରୋନା ଯୁଦ୍ଧବେଳେ ଏହି ଦୁଇ ଦଳ ନିର୍ବାଚନ ପାଇଁ ପ୍ରସ୍ତୁତି କରୁଛନ୍ତି। ନିର୍ବାଚନ ସ୍ୱପ୍ନ ନ ଦେଖି ରାଜ୍ୟବାସୀଙ୍କ ସମସ୍ୟା ଦୂର କରିବାକୁ ଆଗେଇ ଆସିବା ଉଚିତ୍। ସରକାର ୭ଲକ୍ଷ ବେଡ୍ ଥିବା କଥା କହୁଛନ୍ତି, ହେଲେ ୩ ଲକ୍ଷ ଆସିଛନ୍ତି ସେଥିରୁ ଲକ୍ଷେ ପଳାଇଲେଣି। ଏବେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଥ୍ରି-ପି ସରକାର ଅର୍ଥାତ୍ ପ୍ରତିଶ୍ରୁତି, ପ୍ରଚାର ଓ ପ୍ରତାରଣାର ସରକାର ଚାଲିଛି ବୋଲି ସେ କହିଛନ୍ତି।

ସେହିପରି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱିରାଜ ହରିଚନ୍ଦନ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଅର୍ଥକୁ ନେଇ ଦୁର୍ନୀତିକୁ ପ୍ରଶ୍ରୟ ଦେଲେ ବିରୋଧ କରାଯିବ। ଅନିୟମିତତା ଧରିବାକୁ ସବୁ ପଞ୍ଚାୟତରେ ଆର୍‌ଟିଆଇ ପ୍ରମୁଖଙ୍କୁ ଭାଜପା ନିଯୁକ୍ତ କରିବ।

ସେହିପରି କଂଗ୍ରେସର ସ୍ପିକ୍ ଅପ୍ ଇଣ୍ଡିଆ କାର୍ଯ୍ୟକ୍ରମକୁ ସମାଲୋଚନା କରି ପୃଥ୍ୱିରାଜ କହିଛନ୍ତି, ରାହୁଲ ଗାନ୍ଧୀଙ୍କ କଥାରେ ତାଳମେଳ ନାହିଁ। ବର୍ତ୍ତମାନ ସେ ଅରାଜକତା ପାଇଁ ଚେଷ୍ଟା କରୁଛନ୍ତି।

ବିଜେଡି ରାଜ୍ୟସଭା ସଦସ୍ୟ ସୁବାସ ସିଂ କହିଛନ୍ତି, କରୋନା ମହାମାରୀରେ କେନ୍ଦ୍ର ସହ ସମନ୍ୱୟ ରକ୍ଷାକରି ରାଜ୍ୟ ସରକାର ମୁକାବିଲା କରୁଛନ୍ତି। ପ୍ରଥମ ରାଜ୍ୟଭାବେ ଓଡ଼ିଶା ଖାଦ୍ୟ ଓ ରୋଜଗାର ବ୍ୟବସ୍ଥା କରିଛି। ଜୁନ୍ ୧୫ ପର୍ଯ୍ୟନ୍ତ ଆମ ପାଇଁ ଚ୍ୟାଲେଞ୍ଜିଂ ରହିବ। ଏପରି ସ୍ଥିତିରେ ରାଜନୀତି ତର୍କ କରା ନ ଯାଉ ବୋଲି ସେ କହିଛନ୍ତି।

ବାତ୍ୟା ହେଉ କି କରୋନା ମୁକାବିଲା
ଓଡ଼ିଶାର ଦକ୍ଷତା ବିଶ୍ୱରେ ଗୁଞ୍ଜିଲା।
ଏହି ଶ୍ରେୟର ଅଧିକାରୀ ବିଜୁ ଜନତା ଦଳ ଓ ଏହାର ନେତା ନବୀନ ପଟ୍ଟନାୟକଙ୍କୁ ୫ମ ପାଳିର ପ୍ରଥମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଓଡ଼ିଶାବାସୀଙ୍କ ତରଫରୁ ଅନେକ ଆଶୀର୍ବାଦ।

ସମୀର ଦାଶ
ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ

ପ୍ରିୟ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଓ ସହଯୋଗର ଏକ ବିଶ୍ୱସ୍ତରୀୟ ପ୍ରସଂଶନୀୟ ସରକାରଙ୍କ ନେତୃତ୍ୱ ନେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡ଼ିର କର୍ମୀ ଓ କର୍ମକର୍ତ୍ତାଙ୍କୁ ଶ୍ରୀଜଗନ୍ନାଥ ଆଶୀର୍ବାଦ କରନ୍ତୁ। ଓଡ଼ିଶାର ଏହି ବିକାଶ ଧାରା ବଜାୟ ରହୁ।

ବିଜୟ ନାୟକ
ସାଧାରଣ ସମ୍ପାଦକ, ବିଜେଡି

ବିଜେଡି ସରକାରର ୫ମ ପାଳିର ପ୍ରଥମ ବର୍ଷ ପୂର୍ତ୍ତି
ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ଏବଂ ଓଡ଼ିଆଙ୍କ କଲ୍ୟାଣର ଧାରା ନୀରବଚ୍ଛିନ୍ନ ଭାବେ ଅବ୍ୟାହତ ରହିଛି। ଶ୍ରୀଜଗନ୍ନାଥଙ୍କ କୃପାରୁ ଏକ ସ୍ୱୟଂ ସମୃଦ୍ଧ ଓଡ଼ିଶା ରାଜ୍ୟ ଆମର ଲକ୍ଷ୍ୟ।

ବିଷ୍ଣୁବ୍ରତ ରାଉତରାୟ
ବିଧାୟକ, ବାସୁଦେବପୁର

ପ୍ରିୟ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଓ ସହଯୋଗର ଏକ ବିଶ୍ୱସ୍ତରୀୟ ପ୍ରସଂଶନୀୟ ସରକାରଙ୍କ ନେତୃତ୍ୱ ନେଇଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବିଜେଡ଼ିର କର୍ମୀ ଓ କର୍ମକର୍ତ୍ତାଙ୍କୁ ଶ୍ରୀଜଗନ୍ନାଥ ଆଶୀର୍ବାଦ କରନ୍ତୁ। ଓଡ଼ିଶାର ଏହି ବିକାଶ ଧାରା ବଜାୟ ରହୁ।

ସଞ୍ଜୀବ ମଲ୍ଲିକ
ବିଧାୟକ, ଭଦ୍ରକ

"ଗୋଟିଏ ନେତା ଗୋଟିଏ ଦଳ,
ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳ"
ପଞ୍ଚମ ପାଳିର ପ୍ରଥମ ବାର୍ଷିକ ପୂର୍ତ୍ତି ଅବସରରେ
ରାଜ୍ୟବାସୀଙ୍କୁ ଅଭିନନ୍ଦନ।

ସୁଶାନ୍ତ ରାଉତ
ବିଧାୟକ, ଭୁବନେଶ୍ୱର ଉତ୍ତର

ସୁଶାସନ ମାଧ୍ୟମରେ ଓଡ଼ିଶାକୁ ବିଶ୍ୱସ୍ତରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ କରିପାରିଥିବା ବିଜୁ ଜନତା ଦଳ ସରକାରର ୫ମ ପାଳିର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାବାସୀଙ୍କୁ ଅନେକ ଶୁଭେଚ୍ଛା।

ବିକ୍ରମ ପଣ୍ଡା
ବିଧାୟକ, ବ୍ରହ୍ମପୁର

ଦକ୍ଷତାର ପଞ୍ଚମ ପାଳି, ପଞ୍ଚମ ପାଳିର ପ୍ରଥମ ବର୍ଷ, ଭରପୂର ବିକାଶ, ସଭିଙ୍କ ମୁହଁରେ ହସ, ବିଜୁ ଜନତା ଦଳର ଏତିକି ପ୍ରୟାସ।

ପ୍ରଶାନ୍ତ ମୁଦୁଲି
ବିଧାୟକ, ଜଗତ୍‌ସିଂହପୁର

ସୁଶାସନ ମାଧ୍ୟମରେ ଓଡ଼ିଶାକୁ ବିଶ୍ୱସ୍ତରରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ କରିପାରିଥିବା ବିଜୁ ଜନତା ଦଳ ସରକାରର ୫ମ ପାଳିର ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶାବାସୀଙ୍କୁ ଅନେକ ଶୁଭେଚ୍ଛା।

ରମେଶ ମାଝୀ
ଏମ୍‌ପି, ନବରଙ୍ଗପୁର

ବିଜେଡି ସରକାରର ୫ମ ପାଳିର ପ୍ରଥମ ବର୍ଷ ପୂର୍ତ୍ତି
ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ଏବଂ ଓଡ଼ିଆଙ୍କ କଲ୍ୟାଣର ଧାରା ନୀରବଚ୍ଛିନ୍ନ ଭାବେ ଅବ୍ୟାହତ ରହିଛି। ଶ୍ରୀଜଗନ୍ନାଥଙ୍କ କୃପାରୁ ଏକ ସ୍ୱୟଂ ସମୃଦ୍ଧ ଓଡ଼ିଶା ରାଜ୍ୟ ଆମର ଲକ୍ଷ୍ୟ।

ଜ୍ୟୋତିରିନ୍ଦ୍ରନାଥ ମିତ୍ର
ବିଧାୟକ, ଖୋର୍ଦ୍ଧା


ଅନନ୍ତ ଦାସ
ବିଧାୟକ, ଭୋଗରାଇ
କ୍ଷମତାସୀନ ବିଜେଡି ସରକାରର ୫ମ ପାଳିର ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ଆପଣମାନଙ୍କ ବିକାଶପାଇଁ ବିଜୁ ଜନତା ଦଳ ଏବଂ ଏହାର ନେତା ନବୀନ ପଟ୍ଟନାୟକ ଅଙ୍ଗୀକାର ବଦ୍ଧ।

ବାତ୍ୟା ହେଉ କି କରୋନା ମୁକାବିଲା
ଓଡ଼ିଶାର ଦକ୍ଷତା ବିଶ୍ୱରେ ଗୁଞ୍ଜିଲା।
ଏହି ଶ୍ରେୟର ଅଧିକାରୀ ବିଜୁ ଜନତା ଦଳ ଓ ଏହାର ନେତା ନବୀନ ପଟ୍ଟନାୟକଙ୍କୁ ୫ମ ପାଳିର ପ୍ରଥମ ବର୍ଷ ପୂର୍ତ୍ତି ପାଳନ ଅବସରରେ ଓଡ଼ିଶାବାସୀଙ୍କ ତରଫରୁ ଅନେକ ଆଶୀର୍ବାଦ।

ସତ୍ୟନାରାୟଣ ପ୍ରଧାନ
ବିଧାୟକ, ରଣପୁର

ଓଡ଼ିଶାବାସୀଙ୍କ ଆଶୀର୍ବାଦ ଓ ସହଯୋଗରେ ବିଜୁ ଜନତା ଦଳ ସରକାର ୫ମ ପାଳିର ପ୍ରଥମ ବର୍ଷ ସଫଳତାର ସହିତ ପୂର୍ଣ୍ଣ କରିପାରିଛି। ବିକାଶର ଏହି ଧାରା ଅବ୍ୟାହତ ରହିବ। ଶ୍ରୀଜଗନ୍ନାଥ, ଓଡ଼ିଶାବାସୀ, ବିଜୁ ଜନତା ଦଳ ଏବଂ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଶୀର୍ବାଦ କରନ୍ତୁ। ଆଜିର ଦିନରେ ଏତିକି ପ୍ରାର୍ଥନା କରୁଛୁ।

ଶଶୀଭୂଷଣ ବେହେରା
ବିଧାୟକ, କେନ୍ଦ୍ରାପଡ଼ା

# ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ ଦେବଦମ୍ପତି



ଗୁରୁବାର ସମ୍ବଲପୁର ନନ୍ଦପଡ଼ା ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରିବା ସହ ବନ୍ଦାଣ କରୁଛନ୍ତି ।



ସମ୍ବଲପୁର ମୁଦିପଡ଼ା ଜାଗେଶ୍ୱର ବାବାଙ୍କୁ ପାର୍ବତୀଙ୍କ ମାତାପିତା କନ୍ୟାଦାନ କରୁଛନ୍ତି ।

- ରାତ୍ରିରେ ମଙ୍ଗଳ ଆଳତି ସମ୍ପନ୍ନ
- ଆଜି ହେବ ମନ୍ଦିର ପ୍ରବେଶ
- କରୋନା କଟକଣା ଯୋଗୁ ନଗର ପରିକ୍ରମା ବନ୍ଦ

**ସମ୍ବଲପୁର,୨୮।୫(ବ୍ୟୁରୋ):** ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ଶିବପାର୍ବତୀଙ୍କ ଲୋକାଚାରରେ ବିବାହ ସମ୍ପନ୍ନ ହୋଇଛି। ଗୋଧୂଳି ଲଗ୍ନରେ କନ୍ୟା ବିଦାୟ ନୀତି ଅନୁଷ୍ଠିତ ହୋଇଥିଲା। ଦେବଦମ୍ପତିଙ୍କୁ ସୁନାରୌପ୍ୟ ଅଳଙ୍କାରରେ ଆଭୂଷଣ କରାଯାଇ ମନ୍ଦିର ପରିସରରେ ନିର୍ମିତ ସ୍ୱତନ୍ତ୍ର ମଣ୍ଡପରେ ଉପବିଷ୍ଟ କରାଯାଇଥିଲା। ରାତି ୧୦ଟାରେ ପରମ୍ପରାନୁସାରେ ମଙ୍ଗଳଆଳତି ନୀତି ସମ୍ପନ୍ନ ହୋଇଛି। କରୋନା କଟକଣା ଯୋଗୁ ଦେବଦମ୍ପତିଙ୍କ ନଗର ପରିକ୍ରମା ହୋଇନାହିଁ। ତେଣୁ ନନ୍ଦପଡା ବମ୍ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଶ୍ରୀ ଶ୍ରୀ ଲୋକନାଥ ବାବା, ମୁଦିପଡା ଶ୍ରୀ ଶ୍ରୀ ଜାଗେଶ୍ୱର ବାବା ଜଗଜ୍ଜନନୀ ମାତା ପାର୍ବତୀଙ୍କ ସହ ଗଇଣ୍ଠାଳ ହୋଇ ଯାତ୍ରା କମିଟି ପ୍ରସ୍ତୁତ କରିଥିବା ମଣ୍ଡପରେ ଆରୂଢ଼ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଶୁକ୍ରବାର ଗୋଧୂଳି ଲଗ୍ନରେ ଦେବଦମ୍ପତି ସ୍ୱମନ୍ଦିର ପ୍ରବେଶ କରିବାର କାର୍ଯ୍ୟକ୍ରମ ରହିଛି।

ଅପରପକ୍ଷେ ବଡବଜାର ଶ୍ରୀ ଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡା ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବା, ବାଲିବନ୍ଧା ଶ୍ରୀ ଶ୍ରୀ ସୋମନାଥ ବାବା, ଦୁର୍ଗାପାଲି ଶ୍ରୀ ଶ୍ରୀ ଗୁଡେଶ୍ୱର ବାବା, ବୁଢ଼ାରଜା ମହାଦେବଙ୍କ ମନ୍ଦିର ପ୍ରବେଶ ନୀତି ଗୁରୁବାର ରାତିରେ ଶେଷ ହୋଇଛି। ବିଗତ ବର୍ଷ ଶୀତଳଷଷ୍ଠୀ ଯାତ୍ରାରେ ସମ୍ବଲପୁର ସହର ଲୋକନୃତ୍ୟ, ଲୋକବାଦ୍ୟ, ଲୋକଗୀତରେ ଦୁଲୁକିଥିଲା। କିନ୍ନରଙ୍କ ନୃତ୍ୟକୁ ଜନସାଧାରଣ ବିଳମ୍ବିତ ରାତି ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ବିଭିନ୍ନ ସଚେତନଧର୍ମୀ ପ୍ରଜ୍ଞାପନ ମେଢ଼, ରାଜ୍ୟ ତଥା ରାଜ୍ୟ ବାହାର କଳାକାରଙ୍କ ନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ଚଳିତବର୍ଷ କରୋନା କଟକଣା ଯୋଗୁ ସମସ୍ତ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଛି। ତଥାପି ଶିବପାର୍ବତୀଙ୍କ ବିବାହ ନୀତିକାନ୍ତିରେ ହୋଇଥିଲେ ମଧ୍ୟ ସହର ଖାଁ ଖାଁ ଲାଗୁଛି।

## ଶିବାଳୟରେ ତାଲା ଝୁଲୁଛି



ସମ୍ବଲପୁର ମୁଦିପଡ଼ା ଶିବ ମନ୍ଦିର ଗ୍ରୀଲ୍ ବାହାରେ ଭକ୍ତମାନେ ଦର୍ଶନ ପାଇଁ ଅପେକ୍ଷା କରିଛନ୍ତି।

**ସମ୍ବଲପୁର,୨୮।୫ (ବ୍ୟୁରୋ):** କରୋନା କଟକଣା ଯୋଗୁ ଶିବପାର୍ବତୀଙ୍କ ବିବାହ ନିଜସ୍ୱ ମନ୍ଦିରରେ ହୋଇଛି। ସାମାଜିକ ଦୂରତ୍ୱକୁ ଦୃଷ୍ଟିରେ ରଖି ସମସ୍ତ ନୀତିକାନ୍ତି କରାଯାଇଛି । ବିବାହ ସମୟରେ ମନ୍ଦିରର ସମସ୍ତ ଗେଟ୍‌ରେ ତାଲା ଦିଆଯାଇଥିଲା। ଭକ୍ତମାନେ ଭିତରକୁ ଯାଇ ଦର୍ଶନ କରିପାରି ନ ଥିଲେ। କେତେଜଣ ଭକ୍ତ ଗ୍ରିଲ୍ ବାହାରୁ ଦେବଦମ୍ପତିଙ୍କୁ ମୁଣ୍ଡିଆ ମାରୁଥିବା ଦେଖିବାକୁ ମିଳିଥିଲା। ଅନେକ ଭକ୍ତ ଫୁଲ ଓ ବେଲପତ୍ର ଲାଗି କରିବାକୁ ମନ୍ଦିର ପୂଜକ ଏବଂ ପଣ୍ଡିତଙ୍କୁ ଅନୁରୋଧ କରିଥିଲେ। ଅଧିକାଂଶ ଭକ୍ତ ଦେବଦମ୍ପତିଙ୍କ ଯୁଗଳ ମୂର୍ତ୍ତି ଦର୍ଶନ କରିବାରୁ ବଞ୍ଚିତ ହୋଇଥିଲେ ।



ସମ୍ବଲପୁର ବଡବଜାର ଶୀତଳେଶ୍ୱର ବାବା ଓ ମାତା ପାର୍ବତୀଙ୍କ ଯୁଗଳ ମୂର୍ତ୍ତି।

## ଦେବଦମ୍ପତିଙ୍କ ପରିବର୍ତ୍ତେ କରୋନା ଯୋଦ୍ଧାଙ୍କ ପୋଷ୍ଟର

**ସମ୍ବଲପୁର, ୨୮।୫ (ବ୍ୟୁରୋ):** ଚଳିତ ବର୍ଷ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ନିରାଡମ୍ବର ଭାବେ ପାଳିତ ହୋଇଛି। କୌଣସି ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇନାହିଁ। ବିଗତ ବର୍ଷ ସହରର ବିଭିନ୍ନ ଛକ, ରାସ୍ତା, ପଡାରେ ଶିବପାର୍ବତୀଙ୍କ ପୋଷ୍ଟର, ବ୍ୟାନର ଲାଗିଥିଲା। କିନ୍ତୁ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଠାକୁରପଡା ଗୁପ୍ତେଶ୍ୱର ବାବା ଯାତ୍ରା କମିଟି ଫାଟକରୁ ଅଇଁଠାପାଲି ପର୍ଯ୍ୟନ୍ତ ରାସ୍ତା ଡିଭାଇଡର୍‌ରେ ସମ୍ବଲପୁର ସହରରେ କରୋନା ଯୋଦ୍ଧାଙ୍କ ପୋଷ୍ଟର ଲଗାଯାଇଛି। ଏଥିରେ ପୋଲିସ, ସ୍ୱାସ୍ଥ୍ୟକର୍ମୀ, ଗଣମାଧ୍ୟମ ପ୍ରତିନିଧି, ସଫେଇ କର୍ମଚାରୀ ପ୍ରମୁଖଙ୍କ ପୋଷ୍ଟର ରହିଛି। ଯାତ୍ରା କମିଟି ଚଳିତ ବର୍ଷ ଶୀତଳଷଷ୍ଠୀରେ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା ଦେଇଥିବା ଜନସାଧାରଣଙ୍କ ମଧ୍ୟରେ ଆଲୋଚନା ହେଉଛି ।


















# ୪ ଯୁଦ୍ଧକୁ ବଳିଗଲା କରୋନା

## ଆମେରିକାରେ ମହାମାରୀଜନିତ ମୃତ୍ୟୁ

ୱାଶିଂଟନ୍



ଆମେରିକାରେ କରୋନା ତାଣ୍ଡବ ଜାରି ରହିଛି। ଚାଇନାର ଉହାନ ସହରରୁ ସୃଷ୍ଟି ହୋଇଥିବା ଏହି ମାରାତ୍ମକ ଭୂତାଣୁରେ ସବୁଠାରୁ ବେଶି କ୍ଷତି ସହିଛି ପୃଥିବୀର ଏହି ଶକ୍ତିଶାଳୀ ରାଷ୍ଟ୍ର। ମହାମାରୀରେ ମୃତ୍ୟୁ ସଂଖ୍ୟା ୧ ଲକ୍ଷ ପାର୍ ହୋଇଛି। ୧୭ ଲକ୍ଷରୁ ଅଧିକ ସଂକ୍ରମଣ ହୋଇଛନ୍ତି। ଏସବୁ ଭିତରେ ଏକ ଚିତ୍ର ପଦାକୁ ଆସିଛି, ଯାହା ଦେଶରେ କରୋନାର ଭୟାବହତାକୁ ଦର୍ଶାଉଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ଆମେରିକା ବିଭିନ୍ନ ସମୟରେ ୪ଟି ଯୁଦ୍ଧର ସମ୍ମୁଖୀନ ହୋଇଛି। ଏହି ସମୟରେ ଯେତିକି ଆମେରିକୀୟ ସୈନିକ ଶହୀଦ ହୋଇଛନ୍ତି, ତା'ଠାରୁ ଅଧିକ ମୁଣ୍ଡ କରୋନାରେ ଗଡ଼ିଲାଣି।

ବିବିସିର ସାମ୍ବାଦିକ ଜନ୍ ସୋପେଲ୍ ଏ ସମ୍ପର୍କିତ ତଥ୍ୟ ଦେଇ କହିଛନ୍ତି, ଆମେରିକାରେ ଜାନୁୟାରୀ ୨୧ରେ ପ୍ରଥମ ସଂକ୍ରମଣ ମାମଲା ସାମ୍ନାକୁ ଆସିଥିଲା। ଏହାପରେ ଉଭୟ ମୃତ୍ୟୁ ଏବଂ ସଂକ୍ରମଣ ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲିଥିଲା। ଅଦ୍ୟାବଧି ଏଥିରେ ବ୍ରେକ୍ ଲାଗୁନାହିଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ କୋରିଆ, ଭିଏତନାମ, ଇରାକ, ଆଫଗାନିସ୍ତାନ ସହ ଆମେରିକାର ଯୁଦ୍ଧ ହୋଇଛି। ୧୯୫୦ରୁ ୧୯୫୩ ମଧ୍ୟରେ ହୋଇଥିବା କୋରିଆ ଯୁଦ୍ଧରେ ଆମେରିକା ୩୬,୫୦୦ ସୈନ୍ୟଙ୍କୁ ହରାଇଥିଲା। ସେହିପରି ଭିଏତନାମ ଯୁଦ୍ଧ (୧୯୬୧ରୁ ୧୯୭୫)ରେ ୫୮,୦୦୦, ଇରାକ ଯୁଦ୍ଧ (୨୦୦୩ରୁ ୨୦୧୧)ରେ ୪,୫୦୦, ଆଫଗାନିସ୍ତାନ ଯୁଦ୍ଧ (୨୦୦୧ରୁ ଅଦ୍ୟାବଧି)ରେ ୨୦୦୦ ଜଣ ଯୋଦ୍ଧା ପ୍ରାଣ ହରାଇଥିଲେ। ଏହାକୁ ଅନୁଶୀଳନ କଲେ କରୋନା ଏହାଠାରୁ ଅଧିକ ମୁଣ୍ଡ ନେଇଥିବା ସ୍ପଷ୍ଟ। ସୋପେଲ ଏହା ମଧ୍ୟ କହିଛନ୍ତି, ଆମେରିକାର ସଡ଼କ ଦୁର୍ଘଟଣା ଏବଂ କ୍ୟାନ୍ସରରେ ହେଉଥିବା ମୃତ୍ୟୁକୁ କରୋନାଜନିତ ମୃତ୍ୟୁ ସହ ତୁଳନା କଲେ ମଧ୍ୟ ଏହାର ପରିମାଣ ହତଚକିତ କରିଦେବା ଭଳି ମିଳିବ।

କୋଭିଡ୍ ଜନିତ ମୃତ୍ୟୁ ଏବଂ ସଂକ୍ରମଣ ମାମଲାରେ ଶୀର୍ଷରେ ରହିଛି ଆମେରିକା। ହେଲେ ମୃତ୍ୟୁହାରକୁ ହିସାବ କଲେ ଏହା ୯ମ ସ୍ଥାନରେ ରହିଛି। ଜନସଂଖ୍ୟା ଅନୁଯାୟୀ ହିସାବ କଲେ ବେଲ୍‌ଜିୟମ, ବ୍ରିଟେନ୍, ଆୟର୍ଲାଣ୍ଡ ଭଳି ଦେଶରେ ମୃତ୍ୟୁହାର ଆମେରିକା ତୁଳନାରେ ଅଧିକ। ଏକ ଅନ୍ତର୍ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଆମେରିକାର ୨୦ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ତେବେ କରୋନାରେ ସର୍ବାଧିକ ପ୍ରଭାବିତ ହୋଇଥିବା ନ୍ୟୁୟର୍କରେ ସ୍ଥିତି ସୁଧୁରୁଛି।

# ସାଉଥ୍‌ରେ ରିମେକ୍ ହେବ ଆୟୁଷ୍ମାନଙ୍କ ଫିଲ୍ମ



ଆୟୁଷ୍ମାନ ଖୁରାନା

ମୁମ୍ବାଇ: ବଲିଉଡ୍‌ରେ ନିଜର ଦମ୍‌ଦାର ଅଭିନୟ ଜରିଆରେ ଦର୍ଶକଙ୍କ ମନକୁ ଛୁଇଁପାରିଥିବା ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ମନ ଏବେ ଆକାଶରେ ଉଡ଼ୁଛି। ଆୟୁଷ୍ମାନଙ୍କ ପାଇଁ ଗତ ୨ବର୍ଷ ଶୁଭ ହୋଇଥିବାବେଳେ ଚଳିତବର୍ଷ ମଧ୍ୟ ତାଙ୍କ ପାଇଁ ଖୁସି ଖବର ଆସିଛି। ଶୁଣିବାକୁ ମିଳିଛି ଯେ, ଦକ୍ଷିଣ ଭାରତୀୟ ଫିଲ୍ମ ଜଗତରେ ଆୟୁଷ୍ମାନଙ୍କ କିଛି ସୁପର୍‌ହିଟ୍ ଫିଲ୍ମ ରିମେକ ହେବକୁ ଯାଉଛି। ଏହା ସମସ୍ତଙ୍କୁ ଜଣା ଯେ, ଅଭିନେତା ଆୟୁଷ୍ମାନ ଖୁରାନାଙ୍କ ଫିଲ୍ମ ସାମାଜିକ ଜୀବନୀକୁ ନେଇ ଆଧାରିତ ହୋଇଥିବା ବେଳେ ଏହା ସାମାଜିକ ବାର୍ତ୍ତା ଦେଇଥାଏ। ତେବେ ଜଣାପଡ଼ିଛି ଯେ, ତାଙ୍କ ଅଭିନୀତ ୫ଟି ସୁପର୍‌ହିଟ୍ ଫିଲ୍ମ ଦକ୍ଷିଣ ଭାରତୀୟ ସିନେମା ଜଗତରେ ପୁନଃ ନିର୍ମାଣ କରାଯିବ। ସେଗୁଡ଼ିକ ମଧ୍ୟରେ 'ଅନ୍ଧାଧୂନ' ଉଭୟ ତେଲୁଗୁ ଓ ତାମିଲ ଭାଷାରେ ନିର୍ମାଣ ହେବ। 'ଡ୍ରିମ୍‌ଗର୍ଲ', ତେଲୁଗୁ ଓ 'ଭିକି ଡୋନର' ତାମିଲ ଭାଷାରେ ପୁନଃ ନିର୍ମାଣ କରାଯିବ। ଏହାବ୍ୟତୀତ 'ଆର୍ଟିକିଲ୍ ୧୫'କୁ ତାମିଲ ଏବଂ 'ବଧାଇ ହୋ'କୁ ତେଲୁଗୁ ଭାଷାରେ ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି। ଏହି ଖବର ପାଇବା ପରେ ଆୟୁଷ୍ମାନ କହିଛନ୍ତି ଯେ, ପୂର୍ବ ଭଳି ଆଗାମୀ ଦିନରେ ମଧ୍ୟ ସେ ଦର୍ଶକଙ୍କୁ ପସନ୍ଦ ଆସିବା ଭଳି ସାମାଜିକ ବାର୍ତ୍ତାକୁ ନେଇ ନିର୍ମିତ ଫିଲ୍ମ ଗୁଡ଼ିକୁ ଚୟନ କରିବେ।

# ପର କରିଦେଲା ପୁଅ

## ମାନବିକତା ଦେଖାଇଲେ ମୁସଲ୍‌ମାନ ଯୁବଗୋଷ୍ଠୀ

ଗୁଣ୍ଟୁର: କରୋନା ମଣିଷକୁ ବଦଳାଇ ଦେଇଛି ନା ଧୀରେ ଧୀରେ ମରିଯାଉଛି ମାନବିକତା। ଏହି ପ୍ରଶ୍ନ ଏବେ ଅନେକ ଲୋକଙ୍କ ମନରେ ଆସୁଛି। ନିକଟରେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲାରେ ଏପରି ଏକ ଘଟଣା ସାମ୍ନାକୁ ଆସିଛି, ଯାହା ଅନେକ ଲୋକଙ୍କ ମନକୁ ଆନ୍ଦୋଳିତ କରୁଛି। ଜିଲାର ମଙ୍ଗଳଗିରି ଅଞ୍ଚଳର ୭୦ ବର୍ଷୀୟ ମହିଳା ଯୁଦ୍ଧମ୍ ଧନଲକ୍ଷ୍ମୀ ନିଜ ଝିଅ ଅନ୍ନପୂର୍ଣ୍ଣାଙ୍କ ପାଖରେ ବାପଟ୍‌ଲାଠାରେ ରହୁଥିଲେ। କିଛିଦିନ ତଳେ ତାଙ୍କ ଗୋଡ଼ ଖସିଯିବାରୁ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ଝିଅ ତାଙ୍କୁ ଏକ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।



ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପୂର୍ବରୁ ଧନଲକ୍ଷ୍ମୀଙ୍କ ଶେଷ ଇଚ୍ଛା ଥିଲା ନିଜ ସହର ମଙ୍ଗଳଗିରିଠାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେଉ। ତେଣୁ ମା'ଙ୍କ ମୃତଦେହକୁ ଅନ୍ନପୂର୍ଣ୍ଣା ଆମ୍ବୁଲାନ୍ସ ଯୋଗେ ମଙ୍ଗଳଗିରି ଘରକୁ ନେଇଯାଇଥିଲେ। ହେଲେ ଧନଲକ୍ଷ୍ମୀଙ୍କ ପୁଅ ନାଗମଲ୍ଲେଶ୍ୱର ମା'ଙ୍କ ମୃତଦେହ ଘରେ ପୂରାଇବାକୁ ଭଉଣୀଙ୍କୁ ଅନୁମତି ଦେଇ ନ ଥିଲେ। ମା' କାଳେ କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବେ, ସନ୍ଦେହରେ ସେ ଘର ଭିତରକୁ ମୃତଦେହ ନେବାକୁ ସଫା ମନା କରିଦେଇଥିଲେ। ଭଉଣୀ ବହୁ ବୁଝାଶୁଝା କରିଥିଲେ ହେଁ ସେ ଶୁଣି ନ ଥିଲେ; ଯଦ୍ଦ୍ୱାରା ସାରା ରାତି ବୃଦ୍ଧାଙ୍କ ମୃତଦେହ ଘର ବାହାରେ ପଡ଼ିରହିଥିଲା। ପରେ ଅନ୍ନପୂର୍ଣ୍ଣା ପୋଲିସକୁ ଖବର ଦେଇଥିଲେ। ପୋଲିସ ମଧ୍ୟ ବୁଝାଇବାକୁ ଚେଷ୍ଟାକରି ବିଫଳ ହୋଇଥିଲା। ମା'ଙ୍କ ଶେଷକୃତ୍ୟ କରିବା ପାଇଁ ନାଗମଲ୍ଲେଶ୍ୱର ରାଜିହୋଇ ନ ଥିଲେ। ଏହି ବିଷୟ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ସ୍ଥାନୀୟ ମୁସଲମାନ ଯୁବଗୋଷ୍ଠୀ ବୃଦ୍ଧାଙ୍କ ମୃତଦେହ ସଂସ୍କାର କରିବା ପାଇଁ ଆଗେଇ ଆସିଥିଲେ। ଅନ୍ନପୂର୍ଣ୍ଣାଙ୍କୁ ବୁଝାଇବା ସହ ତାଙ୍କ ସହମତି ଏବଂ ପୋଲିସର ଅନୁମତି ନେଇ ହିନ୍ଦୁ ପରମ୍ପରା ଅନୁଯାୟୀ ବୃଦ୍ଧାଙ୍କ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ଗୋଟିଏ ପଟେ କରୋନା ଭୟରେ ପୁଅ ନିଜ କର୍ତ୍ତବ୍ୟ ଭୁଲିଯାଇଥିବାବେଳେ ଅନ୍ୟପଟେ କୌଣସି ସମ୍ପର୍କ ନ ଥାଇ ମଧ୍ୟ ଯୁବକମାନେ ମାନବିକତାର ଧର୍ମ ପାଳନ କରିଥିବା ଜଣାପଡ଼ିଛି।

# ଅନାମିକା ଅଙ୍ଗୁଳି ଲମ୍ବାଥିବା ଲୋକଙ୍କ କରୋନା ମୃତ୍ୟୁ ଆଶଙ୍କା କମ୍




ଲଣ୍ଡନ: କରୋନା ପ୍ରକୋପରେ ବିଶ୍ୱ ଏବେ ଥରହର। ଏହି ମହାମାରୀରୁ ମୁକୁଳିବାର ରାସ୍ତା କାହାକୁ ଦିଶୁନାହିଁ। ବିଶ୍ୱରେ ୫୫ ଲକ୍ଷରୁ ଅଧିକ କରୋନା ଭୂତାଣୁ ପ୍ରକୋପରେ ଛଟପଟ ହେଉଥିବା ବେଳେ ୩.୫ ଲକ୍ଷ ଲୋକଙ୍କ ଜୀବନ ଗଲାଣି। ଏନେଇ ବିଭିନ୍ନ ପ୍ରକାର ଗବେଷଣା କରାଯାଇଥିବା ବେଳେ ହାତ ଅଙ୍ଗୁଳିର ଆକାରରୁ ମହାମାରୀ ମୃତ୍ୟୁ ସମ୍ପର୍କରେ ଜାଣିହେବ ବୋଲି ବୈଜ୍ଞାନିକମାନେ ଦାବି କରିଛନ୍ତି। ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ବୈଜ୍ଞାନିକଙ୍କ ଦାବିକୁ ସମ୍ପୂର୍ଣ୍ଣ ଭାବେ ଅବଜ୍ଞା କରାଯାଇ ନ ପାରେ। ହାତର ଅନାମିକା (ଯେଉଁ ଅଙ୍ଗୁଳିରେ ମୁଦି ପିନ୍ଧାଯାଏ) ଅଙ୍ଗୁଳି ବଡ଼ ଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ କରୋନା ମୃତ୍ୟୁ ଆଶଙ୍କା କମ୍ ଥାଏ ବୋଲି ଗବେଷଣାରୁ ଜଣାପଡ଼ିଛି। ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ, ତର୍ଜନି(ବୁଢ଼ା ଅଙ୍ଗୁଳି ପାଖ) ଅଙ୍ଗୁଳି ଅପେକ୍ଷା ଅନାମିକା ଅଙ୍ଗୁଳି ବଡ଼ ରହିଲେ କରୋନାରେ ମରିବା ଆଶଙ୍କା କମ୍ ରହିବା ସହ ସେଭଳି ବ୍ୟକ୍ତିଙ୍କ କ୍ଷେତ୍ରରେ କରୋନାର ହାଲ୍‌କା ଲକ୍ଷଣ ଦେଖାଯାଇଥାଏ। ୟର୍ଲି ହ୍ୟୁମାନ୍ ଡେଭେଲପ୍‌ମେଣ୍ଟ ଜର୍ନାଲରେ ଏଭଳି ତଥ୍ୟ ପ୍ରକାଶ ପାଇସାରିଛି। ବ୍ରିଟେନର ୱେଲ୍ସସ୍ଥିତ ସ୍ୱାନ୍‌ସି ବିଶ୍ୱବିଦ୍ୟାଳୟରେ ଏନେଇ ଗବେଷଣା କରାଯାଇଛି। ଭାରତ ସମେତ ୪୧ ଦେଶର ୨ ଲକ୍ଷ ରୋଗୀଙ୍କ ଡାଟାକୁ ବିଶ୍ଳେଷଣ କରାଯାଇ ଏହାର ବୈଜ୍ଞାନିକ କାରଣ ଖୋଜାଯାଇଛି।

ଅନାମିକା ଅଙ୍ଗୁଳି ଲମ୍ବା ହେବାର ସମ୍ପର୍କ ଗର୍ଭଧାରଣ ସମୟରେ ଭ୍ରୂଣକୁ ମିଳିଥିବା ଟେଷ୍ଟୋଷ୍ଟେରୋନ୍ (ପୁରୁଷଙ୍କ ଅଣ୍ଡକୋଷରେ ସୃଷ୍ଟି ଏକ ହର୍ମୋନ୍) ସହ ରହିଛି। ଭ୍ରୂଣକୁ ଅଧିକ ଟେଷ୍ଟୋଷ୍ଟେରୋନ୍ ମିଳିଥିଲେ ଅନାମିକା ଅଙ୍ଗୁଳି ଲମ୍ବା ହୋଇଥାଏ। ଏହା ଭୂତାଣୁଠାରୁ ଜଣକୁ ଅଧିକ ସୁରକ୍ଷା ଦେଇଥାଏ। ଟେଷ୍ଟୋଷ୍ଟେରୋନ୍ କମ୍ ଥିବା ବ୍ୟକ୍ତିଙ୍କ ଅନାମିକା ଅଙ୍ଗୁଳି ଛୋଟ ହୋଇଥାଏ ଓ ସେମାନେ ଅଧିକରୁ ଅଧିକ କରୋନା ଭୂତାଣୁର ଶିକାର ହୋଇ ପ୍ରାଣ ହରାଇଥାନ୍ତି। ଲମ୍ବା ଅନାମିକା ଅଙ୍ଗୁଳି ଥିବା ବ୍ୟକ୍ତି ସାଧାରଣତଃ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ମାଲେସିଆ, ରୁଷିଆ, ମେକ୍ସିକୋ, ଅଷ୍ଟ୍ରିଆ ଓ କେତେକ ପୂର୍ବ ଏସିଆ ଦେଶରେ ଦେଖିବାକୁ ମିଳିଥାଏ। ସେହିଭଳି ଛୋଟ ଅନାମିକା ଅଙ୍ଗୁଳି ଥିବା ଦେଶ ମଧ୍ୟରେ ବ୍ରିଟେନ, ସ୍ପେନ୍, ବୁଲଗେରିଆ ଆଦି ଦେଶ ରହିଛନ୍ତି। ଅଙ୍ଗୁଳି ଛୋଟ କିମ୍ବା ବଡ଼ ହେବା ଓ କରୋନା ଭୂତାଣୁ ସହ ତା'ର ସମ୍ପର୍କକୁ ନେଇ ଗବେଷକମାନେ ବିଭିନ୍ନ ବୈଜ୍ଞାନିକ ମତ ରଖିଛନ୍ତି। ଏହାକୁ ନେଇ ଅଧିକରୁ ଅଧିକ ତଦନ୍ତ ଆରମ୍ଭ ହୋଇଛି।

# ୪ ମିଟର କମିଲା ଏଭରେଷ୍ଟ



ବେଜିଂ

ପୃଥିବୀର ସର୍ବବୃହତ୍ ଗିରିଶୃଙ୍ଗ ମାଉଣ୍ଟ ଏଭରେଷ୍ଟ ଉଚ୍ଚତା ମାପିଛି ଚାଇନା। କରୋନା ସଙ୍କଟ ଭିତରେ ବିଶ୍ୱବାସୀ ଭୀତତ୍ରସ୍ତ ହୋଇ ରହିଥିବାବେଳେ ୨୭ଦିନ ମଧ୍ୟରେ ଏପରି କାରନାମା କରି ଦେଖାଇଛି ଡ୍ରାଗନ୍। ତେବେ ଚାଇନାର ବିଶେଷଜ୍ଞମାନେ ଏଭରେଷ୍ଟର ଉଚ୍ଚତା ପୂର୍ବ ନିର୍ଦ୍ଧାରିତ ଉଚ୍ଚତାଠାରୁ ୪ ମିଟର କମ୍ ବୋଲି ଦାବି କରିଛନ୍ତି। ଚାଇନାର ୮ ଜଣିଆ ଦଳ ୧ ମେ'ରେ ତିବ୍ବତ ରାସ୍ତାଦେଇ ଏଭରେଷ୍ଟ ଆରୋହଣ ଆରମ୍ଭ କରିଥିଲେ। ସେମାନେ ୨୭ ତାରିଖରେ ଏଭରେଷ୍ଟ ଶିଖରରେ ପହଞ୍ଚିଥିଲେ। ସେମାନଙ୍କ ସୂଚନା ଅନୁଯାୟୀ ଏଭରେଷ୍ଟର ଉଚ୍ଚତା ୮୮୪୪.୪୩ ମିଟର। ହେଲେ ଏଥିପୂର୍ବରୁ ନେପାଳ ପକ୍ଷରୁ କରାଯାଇଥିବା ମାପରେ ଏହାର ଉଚ୍ଚତା ୮୮୪୮.୧୩ ମିଟର ବୋଲି ଦର୍ଶାଯାଇଥିଲା।

ନେପାଳ ପକ୍ଷରୁ ଏଭରେଷ୍ଟ ମାପରେ ତ୍ରୁଟି ଥିବା ଚାଇନା ପକ୍ଷରୁ ଅନୁମାନ କରାଯାଇଥିଲା। ଚାଇନାର ସର୍ଭେୟରମାନେ ଏଭରେଷ୍ଟର ଠିକ୍ ଉଚ୍ଚତା ମାପିବାକୁ ୬ ଥର ଏହି ବିଶାଳକାୟ ପର୍ବତକୁ ପ୍ରଦକ୍ଷିଣ କରିସାରିଛନ୍ତି। ୧୯୭୫ ଓ ୨୦୦୫ରେ ଦର୍ଶାଯାଇଥିବା ତଥ୍ୟରେ ଏଭରେଷ୍ଟର ଉଚ୍ଚତା ଯଥାକ୍ରମେ ୮୮୪୮.୧୩ ଏବଂ ୮୮୪୪.୪୩ ମିଟର ଦର୍ଶାଯାଇଥିଲା। ଚାଇନାର ପର୍ବତ ଆରୋହଣକାରୀ ଦଳ ଏଭରେଷ୍ଟ ଶିଖରରେ ସାଢ଼େ ଦୁଇଘଣ୍ଟା ରହିଥିଲେ, ଯାହା ଏକ ନୂତନ ରେକର୍ଡ। ଏହି ଅବସରରେ ଟିମ୍ ସଦସ୍ୟମାନେ ୨୦ ବର୍ଗ ମିଟର ଚଉଡ଼ା ବିଶିଷ୍ଟ ଶିଖରରେ ସର୍ଭେ ସମ୍ପର୍କିତ ଚିହ୍ନ ଲଗାଇଥିଲେ।

# କବରସ୍ଥାନ ହେବ ପର୍ଯ୍ୟଟନ ସ୍ଥଳ



ନୂଆଦିଲ୍ଲୀ: ଇଜିପ୍ଟରେ ବହୁ ପୁରାତନ କାଳର ଏକ ସ୍ୱତନ୍ତ୍ର ଧରଣର ଶ୍ମଶାନ ଠାବ କରାଯାଇଛି। ଏହା ସମ୍ପୂର୍ଣ୍ଣଭାବେ ଏକ ଭିନ୍ନ ଧରଣର କବର ସ୍ଥାନ, ଯାହା କି ଅଲ୍-ସବାଇ ଯୁଗର ୨୬ତମ ରାଜବଂଶର ବୋଲି ଅନୁମାନ କରାଯାଉଛି। ଇଜିପ୍ଟର ସୁପ୍ରିମ କାଉନସିଲ୍ ଅଫ୍ ଆଣ୍ଟିକ୍ୟୁଟିଜ୍ ପକ୍ଷରୁ ଏଭଳି ଏକ ପୁରାତତ୍ତ୍ୱ ଅନୁସନ୍ଧାନ ସମ୍ପର୍କରେ ସୂଚନା ଦିଆଯାଇଛି। ଇଜିପ୍ଟର ବାହାନ୍‌ସା ଅଞ୍ଚଳରେ ଏ ନେଇ ଅନୁସନ୍ଧାନ କରାଯାଇଥିଲା। ଉଭୟ ଇଜିପ୍ଟ ଓ ସ୍ପେନ୍‌ର ପ୍ରତ୍ନତତ୍ତ୍ୱବିତ୍‌ମାନେ ବାର୍ସିଲୋନା ବିଶ୍ୱବିଦ୍ୟାଳୟ ଅଧିନରେ ଏନେଇ ଅନୁସନ୍ଧାନ ଚଳାଇ ଥିଲେ। ପ୍ରତ୍ନତତ୍ତ୍ୱବିତ୍‌ଙ୍କ ମତରେ ଏହି କବର ସ୍ଥାନଟି ଏକ ନିଆରା ଢ଼ଙ୍ଗର। ଏଠାରେ କବରସ୍ଥାନ ନିକଟରେ ପଲିସ୍ ହୋଇଥିବା ଚୂନ ପଥରରେ ଏକ ନିର୍ଦ୍ଦିଷ୍ଟ କୋଠରୀ ତିଆରି ହୋଇଛି। ଉତ୍ତର ଦିଗରୁ ଏହା ଭିତରକୁ ପ୍ରବେଶ ପଥ ରହିଛି ଏବଂ ଏହାର ପ୍ରାଚୀର ଛାତ ଉପରଆଡ଼ୁ ବକ୍ରକାର। ରୋମାନ୍ ଯୁଗର ଏକ ପ୍ରକାର ଗମ୍ବୁଜ ଆକାରର ଛାତ ମଧ୍ୟ ଏହି କବର ସ୍ଥାନରେ ଦେଖିବାକୁ ମିଳିଛି। ଅନେକଗୁଡ଼ିଏ ସମାଧିଫଳକ, ବ୍ରୋଞ୍ଜ ମୁଦ୍ରା ଏବଂ ମାଟିରେ ତିଆରି ବିଭିନ୍ନ ପ୍ରକାରର ଜିନିଷ ମଧ୍ୟ ଏଠାରେ ଠାବ କରାଯାଇଛି। କରୋନା ସମୟରେ ଏଭଳି ଏକ ଭିନ୍ନ ଧରଣର କବର ସ୍ଥାନ ସମ୍ପର୍କରେ ଜଣାପଡ଼ିବା ପରେ ଇଜିପ୍ଟର ପର୍ଯ୍ୟଟନ ମନ୍ତ୍ରାଳୟ ଏହି ସ୍ଥାନକୁ ସ୍ୱତନ୍ତ୍ର କରିବା ପାଇଁ ଚେଷ୍ଟା କରିଛି। ପର୍ଯ୍ୟଟନ ସ୍ଥାନ କରିବା ନିମନ୍ତେ ଖୁବ୍ ଶୀଘ୍ର କାମ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ତେବେ ଏହି ସ୍ଥାନର ଉନ୍ନତି ନିମନ୍ତେ କାମ କରିବା ପାଇଁ ଖୁବ୍ କମ୍ ଲୋକଙ୍କୁ ନିଯୁକ୍ତ କରାଯିବ ଏବଂ ସାମାଜିକ ଦୂରତା ନିୟମକୁ ପାଳନ କରାଯିବ ବୋଲି କୁହାଯାଇଛି।

# ରୋହମନଙ୍କ ସହ ୱାର୍କଆଉଟ୍ କଲେ ସୁସ୍ମିତା



ମୁମ୍ବାଇ: ବଲିଉଡ ଅଭିନେତ୍ରୀ ସୁସ୍ମିତା ସେନ ସୋସିଆଲ ମିଡିଆରେ ଏବେ ବେଶ୍ ସକ୍ରିୟ ଅଛନ୍ତି। ଲକ୍‌ଡାଉନ୍‌ରେ ସେ ନିଜ ପର୍ସନାଲ ଲାଇଫ୍‌ର ଫଟୋ ଏବଂ ଭିଡିଓ ଗୁଡ଼ିକ ସୋସିଆଲ ସାଇଡ୍‌ରେ ଶେୟାର କରୁଥିବା ନଜର୍‌କୁ ଆସିଛି। ନିକଟରେ ସେ ତାଙ୍କ ବୟଫ୍ରେଣ୍ଡ ରୋହମନ ସୋଲଙ୍କ ସହିତ ୱାର୍କଆଉଟ୍ କରି ଇନ୍‌ଷ୍ଟାଗ୍ରାମରେ ଏହାକୁ ଶେୟାର କରିଛନ୍ତି। ଏହି ଭିଡିଓରେ ଦୁଇଜଣଙ୍କର ଫିଟ୍‌ନେସ୍ ସହ ଉଭୟଙ୍କ ମଧ୍ୟରେ ଏକ କ୍ୟୁଟ୍ ବଣ୍ଡିଂ ଥିବା ମଧ୍ୟ ଦେଖାଯାଉଛି। ସୁସ୍ମିତା ରୋହମନଙ୍କ ପ୍ରଶଂସା କରି ଲେଖିଛନ୍ତି ଯେ, ମୋତେ ଏତେ ଭଲ ସେ ସମ୍ଭାଳିଥିବାରୁ ଥ୍ୟାଙ୍କ୍ ୟୁ ରୋହମନ। ଏଇ ଲାଇଫ୍‌ରେ ମୁଁ କେବଳ ରୋହମନ ତୁମକୁ ବହୁତ ଭଲ ପାଏ। ଏକ ସ୍ଥିର ସମ୍ପର୍କ ପାଇଁ ଜୀବନରେ ଉଭୟଙ୍କ ମଧ୍ୟରେ ବିଶ୍ୱାସ ରହିବା ଦରକାର। ଯେଉଁଟା ମୁଁ ରୋହମନଙ୍କ ଠାରୁ ପାଇଛି ବୋଲି ସୁସ୍ମିତା କହିଛନ୍ତି। ଏହି ଭିଡିଓରେ ସୁସ୍ମିତା ଏକ କଠିନ ଯୋଗାସନ କରିଥିବା ନଜର୍‌କୁ ଆସିଥିବାବେଳେ ଏଥିରେ ତାଙ୍କ ବନ୍ଧୁ ରୋହମନ ତାଙ୍କୁ ସାହାଯ୍ୟ କରିଛନ୍ତି। ତେବେ ଏହି ଭିଡିଓଟି ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ବହୁତ ସାରା ଫ୍ୟାନମାନଙ୍କର କମେଣ୍ଟସ୍ ମଧ୍ୟ ଆସିଛି। ଦୁହିଁଙ୍କ ଯୋଡ଼ିକୁ ଫ୍ୟାନମାନେ ବେଶ୍ ପସନ୍ଦ ମଧ୍ୟ କରୁଛନ୍ତି। ସୂଚନାଯୋଗ୍ୟ ଯେ, ସୁସ୍ମିତାଙ୍କ ଠାରୁ ରୋହମନ ୧୭ବର୍ଷ ସାନ। ୩ବର୍ଷ ହେଲା ଦୁହେଁ ଦୁହିଁଙ୍କୁ ଡେଟ୍ କରୁଥିବାବେଳେ ଲିଭ୍-ଇନ୍ ରିଲେଶନସିପ୍‌ରେ ରହୁଛନ୍ତି।



କାକଟପୁର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମ ଶଶ୍ମାନ ନିକଟରେ ଗୁରୁବାର ପୁଷ୍କରଣୀ ଖନନ ସମୟରେ ପୁରାତନ କାଳର ନିର୍ମିତ ଏକ କୂପର ସନ୍ଧାନ ମିଳିଛି। ଗ୍ରାମ ସାଥୀ ମହେଶ୍ୱର ତ୍ରିପାଠୀଙ୍କ ନେତୃତ୍ୱରେ ଶ୍ରୀରାମପୁର ଗ୍ରାମର ଗ୍ରାମବାସୀ ଏମ୍‌ଜିଏନ୍‌ଆର୍‌ଇଜିଏ ମାଧମରେ ପୋଖରୀ ଖୋଳୁଥିଲେ। ଏହି ସମୟରେ ୧୦ଫୁଟ ମାଟି ତଳୁ ଏକ ମାଟି ନନ୍ଦଥିବା କୂପ ଦେଖିବାକୁ ପାଇଥିଲେ। ଖବରପାଇ ସରପଞ୍ଚ ସୌଦାମୀନି ବରାଳଙ୍କ ସମେତ ବହୁ ସଂଖ୍ୟକ ଲୋକ ପୁରାତନ କୂପ ଦେଖିବାକୁ ପହଞ୍ଚିଥିଲେ। ଏଠାରେ ପୁରାତନ କାଳରେ ଜନବସତି ଥିବାର ଅନୁମାନ କରି ଏହାର ପ୍ରତ୍ନତାତ୍ତ୍ୱିକ ସର୍ଭେ କରାଗଲେ ସତ୍ୟତା ଲୋକଲୋଚନକୁ ଆସିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ବଢ଼ିଲା ମୋ ବସ୍ ପାସ୍ ଅବଧି

ଭୁବନେଶ୍ୱର, ୨୮।୫ (ବ୍ୟୁରୋ): ମୋ ବସ୍‌ରେ ଯାତ୍ରା କରିବା ପାଇଁ ଯେଉଁମାନେ ମାସିକ କିମ୍ବା ତ୍ରୈମାସିକ ପାସ୍ କରିଥିଲେ ତାହାର ଅବଧିକୁ ବୃଦ୍ଧି କରାଯାଇଛି। କ୍ରୁଟ୍ ପକ୍ଷରୁ ଏନେଇ ଟୁଇଟ୍ ଯୋଗେ ସୂଚନା ଦିଆଯାଇଛି। କରୋନା ଲକ୍‌ଡାଉନ୍ ଯୋଗୁ ଗତ ମାର୍ଚ୍ଚ ୨୩ରୁ ରାଜଧାନୀରେ ବସ୍ ସେବା ବନ୍ଦ କରାଯାଇଥିଲା। ଫଳରେ ଯେଉଁମାନେ ମୋ ବସ୍‌ରେ ପ୍ରତିଦିନିଆ ଯାତ୍ରା ପାଇଁ ପାସ୍ କରିଥିଲେ ତାହା କୌଣସି କାମରେ ଆସି ନ ଥିଲା। ମାତ୍ର ବର୍ତ୍ତମାନ ଆଉଥରେ ମୋ ବସ୍ ସେବା ଆରମ୍ଭ ହୋଇଥିବାରୁ କିଛି ଲୋକ ସେହି ପୁରୁଣା ପାସ୍ ଦେଖାଉଛନ୍ତି। ଏହାକୁ ଆଧାର କରି ଯେଉଁ ଯାତ୍ରୀମାନଙ୍କର ପାସ୍ ଅବଧି ସରିବା ପାଇଁ ବାକି ଥିଲା। ତାହା ଏବେଠାରୁ ଗଣତି କରାଯିବ। ସେମାନେ ସେହି ସୁବିଧା ପୁଣିଥରେ ପାଇବେ ବୋଲି କ୍ରୁଟ୍ ପକ୍ଷରୁ କୁହାଯାଇଛି।

### କେନ୍ଦ୍ରର କୋଭିଡ୍ ମାର୍ଗଦର୍ଶିକା ଦେଖି ଭାଜପା ବକ୍ତବ୍ୟ ରଖୁ: ବିଜେଡି

ଭୁବନେଶ୍ୱର,୨୮।୫(ବ୍ୟୁରୋ)- କେନ୍ଦ୍ର ସରକାରଙ୍କ କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ ଓଡ଼ିଶାରେ କୋଭିଡ-୧୯ ପରୀକ୍ଷା କରାଯାଉଛି। ଲକ୍ଷଣ ପରିଲକ୍ଷିତ ହେଉଥିବା ବ୍ୟକ୍ତିମାନଙ୍କର ପରୀକ୍ଷା ହେଉଛି। ରାଜ୍ୟରେ ଯେପରି ଅଧିକରୁ ଅଧିକ ନମୁନା ପରୀକ୍ଷା କରାଯାଇପାରିବ ତାହା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ତେଣୁ ଭାଜପା ପ୍ରଥମେ କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶିକାକୁ ଅନୁଧ୍ୟାନ କରି ବକ୍ତବ୍ୟ ଦେଲେ ଭଲ ହେବ ବୋଲି ବିଜେଡି ମୁଖପାତ୍ର ଡ. ସସ୍ମିତ ପାତ୍ର କହିଛନ୍ତି। ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନଙ୍କ ଏକ ବିବୃତିର ଜବାବ ଦେଇ ସେ କହିଲେ, ଯେଉଁ ବ୍ୟକ୍ତିମାନେ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ସଫଳତାର ସହ ଧାର୍ଯ୍ୟ ସମୟ ଶେଷକରି ଫେରୁଛନ୍ତି ସେମାନଙ୍କୁ ରାଜ୍ୟ ସରକାର ୨୦୦୦ ଟଙ୍କା ପ୍ରଦାନ କରୁଛନ୍ତି। ଏଭଳି ସ୍ଥିତିରେ ଆମେ ସମସ୍ତେ ମିଳିମିଶି କରୋନା ବିରୋଧରେ ଲଢ଼େଇ କରିବା ଆବଶ୍ୟକ। ରାଜ୍ୟବାସୀ ସୁରକ୍ଷା ପାଇଁ ଓଡିଶା ସରକାର ସବୁପ୍ରକାର ପଦକ୍ଷେପ ଗ୍ରହଣ କରୁଥିବାବେଳେ ଓଡିଶାର ସୁରକ୍ଷା ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ବିଜେଡି ମୁଖପାତ୍ର ସସ୍ମିତ କହିଛନ୍ତି।

### ଗଣ୍ଡଗୋଳ ଅଟକାଇବାରୁ ଯୁବକଙ୍କୁ ଛୁରାମାଡ଼
#### ନାବାଳକ ଗଲେ ସୁଧାରଗୃହ

ଭୁବନେଶ୍ୱର,୨୮।୫ (ବ୍ୟୁରୋ): ଗଣ୍ଡଗୋଳ ଅଟକାଇବାରୁ ଜଣେ ଯୁବକଙ୍କୁ ଛୁରା ମାଡ଼ ହୋଇଛି। ସେ ହେଲେ କେଦାରପଲ୍ଲୀ ବସ୍ତିର ରାକେଶ ନାୟକ। ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କ୍ୟାପିଟାଲ ଥାନା ପୋଲିସ ଏକ ମାମଲା (ନଂ.୧୮୦/୨୦) ରୁଜୁ କରି ଛୁରାମାଡ଼ କରିଥିବା ସମ୍ପୃକ୍ତ ନାବାଳକଙ୍କୁ ଧରି ବ୍ରହ୍ମପୁରସ୍ଥିତ ସୁଧାର ଗୃହକୁ ପଠାଇ ଦେଇଛି। ସୂଚନା ଅନୁଯାୟୀ, ଦୁଇଦିନ ତଳେ କେଦାରପଲ୍ଲୀ ବସ୍ତିରେ ରହୁଥିବା ଉକ୍ତ ନାବାଳକ ଓ ଅନ୍ୟ ଜଣଙ୍କ ମଧ୍ୟରେ ବାଇକକୁ ନେଇ ଗଣ୍ଡଗୋଳ ହେଉଥିଲା। ସେହି ବସ୍ତିର ରାକେଶ ଏହି ଗଣ୍ଡୋଗୋଳ ଦେଖି ଉଭୟଙ୍କୁ ଅଟକାଇଥିଲେ। ଏଥିରେ ନାବାଳକ ଜଣକ ଉତ୍କ୍ଷିପ୍ତ ହୋଇ ଧରିଥିବା ଏକ ଛୁରିରେ ରାକେଶଙ୍କ ଛାତିକୁ ଭୁସି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାକେଶ ଚିତ୍କାର କରୁଥିବାବେଳେ ଅଭିଯୁକ୍ତ ନାବାଳକ ଫେରାର ହୋଇଯାଇଥିଲେ।

### ପୋଲିସ ସହ ଧସ୍ତାଧସ୍ତି, ୨ ଯୁବକ ଅଟକ

ବ୍ରହ୍ମଗିରି,୨୮।୫(ଡି.ଏନ.ଏ): ସାତପଡ଼ା ଫାଣ୍ଡି ଅଧୀନ ପଣସପଦାରେ ଗୁରୁବାର ଦୁଇ ଜଣ ଯୁବକ ସହ ପୋଲିସ କର୍ମଚାରୀଙ୍କ ଧସ୍ତାଧସ୍ତି ହୋଇଥିଲା। ଏ ନେଇ ପୋଲିସ ଦୁଇ ଯୁବକଙ୍କୁ ଆଣି ଥାନାରେ ଅଟକ ରଖିଛି। ସୂଚନା ଅନୁଯାୟୀ, ପଣସପଦା ବଜାରରେ ଥିବା ନୀଳାଞ୍ଚଳ ଗ୍ରାମ୍ୟ ବ୍ୟାଙ୍କକୁ ଗୁରୁବାର ଯାଇଥିବା ଦୁଇଜଣ ଯୁବକ ମାସ୍କ ପିନ୍ଧି ନ ଥିବା ଏବଂ ଭିଡ ମଧ୍ୟରେ ପାଟିତୁଣ୍ଡ କରିବାରୁ ସେଠାରେ କାର୍ଯ୍ୟରତ ପୋଲିସ କର୍ମଚାରୀ ତାଙ୍କୁ ବାରଣ କରିଥିଲେ। ଫଳରେ ଦୁଇ ଯୁବକଙ୍କ ସହ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଧସ୍ତାଧସ୍ତି କରିବାରୁ ପୋଲିସ ଯୁବକଦ୍ୱୟଙ୍କୁ କାବୁ କରି ଥାନାକୁ ଆଣିଥିଲେ।

# ପକ୍ଷାଘାତରେ ଲିମ୍‌କା ବୁକ୍ ରେକର୍ଡଧାରୀ

ପିପିଲି,୨୮।୫(ସ୍ୱ.ପ୍ର.)

- ୩. ୧୬ମିନିଟରେ ୩ଶହ ପଇଡ଼ ହାତରେ ଭାଙ୍ଗିଥିଲେ ଜାକିର
- ବିଧାୟକ ଭେଟି ରାଶନ କାର୍ଡ ଦେଲେ

ଦିନେ ଓଡ଼ିଶା ପାଇଁ ଗୌରବ ସାଉଁଟିଥିଲେ। ହେଲେ ଆଜି ପକ୍ଷାଘାତରେ ପୀଡ଼ିତ ସେହି ବ୍ୟକ୍ତି। ନିଜର ଟ୍ୟାଲେଣ୍ଟ ବଳରେ ନିଜର ନାମ ଓ ରାଜ୍ୟ ନାମକୁ ଲିମ୍‌କା ବୁକ ଅଫ ରେକର୍ଡସରେ ନାମିତ କରି ସୁନାମ ଅର୍ଜନ କରିଥିଲେ। କିନ୍ତୁ ଏବେ ପକ୍ଷାଘାତରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି। ସେ ହେଉଛନ୍ତି ପୁରୀ ଜିଲା ଅଧୀନ ପିପିଲି ପୌରାଞ୍ଚଳର ଜୟପୁରରେ ରହୁଥିବା ସେକ୍ ଜାକିର। ୨୦୦୮ରେ ଜାକିର ନିଜ ଶକ୍ତି ବଳରେ ୩ ମିନିଟ ୧୬ ସେକେଣ୍ଡରେ ୩ଶହ ପଇଡ଼ ହାତରେ ଭାଙ୍ଗି ଲିମିକା ବୁକ୍ ଅଫ ରେକର୍ଡସରେ ଓଡ଼ିଶା ନାମ ଲିପିବଦ୍ଧ କରିଥିଲେ। ତାଙ୍କର ଏହି ପ୍ରତିଭା ଦେଖି ରାଜ୍ୟର ବହୁ ନେତା, ସଙ୍ଗଠନ ସାଧୁବାଦ ଜଣାଇଥିଲେ। ଗତ ମାର୍ଚ୍ଚ ୨୭ ତାରିଖରେ ଅଚାନକ ଉଚ୍ଚ ରକ୍ତ ଚାପ ଯୋଗୁ ଡାହାଣପାର୍ଶ୍ୱ ଅଚଳ ହୋଇଯାଇଥିଲା। ପରେ ପରିବାର ପକ୍ଷରୁ ତାଙ୍କୁ କଟକ ବଡ଼ ମେଡିକାଲରେ ଚିକିତ୍ସା କରାଯାଇଥିଲା। କିନ୍ତୁ ଏଥିପାଇଁ ଏକ ଅପରେଶନ ହେବା ସହ ଅଧିକ ଅର୍ଥ ଆବଶ୍ୟକ ହେବ ବୋଲି ଡାକ୍ତର କହିଥିଲେ। ପରେ ଜାକିରଙ୍କୁ ଘରକୁ ନେଇ ଆସିଥିଲେ ହେଁ ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସା ପାଇଁ ବାଧକ ସାଜିଥିଲା ଅର୍ଥ। ଏପରିକି ନିଜ ପରିବାର ପ୍ରତିପୋଷାଣ ପାଇଁ ସେ ସମ୍ପୂର୍ଣ୍ଣ ଅସମର୍ଥ ହୋଇପଡ଼ିଥିଲେ। ଏଭଳି ସମୟରେ ପରିବାର ପ୍ରତିପୋଷଣ ପାଇଁ ଏକ ସାହାଭରସା ଥିଲେ ଜାକିରଙ୍କ ସାନ ଭାଇ। ହେଲେ ଏବେ ଲକଡାଉନ ଜାରି ରହିଥିବାରୁ ସାନଭାଇର ରୋଜଗାର ବାଟ ମଧ୍ୟ ବନ୍ଦ ହୋଇଯାଇଛି। ଜାକିରଙ୍କ ଏଭଳି ଅବସ୍ଥା ବିଷୟରେ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହା ଦେଖି ଗୁରୁବାର ବିଧାୟକ ପ୍ରଦୀପ ମହାରଥି ତାଙ୍କ ଘରକୁ ଯାଇ ଜାକିରଙ୍କୁ ଭେଟିଛନ୍ତି। ତାଙ୍କର ଏ ଅବସ୍ଥା ପାଇଁ ଦୁଃଖ ପ୍ରକାଶ କରିବା ସହ ରାଶନ କାର୍ଡ ଏବଂ ଏକ ମାସର ରାଶନ ସାମଗ୍ରୀ ମହାରଥି ପ୍ରଦାନ କରିଥଲେ। ଏହାସହ ଜାକିରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝି ଲକଡାଉନ ପରେ ତାଙ୍କୁ ଉନ୍ନତମାନର ଚିକିତ୍ସା ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୂର୍ବରୁ ମଧ୍ୟ ବ୍ଲକ ଯୋଗାଣ ବିଭାଗ ଅଧିକାରୀ ଦୀପ୍ତିରଞ୍ଜନ ଇନ୍ଦ୍ରସିଂ ଜାକିରଙ୍କ ଘରକୁ ଯାଇ ଖୁବ୍‌ଶୀଘ୍ର ରାଶନ କାର୍ଡ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ବିଧାୟକଙ୍କ ସ୍ତ୍ରୀ, ଦୁଇ ଅନୁଷ୍ଠାନ ଜାକିରଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ରାଶନ ସାମଗ୍ରୀ ପ୍ରଦାନ କରିଥିଲେ। ଜାକିରଙ୍କୁ ଉନ୍ନତମାନର ଚିକିତ୍ସା ଯୋଗାଇ ଦେବା ସହ ସମସ୍ତ ସାହାଯ୍ୟ ପାଇଁ ଉଭୟ ଅନୁଷ୍ଠାନ ପ୍ରତିଶ୍ରୁତି ଦେଇଛନ୍ତି।

# କୋଭିଡ୍-୧୯ ପାଇଁ ଇ-ସମର କ୍ୟାମ୍ପ୍

ଭୁବନେଶ୍ୱର,୨୮।୫(ବ୍ୟୁରୋ)

ଗ୍ରୀଷ୍ମ ଅବକାଶରେ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ଦୈନନ୍ଦିନ ଶିକ୍ଷା କାର୍ଯ୍ୟକ୍ରମରୁ ମୁକ୍ତ କରି ନୂତନ ବିଷୟ ବସ୍ତୁ ସମ୍ପର୍କରେ ଶିଖାଇବା ଲାଗି ସାଇ ଇଣ୍ଟରନ୍ୟାଶନାଲ୍ ତରଫରୁ 'ସମର କ୍ୟାମ୍ପ'ର ଆୟୋଜନ କରାଯାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏଥର ଅଫ୍‌ଲାଇନ୍ ପରିବର୍ତ୍ତେ ଅନଲାଇନ୍ ମୋଡ୍‌ରେ କ୍ୟାମ୍ପ ଅନୁଷ୍ଠିତ ହେବ। ଜୁନ୍ ୧ରୁ ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କ୍ୟାମ୍ପ୍‌ରେ ସାଇ ଆଙ୍ଗନ୍, ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲ ଏବଂ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡ଼େନ୍ସିଆଲ୍ ସ୍କୁଲ୍‌ର ପ୍ଲେଗ୍ରୁପ୍ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିବେ। ଏଥିରେ କୋଡ଼ିଂ, ରୋବୋଟିକ୍ସ, ଫଟୋଗ୍ରାଫି, ଭିଡ଼ିଓଗ୍ରାଫି, ଭିଡିଓ ଏଡ଼ିଟିଂ, ଆନିମେସନ୍, ଯୋଗ, ଏରୋବିକ୍ସ, ଜୁମ୍ବା, ନୃତ୍ୟ, ପେପର କୋଲାଜ୍, ବାଲୁକା କଳା, ପଟ୍ ପେଣ୍ଟିଂ, ଡ୍ରାମା, ଲାଇଫ୍ ସ୍କିଲ୍, ସାହିତ୍ୟ ପଠନ, ସୃଜନଶୀଳ ଲେଖା, ସ୍ୱାସ୍ଥ୍ୟ, ଫିଟ୍‌ନେସ୍, କ୍ରୀଡ଼ା ଏବଂ ମାଷ୍ଟର ସେଫ୍ ଆଦି କାର୍ଯ୍ୟକ୍ରମ ରହିବ। ଚଳିତବର୍ଷ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ବ୍ୟକ୍ତିତ୍ୱ ଗଣିତ ଶିକ୍ଷାବିତ୍ ଆନନ୍ଦ କୁମାର, କାର୍ଗିଲ୍ ଯୁଦ୍ଧ ଭେଟେରାନ୍ ମେଜର୍ ଡି.ପି. ସିଙ୍ଗ୍, ମିସ୍ ଇଣ୍ଡିଆ ଟ୍ରେନର୍ ସବିରା ମର୍ଚାଣ୍ଟ, ମୁମ୍ବାଇ ଡବାୱାଲା ସିଇଓ ଡ. ପବନ ଅଗ୍ରୱାଲ୍, ବଲିଉଡ୍ କଣ୍ଠଶିଳ୍ପୀ କୃଷ୍ଣା ବେଉରା, ପ୍ରିନ୍ସ ଡ୍ୟାନ୍ସ ଗ୍ରୁପ୍ ପ୍ରମୁଖ ଏହି କ୍ୟାମ୍ପ୍‌ରେ ଯୋଗଦେଇ ପିଲାମାନଙ୍କୁ ବିଭିନ୍ନ କଳା ଶିଖାଇବେ। ପିଲାମାନଙ୍କୁ ଗଠନମୂଳକ କାର୍ଯ୍ୟରେ ନିୟୋଜିତ କରିବା ସହ ସାମାଜିକ, ସାଂସ୍କୃତିକ, ନୀତିଶାସ୍ତ୍ର, ସଚ୍ଚୋଟତା, ଶୃଙ୍ଖଳା ଏବଂ ଦାୟିତ୍ୱବୋଧ ସମ୍ପର୍କରେ ଶିକ୍ଷାଦେବା ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସାଇ ଇଣ୍ଟରନ୍ୟାଶନାଲ୍‌ର ପ୍ରତିଷ୍ଠାତା ଡ. ବିଜୟ କୁମାର ସାହୁ କହିଛନ୍ତି।

# ସ୍ୱମନ୍ଦିର ବାହୁଡ଼ିଲେ ଦେବଦମ୍ପତି

ପୁରୁଣା ଭୁବନେଶ୍ୱର, ୨୮।୫(ଡି.ଏନ୍.ଏ.)



ମହାପ୍ରଭୁ ଶ୍ରୀଲିଙ୍ଗରାଜ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିରରୁ ଗୁରୁବାର ରାତି ୯ଟାରେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶ୍ରୀଜୀଉଙ୍କ ରହଣିକାଳରେ ଶ୍ରୀଲିଙ୍ଗରାଜ ମନ୍ଦିର ଏବଂ କେଦାରଗୌରୀ ମନ୍ଦିରରେ ସମକାଳୀନ ପୃଥକ ପୃଥକ ଭାବେ ଅନେକ ନୀତି ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମନ୍ଦିରରେ ମଙ୍ଗଳ ଆଳତି, ଅବକାଶ ନୀତି ସମାପନ ପରେ କେଦାରଗୌରୀ ମନ୍ଦିରରେ ମଙ୍ଗଳ ଆଳତି କରାଯାଇଥିଲା। ଏହାପରେ ମନ୍ଦିରରେ ରୋଷହୋମ, ମହାସ୍ନାନ, ବେଶ କରାଯାଇ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଖଇଦହି ବଲ୍ଲଭ, ଠାକୁରାଣୀଙ୍କ ଖଇଦହି ବଲ୍ଲଭ, ସକାଳଧୂପ, ଠାକୁରାଣୀଙ୍କ ସକାଳଧୂପ, ଭୋଗମଣ୍ଡପ ସରିବା ପରେ ପୂଜାପଣ୍ଡା, ପତ୍ରୀ, ପାଳିଆବଡୁ ଘଣ୍ଟ କାହାଳି ସହ କେଦାରଗୌରୀ ମନ୍ଦିରରେ ପହଞ୍ଚିଥିଲେ। ସକାଳ ଓ ଦ୍ୱିପ୍ରହର ଧୂପ ସରିବା ପରେ କେଦାରଗୌରୀ ମନ୍ଦିରରେ ଧୂପ କରାଯାଇଥିଲା। ଲିଙ୍ଗରାଜ ମନ୍ଦିରରେ ସନ୍ଧ୍ୟାଧୂପ ସରିବା ପରେ ବଡ଼ସିଂହାର ବେଶ କରାଯାଇଥିଲା। ସେହିପରି କେଦାରଗୌରୀ ମନ୍ଦିରରେ ସନ୍ଧ୍ୟାଧୂପ କରାଯିବା ପରେ ଶ୍ୱଶୁର କେଦାରେଶ୍ୱରଙ୍କ ସହ ଶ୍ରୀଲିଙ୍ଗରାଜ, ମା' ପାର୍ବତୀ, ପ୍ରଭୁ ବାସୁଦେବଙ୍କ ମଧ୍ୟରେ ଭେଟ ଆଳତି କରାଯାଇଥିଲା। ପରେ ଠାକୁର ପାଲିଙ୍କି ଏବଂ ବିମାନରେ ବିଜେ କରିଥିଲେ। ଏହାପରେ ଶ୍ରୀଜୀଉଙ୍କୁ ଡୋରିଲାଗି କରାଯାଇଥିଲା। ପରେ ପତ୍ରୀ ସେବକମାନେ ଏକ ପାତ୍ରରେ ହଳଦୀ ପାଣି ଆଣିଥିଲେ। ପାଳିଆ ପୂଜାପଣ୍ଡା ଉକ୍ତ ହଳଦୀ ପାଣିକୁ ସଂସ୍କାର କରି ଶ୍ରୀଜୀଉମାନଙ୍କ ଉପରେ ସିଞ୍ଚନ କରିଥିଲେ। ପରେ ଉକ୍ତ ପାଣିକୁ ସେବକ ଏବଂ ଭକ୍ତଙ୍କ ମଧ୍ୟରେ ସିଞ୍ଚନ କରିଥିଲେ। ଧରାପୃଷ୍ଠକୁ ଶୀତଳତା ଆଣିବା ପାଇଁ ଏହି ପରମ୍ପରା ରହିଛି। ବିଳମ୍ବିତ ରାତ୍ରିରେ ଶୋଭାଯାତ୍ରାରେ ଶ୍ରୀଜୀଉମାନେ ସେବକମାନଙ୍କ ସହିତ ଯୌତୁକରେ ମିଳିଥିବା ଇନ୍ଦ୍ରହସ୍ତୀକୁ ସାଙ୍ଗରେ ଧରି ସ୍ୱମନ୍ଦିର ଫେରିଥିଲେ।

# ଶ୍ରୀମନ୍ଦିରରେ ଶୀତଳଷଷ୍ଠୀ

ପୁରୀ ଅଫିସ,୨୮।୫

ଶ୍ରୀମନ୍ଦିରରେ ଗୁରୁବାର ଅର୍ଥାତ୍ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଶୀତଳ ଷଷ୍ଠୀ ପର୍ବ ପାଳିତ ହୋଇଛି। ଏହିଦିନ ସ୍ୱତନ୍ତ୍ର ନୀତିମାନ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ସନ୍ଧ୍ୟା ଧୂପ ପରେ ଦୋଳଗୋବିନ୍ଦ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଖଟଶେଯ ଘରେ ବିଜେ ହୋଇଥିଲେ। ଏହାପରେ ଭିତରେ ମଇଲମ, ଆଳଟଲାଗି, ପଣାଲାଗି, ଚନ୍ଦନ ଲାଗି ଓ ବଡ଼ସିଂହାର ଭୋଗ ଶେଷ ହୋଇଥିଲା। ପଞ୍ଚ ମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠେଶ୍ୱର) ଆଜ୍ଞାମାଳ ପାଇ ନ ଥିବାରୁ ମହାପ୍ରଭୁଙ୍କ ପହୁଡ଼ ହୋଇ ନ ଥିଲା। ଏହାପରେ ସ୍ୱ ସ୍ୱ ଯାନରେ ପଞ୍ଚମହାଦେବ ଆସି ଜଗମୋହନରେ ବିଜେ କରିଥିଲେ। ଏହି ସମୟରେ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ସେମାନଙ୍କୁ ପ୍ରଦାନ କରିଥିଲେ। ପଞ୍ଚମହାଦେବ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଯିବା ପରେ ରୁନ୍ଧା ଫିଟିଥିଲା। ମହାଲକ୍ଷ୍ମୀଙ୍କ ଜଗମୋହନରେ ପଡ଼ିଥିବା ଖଟଶେଯ ଉପରେ ସେମାନେ ବିଜେ କରିଥିଲେ। ପୂର୍ବରୁ ଖଟଶେଯ ଘରେ ଥିବା ଦୋଳଗୋବିନ୍ଦଙ୍କୁ ପଞ୍ଚ ମହାଦେବଙ୍କ ନିକଟରେ ବିଜେ କରାଯାଇଥିଲା। ସରଘରୁ ଶୀତଳ ଭୋଗ ଛେକ ଆସିଥିଲା। ପ୍ରସାଦ ଲାଗି ହେବା ପରେ ପଞ୍ଚୋପଚାର ବିଧିରେ ୧୧ ପନ୍ତି ଭୋଗ ମଣୋହୀ କରାଯାଇଥିଲା। ବନ୍ଦାପନା ହୋଇ ଦୋଳଗୋବିନ୍ଦ ଦକ୍ଷିଣ ଘରକୁ ବାହୁଡ଼ା ବିଜେ କରିଥିଲେ। ଏହାକୁ ପଞ୍ଚ ମହାଦେବଙ୍କ ଶ୍ରୀମନ୍ଦିରରେ ପଞ୍ଚୁଗ୍ରାସୀ କୁହାଯାଏ। ହରିହର ଉପାସନାର ଏହା ଏକ ଅନନ୍ୟ ଉଦାହରଣ।

# ସେସୁ କର୍ମଚାରୀଙ୍କ ଭବିଷ୍ୟତ ପ୍ରସଙ୍ଗ: ୯ରେ ପରବର୍ତ୍ତୀ ଶୁଣାଣି

କଟକ ଅଫିସ,୨୮।୫

ସେସୁର ୫୧ପ୍ରତିଶତ ଅଂଶଧନକୁ ଟାଟା ପାୱାର କମ୍ପାନୀ କିଣିବା ପରେ ଏହାର କର୍ମଚାରୀଙ୍କ ଭବିଷ୍ୟତକୁ ନେଇ ନାନା ଆଶଙ୍କା ସୃଷ୍ଟି ହୋଇଛି। ଏନେଇ ନିଖିଳ ଓଡ଼ିଶା ବିଦ୍ୟୁତ୍ ଶ୍ରମିକ ମହାସଂଘ ସହ ଅନ୍ୟ ୪ଟି ସଂଘ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ଦାଏର କରାଯାଇଥିଲା। ଗୁରୁବାର ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଏବଂ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ଖଣ୍ଡପୀଠରେ ଏହାର ଶୁଣାଣି ହୋଇଥିଲା। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ପକ୍ଷରୁ ସତ୍ୟପାଠ ଦାଖଲ ହୋଇଛି। ଆସନ୍ତା ୯ ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ରଖାଯାଇଛି ଯେ, ସେସୁର ଅଂଶଧନ ବିକ୍ରି ନେଇ ଗତ ଡିସେମ୍ବର ୨୦ରେ ଓଇଆର୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଫଳରେ ବର୍ତ୍ତମାନ ସେସୁରେ କାର୍ଯ୍ୟରତ ଓ ଅବସର ନେଇଥିବା କର୍ମଚାରୀଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅବସରପ୍ରାପ୍ତ ସେସୁଠାରୁ ବିଭିନ୍ନ ପ୍ରକାର ପ୍ରାପ୍ୟ ପାଇବେ। ଏଥିସହ ସେମାନଙ୍କର ପେନ୍‌ସନ୍ ମଧ୍ୟ ରହିଛି। ତେବେ ଓଇଆର୍‌ସିର ବିଜ୍ଞପ୍ତିରେ ସେସୁର ଅବସର ନେଇଥିବା କର୍ମଚାରୀଙ୍କ ଭବିଷ୍ୟତ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ବର୍ତ୍ତମାନ କାର୍ଯ୍ୟରତ କର୍ମଚାରୀଙ୍କ ଭବିଷ୍ୟତ ମଧ୍ୟ ଅନ୍ଧକାରମୟ ହୋଇଯାଇଛି। ସେମାନଙ୍କ ଚାକିରି ସର୍ତ୍ତାବଳୀ ନେଇ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଜିପିଏଫ୍ ସମ୍ପର୍କରେ ତଥ୍ୟ ନାହିଁ। ଏଣୁ ଉଭୟ ଅବସରପ୍ରାପ୍ତ ଓ କାର୍ଯ୍ୟରତ କର୍ମଚାରୀଙ୍କ ଭବିଷ୍ୟତ ନିର୍ଦ୍ଧାରଣ ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଓ ସେସୁ ପକ୍ଷରୁ ଆଇନ୍‌ଜୀବୀ ବିଜୟ ଦାସ ମାମଲାର ପରିଚାଳନା କରୁଛନ୍ତି।

# ନିଶାସକ୍ତ ଭାଇଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

ଖୁଣ୍ଟୁଣୀ,୨୮।୫(ଡି.ଏନ.ଏ.)

ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଗୋବରା ନୂଆସିଆଳୀ ସାହିରେ ନିଶାସକ୍ତ ଭାଇକୁ ଟାଙ୍ଗିଆରେ ହତ୍ୟା କରିଛି ସାନଭାଇ। ଘଟଣା ଘଟିବାର ୨ଦିନ ପରେ ସରପଞ୍ଚଙ୍କଠାରୁ ଖବରପାଇ ସ୍ଥାନୀୟ ଥାନାଧିକାରୀ ବିଜୟ କେତନ ବିଶି ପହଞ୍ଚି ଗୁରୁବାର ହତ୍ୟାକାରୀର ଘର ନିକଟରେ ପୋତାଯାଇଥିବା ମୃତଦେହକୁ ଉଦ୍ଧାର କରି ମାମଲା (ନଂ.୫୩/୨୦) ରୁଜୁ କରିଛି। ସାନଭାଇ ଫେରାର ହୋଇଯାଇଥିବାରୁ ପୋଲିସ ବାପାକୁ ଅଟକ ରଖି ପଚରାଉଚୁରା ଚଳାଇଛି। ନୂଆସିଆଳି ସାହିର ନରେନ୍ଦ୍ର ଦେହୁରୀଙ୍କ ୩ ପୁଅ ମଧ୍ୟରୁ ମଝିଆ ପୁନିଆ ପ୍ରତିଦିନ ମଦ ପିଇ ଘରେ ସାହିରେ ଝଗଡ଼ା କରନ୍ତି। ଏଥିପାଇଁ ପୁନିଆର ସ୍ତ୍ରୀ ଘର ଛାଡ଼ି ଚାଲିଯାଇଥିଲେ। ଗତ ଦୁଇଦିନ ତଳେ ପୁନିଆ ମଦ ପିଇ ଘରେ ଝଗଡ଼ା କରୁଥିବାବେଳେ ସାନ ପୁଅ କିଚୁଆ ଉତ୍ତ୍ୟକ୍ତ ହୋଇ ଟାଙ୍ଗିଆରେ ପୁନିଆର ମୁଣ୍ଡକୁ ଚୋଟ ପକାଇଥିଲେ। ପୁନିଆଙ୍କ ମୃତ୍ୟୁ ହୋଇଯିବାରୁ ବାପ ଓ ପୁଅ ମିଶି ଘରଠାରୁ ୫୦୦ମିଟର ଦୂରରେ ଗାତ ଖୋଳି ପୋତିଦେଇଥିଲେ।

# କଳସା ହେଲା ଗୁଜ, ଜଳଯନ୍ତ୍ର

ପୁରୀ ଅଫିସ,୨୮।୫




ଶ୍ରୀନଅର ସମ୍ମୁଖ ରଥଖଳାରେ ତିନିରଥର ମୁଖ୍ୟ ମହାରଣା ସେବକଙ୍କ ନେତୃତ୍ୱରେ ରଥ ନିର୍ମାଣ ଚାଲିଛି। ପୂର୍ବରୁ ପାଞ୍ଚଦଣ୍ଡାରେ ଲାଗିଥିବା ସାଲଗୁଜ, କୁତ୍ତୁକା ଓ ପାର୍ଶ୍ୱଦଣ୍ଡାରେ ଲାଗିଥିବା ପାର୍ଶ୍ୱ ମୁହାଁଟ, ଗୁଜ ଓ ଜଳଯନ୍ତ୍ରକୁ କଳସା କରାଯାଇଛି। ପ୍ରଥମ ଭୂଇଁର ଭୂଇଁ ଚଉତା ସୂତା ବାଡ଼ିଆ ହୋଇଛି। ଏହାକୁ ବିନ୍ଧ କରାଯିବ। ପ୍ରତିରଥର ସିଂହାସନ ତଳେ ରହୁଥିବା ସିଂହାସନ ରାୟର ଚଉପଟ କାମ ଚାଲିଛି। ସେହିପରି ଦୋଳବେଦି ପରିସରରେ କରତି ସେବକଙ୍କ ଦ୍ୱାରା ଚିରଟ ହୋଇଥିବା ତାଳଧ୍ୱଜ ଏବଂ ନନ୍ଦିଘୋଷ ରଥର ପୋଲ ଗୟଳ ରଖଥଳାରେ ଚଉପଟ କରାଯାଉଛି। ଅସ୍ଥାୟୀ କମାରଶାଳରେ ଓଝା ସେବକଙ୍କ ଦ୍ୱାରା ଦଣ୍ଡା କଣ୍ଟା, ଗୟଳ କଣ୍ଟା, ଯୋଖା ଆଦି ତିଆରି ଚାଲିଛି। ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି କାର୍ଯ୍ୟ ଚାଲିବ ବୋଲି ଓଝା ସେବକ କହିଛନ୍ତି। ଏହାପରେ ଅନ୍ୟ ନୂଆ କାମ ଆରମ୍ଭ ହେବ। ସକାଳେ ରଥଖଳାରେ କାମ ଆରମ୍ଭ ପୂର୍ବରୁ ରଥ ନିର୍ମାଣ ସମ୍ପୃକ୍ତ ସେବକମାନଙ୍କର ଥର୍ମାଲ ସ୍କ୍ରିନିଂ କରାଯାଇଥିଲା। ସମସ୍ତେ ସୁସ୍ଥ ଥିବା ଜଣାପଡ଼ିଛି।

### ଦ୍ୱିତୀୟ ଦିନରେ ୫୧ ଦଇତାପତିଙ୍କ ସ୍ୱାବ ସଂଗ୍ରହ

ଅନ୍ୟପକ୍ଷରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଗୁରୁବାର ଦଇତାପତି ସେବକମାନଙ୍କର କୋଭିଡ଼ ପରୀକ୍ଷା ପାଇଁ ସ୍ୱାବ ସଂଗ୍ରହ କରାଯାଇଥିଲା। ବୁଧବାର ପ୍ରଥମ ଦିନରେ ୭୫ଜଣଙ୍କ ସ୍ୱାବ ସଂଗ୍ରହ ହୋଇଥିବାବେଳେ ଦ୍ୱିତୀୟ ଦିନରେ ୫୧ ଦଇତାପତି ସେବକଙ୍କ ସ୍ୱାବ ସଂଗ୍ରହ କରାଯାଇଛି। ୧୦ ଜଣ ଭୋଇ ସେବକଙ୍କର ମଧ୍ୟ ସ୍ୱାବ୍ ସଂଗ୍ରହ କରାଯାଇଛି।

# ଓକିଲ ସଂଘ ଅନ୍ତରୀଣ କମିଟି ଗଠନକୁ ଚ୍ୟାଲେଞ୍ଜ

କଟକ ଅଫିସ,୨୮।୫

**୪ରେ ପରବର୍ତ୍ତୀ ଶୁଣାଣି**

ଓକିଲ ସଂଘଗୁଡ଼ିକର ଅନ୍ତରୀଣ କମିଟି ଗଠନକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଏବଂ ବିଚାରପତି ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହାର ଶୁଣାଣି କରାଯାଇଥିଲା। ମାମଲାର ବିସ୍ତୃତ ଶୁଣାଣି ଆସନ୍ତା ୪ ତାରିଖ କରାଯିବ ବୋଲି କୋର୍ଟ ଧାର୍ଯ୍ୟ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ହାଇକୋର୍ଟ ଓକିଲ ସଂଘ ସମେତ ରାଜ୍ୟର ସମସ୍ତ ଓକିଲ ସଂଘର ନିର୍ବାଚନ ପାଇଁ ତାରିଖ ସ୍ଥିର ହୋଇଥିଲା। ଲକଡାଉନ ଯୋଗୁ ନିର୍ବାଚନ ସ୍ଥଗିତ ରହିଥିଲା। ଓକିଲ ସଂଘଗୁଡ଼ିକର ପରିଚାଳନା ପାଇଁ ଅନ୍ତରୀଣ କମିଟି ଗଠନ କରିବାକୁ ରାଜ୍ୟ ଆଇନ୍‌ଜୀବୀ ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ନିର୍ଦ୍ଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ମାମଲାର ଶୁଣାଣି ବେଳେ ବିଭିନ୍ନ ଓକିଲ ସଂଘ ପକ୍ଷରୁ ଲିଖିତ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ନିର୍ବାଚନକୁ ସ୍ଥଗିତ ରଖି ଏକ ଅନ୍ତରୀଣ କମିଟି ଗଠନ ବେଆଇନ୍ ବୋଲି ଗୁରୁବାର ଭଦ୍ରକ ଓକିଲ ସଂଘ, ବାଲେଶ୍ୱର ଓକିଲ ସଂଘ, ଭୁବନେଶ୍ୱର ଓକିଲ ସଂଘର ସଦସ୍ୟ ନିର୍ମଳ କିଶୋର ରଥ ଯୁକ୍ତି ଉପସ୍ଥାପନ କରିଥିଲେ। ଆଡଭୋକେଟ୍ ଆଇନ-୧୯୬୧ ଆଧାରରେ ଉଭୟ ବାର୍ କାଉନସିଲ ଅଫ ଇଣ୍ଡିଆ(ବିସିଆଇ) ଏବଂ ରାଜ୍ୟ ଆଇନଜୀବୀ ପରିଷଦ ଗଠନ ହୋଇଛି। କିନ୍ତୁ ଓକିଲ ସଂଘଗୁଡ଼ିକୁ ସୋସାଇଟି ରେଜିଷ୍ଟ୍ରେଶନ୍ ଆକ୍ଟ-୧୮୬୦ ଅନୁଯାୟୀ ଗଠନ କରାଯାଇଛି। ଏଣୁ ଓକିଲ ସଂଘର ନିର୍ବାଚନରେ ବିସିଆଇ କିମ୍ବା ରାଜ୍ୟ ଆଇନ୍‌ଜୀବୀ ପରିଷଦ ହସ୍ତକ୍ଷେପ କରିପାରିବ ନାହିଁ। ଅପରପକ୍ଷେ ୨୦୧୬ରେ ଆହ୍ଲାବାଦ୍ ହାଇକୋର୍ଟ ଏବଂ ୨୦୧୮ରେ ମଧ୍ୟପ୍ରଦେଶ ହାଇକୋର୍ଟ ମଧ୍ୟ ଏପରି ରାୟ ଦେଇଛନ୍ତି।

# ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ବୋଝିଆ

ପୁରୀ ଅଫିସ,୨୮।୫



ମହାମାରୀ କରୋନା ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି। କୌଣସି ଶ୍ରଦ୍ଧାଳୁ ମନ୍ଦିର ଭିତରକୁ ଯାଉନାହାନ୍ତି। କେବଳ ସେବାୟତମାନେ ଯାଇ ମହାପ୍ରଭୁଙ୍କ ସେବାପୂଜା କରୁଛନ୍ତି। ତେବେ ଭକ୍ତ ଯାଉ ନ ଥିବାରୁ ପୂର୍ବଭଳି ସେମିତି ମହାପ୍ରସାଦ ପ୍ରସ୍ତୁତ ହେଉନାହିଁ। ଠାକୁରଙ୍କ କୋଠ ଭୋଗ ରନ୍ଧାଯାଉଥିବାବେଳେ ବରାଦି ଭୋଗ ବହୁତ କମ୍ ବାହାରୁଛି। ବରାଦି ଭୋଗ ଏବଂ ଆନନ୍ଦ ବଜାରରେ ମହାପ୍ରସାଦ ବିକ୍ରି ହେଉ ନ ଥିବାରୁ ଏହାର ସିଧାସଳଖ ପ୍ରଭାବ ପଡ଼ିଛି ବୋଝିଆଙ୍କ ଉପରେ। ଦୈନିକ ମନ୍ଦିର ଆସି ମହାପ୍ରସାଦ ବୋହି ପରିବାର ପ୍ରତିପୋଷଣ କରୁଥିବା ବୋଝିଆ ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି।

ଶ୍ରୀଜଗନ୍ନାଥ ମନ୍ଦିର ମହାପ୍ରସାଦ ବାହକ ସଂଘ ପକ୍ଷରୁ କୁହାଯାଇଛି ଯେ, ପ୍ରାୟ ୨୫୦ ବୋଝିଆ ଶ୍ରୀମନ୍ଦିର ଉପରେ ନିର୍ଭର କରିଥାନ୍ତି। ପ୍ରତ୍ୟହ ମନ୍ଦିରରେ ମହାପ୍ରସାଦ ବୋହି ଆନନ୍ଦ ବଜାରରେ ପହଞ୍ଚାଇବା, ବରାଦି ଭୋଗ ଉତ୍ତର ଦ୍ୱାରରେ ଆଣି ଲୋକଙ୍କୁ ଦେବା ଏବଂ ସହରର ବିଭିନ୍ନ ସାହିଗଳିକୁ ମୁଣ୍ଡରେ ଓ ଟ୍ରଲିରେ ମହାପ୍ରସାଦ ନେଇ ପହଞ୍ଚାଇଥାନ୍ତି। ଏ ବାବଦରେ ଯାହା ରୋଜଗାର କରନ୍ତି ସେଥିରେ ସେମାନଙ୍କ ପରିବାର ଚଳେ। ହେଲେ କରୋନା ପାଇଁ ଗତ ମାର୍ଚ୍ଚ ୨୦ ତାରିଖରୁ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ଉପରେ କଟକଣା ରହିଛି। ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ଯାଉନାହାନ୍ତି। କେବଳ ଠାକୁରଙ୍କ କୋଠ ଭୋଗ ଏବଂ ଅଳ୍ପ ପରିମାଣର ବରାଦି ଭୋଗ ବାହାରୁଛି। ସାମାଜିକ କାର୍ଯ୍ୟକ୍ରମ ଉପରେ କଟକଣା ଲଗାଯାଇଥିବାରୁ ବରାଦି ଭୋଗ ପାଇଁ ବି ଅର୍ଡର ଆସୁନାହିଁ। ସୁଆର ସେବକମାନେ ବି ଏକପ୍ରକାର ହାତବାନ୍ଧି ବସିଛନ୍ତି। ତେଣୁ ମହାପ୍ରସାଦ ପୂର୍ବଭଳି ପ୍ରସ୍ତୁତ ହେଉ ନ ଥିବାରୁ ପ୍ରାୟ ଅଢ଼େଇ ମାସ ହେବ ବୋଝିଆମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ବୋଝିଆମାନଙ୍କ କଥା ନା ମନ୍ଦିର ପ୍ରଶାସନ ନା ଯାହା ପାଇଁ ସେମାନଙ୍କ କାମ କରନ୍ତି ସେମାନେ କେହି ବି ବୁଝିବାକୁ ଚେଷ୍ଟା କରିନାହାନ୍ତି। ପ୍ରତ୍ୟହ ହାତଗଣତି ୫/୬ଜଣ ମନ୍ଦିରକୁ ଆସୁଥିଲା ବେଳେ ଅନ୍ୟ ବୋଝିଆମାନେ ଘରେ ବସି ରହିଛନ୍ତି। କେବେ ଶ୍ରୀମନ୍ଦିରକୁ ଭକ୍ତ ଆସିବେ ତାହାର କୌଣସି ଠିକ୍ ଠିକଣା ନାହିଁ। ତେଣୁ ମନ୍ଦିର ପ୍ରଶାସନ ଏଭଳି ସମୟରେ ସେମାନଙ୍କ ପ୍ରତି ସହାୟତାର ହାତ ବଢାଇବା ପାଇଁ ବୋଝିଆମାନେ ନିବେଦନ କରିଛନ୍ତି।

## ଖଣ୍ଡପଡ଼ାରେ ପହଞ୍ଚିଲେ ୫୨୮ ପ୍ରବାସୀ

**ଖଣ୍ଡପଡ଼ା,୨୮।୫(ସ୍ୱ.ପ୍ର.):** କରୋନା ଭୂତାଣୁକୁ ନେଇ ଲକ୍‌ଡାଉନ ଜାରି ରହିଥିବାରୁ ବିଭିନ୍ନ ଅଞ୍ଚଳରେ ରହୁଥିବା ପ୍ରବାସୀ ଅସୁବିଧାରେ ପଡି ଘରମୁହାଁ ହୋଇଛନ୍ତି। ଏହି କ୍ରମରେ ଖଣ୍ଡପଡା ବ୍ଲକ ଅଞ୍ଚଳକୁ ଗୁରୁବାର ସୁଦ୍ଧା ୫୨୮ ପ୍ରବାସୀ ଫେରିଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି। ସେହିପରି ପଞ୍ଚାୟତ ସ୍ତରରେ ପ୍ରସ୍ତୁତ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଥିବା ପ୍ରବାସୀଙ୍କ ମଧ୍ୟରୁ ୧୧୩ଜଣ ଘରକୁ ଫେରିଥିବା ଜଣାଯାଇଛି।

### ସଂକ୍ଷେପରେ

## ଶ୍ରୀ ଜଗନ୍ନାଥଙ୍କ ଦାରୁ ପୀଠରେ ଗୀତାଯଜ୍ଞ

**ଖଣ୍ଡପଡା ୨୮।୫(ସ୍ୱ.ପ୍ର.):** ନୀଳମାଧବଜୀଉଙ୍କ ପାର୍ଶ୍ୱ ଠାକୁର ଶ୍ରୀ ଜଗନ୍ନାଥଙ୍କ ଦାରୁପୀଠ ବଳରାମ ପ୍ରସାଦଠାରେ ବୁଧବାର ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବଳରାମପ୍ରସାଦ ସଡକ ନୂଆସାହି ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୂଚନାଯୋଗ୍ୟ ଶ୍ରୀ ନୀଳମାଧବ ଜୀଉଙ୍କ କ୍ଷେତ୍ରରେ ବିରାଜିତ ସୁଦର୍ଶନ, ବଳଭଦ୍ର, ମା’ ସୁଭଦ୍ରା ଓ ଜଗନ୍ନାଥ ଜୀଉଙ୍କ ବିଗ୍ରହ ପରିବର୍ତ୍ତନ ପାଇଁ ବନଯାଗ ଓ ଦାରୁ ଛେଦନ ପ୍ରକ୍ରିୟା ୨୦୧୫ ମେ ୨୦ ତାରିଖରୁ ଆରମ୍ଭ ହୋଇଥିଲା। ବନଯାଗୀ ଦଳ ମହାପ୍ରଭୁଙ୍କ ଆଜ୍ଞାମାଳ ସହ ବଳରାମପ୍ରସାଦ ଗ୍ରାମରେ ପହଞ୍ଚି ଦାରୁ ସ୍ଥଳରେ ପୂଜାର୍ଚ୍ଚନା କରିଥିଲେ। ପରେ ଦଳପତି ବାଇଧର ମିଶ୍ରଙ୍କ ସମେତ ସମସ୍ତ ସଦସ୍ୟ ଓ ବେଦଜ୍ଞ ପଣ୍ଡିତ ଗୁପ୍ତନୀତି କରି ଦାରୁ ଛେଦନ କାର୍ଯ୍ୟ ସମ୍ପନ୍ନ କରିଥିଲେ।

## ଅଙ୍ଗନୱାଡି କର୍ମୀଙ୍କ ଆତ୍ମହତ୍ୟା

**ରତ୍ନଗିରି, ୨୮।୫ (ଡି.ଏନ୍.ଏ.):** ବରୀ ବ୍ଲକ ମହାକାଳପଡା ପଞ୍ଚାୟତ ଅଧୀନ ନିଳାପଦା ଗ୍ରାମର ଅଙ୍ଗନୱାଡି କର୍ମୀ ପ୍ରିୟଦର୍ଶିନୀ ସିଂ (୩୦) ବେକରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହରୁ ସେ ଏଭଳି କଠୋର ନିଷ୍ପତି ନେଇଥିବା କୁହାଯାଉଛି। ଖବରପାଇ ବରୀ ଥାନା ପୋଲିସ ନିଳାପଦା ଗ୍ରାମେର ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ନେଇ ୧୩/୨୦ ନଂ.ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଆଉ ୭ କରୋନା ରୋଗୀ ଚିହ୍ନଟ

**ନୟାଗଡ ଅଫିସ/ରଣପୁର/ଗଣିଆ, ୨୮।୫ (ସ୍ୱ.ପ୍ର./ଡି.ଏନ୍.ଏ.):** ନୟାଗଡ ଜିଲାରେ ଗୁରୁବାର ଆଉ ୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରଣପୁର ବ୍ଲକର ନରେନ୍ଦ୍ରପୁର କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୩୫ ଓ ୨୭ ବର୍ଷର ସୁରଟ ଫେରନ୍ତା ଦମ୍ପତିଙ୍କ ସହ ୩ ବର୍ଷର ଝିଅ ଚିହ୍ନଟ ହୋଇଛନ୍ତି । ସେହିପରି ଏହି ସେଣ୍ଟରରୁ ୪ ବର୍ଷର ଶିଶୁ, ୪୦ ଓ ୪୫ ବର୍ଷର ଯୁବକ ଚିହ୍ନଟ ହୋଇଛନ୍ତି। ଗଣିଆ ରଘୁନାଥ ମହାବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ୩୫ ବର୍ଷର ଅହମ୍ମଦାବାଦ ଫେରନ୍ତା ଅନୁରୂପ ଭାବେ ଆକ୍ରାନ୍ତ ହୋଇଛନ୍ତି। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫୭ରେ ପହଞ୍ଚିଛି। ଲମରନଙ୍କ ମଧ୍ୟରୁ ୯ ଜଣ ସୁସ୍ଥ ହେବା ପରେ ୪୬ ଜଣ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିବା ସିଡିଏମ୍‌ଓ ଶ୍ୱେତ ମହାପାତ୍ର ସୂଚନା ଦେଇଛନ୍ତି।

## ଜଳିଗଲା ୪ ବଖରା

**ମାର୍ଶାଘାଇ,୨୮।୫(ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ ଅଙ୍ଗୁଲାଇ ପଞ୍ଚାୟତର କୁରୁଡୁଙ୍ଗା ଗ୍ରାମରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ନିରଞ୍ଜନ ପ୍ରତିହାରୀଙ୍କ ୩ ବଖରା ସମେତ ଗୋଟିଏ ଗୁହାଳ ଜଳିଯାଇଛି। ଖବରପାଇ ମାର୍ଶାଘାଇ ଏବଂ କେନ୍ଦ୍ରାପଡା ଇଚ୍ଛାପୁରରୁ ୨ ଅଗ୍ନିଶମ ବିଭାଗ ଗାଡି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ।

## ନଦୀବନ୍ଧରେ ଭାରିଯାନ ଚଳାଚଳକୁ ବିରୋଧ

**ବିଞ୍ଝାରପୁର, ୨୮।୫ (ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକ ଅଧୀନ ସୟଦପୁର ପଞ୍ଚାୟତ ଦେଇ ପ୍ରବାହିତ ଖରସ୍ରୋତା ନଦୀବନ୍ଧରେ ଭାରିଯାନ ଚଳାଚଳ ବନ୍ଦ କରିବାକୁ ଅଞ୍ଚଳାବସୀ ଦାବି କରିଛନ୍ତି। ବୁଧବାର ସନ୍ଧ୍ୟାରେ ମିରମହଲ୍ଲା ନିକଟ ଖରସ୍ରୋତା ନଦୀବନ୍ଧରେ ଡଷ୍ଟ ବୋଝେଇ କରି ଯାଉଥିବା ୪ଟି ହାଇୱାକୁ ସ୍ଥାନୀୟ ଲୋକେ ଅଟକ ରଖିଥିଲେ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ମୁତାବକ, ଖରସ୍ରୋତା ନଦୀବନ୍ଧରେ ପ୍ରତିଦିନ ମେଣ୍ଟାଲ, ଚିପ୍ସ ଓ ଡଷ୍ଟ ବୋଝେଇ କରି ଭାରିଯାନ ଚଳାଚଳ କରୁଥିବାରୁ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ନଦୀବନ୍ଧ ରାସ୍ତାରେ ଯାତାୟାତ କରିବା କଷ୍ଟକର ହେଉଥିବା ବେଳେ ପ୍ରତିଦିନ ଏକାଧିକ ଦୁର୍ଘଟଣା ଘଟୁଛି। ଏ ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନାହାନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

# ଟେଣ୍ଡର ପ୍ରକ୍ରିୟାରେ ଅଟକିଛି ଆଇଆରପି

ଯାଜପୁର ଅଫିସ୍, ୨୮।୫



- ଲୌହଯୁକ୍ତ ପାଣି ପିଉଛନ୍ତି ଜିଲାବାସୀ, ବଢୁଛି କିଡ୍‌ନୀ ରୋଗ
- ଦେଢ଼ ବର୍ଷ ହେଲା ହୋଇପାରୁନି ଆଇରନ ରିମୁଭାଲ ପ୍ଲାଣ୍ଟ
- ଡିଏମ୍‌ଏଫ ଟ୍ରଷ୍ଟରୁ ମିଳିସାରିଛି ମଞ୍ଜୁରୀ

ଯାଜପୁର ଜିଲାର ଭୂତଳ ଜଳରେ ଆଇରନ୍ ଏବଂ ଟୋଲ କୋଲିଫର୍ମ(ଟିସି) ଓ ଫେକାଲ କୋଲିଫର୍ମ(ଏଫସି) ଅଂଶ ଆବଶ୍ୟକତାଠାରୁ ବହୁଗୁଣରେ ଅଧିକ ରହିଛି। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (ଆରଡବ୍ଲୁଏସ୍ଏସ୍) ପକ୍ଷରୁ ଜଳର ମାତ୍ରା ବା ଉତ୍କର୍ଷର ସ୍ତର ସମ୍ପର୍କରେ ୨୦୧୯–୨୦ରେ ହୋଇଥିବା ବାର୍ଷିକ ଡାଟା ଅପଡେଶନ (ୱାଇଡିୟୁ) ରିପୋର୍ଟରେ ଏହା ସ୍ପଷ୍ଟ ହୋଇସାରିଛି। ୭୪୪ ରୁ ୭୪୨ ବସତି ଅଞ୍ଚଳର ନଳକୂପ ପାଣି ଆଇରନଯୁକ୍ତ ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ଅଥଚ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଆନ୍ତରିକତା ଅଭାବ ତଥା ଖାମଖିଆଲି ମନୋଭାବ ଯୋଗୁ ଆଇରନଯୁକ୍ତ ପାଣି ପିଇ ଜିଲାବାସୀ ମାରାତ୍ମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପାନୀୟ ଜଳରେ ଆଇରନ ମାତ୍ରାକୁ ଦୂର କରିବା ପାଇଁ ଲୌହଅଂଶ ଦୂର କରିବା ଯନ୍ତ୍ର ତଥା ଆଇରନ ରିମୁଭାଲ ପ୍ଲାଣ୍ଟ (ଆଇଆରପି) ସ୍ଥାପନ କରିବାର ବ୍ୟବସ୍ଥା ରହିଛି। ଯାଜପୁର ଆରଡବ୍ଲୁଏସ୍ଏସ୍ ବିଭାଗ ପକ୍ଷରୁ ଜିଲାର ୬ଟି ବ୍ଲକରେ ୧୫୧ଟି ଆଇଆର୍‌ପି ସ୍ଥାପନ କରିବାକୁ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମଏଫ) ପାଣ୍ଠିର ପ୍ରକଳ୍ପ ନିର୍ଦ୍ଦେଶକ ଦେଢ ବର୍ଷ ପୂର୍ବରୁ ମଞ୍ଜୁରୀ ଦେଇସାରିଛନ୍ତି। ହେଲେ ତାହା କାଗଜକଲମରେ ସୀମିତ ରହିଛି।

ଜିଲାର ବଡ଼ଚଣା, ବରୀ, ବିଞ୍ଝାରପୁର, ରସୁଲପୁର, ଧର୍ମଶାଳା ଓ ଦଶରଥପୁର ବ୍ଲକରେ ୧୫୧ଟି ଆଇରନଯୁକ୍ତ ନଳକୂପ ପାଣିରେ ଆଇଆର୍‌ପି ସ୍ଥାପନ କରିବାକୁ ୧୧।୧୨।୨୦୨୮ରେ ଡିଏମ୍‌ଏଫ ପାଣ୍ଠିର ପ୍ରକଳ୍ପ ନିର୍ଦ୍ଦେଶକ ମଞ୍ଜୁରୀ ଦେଇଥିଲେ। ଏହାପରେ ଯାଜପୁର ଆରଡବ୍ଲୁଏସ୍ଏସ୍‌ର ନିର୍ବାହୀ ଯନ୍ତ୍ରୀ ୨୯।୫।୨୦୨୯ ତାରିଖରେ ଆଇଆର୍‌ପି ସ୍ଥାପନ କରିବାକୁ ଟେଣ୍ଡର ଆହ୍ୱାନ କରିଥିଲେ। ଟେଣ୍ଡର କାଗଜପତ୍ର ୨୬।୯।୨୦୨୯ରେ କଟକ ଆରଡବ୍ଲୁଏସ୍ଏସ୍‌ର ଅଧୀକ୍ଷଣ ଯନ୍ତ୍ରୀଙ୍କ ନିକଟରେ ମଞ୍ଜୁର ପାଇଁ ଦାଖଲ କରାଯାଇଥିଲା। କିନ୍ତୁ ସରକାରଙ୍କ ବିନା ସୂଚନାରେ ଆଇଆରପି କ୍ରୟ କରାଯାଇପାରିବ ନାହିଁ ବୋଲି ରାଜ୍ୟର ସମସ୍ତ ଆରଡବ୍ଲୁଏସ୍ଏସ୍ ଡିଭିଜନକୁ ୧୬।୧୦।୨୦୨୦ ତାରିଖରେ ନିର୍ଦ୍ଦେଶ ହୋଇଥିଲା। ଏଥିପାଇଁ ଆଗ୍ରହୀ ଜିଲା ଆରଡବ୍ଲୁଏସ୍ଏସ୍‌ର ଇଞ୍ଜିନିୟର–ଇନ–ଚିଫ(ଇଆଇସି)ଙ୍କଠାରେ ବରାଦ ଦାଖଲ କରିବା ପରେ ସେଣ୍ଟ୍ରାଲ କ୍ରୟ କରାଯାଇ ପାରିବ ବୋଲି ସରକାର ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ କି ପ୍ରକାର ସ୍ୱାର୍ଥ ରହିଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଟେଣ୍ଡର କାଗଜପତ୍ର ତଦନ୍ତ କରି ଆଇଆରପି ସ୍ଥାପନ କରିବାକୁ ବିଭାଗସ୍ତରରେ ଆବଶ୍ୟକ କାର୍ଯ୍ୟ ଶେଷ ହୋଇଥିଲେ ବି ତାହା ଅଟକି ରହିଛି। ଏହି କ୍ରମରେ ଆରଡବ୍ଲୁଏସ୍ଏସ୍‌ର ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ର ସଂଖ୍ୟା ୩୩୭୨/୨୭।୫।୨୦୨୦ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପ୍ରିନ୍ସିପାଲ ସେକ୍ରେଟାରିଙ୍କୁ ଆଇରନଯୁକ୍ତ ନଳକୂପ ପାଣିରେ ଆଇଆରପି ସ୍ଥାପନ କରିବା ପାଇଁ ମଞ୍ଜୁରୀ ଦେବାକୁ ଅନୁରୋଧ କରିଛନ୍ତି। ଅବ୍ୟୟିତ ଡିଏମ୍‌ଏଫ ପାଣ୍ଠିରୁ ଖର୍ଚ୍ଚ କରି ଆବଶ୍ୟକସ୍ଥଳେ ଆଇଆର୍‌ପି ସ୍ଥାପନ କାର୍ଯ୍ୟ ୨ ମାସ ମଧ୍ୟରେ ଶେଷହୋଇ ପାରିବ ବୋଲି ଇଆଇସି କହିଛନ୍ତି। ଆଇରନ ରହିଥିବା ଭୂତଳ ଜଳ ଅଞ୍ଚଳରେ ପାଇପ ଜଳଯୋଗାଣ କରିବାକୁ ବିଭାଗୀୟସ୍ତରରେ ପଦକ୍ଷେପ ନିଆଯାଇଛି। କିନ୍ତୁ ଯାଜପୁର ଜିଲାରେ ଏହିସବୁ ନିରର୍ଥକ ହୋଇଛି। ଏଯାଏ ଜିଲାର ୧୦ ପ୍ରତିଶତ ଲୋକସଂଖ୍ୟା ଅଞ୍ଚଳକୁ ପାଇପ ଜଳଯୋଗାଣ ହୋଇପାରିନାହିଁ ନ ଥିବା ଅଭିଯୋଗ ହୋଇଆସୁଛି। ଏଥିଯୋଗୁ ଜିଲାର ସୁକିନ୍ଦା, ଦାନଗଦି, କୋରେଇ, ଧର୍ମଶାଳା, ବଡ଼ଚଣା, ରସୁଲପୁର ଆଦି ବ୍ଲକ ଅଞ୍ଚଳରେ କିଡ୍‌ନୀ ରୋଗୀ ସଂଖ୍ୟା ବୃଦ୍ଧି ପାଉଛି ବୋଲି ଅଞ୍ଚଳାବସୀ କହିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଆରଡବ୍ଲୁଏସ୍ଏସ୍‌ର ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ପଚାରିବାରେ, ପାଣିରୁ ଆଇରନ ଅଂଶ ଦୂର କରିବାକୁ ୧୫୧ଟି ଆଇଆରପି ସ୍ଥାପନ କରିବାକୁ ଯୋଜନା ରହିଛି। ହେଲେ ଏଯାଏ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରୁ ଏ ନେଇ ମଞ୍ଜୁରୀ ମିଳି ପାରି ନ ଥିବାରୁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ ବୋଲି କହିଛନ୍ତି। ଏଥିପାଇଁ ଇଆଇସି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅନୁମତି ଲୋଡିଛନ୍ତି।

## ବିଧାୟକଙ୍କ କରୋନା ସମୀକ୍ଷା



ସମୀକ୍ଷା ବୈଠକରେ ବିଧାୟକ ଓ ଅନ୍ୟମାନେ।

**କୁଜଙ୍ଗ,୨୮।୫(ଡି.ଏନ.ଏ.)**

ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଗୁରୁବାର କୁଜଙ୍ଗ ପଞ୍ଚାୟତ ସମିତି ସଭାଗୃହରେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଡା. ପ୍ରସନ୍ନ କୁମାର ପଣ୍ଡା ଓ ୨୮ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କୁ ନେଇ କରୋନା ଭୂତାଣୁ ସମ୍ପର୍କରେ ସମୀକ୍ଷା କରିଛନ୍ତି। ମୁଖ୍ୟତଃ ବିଭିନ୍ନ ପଞ୍ଚାୟତରେ ହୋଇଥିବା ସଙ୍ଗରୋଧ ଗୃହ ଓ ତା’ର ପରିଚାଳନା ସମ୍ପର୍କରେ ବିଧାୟକ ଅବଗତ ହୋଇଥିଲେ। ପ୍ରବାସୀମାନେ ରହୁଥିବା ଅସ୍ଥାୟୀ ସଙ୍ଗରୋଧ ଗୃହରେ ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ଯତ୍ନବାନ୍ ହେବାକୁ ବିଧାୟକ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଅନ୍ୟପକ୍ଷରେ ସଙ୍ଗରୋଧ ଗୃହ ସଫେଇ ପାଇଁ ଝାଡୁଦାର ଯୋଗାଇ ଦେବାକୁ ବହୁ ସରପଞ୍ଚ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ୍ ଅଞ୍ଚଳକୁ ଆସିଥିବା ପ୍ରବାସୀଙ୍କ ସ୍ୱାସ୍ଥ୍ୟାବସ୍ଥା, କରୋନା ଲକ୍ଷଣ ସମ୍ପର୍କରେ ଡା. ପ୍ରସନ୍ନ ପଣ୍ଡାଙ୍କଠାରୁ ବିଧାୟକ ପଚାରି ବୁଝିଥିଲେ। ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷ ସ୍ମୃତିରଞ୍ଜନ ବେହେରା, ବିଧାୟକଙ୍କ ବ୍ଲକ ପ୍ରତିନିଧି ନିରଞ୍ଜନ ପ୍ରଧାନ, ଉପାଧ୍ୟକ୍ଷା ପୁଷ୍ପଲତା ବେହେରା, ଜିଲାପରିଷଦ ସଭ୍ୟା ନମିତା ପରିଡ଼ା, ଗୋପିଆକୁଦ ସରପଞ୍ଚ ନନ୍ଦିନୀ ପଣ୍ଡା, ମିହିର ରଞ୍ଜନ ସାହୁ, ଭାରତ ଭୂଷଣ ନାୟକ, ମିହିର ରଞ୍ଜନ ପଟ୍ଟନାୟକ ଓ ପ୍ରମୋଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟବହାର ଅନୁପଯୋଗୀ ହୋଇଛି ତାଳଦଣ୍ଡା କେନାଲ ପାଣି

**କୁଜଙ୍ଗ,୨୮।୫(ଡି.ଏନ.ଏ.)**



କେନାଲରେ ଦଳ ଭର୍ତ୍ତି ହୋଇଛି।

ତାଳଦଣ୍ଡା କେନାଲ ପାଣିକୁ କେନାଲ ତଟବର୍ତ୍ତୀ ଜନସାଧାରଣ ବ୍ୟବହାର କରିଥାନ୍ତି। ବିଶେଷକରି ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଗଭୀର ଜଳ ଲବଣାକ୍ତ ଓ ଲୌହଯୁକ୍ତ ହୋଇଥିବାରୁ ବହୁ ଅଧିବାସୀ ଉକ୍ତ କେନାଲ ପାଣିକୁ ପାନୀୟ ଜଳଭାବେ ବ୍ୟବହାର କରିଥାନ୍ତି। ମାତ୍ର ଦୁଃଖ ଓ ପରିତାପର ବିଷୟ ଏବେ ଏହି କେନାଲରେ ଦଳ ଭର୍ତ୍ତି ହୋଇଯାଇଛି। ଫଳରେ ଦଳ ପଚି ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି, ଯଦ୍ୱାରା ଏହି ଜଳ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। କୁଜଙ୍ଗରୁ ପାରାଦୀପ ଓ ସିଙ୍ଗିଟାଳି ପୋଲଠାରୁ ଚଉମୁହାଣୀ ପର୍ଯ୍ୟନ୍ତ ଘଞ୍ଚ ଦଳରେ ପରିପୂର୍ଣ୍ଣ ହୋଇ ଜଳଶୂନ୍ୟର ଭ୍ରମ ସୃଷ୍ଟିକରିଛି। କିନ୍ତୁ ଉକ୍ତ ଅଞ୍ଚଳରେ ପାନୀୟଜଳ ସଙ୍କଟ ଥିବାବେଳେ କେନାଲ ପାର୍ଶ୍ୱବର୍ତ୍ତୀ ଅଧିବାସୀମାନେ ବାଧ୍ୟ ହୋଇ ଉକ୍ତ ଜଳକୁ ବ୍ୟବହାର କରୁଛନ୍ତି। ଫଳରେ ଜନସାଧାରଣ ଥଣ୍ଡା, ଜ୍ୱର, କାଶ ଓ ବିଭିନ୍ନ ଚର୍ମରୋଗରେ ପୀଡ଼ିତ ହେଉଛନ୍ତି। ଜଳସମ୍ପଦ ବିଭାଗ ଶୀଘ୍ର ଦଳ ସଫା କରି କେନାଲରେ ପ୍ରବାହିତ ଜଳକୁ ବ୍ୟବହାର ଉପଯୋଗୀ କରିବାକୁ ବରିଷ୍ଠ ନାଗରିକ ମହାସଂଘ ସଂଗଠନ ସମ୍ପାଦକ ବାବୁରାମ ଚୌଧୁରୀ, ନିଶାକର ମୁଦୁଲି, ଦେବପ୍ରସାଦ ପଟ୍ଟନାୟକ, ଅନଙ୍ଗ ମହାପାତ୍ର, ନବୀନ ପ୍ରଧାନ, ଗୌରୀଶ୍ୟାମ ଦାସ ପ୍ରମୁଖ ପାରାଦୀପ ଉପନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଉପନିର୍ବାହୀ ଯନ୍ତ୍ରୀ ରାଜେଶ ମହାନ୍ତିଙ୍କୁ ପଚାରିବାରେ ଶୀଘ୍ର ଦଳ ସଫା କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଯାଜପୁର ଜିଲା: ୧୧ ନୂଆ କରୋନା ସଂକ୍ରମିତ

ଯାଜପୁର ଅଫିସ୍, ୨୮।୫

**ସୁସ୍ଥ ହୋଇ ଫେରିଲେ ୨୫**

ଯାଜପୁର ଜିଲାରେ ଗୁରୁବାର ପୁଣି ୧୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ସଂକ୍ରମିତ ସଂଖ୍ୟା ୨୫୩ରେ ପହଞ୍ଚିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଆକ୍ରାନ୍ତମାନେ ହେଲେ କୋଲକୋତା ଫେରନ୍ତା ଦଶରଥପୁର ବ୍ଲକ ଜଗନ୍ନାଥପୁରର ୩୬ ବର୍ଷୀୟ ପୁରୁଷ, ହୀରାପୁର ଗ୍ରାମର ୩୨ ବର୍ଷୀୟ ପୁରୁଷ, ଧନିପୁର ଗ୍ରାମର ୩୨ ବର୍ଷୀୟା ମହିଳା ଓ ୩୬ ବର୍ଷୀୟ ପୁରୁଷ, ଚାଉଳିଆ ଗ୍ରାମର ୭୫ ବର୍ଷୀୟ ପୁରୁଷ, ମଙ୍ଗଳପୁରର ୫୯ ବର୍ଷୀୟ ପୁରୁଷ, କସପା ଗ୍ରାମର ୩୨ ବର୍ଷୀୟ ପୁରୁଷ ଓ ୫୮ ବର୍ଷୀୟା ମହିଳା, ଆନ୍ଧ୍ରପ୍ରଦେଶ ଫେରନ୍ତା ବରୀ ବ୍ଲକ ଅରିଲୋ ଗ୍ରାମର ୬୩ ବର୍ଷୀୟ ପୁରୁଷ, ଅହମ୍ମଦାବାଦ ଫେରନ୍ତା ବଡ଼ବାଲିକୁଦା ଗ୍ରାମର ୨୨ ବର୍ଷୀୟା ମହିଳା ଓ ନିଆଳି ଗ୍ରାମର ୩୦ ବର୍ଷୀୟ ପୁରୁଷ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ ଗୁରୁବାର ୨୫ ଜଣ ସୁସ୍ଥ ହୋଇଥିବାବେଳେ ମୋଟ ସୁସ୍ଥ ସଂଖ୍ୟା ୧୫୧ ଛୁଇଁଛି। ସେମାନଙ୍କ ମଧ୍ୟରେ ବରୀ ବ୍ଲକର ୧୩ ଜଣ ରହିଥିବା ବେଳେ ବଡ଼ଚଣା ବ୍ଲକର ୪ଜଣ, କୋରେଇ ବ୍ଲକର ୩, ଧର୍ମଶାଳା ବ୍ଲକର ଜଣେ, ଯାଜପୁର ବ୍ଲକର ୪ ଜଣ ସୁସ୍ଥ ହୋଇ ଫେରିଛନ୍ତି। ସୂଚନାଥାଉ କି, ବରୀ ବ୍ଲକ ଅଧୀନ ଅଙ୍ଗାଲୋ ପଞ୍ଚାୟତର ଅରିଲୋ ଗ୍ରାମକୁ ଜିଲାପାଳ ରଞ୍ଜନ କୁମାର ଦାସ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରିଛନ୍ତି। ଗୁରୁବାର ସନ୍ଧ୍ୟା ୭ଟାରୁ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଏଠାରେ କଟକଣା ବଳବତ୍ତର ରହିବ। ଏହାବାଦ ଯାଜପୁର ବ୍ଲକ ଏରାବାଙ୍କ କଣ୍ଟେନମେଣ୍ଟ ଜୋନ୍‌କୁ ଶୁକ୍ରବାର ସକାଳ ୭ଟାରୁ ପ୍ରତ୍ୟାହାର କରିନିଆଯାଇଛି।

## ଚାକୁଣ୍ଡା ଗଛ ପାଇଁ ୨ ପରିବାରରେ ମାର୍‌ପିଟ: ଜଣଙ୍କ ମୁଣ୍ଡ ଫାଟିଲା

**ବାଲିକୁଦା,୨୮।୫(ସ୍ୱ.ପ୍ର.):** ଚାକୁଣ୍ଡା ଗଛକଟାକୁ ନେଇ ବାଲିକୁଦା ଥାନା ଅଧୀନ ଟିଗିରିଆ ଗାଁର ରଘୁନାଥ ରାଉତ ଓ ସୁକାନ୍ତ ରାଉତଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ସୁକାନ୍ତଙ୍କ ମୁଣ୍ଡ ଫାଟିଛି। ତାଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଛି। ଏ ନେଇ ସୁକାନ୍ତଙ୍କ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମାତ୍ର ଖବର ଲେଖାହେବାବେଳକୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଇ ନ ଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ରଘୁନାଥ ଓ ସୁକାନ୍ତଙ୍କ ପରିବାର ମଧ୍ୟରେ ଜାଗାବାଡିକୁ ନେଇ ଗଣ୍ଡଗୋଳ ଲାଗି ରହିଥିଲା। ବୁଧବାର ସକାଳେ ବାଡିରେ ଥିବା ଏକ ଚାକୁଣ୍ଡା ଗଛକୁ ବିକ୍ରି କରିବା ପାଇଁ ରଘୁନାଥ ବେପାରୀ ଡାକିଥିଲେ। ସୁକାନ୍ତ ଏହାର ବିରୋଧ କରିବା ସହିତ ଜମିବାଡ଼ି ବିବାଦ ସମାଧାନ ପରେ ଗଛ ବିକାଯିବ ବୋଲି କହିଥିଲେ। ଏହାକୁ ନେଇ ଦୁଇଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରଘୁନାଥ ବାଉଁଶ ଠେଙ୍ଗାରେ ସୁକାନ୍ତଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଘଟଣାସ୍ଥଳରେ ସେ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ତାଙ୍କ ମୁଣ୍ଡରେ ୬ଟି ଷ୍ଟିଚ୍ ପଡ଼ିଛି। ଏ ନେଇ ନଂ–୧୧୯/୨୦ରେ ମାମଲା ରୁଜୁ ହୋଇଛି।

## କମାରଶାଳରେ ବନ୍ଧୁକ କାରଖାନା

### କାରିଗରଙ୍କୁ ଅଟକରଖି ପୋଲିସର ତଦନ୍ତ

**ନୟାଗଡ ଅଫିସ/ରଣପୁର, ୨୮।୫(ସ୍ୱ.ପ୍ର.):** ରଣପୁର ଥାନା ଅଧୀନ ଶାମୁକାସାହିର ଏକ କମାରଶାଳରେ ବନ୍ଧୁକ କାରଖାନା ଚାଲୁଥିବା ଖବର ମିଳିଥିଲା। ପୋଲିସ ଗୁରୁବାର ଉକ୍ତ କମାରଶାଳରେ ଚଢ଼ାଉ କରି କାରିଗରଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସେହିପରି କିଛି ଦେଶୀ ବନ୍ଧୁକ ତିଆରି ଉପକରଣ ଜବତ କରିଛି। ତେବେ ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଦର୍ଶାଇ ପୋଲିସ କିଛି ସୂଚନା ଦେଇନାହିଁ। ଶାମୁକାସାହିରେ ବନ୍ଧୁକ ତିଆରି ହେଉଥିବା ଅଭିଯୋଗ ହୋଇଆସୁଥିଲା। ଏଠାରୁ ରାଜ୍ୟର ବିଭିନ୍ନ ସ୍ଥାନକୁ ଦେଶୀ ବନ୍ଧୁକ ଚାଲାଣ ହେଉଥିଲା ବୋଲି କୁହାଯାଉଥିଲା। କିଛିମାସ ତଳେ ଖୋର୍ଦ୍ଧା ପୋଲିସ ଶାମୁକାସାହିରେ ଚଢ଼ାଉ କରି ଦେଶୀ ବନ୍ଧୁକ ଜବତ କରିବା ସହ କାରିଗରଙ୍କୁ ଗିରଫ କରିଥିଲା।

## ଅମ୍ଫନ କ୍ଷତିପୂରଣ ଦାବି

**ବିଞ୍ଝାରପୁର, ୨୮।୫ (ଡି.ଏନ୍.ଏ.)**



ତହସିଲଦାରଙ୍କୁ ଭେଟିବାକୁ ଆସିଥିବା ସରପଞ୍ଚମାନେ।

ବାତ୍ୟା ଅମ୍ଫନ ପ୍ରଭାବରେ ବିଞ୍ଝାରପୁର ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଶହ ଶହ ପରିବାର ପ୍ରଭାବିତ ହୋଇଛନ୍ତି। ଅନେକଙ୍କର କଚ୍ଚା ଘର ଭାଙ୍ଗି ଯାଇଥିବା ବେଳେ ବହୁ ପରିବାର ଖୋଲା ଆକାଶ ତଳେ ପଡ଼ିଛନ୍ତି। ତହସିଲ ପ୍ରଶାସନ ଏହାର ତଦନ୍ତ କରି ବିପନ୍ନମାନଙ୍କୁ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଦାବି କରିଛନ୍ତି। ବୁଧବାର ସରପଞ୍ଚ ଧ୍ରୁବଚରଣ ସେଠୀ, ସୌଭାଗ୍ୟ କୁମାର ରାୟମହାପାତ୍ର, ସମରେନ୍ଦ୍ର ସାହୁ, ମିନତୀ ସାହୁ, ରଶ୍ମିତା ନାୟକ, ଆଶାଲତା ସାହୁ, ରଞ୍ଜିତା ଦାସ, ଆଶାଲତା ନାୟକ, ତରୁଣ କୁମାର ସାହୁ ପ୍ରମୁଖ ତହସିଲଦାରଙ୍କୁ ଭେଟି ବିପନ୍ନମାନଙ୍କ କ୍ଷୟକ୍ଷତି ସମ୍ପର୍କରେ ଆଲୋଚନା କରିଥିଲେ। ତଦନ୍ତ ପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ନାବାଳିକାଙ୍କୁ ଅପହରଣ, ଅଭିଯୁକ୍ତଙ୍କ ମାମୁ ଅଟକ

**ବିଞ୍ଝାରପୁର, ୨୮।୫ (ଡି.ଏନ.ଏ.):** ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଉତ୍ତରଙ୍ଗ ପଞ୍ଚାୟତ କୂରୀସାହି ଗ୍ରାମର ଜଣେ ଯୁବକ ଅପହରଣ କରିନେଇଥିବା ନାବାଳିକାଙ୍କ ବାପା ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗର ତଦନ୍ତ ଚାଲିଥିବା ବେଳେ ପୋଲିସ ଅଭିଯୁକ୍ତ ଯୁବକଙ୍କ ମାମୁଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

## କଲିକତାରୁ ସାଇକେଲରେ ଆସିଲେ ପ୍ରବାସୀ

ଆଳି,୨୮।୫(ଡି.ଏନ୍.ଏ.)



ଶରତଚନ୍ଦ୍ର ପାତ୍ର।

ଆଳି ଥାନା ଅନ୍ତର୍ଗତ ଭୂଇଁପୁର ବାଲିସାହି ଗ୍ରାମର ଶରତଚନ୍ଦ୍ର ପାତ୍ର କଲିକତାରୁ ସାଇକେଲ୍‌ରେ ଆସି ଗୁରୁବାର ଆଳି ବ୍ଲକରେ ପହଞ୍ଚିଛନ୍ତି। ଏହାପରେ ପ୍ରଶାସନ ପକ୍ଷରୁ ତାଙ୍କୁ ନିଆଳ ସତ୍ୟସାଇ ବିଦ୍ୟାବିହାର ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି ବୋଲି ଏବିଡିଓ ପ୍ରଶାନ୍ତ ଜେନା କହିଛନ୍ତି। ଶରତ କଲିକତାରେ କାମ କରୁଥିଲେ। ଲକ୍‌ଡାଉନ୍ ପରେ କାମ ବନ୍ଦ ହୋଇଯିବାରୁ ଆର୍ଥିକ ସମସ୍ୟା ଦେଖାଦେଇଥିଲା। ଏହାପରେ ଘରକୁ ଫେରିବାକୁ ସ୍ଥିର କରି ଗତ ରବିବାର ରାତିରୁ କଲିକତା ସୁନାରପୁରରୁ ଏକ ସାଇକେଲରେ ଆଳି ଅଭିମୁଖେ ବାହାରିଥିଲେ। ସାଙ୍ଗରେ ନେଇଥିବା ବ୍ୟାଗରେ କିଛି ଶୁଖିଲା ଖାଦ୍ୟ ଆଣିଥିଲେ। ବୁଧବାର ବାଲେଶ୍ୱରରେ ପହଞ୍ଚିବା ପରେ କେତେଜଣ ଲୋକ ତାଙ୍କୁ ଖାଇବାକୁ ଦେଇଥିଲେ। ଏହାପରେ ଗୁରୁବାର ସକାଳେ ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କିଛିଦିନ ପୂର୍ବେ ଏହି ବ୍ଲକ ଅନ୍ତର୍ଗତ ତୁଙ୍ଗା ଓ ଅରଗଳ ଗ୍ରାମର ୨ ଜଣ ପ୍ରବାସୀ ଓଡ଼ିଆ ସାଇକେଲରେ ବାହାର ରାଜ୍ୟରୁ ଘରକୁ ଫେରିଥିଲେ।

## ବଢୁଛି କୁମ୍ଭୀର ଆତଙ୍କ

କେନ୍ଦ୍ରାପଡ଼ା ଅଫିସ, ୨୮।୫



- ଖରସ୍ରୋତାରେ ନିର୍ମାଣ ହେଉନି ଗାଧୁଆତୁଠ
- ଶୌଚ ପାଇଁ ଯିବାକୁ ଡରୁଛନ୍ତି ୧୫ ଗ୍ରାମର ବାସିନ୍ଦା

ବର୍ଷାଋତୁ ଆରମ୍ଭ ହୋଇନାହିଁ। ହେଲେ ଭିତରକନିକା ସଂଲଗ୍ନ ନଦୀକୂଳ ଗ୍ରାମରେ କୁମ୍ଭୀର ଆତଙ୍କ ଦେଖାଦେଲାଣି। ରାଜକନିକା ବ୍ଲକ କଣ୍ଡିଆ ଅରଗଳ ଖରସ୍ରୋତା ନଦୀ ପୋଲ ନିକଟରେ ଦୁଇଟି ୧୨ ଫୁଟିଆ କୁମ୍ଭୀର ଚଳପ୍ରଚଳ କରୁଛନ୍ତି। ଗତ ବାତ୍ୟାରେ ଭିତରକନିକାରୁ ଏହି କୁମ୍ଭୀର ପଳାଇ ଆସିଥିଲେ। ଏହାକୁ ନେଇ ଖରସ୍ରୋତା ନଦୀକୂଳର କଣ୍ଡିଆ ମଳିକ ସାହି, ଠାକୁରାଣୀପାଳ, ଚରପଡା, ନମତରା, ଦେଉଳତରା, ଖରିଅଣ୍ଡା, ପାରି ନୂଆପଡା ଆଦି ୧୫ ଗ୍ରାମର ବାସିନ୍ଦା ଶୌଚ ପାଇଁ ନଦୀକୁ ଯିବାକୁ ଡରୁଛନ୍ତି। କୁମ୍ଭୀର ପ୍ରବଣ ନଦୀକୂଳରେ ସୁରକ୍ଷିତ ଗାଧୁଆତୁଠ ନିର୍ମାଣ ବନ ବିଭାଗ ଦାୟିତ୍ୱରେ ଥିବାବେଳେ ଏହା ନିର୍ମାଣ ହେଉ ନ ଥିବା ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାସହ ଦୁଇ କୁମ୍ଭୀରଙ୍କୁ ସ୍ଥାନାନ୍ତର କରିବାକୁ ସେମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ଆଳିର ସାମାଜିକ କର୍ମୀ ଶୁଭାଶିଷ ଷଡ଼ଙ୍ଗୀ କହିଛନ୍ତି, ଗତ ୧୦ବର୍ଷ ମଧ୍ୟରେ ଭିତରକନିକା ଜାତୀୟ ଉଦ୍ୟାନ ଆଖପାଖ ଅଞ୍ଚଳରେ କୁମ୍ଭୀର ଆକ୍ରମଣରେ ୧୪ଜଣଙ୍କ ମୃତ୍ୟୁ ହୋଇଥିବା ବନ ବିଭାଗ ଦର୍ଶାଉଛି। ବାସ୍ତବରେ ଏହି ସଂଖ୍ୟା ଢ଼େର ଅଧିକ। କୁମ୍ଭୀର ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତିଙ୍କ ମୃତଦେହ ନ ମିଳିବାରୁ ସରକାରୀ ଖାତାକୁ ଏହା ଯାଇପାରୁ ନାହିଁ। ବନ ବିଭାଗ ଦର୍ଶାଇଥିବା ରିପୋର୍ଟ ମୁତାବକ ଗତ ୧୦ବର୍ଷ ମଧ୍ୟରେ ପ୍ରାୟ ୫୦ ଜଣ ଆହତ ହୋଇଥିବା ବେଳେ ୫ ବର୍ଷ ମଧ୍ୟରେ ୩୬ ଗୃହପାଳିତ ପ୍ରାଣୀଙ୍କ ଜୀବନହାନି ହୋଇଛି। କୁମ୍ଭୀର ଆତଯାତ ନଦୀରେ ସ୍ୱତନ୍ତ୍ର ଗାଧୁଆ ତୁଠ ନିର୍ମାଣ ପାଇଁ ବନ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ତେବେ ଏହାର ସୁଫଳ ରାଜନଗର, ରାଜକନିକା ଓ ମହାକାଳପଡା ବ୍ଲକ ଅଞ୍ଚଳସ୍ଥ ଅଧିବାସୀ ପାଇ ପାରୁ ନାହାନ୍ତି। ସ୍ୱତନ୍ତ୍ର ଗାଧୁଆ ତୁଠ ପାଇଁ ଆସୁଥିବା ଅନୁଦାନ କେଉଁଠାରେ ଖର୍ଚ୍ଚ ହେଉଛି ତାହା ପ୍ରଶ୍ନବାଚୀ ବୋଲି ସେ କହିଛନ୍ତି। ଅରଗଳ ଗ୍ରାମର ରାମନାଥ ଦାସ କୁହନ୍ତି, ଏହି ବନାଞ୍ଚଳ ରେଞ୍ଜ ଅଧୀନ ଗଡଗଡି, ବାଳକାଟି, ପତ୍ରପୁର, ନୂଆଗାଁ, ଚନ୍ଦନପୁର, ରାଜପୁର, ବାଲି, ମାଣିକପାଟଣା, ଓସ୍ତିଆ, ନଗଡ, ବେଲପାଳ, ସାହୁପଡା, ନଳପାହି, ଏକମାଣିଆ, ଦକ୍ଷିଣାଡ଼ିହା, ରାଜଗଡ, ନଳଦିଆ, ନରେନ୍ଦ୍ରପୁର, ନିମପୁର ଆଦି ଗ୍ରାମ ନିକଟ ନଦୀରେ ଗାଧୁଆ ତୁଠ ନାହିଁ। ନଦୀରେ ଗାଧୋଇବା, ବାସନକୁସନ ଧୋଇବା ଓ ପାଣି ଆଣିବା ସମୟରେ ଶତାଧିକ ଲୋକ କୁମ୍ଭୀର ଆକ୍ରମଣର ଶୀକାର ହେଉଛନ୍ତି। ଏ ନେଇ ବିଭାଗକୁ ଜଣାଇଲେ ମଧ୍ୟ କ୍ଷତିପୂରଣ ଦିଆ ଯାଉନାହିଁ। ଖରସ୍ରୋତା ନଦୀରେ ଦେଖା ଦେଇଥିବା କୁମ୍ଭୀର ଦୁଇଟିକୁ ସ୍ଥାନାନ୍ତର ପାଇଁ ରାମନାଥଙ୍କ ସହ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଚଣ୍ଡିଆଗଡି ଗ୍ରାମର କିଶୋର ଚନ୍ଦ୍ର ସରକାର କୁହନ୍ତି, କୁମ୍ଭୀର ଉପଦ୍ରବ କରୁଥିବା ନଦୀକୂଳରେ ଥିବା ଅଧିବାସୀଙ୍କ ପାଇଁ ସୁରକ୍ଷିତ ଗାଧୁଆତୁଠର ଆବଶ୍ୟକତା ଅଛି। ବନ୍ୟଜନ୍ତୁ ଆଇନ ଅନୁଯାୟୀ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ମିଳିବା ବ୍ୟବସ୍ଥା ଅଛି। ଏହି କ୍ଷତିପୂରଣ ଅର୍ଥ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ କେନ୍ଦ୍ରାପଡା ଜିଲାର ଉପାନ୍ତ ଅଞ୍ଚଳବାସୀଙ୍କୁ ଏହାର ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ଜିଲା ବନ ଅଧିକାରୀ ବିକାଶ ଚନ୍ଦ୍ର ଦାଶ କୁହନ୍ତି, ବନାଞ୍ଚଳରେ ପଶୁପକ୍ଷୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଉଛି। ଏଥିସହ ବିଭିନ୍ନ ନଦୀରେ ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ଗାଧୁଆ ତୁଠ ନିର୍ମାଣ ହୋଇଛି। କୁମ୍ଭୀର ଆତଯାତ ଅଞ୍ଚଳରେ ସୁରକ୍ଷିତ ଜୀବନଯାପନ ପାଇଁ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ମୃତ ଓ ଆହତଙ୍କ ପାଇଁ ହେଉଥିବା ଅଭିଯୋଗକୁ ଭିତ୍ତିକରି ତଦନ୍ତ ସହ କ୍ଷତିପୂରଣ ଦିଆଯାଉଛି।

## ସଂକ୍ଷେପରେ

### ବଜ୍ରପାତରେ ୨ ଗୁରୁତର

ଚମ୍ପୁଆ, ୨୮।୫ (ଡି.ଏନ.ଏ.)-ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତର ପତଳା ଗ୍ରାମରେ ଗୁରୁବାର ସକାଳେ ବଜ୍ରପାତରେ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପାର୍ବତୀ ପାତ୍ର ଓ ଝୁମି ପାତ୍ର। ଗାଧେଇବାକୁ ଯାଉଥିବା ବେଳେ ସେମାନେ ବଜ୍ରପାତର ଶିକାର ହୋଇଥିଲେ। ଉଭୟଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଏହି ବଜ୍ରପାତ ନଟବର ପାତ୍ରଙ୍କ ଘର ଉପରେ ହେବାରୁ ଆଜବେଷ୍ଟସଗୁଡିକ ଭାଙ୍ଗି ଚୁରମାର ହୋଇଯାଇଛି। ଏପରିକି ଘର ଭିତରେ ବସ୍ତାରେ ଥିବା ଚାଉଳ ଓ ରୋଷେଇ ସାମଗ୍ରୀ ସହିତ ବିଦ୍ୟୁତ ବୋର୍ଡ ଓ ତାର ସବୁ ନଷ୍ଟ ହୋଇଯାଇଛି। ରାଜସ୍ୱ ନିରୀକ୍ଷକଙ୍କ ତଦନ୍ତକୁ ଭିତ୍ତିକରି ସରକାରଙ୍କ ଗାଇଡ ଲାଇନ ଅନୁଯାୟୀ ତୁରନ୍ତ ପଲିଥିନ ଯୋଗାଇ ଦିଆଯିବ ବୋଲି ତହସିଲଦାର ଆଲୋକ କୁମାର ପଟେଲ ସୂଚନା ଦେଇଛନ୍ତି।

### ବିଦ୍ୟୁତ୍ ଆଘାତରେ ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ

ବାହାନଗା, ୨୮।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚାୟତ ରାମତାଳିଆଡିଆ ଗ୍ରାମରେ ନିର୍ମାଣାଧୀନ କୋଠାରେ ନିୟୋଜିତ ଶ୍ରମିକଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ରାମତାଳିଆଡିଆ ଗ୍ରାମର ଦୀନବନ୍ଧୁ ଦାସଙ୍କ ଘର ନିର୍ମାଣ ହେଉଥିଲା। ବୁଧବାର ଚନ୍ଦନ ମହାଳିକ(୩୪) ନିମଚାଲ ଉପରେ ଠିଆ ହୋଇ କାମ କରୁଥିବା ବେଳେ ଉପରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ସେଠାରେ ଅନ୍ୟ ଶ୍ରମିକମାନେ ନ ଥିବାରୁ ତାଙ୍କୁ କେହି ବଞ୍ଚାଇପାରି ନ ଥିଲେ। କାନ୍ଥ ଉପରୁ ସେ ଖସିପଡିଥିବା ବେଳେ ଘର ମାଲିକ, ମିସ୍ତ୍ରୀ ଓ ଶ୍ରମିକମାନେ ଦେଖି ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ନେଇ ଶଙ୍କରପଦା ଗ୍ରାମବାସୀ ଘର ମାଲିକଙ୍କ ପାଖକୁ ଯାଇଥିଲେ ମଧ ତାଙ୍କୁ ନ ପାଇ ତାଙ୍କ ବନ୍ଧୁଙ୍କୁ ଧରି ଗ୍ରାମକୁ ଆଣିଥିଲେ। ପରେ ସେମାନେ ତାଙ୍କୁ ଛାଡିଦେଇଥିଲେ।

### କେନ୍ଦୁଝରରେ ଆଉ ଜଣେ କରୋନା ପଜିଟିଭ୍

କେନ୍ଦୁଝର/ଚମ୍ପୁଆ,୨୮।୫ (ସ୍ୱ.ପ୍ର./ଡି.ଏନ.ଏ.)-କେନ୍ଦୁଝର ଜିଲାରେ ଆଉ ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୧ରେ ପହଞ୍ଚିଛି। ଚମ୍ପୁଆ ବ୍ଲକରେ ଗୁରୁବାର ଦ୍ୱିତୀୟ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେ ଉତ୍ତରପ୍ରଦେଶରୁ ଫେରି ସ୍ଥାନୀୟ ଆଦର୍ଶ ବିଦ୍ୟାଳୟରେ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ କ୍ୱାରାଣ୍ଟାଇନରେ ଥିଲେ। ଉକ୍ତ କେନ୍ଦ୍ରରେ ଦ୍ୱିତୀୟ କରୋନା ପଜିଟିଭ। ଚମ୍ପୁଆ ଏନ୍ଏସି ୭ ନଂ.ୱାର୍ଡରେ ଥିବା ଏହି ଅଞ୍ଚଳକୁ ୭ ଦିନ ଧରି ଆବଦ୍ଧାଞ୍ଚଳ ଭାବରେ ଘୋଷଣା କରାଯାଇଛି।

### ପ୍ରବାସୀଙ୍କ ଲାଗି ଖାଦ୍ୟ ବ୍ୟବସ୍ଥା

ରେମୁଣା, ୨୮।୫(ଡି.ଏନ.ଏ.)-ଶେରଗଡ଼ ଟୋଲ ଗେଟ ପକ୍ଷରୁ ରାଜପଥରେ ଫେରୁଥିବା ପ୍ରବାସୀଙ୍କୁ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଗେଟର ତତ୍ତ୍ୱାବଧାରକ ପ୍ରଭାକର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗେଟର ମ୍ୟାନେଜର ଅନୀଲ ପଣ୍ଡା, ଆକାଉଣ୍ଟସ ଅଫିସର ସତ୍ୟଜିତ ପଣ୍ଡା, ଫିଲଡ ଅଫିସର କୃଷ୍ଣଚନ୍ଦ୍ର ନାୟକ, ସିକ୍ୟୁରିଟି ଅଫିସର ପଞ୍ଚାନନ ବେହେରା ଏବଂ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ୩ଶହ ପ୍ରବାସୀଙ୍କୁ ଖାଦ୍ୟ ପ୍ରଦାନ କରାଯାଇଥିଲା।

# ଚାଉଳ ପରିବହନରେ ଅନିୟମିତତା ଅଭିଯୋଗ

**ପଣ୍ୟାଗାର ଗୋଦାମ ବଦଳରେ ପଞ୍ଚାୟତରେ ହେଉଛି ଖାଲି**

କେନ୍ଦୁଝର,୨୮।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲାରେ ବିଭିନ୍ନ ପଞ୍ଚାୟତକୁ ଯୋଗାଇ ଦିଆଯାଉଥିବା ଚାଉଳ ପରିବହନରେ ଅନିୟମିତତା ଅଭିଯୋଗ ଆସିଥିବାବେଳେ ଏ ସମ୍ପର୍କରେ ଆବଶ୍ୟକୀୟ ତଦନ୍ତ ହେଲେ ଅନେକ ଗୁମର ଖୋଲିବ ବୋଲି କେନ୍ଦୁଝର ସଦର ବିଧାୟକ ତଥା ଓଡିଶା ବିଧାନସଭାର ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ଅଭିଯୋଗ କରିଛନ୍ତି।

ଅଭିଯୋଗରୁ ଜଣାପଡିଛି ଯେ, କେନ୍ଦୁଝର ଜିଲା ବେସାମରିକ ଯୋଗାଣ ବିଭାଗ ଅଧୀନରେ ଥିବା ପଣ୍ୟାଗାର ରାଇସ ରିସିଭିଙ୍ଗ ସେଣ୍ଟରକୁ ଚାଉଳ ପ୍ରବେଶ ନ କରାଇ ପଣ୍ୟାଗାର ବାହାରେ ଗୋଟିଏ ଗାଡିରୁ ଆଉ ଗୋଟିଏ ଗାଡି ଚାଉଳ ବଦଳ କରାଯାଇ ସିଧାସଳଖ ପଞ୍ଚାୟତକୁ ଚାଉଳ ଯୋଗାଣ ହେଉଥିବା ଅଭିଯୋଗ ହୋଇଛି। କେନ୍ଦୁଝର ଜିଲାରେ ୧୩ଟି ରାଇସ ମିଲ ଏବଂ ବାହାର ଜିଲା ବରଗଡ, ସମ୍ବଲପୁର, ଝାରସୁଗୁଡା, ଦେବଗଡ ଆଦି ଅଞ୍ଚଳରୁ ବଡବିଲ, ଚମ୍ପୁଆ, ଝୁମ୍ପୁରା, ପିଇଜି ଗୋଦାମ ଗୁମୁରା ଏବଂ ମଣ୍ଡୁଆ ଆରଆରସି ବା ରାଇସ ରିସିଭିଙ୍ଗ ସେଣ୍ଟରକୁ ଚାଉଳ ଯୋଗାଣ ହୋଇଥାଏ। ଚାଉଳ ଆସିବା ପରେ ନିୟମ ଅନୁଯାୟୀ ଉକ୍ତ ଚାଉଳର ମାନ ନିର୍ଦ୍ଧାରଣ ଏବଂ ପରିମାଣର ସଠିକତା ପରୀକ୍ଷା କରିବା ପରେ ତାହାକୁ ଗୋଦାମ ଘରେ ରଖାଯାଇଥାଏ। ପରେ ଜିଲାର ସମସ୍ତ ପଞ୍ଚାୟତ, ହଷ୍ଟେଲ ଏବଂ ରିଟେଲର ପଏଣ୍ଟକୁ ଆବଶ୍ୟକତା ଅନୁଯାୟୀ ଯୋଗାଣ ହୋଇଥାଏ। କିନ୍ତୁ କେନ୍ଦୁଝରରେ ଥିବା ଆରଆରସି ଗୁଡ଼ିକରେ ଏସବୁ ନିୟମର ବ୍ୟତିକ୍ରମ କରାଯାଇ ରାଇସ ମିଲରୁ ଆସୁଥିବା ଚାଉଳ ପଣ୍ୟାଗାରରେ ଗଚ୍ଛିତ ନ ହୋଇ ସିଧାସଳଖ ବିଭିନ୍ନ ସ୍ଥାନକୁ ଯୋଗାଣ ହେଉଥିବା ଅଭିଯୋଗ ହୋଇଛି। ପଣ୍ୟାଗାର ଭିତରେ ପ୍ରବେଶ ନ କରିବା ଫଳରେ ଖାଦ୍ୟଶସ୍ୟର ପରିମାଣ ଏବଂ ମାନ ନିର୍ଦ୍ଧାରଣ ହୋଇ ପାରୁନାହିଁ। ସରକାରୀ କାଗଜପତ୍ରରେ ଏସବୁ କାର୍ଯ୍ୟ ସମ୍ପାଦନ ହୋଇଥିବା ଦର୍ଶାଯାଉଥିଲେ ମଧ ବାସ୍ତବରେ ଏହା ହେଉ ନାହିଁ। ଏପରି ଭାବେ ନିୟମ ମୁତାବକ ପଣ୍ୟାଗାରକୁ ପ୍ରବେଶ ନ କରାଇ ପରିବହନ କରାଯାଉଥିବାରୁ ଖାଉଟିମାନେ ସଠିକ ପରିମାଣର ଏବଂ ଉନ୍ନତମାନର ଖାଦ୍ୟ ଶସ୍ୟ ପାଇବାରୁ ବଞ୍ଚିତ ହେବା ସହ ମିଲରମାନେ ମଧ ଖରାପ ଚାଉଳ ଯୋଗାଣ କରି ବେଶ ଲାଭବାନ ହେଉଛନ୍ତି। ସମସ୍ତ ଆରଆରସିରେ ସିସି କ୍ୟାମେରା ଲଗାଇବା ସହ ଦାୟିତ୍ୱରେ ଖିଲାପ କରୁଥିବା ପିଆଇ (ପ୍ରୋକ୍ୟୁରମେଣ୍ଟ ଇନ୍ସପେକ୍ଟର)ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିରୋଧି ଦଳ ମୁଖ୍ୟ ସଚେତକ ମାଝୀ ଦାବି କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, କମିଶନର ତଥା ସଚିବ ଏବଂ କେନ୍ଦୁଝର ଜିଲାପାଳ ତଦନ୍ତ ପୂର୍ବକ ପଦକ୍ଷେପ ନେବାକୁ ଦାବି ହୋଇଛି। ସୂଚନାଯୋଗ୍ୟ ଯେ, ୨୦୧୯ ଅଗଷ୍ଟ ୨୩ ତାରିଖରେ କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ଟାଙ୍ଗିରିଆପାଳ ଓ ରାସୋଳ ପଞ୍ଚାୟତକୁ ମିଲରୁ ମଣ୍ଡୁଆସ୍ଥିତ ଚାଉଳ ଗୋଦାମ ଘରକୁ ନ ଯାଇ ସିଧାସଳଖ ଯାଉଥିବା ୨ଟି ପଞ୍ଚାତରୁ ଚାଉଳ ଏନଫୋର୍ସମେଣ୍ଟ ସ୍କ୍ୱାଡ ଦ୍ୱାରା ଜବତ ହୋଇଥିଲା। ଏହି ଅଭିଯୋଗ ସମ୍ପର୍କରେ କେନ୍ଦୁଝର ଜିଲା ବେସାମରିକ ଯୋଗାଣ ଅଧିକାରୀ ପରେଶ କୁମାର ମହାନ୍ତିଙ୍କ ସହ ଯୋଗାଯୋଗ କରିବାରୁ ଏହା ଭିତ୍ତିହୀନ ବୋଲି କହିବା ସହିତ ଏପରି କରାଯାଉ ନ ଥିବା କହିଛନ୍ତି।

# କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ପଶିଲା ବର୍ଷାପାଣି



କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ବର୍ଷାପାଣି ପଶି ବିଭିନ୍ନ ଜିନିଷପତ୍ର ଓଦା ହୋଇଯାଇଛି।

ସଜନାଗଡ଼, ୨୮।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡର କାଣ୍ଡଗରଡ଼ିହି ପଞ୍ଚାୟତ ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟରେ ହୋଇଥିବା କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ଗୁରୁବାର ପୂର୍ବାହ୍ନରେ ବର୍ଷାପାଣି ପଶିଯିବାରୁ ସେଠାରେ ରହୁଥିବା ପ୍ରବାସୀମାନେ ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏ ସମ୍ପର୍କରେ ପ୍ରବାସୀମାନେ କେନ୍ଦ୍ରର ନୋଡ଼ାଲ ଅଫିସରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଅସନ୍ତୋଷ ପ୍ରକାଶ କରି ପ୍ରବାସୀମାନେ ଔପଦା ବିଡ଼ିଓଙ୍କୁ ଜଣାଇଛନ୍ତି। ଏହି ଘଟଣା। ତଦନ୍ତ କରାଯିବା ସହ ପ୍ରବାସୀମାନଙ୍କ ରହିବା ପାଇଁ ସୁବିଧା କରାଯିବ ବୋଲି ବିଡିଓ କହିଛନ୍ତି।

ଏହି କ୍ୱାରାଣ୍ଟାଇନ୍ କେନ୍ଦ୍ରରେ କୌଣସି କବାଟ ଝରକା ନ ଥିବାବେଳେ ପ୍ଲାଷ୍ଟର ମଧ୍ୟ ହୋଇନାହିଁ। ଗୋଟିଏ ପାଖରେ ସିମେଣ୍ଟ ରଖାଯାଇଥିବା ବେଳେ ଅନ୍ୟପାଖରେ କ୍ୱାରାଣ୍ଟାଇନ୍ କେନ୍ଦ୍ର କରାଯାଇ ପ୍ରବାସୀମାନଙ୍କୁ ରଖାଯାଇଛି। ଗୁରୁବାର କବାଟ, ଝରକା ଦେଇ ବର୍ଷାପାଣି ପଶିବାରୁ ତଳେ ବିଛା ହୋଇଥିବା ବିଛଣା ଓଦା ହୋଇଯାଇଥିଲା।

# ଠିକାଦାରଙ୍କୁ ଘେରିଲେ ଶ୍ରମିକ

ବାହାନଗା, ୨୮।୫(ଡି.ଏନ.ଏ.)



ଘେରାଉ କରିବା ପରେ ଶ୍ରମିକମାନେ ଫେରୁଛନ୍ତି।

**ଏମଜିଏନଆରଇଜିଏସ୍ କାମ ବେଳେ ଗଣ୍ଡଗୋଳ**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଞ୍ଜି ପଞ୍ଚାୟତରେ ଏମ୍‌ଜିଏନଆରଇଜିଏସ୍ (ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ରେ ନିର୍ମାଣ ହେଉଥିବା ରାସ୍ତା କାମ ବେଳେ ଦୁଇ ଶ୍ରମିକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ କାମ ବନ୍ଦ ରହିଛି। ଫଳରେ ଗୁରୁବାର ଗୋଟିଏ ଶ୍ରମିକ ଗୋଷ୍ଠୀ ସମ୍ପୃକ୍ତ ଠିକାଦାରଙ୍କୁ ଘେରାଉ କରିଥିଲେ। ସରପଞ୍ଚ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ଅଞ୍ଜି ପଞ୍ଚାୟତ ଖରିଦା ଗ୍ରାମରେ ପ୍ରଥମ ପର୍ଯ୍ୟାୟରେ ୪ଲକ୍ଷ ଟଙ୍କା ବ୍ୟୟରେ ବିଦୁଅଞ୍ଜି ଆରଡି ରାସ୍ତାଠାରୁ ପୂର୍ଣ୍ଣଦାସଙ୍କ ଘର ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି। ପଞ୍ଚାୟତର ଅଞ୍ଜି, ଖରିଦା, ଜୟୀନଗର ଗ୍ରାମର ୧ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପ୍ରତ୍ୟେକ ଦିନ କାମ କରନ୍ତି। ଏମାନଙ୍କ ମଧ୍ୟରୁ ଜୟୀନଗର ଗ୍ରାମରୁ ଆସୁଥିବା ୪୦ରୁ ଅଧିକ ଶ୍ରମିକ ଓ ଖରିଦା ଗ୍ରାମରୁ ଆସୁଥିବା ୬୦ରୁ ଅଧିକ ଶ୍ରମିକଙ୍କ ଗୋଷ୍ଠୀ ମଧ୍ୟରେ କଥା କଟାକଟି ହୋଇ ଗଣ୍ଡଗୋଳ ହୋଇଥିଲା। ଫଳରେ କାମ ଦୁଇ ଦିନ ହେଲା ବନ୍ଦ ହୋଇଯାଇଥିଲା। ଗୁରୁବାର ସକାଳେ ଜୟୀନଗର ଗ୍ରାମର ଶ୍ରମିକମାନେ କାମ କରିବାକୁ ଆସିବା ମାତ୍ରେ ଖରିଦା ଗ୍ରାମର ୬୦ରୁ ୭୦ଜଣ ଶ୍ରମିକ ଆସି ଠିକାଦାର ରଶ୍ମୀରଞ୍ଜନ ତ୍ରିପାଠୀଙ୍କୁ କରିଥିବା କାମର ପ୍ରାପ୍ୟ ମାଗିବା ସହିତ ଘେରାଉ କରିଥିଲେ। ସ୍ଥାନୀୟ ସରପଞ୍ଚ ତପନ କୁମାର ରାଉତ ପହଞ୍ଚ ଶ୍ରମିକମାନଙ୍କୁ ବୁଝାଶୁଝା କରିବା ସହିତ ପୂର୍ବପରି ଖରିଦା ଗ୍ରାମର ପ୍ରବାସୀ ଶ୍ରମିକ ଓ ଗ୍ରାମର ଅନ୍ୟ ଶ୍ରମିକମାନେ କାମ କରିପାରିବେ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା।

ଏହି ଘେରାଉରେ ଗ୍ରାମର ଉପେନ୍ଦ୍ର ମହାଳିକ, ଜ୍ୟୋତିରଞ୍ଜନ ବେହେରା, ସୃଷ୍ଟିରଞ୍ଜନ ବେହେରା, ସଞ୍ଜୟ ବେହେରା, ରାଜେଶ ପତି, ପ୍ରଭାକର ମହାଳିକ, ସଞ୍ଜୟ ବେହେରା, ମାନସ ମଳିକ, ରତ୍ନାକର ପୁହାଣ, ତାପସ ପଣ୍ଡା, ଗଜେନ୍ଦ୍ର ନାୟକ ଓ ମନୋରଞ୍ଜନ ସେଠୀ ପ୍ରମୁଖ ସାମିଲ ଥିଲେ।

### ବିଦ୍ୟୁତ୍ କର୍ମଚାରୀଙ୍କୁ ମାଡ଼ ଅଭିଯୋଗ
## ୨ଜଣଙ୍କ ନାମରେ ମାମଲା

ଭଣ୍ଡାରିପୋଖରୀ, ୨୮।୫ (ଡ଼ି.ଏନ.ଏ.)

ଭଣ୍ଡାରିପୋଖରୀ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ମୋବାରକପୁର ଗ୍ରାମର ଶଶିକାନ୍ତ ଜେନାଙ୍କୁ ନାଆମି ଗ୍ରାମର ଦୁଇ ଯୁବକ ମାରଧର କରିଥିବା ଥାନାରେ ଅଭିଯୋଗ ହୋଇଛି। ମଙ୍ଗଳବାର ଶଶିକାନ୍ତ ଖୁଣ୍ଟ ପୋତିବା ପାଇଁ ଗାତ ଖୋଳୁଥିବା ବେଳେ ଯୁବକଦ୍ୱୟ ଆସି ଗାଳିଗୁଲଜ କରିବା ସହ ମାରଧର କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ମାମଲା (ନଂ. ୯୪/୨୦) ରୁଜୁ କରିଛି।

### ଲକ୍ଷାଧିକ ଟଙ୍କା ହଡ଼ପ କରି ଅଭିଯୁକ୍ତ ଗିରଫ

ଯୋଡ଼ା, ୨୮।୫ (ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଆର୍ଥ ମୁଭର୍ସ ଓ ଡିପି ସିଂ ନାମକ ଦୁଇଗୋଟି ବ୍ୟବସାୟିକ ସଂସ୍ଥାରେ ଲକ୍ଷାଧିକ ଟଙ୍କା ହଡପ ଅଭିଯୋଗରେ ପୋଲିସ ଚମ୍ପୁଆ ଥାନା କାଳିକାପ୍ରସାଦ ଗ୍ରାମର ନରହରି ରାଉତଙ୍କୁ ଗୁରୁବାର ଗିରଫ କରିଛି। ୨୦୧୩ ମସିହାରୁ ଏହି ଦୁଇ କମ୍ପାନୀରେ ସିନିୟର ଆକାଉଣ୍ଟାଣ୍ଟ ଭାବେ ନରହରି କାର୍ଯ୍ୟ କରୁଥିଲେ। ସେ ବିଭିନ୍ନ ବ୍ୟାଙ୍କରେ କମ୍ପାନୀର ଅର୍ଥ କାରବାର କରିଥିଲେ। ସେ ଏହି ଦୁଇଟି କମ୍ପାନୀରୁ ୭,୬୪,୯୮୫ ଟଙ୍କା ହଡପ କରି ଫେରାର ହୋଇଯାଇଥିଲେ। ପୋଲିସ ମାମଲା (ନଂ.୮୯/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

### ପୋଖରୀରେ ବୁଡ଼ି ଜୀବନ ଗଲା

ରାଇରଙ୍ଗପୁର,୨୮।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ଇଣ୍ଡିଆ ବସ୍ତିର ବଜରଙ୍ଗ ବେହେରାଙ୍କ ଝିଅ ବେବିନା(୧୦) ଗୁରୁବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ତିଲୋପୋଷିସ୍ଥିତ ମାମୁ ଘର ଗାଁ ପୋଖରୀକୁ ଅନ୍ୟ ସାଙ୍ଗମାନଙ୍କ ସହ ଗାଧୋଇବା ପାଇଁ ଯାଇଥିବା ବେଳେ ବୁଡ଼ିଯାଇଥିଲେ। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଟାଉନଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୮/୨୦୨୦) ରୁଜୁ ହୋଇଛି।

# ଆଉ ୨ ଟ୍ରେନ୍‌ରେ ଆସିଲେ ୩୩୪ ପ୍ରବାସୀ



ଭଦ୍ରକ ଷ୍ଟେଶନରେ ପହଞ୍ଚିଥିବା ପ୍ରବାସୀ।

ଭଦ୍ରକ ଅଫିସ,୨୮।୫

ଭଦ୍ରକ ଷ୍ଟେଶନରେ ଆଉ ୨ଟି ଟ୍ରେନ ପହଞ୍ଚିଛି। ତେବେ ଏହି ଟ୍ରେନରେ ସ୍ୱଳ୍ପ ସଂଖ୍ୟକ ପ୍ରବାସୀ ଓଡ଼ିଆ ଓହ୍ଲାଇଛନ୍ତି। ଗୋଟିଏ ଟ୍ରେନ ସାଲେମ୍‌ରୁ ବାଲେଶ୍ୱର ଯାଇଥିବା ବେଳେ ସେଥିରୁ ୧୭୫ଜଣ ଭଦ୍ରକରେ ଓହ୍ଲାଇଥିଲେ। ସେମାନଙ୍କ ମଧ୍ୟରେ ଭଦ୍ରକ ଜିଲାର ୧୭୨, ବାଲେଶ୍ୱର ୨ ଓ କେନ୍ଦୁଝରର ଜଣେ ପ୍ରବାସୀ ଥିଲେ। ସେହିପରି ଅନ୍ୟ ଏକ ଟ୍ରେନ ମଦୁରାଇରୁ ବାଲେଶ୍ୱର ଆସିଛି। ସେଥିରେ ଭଦ୍ରକରେ ୧୫୯ ଜଣ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ କେନ୍ଦୁଝର ଜିଲାର ପ୍ରବାସୀ ହୋଇଥିବା ବେଳେ ଅନ୍ୟ ସମସ୍ତେ ଭଦ୍ରକ ଜିଲାର ଥିବା ଜଣାପଡ଼ିଛି। ସମସ୍ତଙ୍କୁ କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ପଠାଇ ଦିଆଯାଇଛି।

# ଭଦ୍ରକରୁ ଗଡ଼ିଲା ବସ୍

ଭଦ୍ରକ ଅଫିସ, ୨୮।୫



ଭୁବନେଶ୍ୱର ଅଭିମୁଖେ ଯିବା ପାଇଁ ପ୍ରସ୍ତୁତ ଥିବା ଏକ ବସ୍।

ରାଜ୍ୟରେ ବେସରକାରୀ ବସ୍ ସେବା ଗୁରୁବାର ଠାରୁ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକ ସହରରୁ ମଧ ଏହି ସେବା ଆରମ୍ଭ ହୋଇଛି। ଭଦ୍ରକ ବନ୍ତଛକ ସ୍ଥିତ ବସ୍‌ଷ୍ଟାଣ୍ଡରୁ ବସ୍‌କୁ ସମ୍ପୂର୍ଣ୍ଣ ରୂପରେ ସାନିଟାଇଜିଂ କରାଯାଇ ଚଳାଚଳ ଆରମ୍ଭ କରାଯାଇଛି। ବସକୁ ଆସୁଥିବା ଯାତ୍ରୀ ସାନିଟାଇଜର ଓ ମୁହଁରେ ମାସ୍କ ପିନ୍ଧିବା ପାଇଁ ବାଧ୍ୟତାମୂଳକ କୁହାଯାଇଛି। ପ୍ରଥମ ଦିନରେ ବସ୍ ସେବା ଭୁବନେଶ୍ୱରକୁ ଆରମ୍ଭ ହୋଇଥିବାରୁ ଯାତ୍ରୀଙ୍କ ସଂଖ୍ୟା କମ୍ ରହିଛି। ରାଜ୍ୟ ସରକାର ଓ ବେସରକାରୀ ବସ୍ ସଂଘର ନିଷ୍ପତ୍ତି କ୍ରମେ ଏହି ସେବା ଆରମ୍ଭ କରିଛି ଭଦ୍ରକ ବସ୍ ସିଣ୍ଡିକେଟ୍। ଯାତ୍ରୀମାନେ ନିଜର ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ବସ୍‌ଷ୍ଟାଣ୍ଡରେ ପର୍ଯ୍ୟାୟକ୍ରମେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ପରେ ବସ୍ ଚଳାଚଳ ଆରମ୍ଭ ହୋଇଥିବାରୁ ବସ୍ ମାଲିକ ଓ ଯାତ୍ରୀ ଉଭୟ ଖୁସିବ୍ୟକ୍ତ କରିଛନ୍ତି।

# ଗ୍ୟାସ୍ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍ ଘଟଣା: ୩ ଗିରଫ

ତିହିଡ଼ି, ୨୮।୫(ଡି.ଏନ.ଏ.)

**୨. ୭୬ଲକ୍ଷ ଟଙ୍କା, ୩ ବାଇକ୍ ଜବତ**



ଗିରଫ ୩ ଅଭିଯୁକ୍ତ।

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ପାଳିଆବିନ୍ଧାସ୍ଥିତ ରାଉତ ଗ୍ୟାସ ଏଜେନ୍ସିର କର୍ମଚାରୀଙ୍କୁ କେତେକ ଦୁର୍ବୃତ୍ତ ଆକ୍ରମଣ କରି ୧୧ଲକ୍ଷ ୯ହଜାର ୭ଶହ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାର ତଦନ୍ତ କରି ଗୁରୁବାର ୩ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବାସୁଦେବପୁର ଥାନା ଅଧିନ ଅଲବଗା ଗ୍ରାମର ମନୋରଞ୍ଜନ ପାଣି, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ବରାଳପୋଖରୀ ଗ୍ରାମର ପପୁଧଡ଼ା ଓ ଜଳଙ୍ଗା ଗ୍ରାମର ସୋମନାଥ ମଳିକ। ପୋଲିସ ସେମାନଙ୍କଠାରୁ ୨ଲକ୍ଷ ୭୬ହଜାର ଟଙ୍କା ଓ ୩ଟି ବାଇକ୍ ଜବତ କରିଛି।

ଗତ ୪ତାରିଖ ପୂର୍ବାହ୍ନରେ ଗ୍ୟାସ କର୍ମଚାରୀ ପ୍ରମୋଦ ଭଞ୍ଜ ଟଙ୍କା ନେଇ ବ୍ୟାଙ୍କରେ ଜମା କରିବାକୁ ତିହିଡ଼ି ଯାଉଥିଲେ। ଧାମରା ରେଳପଥର ଜିଝାରପୁର ନିକଟରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଭୁଜାଲିରେ ଆକ୍ରମଣ କରି ଟଙ୍କା ଲୁଟି ନେଇଥିଲେ। ଗ୍ୟାସ ଏଜେନ୍ସିର ମାଲିକ ଚକ୍ରଧର ରାଉତଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୭୩/୨୦) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏସ୍‌ପି ରାଜେଶ ପଣ୍ଡିତଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି କୈଳାସ ପରିଡା, ତିହିଡ଼ି ଥାନା ଆଇଆଇସି ରମେଶ ଚନ୍ଦ୍ର ସିଂ ଘଟଣାର ତଦନ୍ତ କରୁଥିଲେ।

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

ଖଇରା, ୨୮।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ଥାନା ଭାସ୍କରପୁର ଗ୍ରାମର ଜନ୍ମେଜୟ ପୁରୀ ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ପ୍ରାଣ ହରାଇଛନ୍ତି। ସେ ମଙ୍ଗଳବାର ବାଇକରେ ଶ୍ୱଶୁର ଘର ଭଦ୍ରକ ଘଣ୍ଟେଶ୍ୱରରୁ ଫେରୁଥିବା ବେଳେ ରାଣୀତାଲ ଛକ ନିକଟରେ ଟ୍ରକ ଧକ୍କା ଦେବାରୁ ସେ ଗୁରୁତର ହୋଇ ପଡିଥିଲେ। ଭଦ୍ରକ ପୋଲିସ ତାଙ୍କୁ ଚିକିତ୍ସା ପାଇଁ କଟକ ପଠାଇଥିଲା। ଗୁରୁବାର ଅପରାହ୍ନରେ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ବେଆଇନ ବିଲ୍ ଆଦାୟ ବିରୋଧରେ ଆନ୍ଦୋଳନ ଚେତାବନୀ

ବାଲେଶ୍ୱର ଅଫିସ,୨୮।୫




ଜିଲାପାଳଙ୍କ ଅଫିସ ସମ୍ମୁଖରେ ସିଭିଲ୍ ସୋସାଇଟିର ସଦସ୍ୟାସଦସ୍ୟ।

ବାଲେଶ୍ୱର ଜିଲାର ବିଦ୍ୟୁତ୍ ସରବରାହ ପରିଚାଳନା ଦାୟିତ୍ୱରେ ଥିବା ନେସ୍କୋ ବିଦ୍ୟୁତ୍ ବିତରଣ ସଂସ୍ଥା ଉପଭୋକ୍ତାଙ୍କ ଠାରୁ ବିଦ୍ୟୁତ୍ ଶକ୍ତି ବ୍ୟବହାର ବାବଦରେ ଶୁଳ୍କ ବ୍ୟତୀତ ବିଭିନ୍ନ ଆଳରେ ଆଦାୟ କରି ଉପଭୋକ୍ତାମାନଙ୍କୁ ଦୀର୍ଘଦିନ ଧରି ଠକି ଆସିବାର ଅଭିଯୋଗ କରି ବୁଧବାର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ବାଲେଶ୍ୱର ସିଭିଲ୍ ସୋସାଇଟି ତରଫରୁ ଲିଖିତ ଅଭିଯୋଗ କରାଯାଇଛି। ଆସନ୍ତା ୧୫ଦିନ ମଧ୍ୟରେ ଏହାର ସମାଧାନ କରା ନ ଗଲେ ଏହାକୁ ଜନଆନ୍ଦୋଳନରେ ପରିଣତ କରାଯିବ ବୋଲି ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲ୍, ଅଧିକ ମିଟର ଭଡ଼ା, ଅଘୋଷିତ ବିଜୁଳିକାଟ୍, ନିମ୍ନମାନର ବିଦ୍ୟୁତ୍ ଶକ୍ତି ଯୋଗାଣ ଓ ଦୀର୍ଘବର୍ଷ ଧରି ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ତାର, ଖୁଣ୍ଟ ଏବଂ ଟ୍ରାନ୍ସଫର୍ମର ମରାମତି କିମ୍ବା ପରିବର୍ତ୍ତନ ନ କରିବା ଭଳି ଅଭିଯୋଗ କରାଯାଇଛି। ଏଥିସହିତ ପ୍ରତିମାସର ନିର୍ଦ୍ଦିଷ୍ଟ ତାରିଖ ମଧ୍ୟରେ ମିଟର ରିଡିଂ ନେଇ ସରଳ ଓଡ଼ିଆଭାଷାରେ ବିଲ୍ ପ୍ରଦାନ ଓ ବିଲ୍ ପଇଠ ପାଇଁ ସର୍ବନିମ୍ନ ୧୫ଦିନ ସମୟ ପ୍ରଦାନ କରିବା, ବିଦ୍ୟୁତ୍ ମିଟର କିଣିଥିବା ଗ୍ରାହକମାନଙ୍କଠାରୁ ଆଦାୟ କରାଯାଇଥିବା ମିଟର ରେଣ୍ଟ ଫେରସ୍ତ କରିବା, କରୋନା ଓ ଅମ୍ଫନ୍ ଭଳି ପ୍ରାକୃତିକ ବିପତ୍ତି ବେଳେ ଗତ ମାର୍ଚ୍ଚ, ଏପ୍ରିଲ୍ ଓ ମେ' ମାସର ବିଦ୍ୟୁତ୍ ଶୁଳ୍କ ଘରୋଇ ଉପଭୋକ୍ତାମାନଙ୍କୁ ଛାଡ଼ କରିବା ଭଳି ଦାବି କରିଛନ୍ତି। ଜିଲାପାଳଙ୍କୁ ସାକ୍ଷାତ୍ କରି ଦାବିପତ୍ର ପ୍ରଦାନ ସମୟରେ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ସମ୍ପାଦକ ମନୋଜ ନାୟକଙ୍କ ସମେତ ଗୌରାଙ୍ଗ ପାଣିଗ୍ରାହୀ, ସାହିରୁଲ୍ ହକ୍, ଅଭୟ ଦାସ, ପରମାନନ୍ଦ ପଣ୍ଡା, ଜୟନ୍ତ ଦାସ, ବାସନ୍ତୀ ସାମଲ, ରତିକାନ୍ତ ପାତ୍ର, ନମିତା ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

# କରୋନା ବୁଡ଼ାଇଲା କୌଳିକ ବୃତ୍ତି

କେନ୍ଦୁଝର, ୨୮।୫(ସ୍ୱ.ପ୍ର.)



ଜଣେ କାରିଗର ବାଉଁଶରେ ଘରୋଇ ସାମଗ୍ରୀ ତିଆରି କରୁଛନ୍ତି।

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ବର୍ତ୍ତମାନ ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ ଚାଲିଛି। କଟକଣା ଯୋଗୁ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ସାଧାରଣ ଲୋକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଦେଖାଦେଇଥିବା ବେଳେ ଅନେକ ପରିବାର ଜୀବିକା ହରାଇ ଘରେ ବସି ରହି ନିଜ ନିଜ ଭାଗ୍ୟକୁ ନିନ୍ଦୁଥିବାର ଦେଖିବାକୁ ମିଳୁଛି। ଏଭଳି ସଙ୍କଟ ସମୟରେ ଆଦିବାସୀ ବହୁଳ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନ ଦୁର୍ବିଷହ ହୋଇପଡିଛି। ବିଶେଷ କରି ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରି ଚଳୁଥିବା କାରିଗରମାନେ ଏବେ ବେସାହାରା ହୋଇପଡିଛନ୍ତି।

ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାରେ ୩୦ ପ୍ରତିଶତରୁ ଅଧିକ ଲୋକ ଆଜି ବି ନିଜର କୌଳିକ ବୃତ୍ତି ଉପରେ ଭରସା କରି ଜୀବିକା ନିର୍ବାହ କରିଆସୁଛନ୍ତି। କିଏ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ବଜାରରେ ବିକ୍ରି କରି ଚଳୁଛି ତ କିଏ ବାସନକୁସନ ବ୍ୟବସାୟ, କମାର କାମ ଭଳି କୌଳିକ ବୃତ୍ତିକୁ ଆଦରି ନେଇ ଗୁଜୁରାଣ ମେଣ୍ଟାଉଛି। ମାତ୍ର ଲକ୍‌ଡାଉନ କଟକଣା ଏସବୁ ପରିବାର ପାଇଁ ଅଭିଶାପ ସଦୃଶ ହୋଇଛି। ବାଉଁଶ କାମ କରି ପେଟ ପୋଷୁଥିବା ପରିବାର ଆର୍ଥିକ, ଶିକ୍ଷା, ସଚେତନତା ଆଦି କ୍ଷେତ୍ରରେ ସବୁଠୁ ନିମ୍ନସ୍ତରରେ ରହିଛନ୍ତି। ଲକ୍‌ଡାଉନ କଟକଣା ଚାପ ଭିତରେ ସେମାନେ ଏବେ ପେଷି ହୋଇଯାଇଛନ୍ତି। ବିଶେଷି କରି ଚାଷୀ ପରିବାର ଲୋକଙ୍କୁ ବାଉଁଶ କାରିଗରମାନେ କୁଲା, ପାଛିଆ, ଡାଲା ଭଳି ଅତ୍ୟାବଶ୍ୟକ ଜିନିଷ ଯୋଗାଇ ଆସୁଥିବା ବେଳେ ଆଜି ସେମାନେ ହାତ ବାନ୍ଧି ଘରେ ବସି ରହିବା ଛଡା ଆଉ କିଛି ବାଟ ନାହିଁ। ସରକାରୀ ସହାୟତା ସେମାନଙ୍କ ପାଇଁ ସମୁଦ୍ରକୁ ଶଙ୍ଖେ ହୋଇଛି। କରୋନା କଟକଣା ଭିତରେ ଓଳିଏ ଖାଇ ଓଳିଏ ଉପବାସ ରହିବାକୁ ପଡୁଛି। ସେମାନଙ୍କ ମଧ୍ୟରୁ ଅନେକ ପରିବାର ଆଜି ବି ସରକାରୀ ସହାୟତାରୁ ବଞ୍ଚିତ ରହିଛନ୍ତି। କରୋନା କଟକଣା ଭିତରେ ଗ୍ରସେରି, ଫଳ ଦୋକାନୀମାନେ ଯେନତେନ ପ୍ରକାରେ ଚଳିଯାଉଥିବା ବେଳେ ବାଉଁଶ କାରିଗର ଦାରିଦ୍ର୍ୟର କଷାଘାତରେ ଜୀବନ ବିତାଉଛନ୍ତି। ପ୍ରଶାସନ ତରଫରୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

## ସଂକ୍ଷେପରେ

### ଅଟୋ-ବାଇକ ମୁହାଁମୁହିଁ, ଜଣେ ମୃତ

ବାଲିଗୁଡା/ତୁମୁଡିବନ୍ଧ,୨୮।୫ (ଡି.ଏନ୍.ଏ.): ବାଲିଗୁଡା ଉପଖଣ୍ଡ ତୁମୁଡିବନ୍ଧ ବ୍ଲକ ଡଡ଼ଙ୍ଗ ନିକଟ ଏନ୍‌ଏଚ୍ ୫୯ରେ ଅଟୋ-ବାଇକ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଲିଗୁଡା ବ୍ଲକ ବାରଖମା ଗ୍ରାମର ଦୀନବନ୍ଧୁ ପାତ୍ର। ଦୀନବନ୍ଧୁ ଏକ ବାଇକ ଯୋଗେ ଜଲେଶପଟା ସ୍ଥିତ ଭାଇ ଘରକୁ ଶୀତଳଷଷ୍ଠୀ ଯାତ୍ରା ଦେଖିବାକୁ ଯାଉଥିବାବେଳେ ଅଟୋ (ନଂ.ଓଡି୧୨ସି-୬୯୫୭) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଦୀନବନ୍ଧୁଙ୍କ ମୃତ୍ୟୁ ହୋଇଥିଲା। ତୁମୁଡ଼ିବନ୍ଧ ଥାନା ଅଧିକାରୀ ବାବାଶଙ୍କର ସରାଫ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି।

### ହ୍ୱାଟ୍ସଆପ୍, ଫୋନ୍ ମାଧ୍ୟମରେ ସମସ୍ୟା ଜଣାଅ ଟୁଇଟ୍ କଲେ ଜିଲାପାଳ

ଛତ୍ରପୁର,୨୮।୫(ଡି.ଏନ.ଏ): କୌଣସି ବ୍ୟକ୍ତିଙ୍କର ଯଦି କିଛି ଅଭିଯୋଗ ଓ ସମସ୍ୟା ଥାଏ, ତେବେ ଆଉ ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିବା ଆବଶ୍ୟକ ନାହିଁ। ହ୍ୱାଟ୍ସଆପ୍ (ନଂ.୯୪୩୭୫୬୩୮୦୦)ରେ ଆବେଦନପତ୍ର, ଅଭିଯୋଗପତ୍ର ପଠାଇବାକୁ ଜିଲାପାଳ ବିଜୟ୍ ଅମୃତା କୁଲାଙ୍ଗେ ଟୁଇଟ୍ କରି ଗୁରୁବାର ସୂଚନା ଦେଇଛନ୍ତି। ହ୍ୱାଟ୍ସଆପ୍ କରି ନ ପାରିଲେ ଦୈନିକ ପୂର୍ବାହ୍ନ ସାଢେ ୧୦ରୁ ସନ୍ଧ୍ୟା ୫ଟା ମଧ୍ୟରେ ଉକ୍ତ ନମ୍ବରକୁ ଫୋନ୍ କରି ମଧ୍ୟ ଅଭିଯୋଗ ଜଣାଇପାରିବେ ବୋଲି ଜିଲାପାଳ କହିଛନ୍ତି।

### ସୁରଟରୁ ଆସିଲେ ୧୭୭୨ ପ୍ରବାସୀ

ଜଗନ୍ନାଥପୁର ଷ୍ଟେଶନରେ ଲାଗିଲା ଟ୍ରେନ୍

ଛତ୍ରପୁର,୨୮।୫(ଡି.ଏନ.ଏ): ଗଞ୍ଜାମ ଜିଲା ଜଗନ୍ନାଥପୁର ଷ୍ଟେଶନରେ ଗୁରୁବାର ଅପରାହ୍ନ ୩ଟା ୪୦ ମିନିଟ୍‌ରେ ଆଉ ଏକ ଟ୍ରେନ ଆସି ପହଞ୍ଚିଥିଲା। ସୁରଟରୁ ଆସିଥିବା ଏହି ଟ୍ରେନ୍‌ରେ ୧୭୭୨ ପ୍ରବାସୀ ଓଡ଼ିଆ ଆସିଥିଲେ। ସେମାନଙ୍କ ମଧ୍ୟରେ କେବଳ ଗଞ୍ଜାମ ଜିଲାର ୧୬୯୧ ଜଣ ରହିଥିବା ବେଳେ ଅନୁଗୋଳର ୭, ଯାଜପୁରର ଜଣେ, ଖୋର୍ଦ୍ଧାର ୪୯, କନ୍ଧମାଳର ୩, କେନ୍ଦ୍ରାପଡାର ୬, ନୟାଗଡର ୧୩ ଏବଂ ପୁରୀ ଓ ରାୟଗଡା ଜିଲାର ଜଣେ ଲେଖାଏ ପ୍ରବାସୀ ଫେରିଥିଲେ।

### ଆନ୍ଧ୍ରକୁ ବାଲି ଚାଲାଣ ବେଳେ ୮ ଟ୍ରକ୍ ଜବତ

ଚିକିଟି,୨୮।୫(ଡି.ଏନ୍.ଏ.): ଚିକିଟି ବ୍ଲକ୍ ଗିରିସୋଲା ଗ୍ରାମ ନିକଟରେ ପଡ଼ୋଶୀ ଆନ୍ଧ୍ରକୁ ବେଆଇନ ଭାବେ ବାଲି ଚାଲାଣବେଳେ ଚିକିଟି ତହସିଲଦାର ହରପ୍ରସାଦ ଭୋଇ ଗୁରୁବାର ୮ ଟ୍ରକ୍ ଜବତ କରିଛନ୍ତି। ତହସିଲଦାର ଉକ୍ତ ଗାଡିଗୁଡିକୁ ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁଙ୍କ ସହାୟତାରେ ଜବତ କରିଥିଲେ। ଜବତ ଗାଡି ଗୋଳନ୍ଥରା ଥାନା ପରିସରରେ ରଖାଯାଇଛି। ଏନେଇ ତହସିଲଦାର ଭୋଇ କହିଛନ୍ତି, ଗାଡିଗୁଡିକର କାଗଜପତ୍ର ଯାଞ୍ଚ ପରେ ଜଣାପଡିଛି ଯେ ପୁରୁଷୋତ୍ତମପୁର ସର୍କଲରୁ ୱାଇଫର୍ମ ଆଣିଛନ୍ତି। କିନ୍ତୁ ଆନ୍ଧ୍ରକୁ ଚାଲାଣ କରୁଥିବାରୁ ସେ ସମ୍ପର୍କରେ ଜିଲାପାଳ ଯାହା ନିଷ୍ପତ୍ତି ନେବେ। ଚଳିତବର୍ଷ ବାଲି ବାବଦକୁ ୧୮,୧୨,୬୧୨ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଚିକିଟି ତହସିଲ ସୂତ୍ରରୁ ଜଣାପଡିଛି।

# ପ୍ରବାସୀଙ୍କୁ ଋଣ ଯୋଗାଇଦେବାକୁ ନିର୍ଦ୍ଦେଶ

- ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ
- ଜିଲାକୁ ଫେରିଲେଣି ୧ ଲକ୍ଷରୁ ଊର୍ଦ୍ଧ୍ୱ
- ଲୋକଙ୍କୁ ଭେଟି ପ୍ଲାନ୍ ପ୍ରସ୍ତୁତ କର: ଜିଲାପାଳ

ଛତ୍ରପୁର,୨୮।୫(ଡି.ଏନ.ଏ.)

ଗଞ୍ଜାମ ଜିଲାକୁ ଏକ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀ ଫେରିଲେଣି। ଏମାନଙ୍କ ପାଇଁ ରୋଜଗାର ମିଳିଲେ ଆଉ ଅନ୍ୟ ରାଜ୍ୟକୁ ଯିବେନି। ତେଣୁ ଚାଷଠାରୁ ଆରମ୍ଭ କରି କ୍ଷୁଦ୍ରଶିଳ୍ପ ଆଦି କ୍ଷେତ୍ରରେ ଋଣ ଦେବାକୁ ପଡିବ। ଗୁରୁବାର ଗଞ୍ଜାମ ଜିଲା ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହା କହିଛନ୍ତି।

ଲକ୍‌ଡାଉନ୍‌ରେ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ପ୍ରତି ପଞ୍ଚାୟତକୁ ଯାଇ ଲୋକଙ୍କୁ ଭେଟି ସେମାନେ କି ଉପାୟରେ ଅର୍ଥ ଉପାର୍ଜନ କରିବେ ତାହା ବୁଝି ସେହି ଅନୁଯାୟୀ ଋଣ ଯୋଗାଇଦେବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଋଣ ସମ୍ପର୍କୀତ ଏକ ପ୍ଲାନ୍ ପ୍ରସ୍ତୁତ କରିବାକୁ ପଡିବ। କୃଷି, ଉଦ୍ୟାନ୍, ପ୍ରାଣୀ ସମ୍ପଦ ବିଭାଗ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷ ମିଳିତ ଭାବେ କ୍ୟାମ୍ପ କରି ଲୋକଙ୍କୁ ଆବଶ୍ୟକ ଅନୁଯାୟୀ ଋଣ ଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚାଷୀ କିଭଳି ଚାଷ କରି ଭଲ ଉପାର୍ଜନ କରିବେ ଏବଂ କ୍ଷୁଦ୍ରଶିଳ୍ପ ଓ ମଧ୍ୟମ ଶିଳ୍ପ ଦ୍ୱାରା ଲୋକେ ରୋଜଗାରକ୍ଷମ ହେବେ ସେ ଉପରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ବୈଠକରେ ୨୦୨୦-୨୧ ବର୍ଷର ବାର୍ଷିକ ଋଣ ଯୋଜନାର ପୁସ୍ତିକା ଉନ୍ମୋଚନ ହୋଇଥିଲା। ଚଳିତବର୍ଷ ଜିଲାରେ ୬୩୧୨.୯୮ କୋଟି ଋଣ ପ୍ରଦାନ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ସେଥିମଧ୍ୟରେ କୃଷି କ୍ଷେତ୍ରରେ ୨୯୯୫.୦୭ ଏବଂ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ରରେ ୨୧୫୧.୭୩ କୋଟି ରହିଛି। ବୈଠକରେ ଆନ୍ଧ୍ର ବ୍ୟାଙ୍କ ଡିଜିଏମ୍ ତଥା ଆବାହକ ଭୁବନେଶ୍ୱର ନାୟକ, ଏଲଡିଏମ୍ ଅଶୋକ କୁମାର ପଣ୍ଡା ଓ ନାବାର୍ଡ ଏଜିଏମ୍ ସୁମନ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ବ୍ୟାଙ୍କ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ଓ ଅନ୍ୟମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ୩ ବ୍ୟବସାୟୀଙ୍କଠାରୁ ୧୬ ଲକ୍ଷ ୮୦ ହଜାର ଲୁଟ୍

### ବନ୍ଧୁକ ଦେଖାଇ ଲୁଟିନେଲେ ୯ ଦୁର୍ବୃତ୍ତ

ଧରାକୋଟ,୨୮।୫(ଡି.ଏନ.ଏ.)

ଧରାକୋଟ ଥାନା ବାଦଗଡ଼ ଗ୍ରାମ ଛକ ନିକଟରୁ ବୁଧବାର ବିଳମ୍ବିତ ରାତିରେ ଏକ ବଡ ଧରଣର ଲୁଟ୍ ହୋଇଛି। ୩ ବ୍ୟବସାୟୀଙ୍କ ଠାରୁ ଖଣ୍ଡା ଓ ମାଉଜର ଦେଖାଇ ନଗଦ ୧୬ ଲକ୍ଷ ୮୦ ହଜାର ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଧରାକୋଟ ପୋଲିସ ନଂ.୮୩/୨୦ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସହଦେବ ମହାପାତ୍ର କହିଛନ୍ତି।

ଧରାକୋଟ ଥାନା କେନ୍ଦୁପଲ୍ଲୀର ବ୍ୟବସାୟୀ ବି.ବାୟା ପାତ୍ର ଦେଇଥିବା ଏତଲା ଅନୁଯାୟୀ, ସୋରଡାର ଏ.ଗଣେଶ ପାତ୍ର ଓ ଏସ୍. ତ୍ରିପତି ପାତ୍ରଙ୍କ ସହ ସେ ମଙ୍ଗଳବାର ୩୦୦ ଛେଳି ଧରି ଆନ୍ଧ୍ରପ୍ରଦେଶକୁ ବିକ୍ରି କରିବାକୁ ଯାଇଥିଲେ। ବିକ୍ରି କରିଥିବା ୧୬ ଲକ୍ଷ ୮୦ ହଜାର ଟଙ୍କା ଧରି ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଗିରିସୋଲାରେ ବୁଧବାର ସନ୍ଧ୍ୟାରେ ପହଞ୍ଚିଥିଲେ। ତାଙ୍କର ଜଣେ ଚିହ୍ନା ପରିଚିତ ବ୍ୟକ୍ତି ଡାକିବଦା ଗ୍ରାମର କବି ଗୌଡ଼ଙ୍କୁ ଅଟୋ ଧରି ଗିରିସୋଲାରେ ପହଞ୍ଚିବାକୁ କହିଥିଲେ। କବି ତାଙ୍କ ଡାଲାଅଟୋ (ନଂ. ଓଡି୦୭ଟି-୫୨୪୯) ଧରି ହେଲ୍‌ପର ଭାଲିଆଗୋଛା ଗ୍ରାମର ବସନ୍ତ ବିଷୋୟୀଙ୍କ ସହ ରାତି ପ୍ରାୟ ୯ଟାରେ ଗିରିସୋଲାରେ ପହଞ୍ଚିଥିଲେ। ସେଠାରେ ଖାଇ ସାରିବା ପରେ ସମସ୍ତେ ଧରାକୋଟ ଅଭିମୁଖେ ବାହାରିଥିଲେ। କବି ଓ ବସନ୍ତ ଚାଳକ କ୍ୟାବିନ୍‌ରେ ବସିଥିବାବେଳେ ବାୟା, ଗଣେଶ ଓ ତ୍ରିପତି ଅଟୋ ଡାଲାରେ ବସିଥିଲେ। ବିଳମ୍ବିତ ରାତିରେ ବାଦଗଡ ଛକ ବୁଲାଣିରେ ୩ ଖଣ୍ଡାଧାରୀ ଯୁବକ ଅଟୋକୁ ଅଟକାଇଥିଲେ। ଅଟୋଟି ରହିବା ପରେ ସେଠାରେ ଲୁଚିଥିବା ୬ ଜଣ ଦୁର୍ବୃତ୍ତ ବାହାରି ଡାଲାରେ ବସିଥିବା ବାୟା, ଗଣେଶ ଓ ତ୍ରିପତିଙ୍କୁ ମାଡ ମାରି ବନ୍ଧୁକ ଦେଖାଇ ଟଙ୍କା ଲୁଟି ନେଇଥିଲେ।

ଏତେଟଙ୍କା ଧରି ଜାତୀୟ ରାଜପଥରେ ନ ଆସି ଅଟୋଯୋଗେ ନିଛାଟିଆ ରାସ୍ତାଦେଇ କାହିଁକି ବ୍ୟବସାୟୀମାନେ ଆସୁଥିଲେ ଓ ଟଙ୍କା ନେଇ ଆସୁଥିବା ଦୁର୍ବୃତ୍ତ କିପରି ଖବର ପାଇଲେ ସେ ନେଇ ପୋଲିସ ତଦନ୍ତ କରୁଥିବା ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି।

## ବ୍ରହ୍ମପୁରରୁ ଭୁବନେଶ୍ୱର ଗଲା ଗୋଟିଏ ବସ୍

### ଅନୁମତି ପରେ ବି ଗଡ଼ିଲାନି ଘରୋଇ ବସ୍

ବ୍ରହ୍ମପୁର ଅଫିସ, ୨୮।୫

ଘରୋଇ ବସ୍ ଚଳାଚଳ ସ୍ୱାଭାବିକ କରିବା ନେଇ ସରକାରଙ୍କ ଅନୁମତି ପରେ ବି ଗୁରୁବାର ବ୍ରହ୍ମପୁରରୁ ସ୍ୱାଭାବିକ ହୋଇପାରିନି ବସ୍ ଚଳଚଳ। ସେବା ସ୍ୱାଭାବିକ କରିବାକୁ ନେଇ ସରକାରଙ୍କ ଅନୁମତି ପରେ ଗୁରୁବାର ସକାଳୁ କିଛି ବସ୍ ବ୍ରହ୍ମପୁର ନୂଆ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ ମଧ୍ୟ ଯାତ୍ରୀ ନ ଥିବାରୁ ବସ୍‌ଗୁଡିକ ଯାଇପାରି ନ ଥିଲା। ମାତ୍ର ଗୋଟିଏ ବସ୍ ୧୧ ଜଣ ଯାତ୍ରୀଙ୍କୁ ନେଇ ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଯାଇଥିବା ସୂଚନା ମିଳିଛି।

ସୂଚନାପ୍ରକାରେ, କୋଭିଡ୍-୧୯ ସଂକ୍ରମଣ ନେଇ ସାମାଜିକ ଦୂରତ୍ୱ ରକ୍ଷା, ସାନିଟାଇଜର ଓ ମାସ୍କ ବ୍ୟବହାର ନିୟମ ପାଳନ ପୂର୍ବକ ରାଜ୍ୟରେ ଗୁରୁବାରରୁ ବସ୍ ଚଳାଚଳ ସ୍ୱାଭାବିକ ହେବା ନେଇ ବୁଧବାର ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି ପରେ ଗୁରୁବାର ପୂର୍ବାହ୍ନରେ ଘରୋଇ ବସ୍ ନୂଆ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲା। କିନ୍ତୁ ଯାତ୍ରୀ ଆସି ନ ଥିବାରୁ ଯାତାୟାତ ଆରମ୍ଭ କରିପାରି ନ ଥିଲା। କେବଳ ୧୧ ଜଣ ଯାତ୍ରୀଙ୍କୁ ନେଇ ୪୧ ସିଟ୍‌ବିଶିଷ୍ଟ ଖମ୍ବେଶ୍ୱରୀ ବସ୍ ବ୍ରହ୍ମପୁରରୁ ଭୁବନେଶ୍ୱର ଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ କୋଭିଡ-୧୯ ସଂକ୍ରମଣ ଭୟ ତଥା ରାଜ୍ୟ ସମସ୍ତ ସ୍ଥାନରେ ସରକାରଙ୍କ ପକ୍ଷରୁ ଆନୁସଙ୍ଗିକ ବ୍ୟବସ୍ଥା ସ୍ୱାଭାବିକ ହୋଇପାରି ନ ଥିବାରୁ ଯାତ୍ରୀମାନେ ଅସୁ ନ ଥିବା କହିଛନ୍ତି ଗଞ୍ଜାମ ଜିଲା ଘରୋଇ ବସ ମାଲିକ ସଂଘର ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ପଟ୍ଟନାୟକ। ବର୍ତ୍ତମାନ ବ୍ରହ୍ମପୁରରୁ ଗଞ୍ଜାମ ଜିଲା ତଥା ବାହାରକୁ ବିଭିନ୍ନ ରୁଟରେ ଯାତାୟାତ କରୁଥିବା ୫୦୦ରୁ ୬୦୦ ବସ୍ ଚଳାଚଳ କରିପାରି ନାହିଁ।


ବ୍ରହ୍ମପୁର ନୂଆବସ୍‌ଷ୍ଟାଣ୍ଡରେ ଅଟକି ରହିଥିବା ବସ୍।

### ସଙ୍ଗରୋଧ କେନ୍ଦ୍ର ତଦାରଖ କଲେ ଜିଲାପାଳ

ପାତ୍ରପୁର,୨୮।୫(ଡି.ଏନ୍.ଏ.)

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ପାତ୍ରପୁର ବ୍ଲକର ବିଭିନ୍ନ ସଙ୍ଗରୋଧ କେନ୍ଦ୍ର ତଦାରଖ କରିଛନ୍ତି। ଜିଲାପାଳ ପ୍ରଥମେ ବାଘଲଟି ଜଳଭଣ୍ଡାରକୁ ଯାଇ ପର୍ଯ୍ୟଟନସ୍ଥଳ ନିମନ୍ତେ ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ସେଠାରୁ କୁଳିହଳା, ଖରଣୀପଡ଼ା, ନୂଆପେଣ୍ଠ ସାରସ୍ୱତ ଚେତନାନନ୍ଦ ବିଦ୍ୟାମନ୍ଦିର, କେଲୁଆ ଆଦି ଗ୍ରାମରେ ହୋଇଥିବା ସଙ୍ଗରୋଧ କେନ୍ଦ୍ର ବୁଲି ଅନ୍ତେବାସୀଙ୍କ ସହ କଥା ହୋଇଥିଲେ। ଅଧିକାଂଶ ଅନ୍ତେବାସୀ ବାହାର ରାଜ୍ୟରେ କୋଠା ନିର୍ମାଣ କାର୍ଯ୍ୟ କରୁଥିବା ଜିଲାପାଳ ଜାଣିବା ପରେ ବ୍ଲକରେ ଯେଉଁ କୋଠା କାମ ଚାଲିଛି ଓ ଆଗକୁ ହେବାର ଅଛି, ସେଥିରେ ସେମାନଙ୍କୁ ନିୟୋଜିତ କରିବା ପାଇଁ ବିଡିଓଙ୍କୁ ପରାମର୍ଶ ଦେଇଥିଲେ। ପରେ ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା କରିଥିଲେ।

## ନିରାଡ଼ମ୍ବରରେ ହେଲା ଦେବଦମ୍ପତିଙ୍କ ବିବାହ

ଧରାକୋଟ,୨୮।୫(ଡି.ଏନ୍.ଏ.)

କରୋନା କଟକଣା ଯୋଗୁ ଧରାକୋଟଗଡ଼ର ପ୍ରମୁଖ ଯାତ୍ରା ଶୀତଳଷଷ୍ଠୀ ଚଳିତ ବର୍ଷ ନିରାଡମ୍ବରରେ ଶେଷ ହୋଇଛି। ଦୀର୍ଘବର୍ଷ ହେଲା ଏହିଦିନ ବାବା ଚନ୍ଦ୍ରଶେଖରଙ୍କ ସହ ମା' ପାର୍ବତୀଙ୍କ ବିବାହ ବେଶ୍ ଜାକଜମକରେ ହୋଇଆସୁଥିଲା। ମାତ୍ର ବୁଧବାର ରାତିରେ ନିରାଡ଼ମ୍ବର ଭାବେ ସାମାଜିକ ଦୂରତ୍ୱ ରଖି ସୀମିତ ସଂଖ୍ୟକ ବରଯାତ୍ରୀ ସହ ପ୍ରଭୁଙ୍କ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି। ଗୁରୁବାର ରାତିରେ ଦେବଦମ୍ପତିଙ୍କ ନଗର ପରିକ୍ରମା ବେଶ୍ ଚିତ୍ତାକର୍ଷକ ହୋଇଥାନ୍ତା। କିନ୍ତୁ ପ୍ରଶାସନର ଅନୁମତି ମିଳି ନ ଥିବାରୁ ସୀମିତ ସଂଖ୍ୟକ ଭକ୍ତ ପରମ୍ପରା ଅନୁଯାୟୀ ମହାଲିଙ୍ଗେଶ୍ୱର, ସ୍ୱପ୍ନେଶ୍ୱର, ବିଶେଶ୍ୱରଙ୍କ ସହ ପ୍ରଭୁ ଚନ୍ଦ୍ରଶେଖର ଓ ମା' ପାର୍ବତୀ ଜଗନ୍ନାଥ ମନ୍ଦିରରେ ଅବସ୍ଥାନ କରିବେ।


ଦେବଦେବୀଙ୍କ ବିବାହ।

## ଟ୍ରେଡ୍ ଲାଇସେନ୍ସ ନ ଥିଲେ ଦୋକାନ ସିଲ୍


ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଔଷଧ ବ୍ୟବସାୟୀ।

ଜି.ଉଦୟଗିରି,୨୮।୫(ଡି.ଏନ.ଏ.)

ଟ୍ରେଡ ଲାଇସେନ୍ସ ନ ଥିଲେ ବ୍ୟବସାୟ ପ୍ରତିଷ୍ଠାନ ଖୋଲାଯାଇ ପାରିବନି। ବିନା ଟ୍ରେଡ ଲାଇସେନ୍ସରେ ଦୋକାନ ଖୋଲିଲେ ସିଲ୍ କରାଯିବ ବୋଲି ଜି. ଉଦୟଗିରି ଏନ୍‌ଏସି ପକ୍ଷରୁ ଘୋଷଣା କରାଯିବା ପରେ ବ୍ୟବସାୟୀମାନଙ୍କ ମଧ୍ୟରେ ଛନକା ପଶିଛି। ଲକଡାଉନ୍ ଯୋଗୁ ଗତ ଦୁଇମାସ ହେବ ଦୋକାନ ବଜାର ବନ୍ଦ ରହିଥିବା ବେଳେ ହଠାତ୍ ଟ୍ରେଡ ଲାଇସେନ୍ସ ବାଧ୍ୟତାମୂଳକ ଘୋଷଣା କରାଯିବା ଅନେକ ଛୋଟ ବ୍ୟବସାୟୀଙ୍କୁ ବିଚଳିତ କରିଛି। ଅନ୍ୟପକ୍ଷରେ ଜି.ଉଦୟଗିରି ଠାରେ ଅଧିକା ଟ୍ରେଡ ଲାଇସେନ୍ସ ଫି ନିଆଯାଉଛି ବୋଲି କିଛି ଔଷଧ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ଗୁରୁବାର ଔଷଧ ବ୍ୟବସାୟୀଙ୍କ ତରଫରୁ ସନ୍ତୋଷ ପାତ୍ର, ଉମା ଶଙ୍କର ପାଳ, ସୀମାଞ୍ଚଳ ଦାଶ ପ୍ରମୁଖ ଏନଏସି ଅଧିକାରୀଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର କହିଛନ୍ତି, ସରକାର ଟ୍ରେଡ ଲାଇସେନ୍ସକୁ ବାଧ୍ୟତାମୂଳକ କରିଛନ୍ତି। ଯେଉଁମାନେ ଟ୍ରେଡ ଲାଇସେନ୍ସ ନ କରିବେ ସେମାନଙ୍କ ଦୋକାନ ସିଲ୍ କରାଯିବ ବୋଲି କହିଥିଲେ।

### ଘରେ ପଶି ସୁନା,ଟଙ୍କା ଚୋରି

ଧରାକୋଟ,୨୮।୫(ଡି.ଏନ୍.ଏ.)

ଧରାକୋଟ ଥାନା ଡଉଗାଁ କନ୍ଧସାହିର ଶତ୍ରୁଘ୍ନ ନାହାକଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ୮୦ ଗ୍ରାମ ସୁନା ସହ ୪୨ ହଜାର ଟଙ୍କା ଦୁର୍ବୃତ୍ତ ଚୋରି କରି ନେଇଥିବା ଶତ୍ରୁଘ୍ନ ଏତଲା ଦେଇଛନ୍ତି। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସମସ୍ତେ ଶୋଇଥିବାବେଳେ ଦୁର୍ବୃତ୍ତ ବାରି କବାଟ ଭାଙ୍ଗି ଘରେ ପଶିଥିଲେ।

### ଜେଲ ଗଲେ ବନରକ୍ଷୀ, ରାତ୍ର ଜଗୁଆଳି

ବ୍ରହ୍ମପୁର ଅଫିସ,୨୮।୫

ସୋରଡା ବନାଞ୍ଚଳ ଅଧୀନ ପିପଲପଙ୍କା ବନରକ୍ଷୀ ବିଷ୍ଣୁପ୍ରିୟା ଦାଶ ଏକ ମାମଲା ରଫାଦଫା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡି ଗୁରୁବାର ଗିରଫ ହୋଇଥିଲେ। ଏଥିରେ ସମ୍ପୃକ୍ତ ଥିବା ରାତ୍ର ଜଗୁଆଳ ଗଣେଶ ପାତ୍ରଙ୍କୁ ମଧ୍ୟ ଗିରଫ କରାଯାଇଥିଲା। ଉଭୟଙ୍କୁ ଗୁରୁବାର ଭିଜିଲାନ୍ସ ମାମଲା ନଂ.୬/୨୦ରେ କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ, ସୋରଡା ଥାନା ଡଉଗାଁର ଗାଙ୍ଗନା ମଣ୍ଡଳଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳିଥିଲା। ସେଠାରେ ଗାଙ୍ଗନା ଓ ତାଙ୍କ ସ୍ତ୍ରୀ କିଛି କାଜୁ ଗଛ ଲଗାଇଥିଲେ। ନିଜ ଜମିକୁ ଲାଗିଥିବା କେତେକ ସରକାରୀ ଗଛକୁ କାଟି ସଫା କରିଥିଲେ। ଫଳରେ ବନରକ୍ଷୀ ବିଷ୍ଣୁପ୍ରିୟା ଗାଙ୍ଗନାଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ତାଙ୍କୁ ଗିରଫ କରିବାକୁ ଚେତାବନୀ ଦେଇଥିଲେ। ୧୦ ହଜାର ଟଙ୍କା ଲାଞ୍ଚ ଦେଲେ ମାମଲା ରଫାଦଫା କରିବାକୁ କହିଥିଲେ। ଯୋଜନା ମୁତାବକ ଗାଙ୍ଗନା ବନରକ୍ଷୀ ବିଷ୍ଣୁପ୍ରିୟାଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଉକ୍ତ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଧରା ପଡିଥିଲେ।

## ଗଞ୍ଜାମରେ ଆଉ ୨୬ ନୂଆ ପଜିଟିଭ୍

### ଆକ୍ରାନ୍ତଙ୍କ ସଂଖ୍ୟା ୩୯୪, ସୁସ୍ଥ ହେଲେଣି ୩୦୨

ଛତ୍ରପୁର,୨୮।୫(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ଗୁରୁବାର ଆଉ ୨୬ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଫଳରେ ଜିଲାରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୯୪ରେ ପହଞ୍ଚିଛି। ଅନ୍ୟପକ୍ଷରେ ଜିଲାରେ ବୁଧବାର ସୁଦ୍ଧା ୨୮୩ ଜଣ ସୁସ୍ଥ ହୋଇଥିବା ବେଳେ ଗୁରୁବାର ସୁସ୍ଥ ହୋଇଥିବା ଆଉ ୧୯ ଜଣଙ୍କୁ କୋଭିଡ୍ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଛି। ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ଏ ପର୍ଯ୍ୟନ୍ତ ୩୦୨ ଜଣ ସୁସ୍ଥ ହୋଇଥିବା ବେଳେ ୩ ଜଣଙ୍କ ମୃତ୍ୟୁ ଘଟିଛି। ୮୯ ସକ୍ରିୟ ଆକ୍ରାନ୍ତଙ୍କୁ ଶୀତଳାପଲିସ୍ଥିତ କୋଭିଡ୍ ହସ୍ପିଟାଲ ଓ ପାରଳା ମହାରାଜା ଇଞ୍ଜିନିୟରିଂ କଲେଜ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସା କରାଯାଉଛି। କୋଭିଡ୍ ହସ୍ପିଟାଲରୁ ଡିସ୍‌ଚାର୍ଜ ହେଉଥିବା ବ୍ୟକ୍ତିମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଘରକୁ ପଠାଯାଉଛି। ସ୍ୱାସ୍ଥ୍ୟ ଟିମ୍ ନିୟମିତ ସେମାନଙ୍କ ଉପରେ ନଜର ରଖୁଛନ୍ତି।

## ୪ଦିନ ହେଲା ଜଳ ଯୋଗାଣ ବନ୍ଦ

ବାଲିଗୁଡ଼ା,୨୮।୫(ଡି.ଏନ୍.ଏ.)

ଦୀର୍ଘ ସପ୍ତାହେ ହେଲାଣି ଲୋ ଭୋଲଟେଜ ଯୋଗୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବାଲିଗୁଡ଼ା ଅଞ୍ଚଳବାସୀ। ଲୋ ଭୋଲଟେଜ ଯୋଗୁ ସହରରେ ଜଳ ଯୋଗାଣ ମଧ୍ୟ ହୋଇପାରୁନାହିଁ। ୪ଦିନ ହେଲାଣି ସହରବାସୀ ପାନୀୟ ଜଳ ପାଇପାରୁ ନ ଥିବା ଅଭିଯୋଗ କରିଛନ୍ତି। ପମ୍ପ ଅପରେଟର କହିଛନ୍ତି, ଲୋଭୋଲଟେଜ ଯୋଗୁ ମୋଟର ଚାଲିପାରୁନାହିଁ। ତେଣୁ ଜଳ ଯୋଗାଇବା ସମ୍ଭବ ହୋଇପାରୁନାହିଁ। ଏଥିସହ ଘରେ ଫ୍ୟାନ ଚାଲୁ ନ ଥିବାରୁ ଲୋକେ ଗରମରେ ସିଝୁଛନ୍ତି। ପ୍ରକାଥାଉ କି, ବାଲିଗୁଡା ଏକ ବିଜ୍ଞପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ହୋଇଥିଲେ ମଧ୍ୟ ଏଠାରେ ଜଳଯୋଗାଣ ସଂସ୍ଥା (ପିଏଚ୍‌ଇଡି) ବିଭାଗର କୌଣସି କାର୍ଯ୍ୟାଳୟ ନାହିଁ। ଏନ୍‌ଏସି ଅଧିକାରୀ ଜଳଯୋଗାଣ ନେଇ କୌଣସି ପଦକ୍ଷେପ ନେଉ ନ ଥିବାବେଳେ ପିଏଚ୍‌ଇଡି ବିଭାଗର ଯେଉଁ ଅଧିକାରୀ ବାଲିଗୁଡ଼ା ଦାୟିତ୍ୱରେ ଅଛନ୍ତି ଲୋକେ ଅଭିଯୋଗ କରିବାକୁ ଗଲେ ତାଙ୍କର ଦେଖା ମିଳୁନାହିଁ। ଯଥାଶୀଘ୍ର ସମସ୍ୟାର ସମାଧାନ ନ ହେଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ନିର୍ବାହୀ ଅଧିକାରୀଙ୍କ ବିରୋଧରେ ୨ ଏତଲା

### ବେଲଗୁଣ୍ଠା ଏନ୍‌ଏସି

ଭଞ୍ଜନଗର,୨୮।୫(ଡି.ଏନ୍.ଏ.)

ବେଲଗୁଣ୍ଠା ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆଣି ବୁଧବାର ଜଣେ କନିଷ୍ଠ ଯନ୍ତ୍ରୀ ଓ ଗୁରୁବାର ଏନ୍‌ଏସିର ଜଣେ ମହିଳା କର୍ମଚାରୀ ଏତଲା ଦେଇଛନ୍ତି। ଯନ୍ତ୍ରୀଙ୍କ ଏତଲାକୁ ଭିତ୍ତିକରି ବେଲଗୁଣ୍ଠା ଫାଣ୍ଡି ପୋଲିସ ନଂ.୨୫୮/୨୦ ଓ ମହିଳା କର୍ମଚାରୀଙ୍କ ଏତଲାକୁ ଭିତ୍ତିକରି ନଂ.୨୬୧/୨୦ରେ ମାମଲା ରୁଜୁ କରିଛି। ଘଟଣାଟିକୁ ଗୁରୁତ୍ୱର ସହ ନେଇ ପୋଲିସ ତଦନ୍ତ ଚଳାଇଛି। ଗୁରୁବାର ଏନ୍‌ଏସି ଅଫିସ ସିସିଟିଭି ଫୁଟେଜ ଯାଞ୍ଚ ପାଇଁ ପୋଲିସ ଯାଇଥିବା ବେଳେ କାର୍ଯ୍ୟାଳୟ ବନ୍ଦ ଥିବା ଯୋଗୁ ସମ୍ଭବ ହୋଇପାରିନାହିଁ। ଶୁକ୍ରବାର ଏହା ହେବ ବୋଲି ଜଣାପଡ଼ିଛି। ଏନ୍‌ଏସି କନିଷ୍ଠ ଯନ୍ତ୍ରୀ ବିଶ୍ୱ ରଞ୍ଜନ ଜେନା ଏତଲାରେ ଦର୍ଶାଇଥିଲେ ଯେ, ନିର୍ବାହୀ ଅଧିକାରୀ ସୁନିଲ ତ୍ରିପାଠୀ ମିଥ୍ୟା ବିଲ୍ କରିବା ପାଇଁ ତାଙ୍କ ଉପରେ ଚାପ ପକାଉଛନ୍ତି। ତାଙ୍କୁ ହତ୍ୟା ଧମକ ଦେବା ସହ ଚାମ୍ବରକୁ ଡାକି ଅନେକ କଥା କହିଥିବା ଦର୍ଶାଇଛନ୍ତି। ସେହିପରି ମହିଳା କର୍ମଚାରୀ ଜଣଙ୍କୁ ମଧ୍ୟ ନିର୍ବାହୀ ଅଧିକାରୀ ମିଥ୍ୟା ବିଲ୍ କରିବା ପାଇଁ ଚାପ ପକାଉଛନ୍ତି। ଏପରିକି ସେ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରୁଥିବା ମହିଳା କର୍ମଚାରୀ ଏତଲାରେ ଦର୍ଶାଇଛନ୍ତି। ଏ ନେଇ ମହିଳା କର୍ମଚାରୀ ଜଣକ ଗତ ମାସରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। କୌଣସି ପଦକ୍ଷେପ ନିଆ ନ ଯିବାରୁ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ତ୍ରିପାଠୀଙ୍କୁ ପଚାରିବାରୁ ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ବୋଲି କହିଛନ୍ତି। କାମ ତ୍ୱରାନ୍ୱିତ କରିବା, ଯେଉଁଠି କାମ ବିଳମ୍ବ ହେଉଛି ସମ୍ପୃକ୍ତ ଠିକାଦାରଙ୍କୁ କୈଫିୟତ ମାଗିବା ପାଇଁ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

## ଶଟ୍‌ଡାଉନ୍ ହେଲା ଚୌଧୁରୀଟିକରପଡ଼ା

ଦିଗପହଣ୍ଡି,୨୮।୫(ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ ଚୌଧୁରୀଟିକରପଡ଼ା ସରପଞ୍ଚ ସଞ୍ଜୁକ୍ତା ଚଣ୍ଡଙ୍କ ଅନୁରୋଧକ୍ରମେ ସମଗ୍ର ପଞ୍ଚାୟତକୁ ପ୍ରଶାସନ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ସଙ୍ଗରୋଧ କେନ୍ଦ୍ରରେ ଥିବା କେତେଜଣ ମହାରାଷ୍ଟ୍ର ଫେରନ୍ତା ପ୍ରବାସୀ ଓଡ଼ିଆଙ୍କ କରୋନା ରିପୋର୍ଟ ପଜିଟିଭ ଆସିବା ପରେ ଏଭଳି ପଦକ୍ଷେପ ନିଆଯାଇଥିବା ଦିଗପହଣ୍ଡି ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ଦିଗପହଣ୍ଡି ବିଡିଓ ହଳଧର ଶବର, କୋଭିଡ୍-୧୯ ନୋଡାଲ ଅଧିକାରୀ ରାଜ କିଶୋର ନାୟକ, ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ର ନାଥ ମୁର୍ମୁ, କେ. ନୂଆଗାଁ ଥାନା ଅଧିକାରୀ ମାଧବାନନ୍ଦ ନାୟକ ପ୍ରମୁଖ ଚୌଧୁରୀଟିକରପଡାରେ ପହଞ୍ଚି ଏହାର କାର୍ଯ୍ୟକାରୀତା ନେଇ ଅନୁଧ୍ୟାନ କରୁଛନ୍ତି। କେହି ଘରୁ ନ ବାହାରିବା ପାଇଁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଛି।


ଡାକବାଜି ଯନ୍ତ୍ର ଦ୍ୱାରା ଲୋକଙ୍କୁ ସଚେତନ କରାଯାଉଛି।

## ଶ୍ରମିକଙ୍କ ସମସ୍ୟାର ସମାଧାନ ଦାବି

କଟକ ଅଫିସ: ଲକ୍‌ଡାଉନ୍ ଯୋଗୁ ପ୍ରବାସୀ ଶ୍ରମିକଙ୍କ ସମସ୍ୟାକୁ ନେଇ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରିଛି। ଏ ନେଇ ଗୁରୁବାର ସଙ୍ଗଠନ ପକ୍ଷରୁ ପ୍ରବାସୀ ଶ୍ରମିକ, ମହିଳା ଓ ଶିଶୁମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ୯ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଟିକା ସାମଲ, ସିପ୍ରା ମହାନ୍ତି, ସ୍ୱାଧିନୀ ବେହେରା, ଶୋଭା ଦେହୁରୀ, ଝରଣା ଦାସ, ସୁଜାତା ମହାପାତ୍ର ଉପସ୍ଥିତ ଥିଲେ ।



## ସଂକ୍ଷେପରେ

### ଚାଷୀଙ୍କୁ ଟେକି କଚାଡ଼ି ଦେଲା ହାତୀ

ଖୁଣ୍ଟୁଣୀ,୨୮।୫(ଡି.ଏନ.ଏ.): ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ କୁମାରପୁର ପଞ୍ଚାୟତର ବଳୀପୁର ଗ୍ରାମରେ ବୁଧବାର ରାତିରେ ଏକ ହାତୀ ଜଣେ ଚାଷୀଙ୍କୁ ଟେକି କଚାଡ଼ି ଦେବାରୁ ଗୁରୁତର ହୋଇଛନ୍ତି। ଚିତ୍କାର ଶୁଣି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେ ହେଲେ ଉକ୍ତ ଗ୍ରାମର ସୁବାସ ସାମଲ(୩୨)। ସୁବାସ ବୁଧବାର ରାତି ୧୦ଟାରେ ଘର ପାଖରୁ ୩୦୦ମିଟର ଦୂର ଗହୀର ମଧରେ ଥିବା ନିଜ ପରିବା ଜମିକୁ ଯାଉଥିଲେ। ହଠାତ୍ ଏକ ଦନ୍ତା ହାତୀ ଆସି ସୁବାସଙ୍କୁ ଶୁଣ୍ଢରେ ଉଠାଇ ତଳେ କଚାଡ଼ି ଚାଲିଯାଇଥିଲା। ଚିତ୍କାର ଶୁଣି ସୁବାସଙ୍କ ଦାଦା ଆସି ଉଦ୍ଧାର କରିଥିଲେ। ଗୁରୁବାର ବନାଞ୍ଚଳ ଅଧିକାରୀ ମାଗୁଣୀ ଚରଣ ବେହେରା ଡାକ୍ତରଖାନା ଯାଇ ସୁବାସର ସ୍ୱାସ୍ଥ୍ୟାବସ୍ଥା ଦେଖିବା ସହ ଚିକିତ୍ସା ପାଇଁ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଥିଲେ।

### ଥାନା ଆଗରେ ମହିଳାଙ୍କ ଆତ୍ମାହୁତି ଉଦ୍ୟମ

ଜଟଣୀ,୨୮।୫(ଡି.ଏନ୍.ଏ.): ଜଟଣୀ ଥାନା ମୁଖ୍ୟ ଗେଟ୍ ସମ୍ମୁଖରେ ଗୁରୁବାର ଜଣେ ମହିଳା ଆତ୍ମାହୁତି ଉଦ୍ୟମ କରୁଥିବା ବେଳେ ଉପସ୍ଥିତ ପୋଲିସ ତାଙ୍କୁ ଏଥିରୁ ନିବୃତ୍ତ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ସୂଚନା ଅନୁଯାୟୀ, ସମ୍ପୃକ୍ତା ମହିଳା ଜଣଙ୍କ ସ୍ୱାମୀଙ୍କ ସହ ସ୍ଥାନୀୟ ରାଜାବଜାର ଅଞ୍ଚଳର ଏକ ଭଡ଼ା ଘରେ ରୁହନ୍ତି। ଘର ଛାଡ଼ିବାକୁ ମାଲିକ ବାରମ୍ବାର କହୁଥିବା ବେଳେ ଅଗ୍ରୀମ ବାବଦ ଦେଇଥିବା ୫୦ହଜାର ଟଙ୍କା ଫେରସ୍ତ କଲେ ଘର ଛାଡ଼ିଦେବୁ ବୋଲି ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ କହିଥିଲେ। ଏ ନେଇ ଉଭୟଙ୍କ ମଧରେ ବିବାଦ ଲାଗିରହିଥିଲା। କିଛିଦିନ ପୂର୍ବେ ଉଭୟ ପରସ୍ପର ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ତଦନ୍ତ ଚଳାଇଥିଲା। ମାତ୍ର ବନ୍ଦ ଥିବା ଘର ଖୋଲି ମାଲିକ ତାଙ୍କ ସ୍ୱାମୀଙ୍କ କମ୍ପ୍ୟୁଟର, ଲାପଟପ୍ ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଥିବା ଅଭିଯୋଗ କରି ନ୍ୟାୟ ପ୍ରଦାନ ପାଇଁ ଥାନାର ଦ୍ୱାରସ୍ଥ ହେବା ସହ ଆତ୍ମାହୁତି ଉଦ୍ୟମ କରିଥିଲେ। ତେବେ ମହିଳା ଓ ତାଙ୍କ ସ୍ୱାମୀଙ୍କ ସମସ୍ତ ଅଭିଯୋଗକୁ ଘରମାଲିକ ଅସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ, ବିଶ୍ୱରଞ୍ଜନ ସାହୁ କୁହନ୍ତି, ଆତ୍ମାହୁତି ଉଦ୍ୟମ କରିଥିବା ମହିଳାଙ୍କୁ ଭଦ୍ରବ୍ୟକ୍ତିଙ୍କ ଜିମାରେ ତାଙ୍କ ଘରକୁ ଛଡ଼ାଯାଇଛି। ଏପରି ଆଇନ୍ ବିରୋଧୀ କାର୍ଯ୍ୟ କରିବା ପାଇଁ ମହିଳାଙ୍କୁ ପ୍ରବର୍ତ୍ତାଇଥିବାରୁ ତାଙ୍କ ସ୍ୱାମୀଙ୍କ ବିରୋଧରେ ଏକ ମାମଲା (ନଂ.୧୮୯/୨୦)ରୁଜୁ ହୋଇଛି।

### ପୁରୀରୁ ଗଡ଼ିଲାନି ବସ୍

ପୁରୀ ଅଫିସ,୨୮।୫: କରୋନା ପାଇଁ ପ୍ରାୟ ୨ ମାସରୁ ଊର୍ଦ୍ଧ୍ୱ ହେବ ରାଜ୍ୟରେ ବସ୍ ଚଳାଚଳ ବନ୍ଦ ରହିଥିଲା। ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ କେତେକ କ୍ଷେତ୍ରରେ କୋହଳ କରାଯିବା ପରେ ବସ ଚଳାଚଳ ନେଇ ଅନୁମତି ମିଳିଥିଲା। ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସାଧାରଣ ପରିଷଦ ବୈଠକର ନିଷ୍ପତ୍ତି ଅନୁଯାୟୀ ଗୁରୁବାରଠାରୁ ବସ୍ ଚଳାଚଳ କରିବ ବୋଲି ଘୋଷଣା କରାଯାଇଥିଲା। ହେଲେ ଗୁରୁବାର ପୁରୀରୁ କୌଣସି ବସ୍ ଗଡ଼ି ନାହିଁ। ଫଳରେ ବିଭିନ୍ନ ସ୍ଥାନକୁ ଯିବା ପାଇଁ ଆସିଥିବା ଯାତ୍ରୀମାନେ ବସ୍‌ଷ୍ଟାଣ୍ଡରୁ ଫେରିଯାଇଥିଲେ। କେତେକ ଯାତ୍ରୀ ଅଟୋରେ ଗନ୍ତବ୍ୟ ସ୍ଥଳକୁ ଯାତାୟାତ କରିଥିବା ବେଳେ ଏଥିପାଇଁ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଛି। ପିପିଲି କମାକନ୍ତିଆର ଦିଲୀପ ବରାଳ ପୁରୀରେ ରୁହନ୍ତି। ଗୁରୁବାର ସକାଳେ ଘରକୁ ଯିବା ପାଇଁ ପୁରୀ ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ମାତ୍ର ବସ୍ ଚଳାଚଳ କରୁ ନ ଥିବାରୁ ସେ ଅଠରନଳା ଓ ସେଠାରୁ ଅଟୋରେ ପିପିଲି ଯାଇଥିଲେ।

# ଅଲଟ୍ରା ଭାଓଲେଟ୍‌ରେ ସାନିଟାଇଜର ପ୍ରସ୍ତୁତ

■ ରାଜ୍ୟରେ ପ୍ରଥମ ଉଦ୍ଭାବନ
■ ଖପୁରିଆ ଆଇଟିଆଇର ସଫଳତା

କଟକ ଅଫିସ,୨୮।୫:




କାଗଜପତ୍ର, ଟଙ୍କା, ମୋବାଇଲ ଫୋନ୍ ମାଧମରେ ବ୍ୟାପିପାରେ କରୋନା ଭୂତାଣୁ। ଭୂତାଣୁ ବ୍ୟାପିବା ନେଇ ଏଭଳି ଅନେକ ମାଧମ ଅଛି, ଯାହାକୁ ଲିକ୍ୟୁଇଡ ସାନିଟାଇଜର ଦ୍ୱାରା ଧୋଇବା ସମ୍ଭବ ନୁହେଁ। ଏପରି ସ୍ଥଳେ ଖପୁରିଆ ଆଇଟିଆଇ ପକ୍ଷରୁ ପ୍ରସ୍ତୁତ କରାଯାଇଛି ଅଲଟ୍ରା ଭାଓଲେଟ୍ (ଅତି ବାଇଗଣୀ ରଶ୍ମି)ରେ ସାନିଟାଇଜର। ଆଇଟିଆଇର ଅଧାପକମାନେ ଅଲଟ୍ରା ଭାଓଲେଟ୍ ବ୍ୟବହାର ଦ୍ୱାରା ଭୂତାଣୁ ମରିଯିବା ସମ୍ଭାବନା ସୃଷ୍ଟି କରିଛନ୍ତି। ରାଜ୍ୟରେ ଏହା ପ୍ରଥମ ଉଦ୍ଭାବନ ବୋଲି ଉକ୍ତ ଅନୁଷ୍ଠାନର ଅଧକ୍ଷ ଡ. ହୃଷୀକେଷ ମହାନ୍ତି କହିଛନ୍ତି।

ଖପୁରିଆ ଆଇଟିଆଇ ପକ୍ଷରୁ କିଛି ଦିନ ତଳେ ଦେଶୀୟ ଜ୍ଞାନକୌଶଳରେ ପ୍ରସ୍ତୁତ ହୋଇଥିଲା ଦୁଇଟି ରୋବୋଟ୍। ଏହା ପୂର୍ବରୁ ଫୁଟ ଅପରେଟେଡ ସାନିଟାଇଜର ଓ ସାମ୍ପଲ ସଂଗ୍ରହ କିଓସ୍କ ମଧ ପ୍ରସ୍ତୁତ କରାଯାଇଥିଲା। ପରେ ଏକ ବିଶୋଧନାଗାର ପ୍ରସ୍ତୁତ ହୋଇଥିଲା। ଏବେ ଏହି ରେକର୍ଡରେ ସାମିଲ ହୋଇଛି ଅନ୍ୟ ଦୁଇଟି ଉଦ୍ଭାବନ। ମଣିଷର ଶରୀର ବ୍ୟତୀତ ଯେ କୌଣସି ସ୍ଥାନରେ ବ୍ୟବହାର କରାଯାଇ ପାରିବ । ଏହି ଯନ୍ତ୍ରରେ ସେନ୍‌ସର ଲଗାଯାଇଛି।

### ୟୁଭି-ରେ ସାନିଟାଇଜର ସମ୍ପର୍କରେ...

ଅତି ବାଇଗଣୀ ରଶ୍ମିର ୩ ପ୍ରକାର ବିକିରଣ ରହିଛି। ଏହାକୁ ଇଂଲିଶ ଆଲଫାବେଟ୍ ଏ, ବି ଓ ସି ଅନୁସାରେ ବିଭକ୍ତ କରାଯାଇଛି। କମ୍ ତରଙ୍ଗ ଦୈର୍ଘ୍ୟ(ୱେଭ୍ ଲେନ୍ଥ) ବିଶିଷ୍ଟ ବିକିରଣକୁ ୟୁଭି-ସି କୁହାଯାଏ। କମ୍ ୱେଭ୍ ଲେନ୍ଥ ଦ୍ୱାରା କରୋନା ଭୂତାଣୁକୁ ମରାଯିବା ସମ୍ଭବ ବୋଲି ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଘୋଷଣା କରାଯାଇଥିଲା। ଖପୁରିଆ ଆଇଟିଆଇରେ ପ୍ରସ୍ତୁତ ହୋଇଥିବା ୟୁଭି-ରେ ସାନିଟାଇଜରରେ ୟୁଭି-ସି ବିକିରଣ ହେବ। ଏଥିରୁ ବିକରଣ ହେଉଥିବା ରଶ୍ମିର ୱେଭଲେନ୍ଥ ହେଲା ୨୫୩ ନାନୋମିଟର।

ଗୋଟିଏ ୟୁଭି-ରେ ସାନିଟାଇଜର ହୋଇଥିବା ବେଳେ ଆଉ ଏକ ହେଉଛି ଥର୍ମାଲ ଗନ୍। ୟୁଭି-ରେ ସାନିଟାଇଜରକୁ ଶରୀର ଉପରକୁ ଅଣାଯିବା ମାତ୍ରେ ସାନିଟାଇଜରଟି ଆପେଆପେ ବନ୍ଦ ହୋଇଯିବ। ସେହିଭଳି ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯାଇ ଏକ ଥର୍ମାଲ ଗନ୍ ପ୍ରସ୍ତୁତ କରାଯାଇଛି। ଶରୀରର ତାପମାତ୍ରା ଅନୁସାରେ ଏହା ଭିନ୍ନଭିନ୍ନ ସିଗ୍ନାଲ ଦେଖାଇବ। ୟୁଭି-ରେ ସାନିଟାଇଜର ବଜାର ମୂଲ୍ୟ ୪,୫୦୦ ଟଙ୍କା ଓ ଥର୍ମାଲ ଗନ୍‌ର ବଜାର ମୂଲ୍ୟ ୩,୫୦୦ ଟଙ୍କା ଧାର୍ଯ୍ୟ କରାଯାଇଛି ବୋଲି ଅଧକ୍ଷ ଡ. ମହାନ୍ତି କହିଛନ୍ତି।

### ନୂତନ ଉଦ୍ଭାବନ ଆମ ପାଇଁ ବଡ଼ ସଫଳତା



ଦୁଇଟି ନୂତନ ଉଦ୍ଭାବନ କରାଯାଇଛି। ଅନେକ ପରିଶ୍ରମ ପରେ ଏହାକୁ ଆମେ ପ୍ରସ୍ତୁତ କରିଛୁ। ୟୁଭି-ରେ ସାନିଟାଇଜର ପ୍ରସ୍ତୁତ କରିବା ଆମ ପାଇଁ ଏକ ବଡ ସଫଳତା। ଏହାକୁ ସଫଳ ଭାବେ ବ୍ୟବହାର କରିପାରିଲେ କରୋନା ମୁକାବିଲାରେ ଆମେ ଗୋଟିଏ ପାଦ ଆଗରେ ରହିବା।

– ଡ. ହୃଷୀକେଷ ମହାନ୍ତି, ଅଧକ୍ଷ



ଗୁରୁବାର ସନ୍ଧ୍ୟାରେ ଶ୍ରୀକ୍ଷେତ୍ରର ମେଘାଚ୍ଛନ୍ନ ଆକାଶରେ ବିଜୁଳିର ଚମକ ।

## ୬ଲକ୍ଷ ଟଙ୍କାର ଭାଙ୍ଗ ଜବତ

କଟକରୋଡ/ବାଲକାଟୀ, ୨୮।୫ (ଡି.ଏନ୍.ଏ.): ଭୁବନେଶ୍ୱର ଅବକାରୀ ରେଞ୍ଜ ଗୁରୁବାର ରାଜଧାନୀ ଉପକଣ୍ଠରେ ଚଢ଼ାଉ କରି ଜଣେ ଭାଙ୍ଗ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାଲିଅନ୍ତା ଥାନା ଅଧୀନ ପୁରୁଣାଶାସନ ଗ୍ରାମର ଦୀପକ ବିଶ୍ୱାଳ। ସୂଚନା ଅନୁଯାୟୀ, ଅବକାରୀ ରେଞ୍ଜ ପକ୍ଷରୁ ସକାଳ ପ୍ରାୟ ୮ଟାରେ ବାଲକାଟୀ କେନାଲ ପାର୍ଶ୍ୱରେ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ଦୀପକ ଏକ ଡାଲା ଅଟୋ(ଓଡି ୦୨କ୍ୟୁ ୨୯୬୬)ରେ ୨୨ଟି ଜରିବସ୍ତା ନେଇଯାଉଥିବା ବେଳେ ଅଧିକାରୀମାନଙ୍କ ସନ୍ଦେହ ହୋଇଥିଲା। ଗାଡିକୁ ଅଟକାଇ ଯାଞ୍ଚ କରିବା ପରେ ବସ୍ତାରୁ ୬କୁଇଣ୍ଟାଲ ୬୦କେଜି ଭାଙ୍ଗ ଜବତ ହୋଇଥିଲା। ଜବତ ଭାଙ୍ଗର ମୂଲ୍ୟ ପ୍ରାୟ ୬ଲକ୍ଷ ଟଙ୍କା ହେବ ବୋଲି ରେଞ୍ଜ ଇନ୍ସପେକ୍ଟର ଦେବାଶିଷ ପଟେଲ କହିଛନ୍ତି। ଏ ନେଇ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା(ନଂ.୫/୨୦-୨୧)ରୁଜୁ ହୋଇଛି।

# ଚେନ୍ ଟାଣି ଟ୍ରେନ୍‌ରୁ ଓହ୍ଲାଇପଡ଼ିଲେ ୪୪ ପ୍ରବାସୀ

ଖୋର୍ଦ୍ଧା ଅଫିସ/ ବାଲୁଗାଁ, ୨୮।୫(ଡି.ଏନ୍.ଏ.): କରୋନା ଲାଗି ଦେଶରେ ଲକ୍‌ଡାଉନ୍ କଟକଣା ଜାରି ରହିଥିବା ବେଳେ ପ୍ରବାସୀ ଶ୍ରମିକଙ୍କ ସ୍ଥାନାନ୍ତର କାର୍ଯ୍ୟ ଜାରି ରହିଛି। ଏହିକ୍ରମରେ ଗୁରୁବାର ଚେନ୍ନାଇରୁ ପ୍ରବାସୀଙ୍କୁ ନେଇ ଏକ ଟ୍ରେନ ଖୋର୍ଦ୍ଧା ରୋଡ୍ ଆସୁଥିବା ବେଳେ ପ୍ରାୟ ୪୪ଜଣ ବାଲୁଗାଁ ନିକଟ ଧୂଆଁଳି ରେଲୱେ ଫାଟକଠାରେ ଚେନ୍ ଟାଣି ଓହ୍ଲାଇ ପଡ଼ିଥିଲେ। ଏ ସମ୍ପର୍କରେ ଖବରପାଇ ସିଙ୍ଗେଶ୍ୱର ପଞ୍ଚାୟତ ସରପଞ୍ଚ ସୁଧାକର ପ୍ରଧାନ ବାଲୁଗାଁ ପୋଲିସକୁ ଜଣାଇଥିଲେ। ପୋଲିସ ଏବଂ ରେଲସୁରକ୍ଷାବଳ ଘଟଣାସ୍ଥଳରେ ପହଞ୍ଚି ପ୍ରବାସୀଙ୍କୁ ଅଟକାଇଥିଲେ। ପରେ ବସ୍ ଯୋଗେ ସେମାନଙ୍କୁ ନିଜ ନିଜ ପଞ୍ଚାୟତକୁ ପଠାଯିବାର ବ୍ୟବସ୍ଥା କରାଯାଇଥିଲା । ୪୪ଜଣଙ୍କ ମଧରେ ଗଞ୍ଜାମ ଜିଲାର ୩୨ଜଣ ହୋଇଥିବା ବେଳେ ଖୋର୍ଦ୍ଧା ଜିଲାର ୧୨ଜଣ ରହିଛନ୍ତି। ସୂଚନାଥାଉ କି, ଗତ ୨୩ ତାରିଖରେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଅଞ୍ଚଳରୁ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ନେଇ ଏକ ଟ୍ରେନ ଭଦ୍ରକ ଆସୁଥିବା ବେଳେ ପ୍ରାୟ ୪୫୦ଜଣ ଚିଲିକା ଷ୍ଟେଶନଠାରେ ଚେନ୍ ଟାଣି ଓହ୍ଲାଇପଡ଼ିଥିଲେ।



ଟ୍ରେନରୁ ଓହ୍ଲାଇ ପଡିଥିବା ପ୍ରବାସୀଙ୍କୁ ପୋଲିସ ପଚରା ଉଚରା କରୁଛି ।

# ବ୍ଲକ ଅଫିସ ଆଗରେ ସୂଚନା ଅଧିକାର କର୍ମୀଙ୍କ ଧାରଣା

### କିରୋସିନ୍‌ରେ ଅନିୟମିତତା, ଡାଲି ବଣ୍ଟନରେ ବିଳମ୍ବ

ମାହାଙ୍ଗା, ୨୮।୫(ସ୍ୱ.ପ୍ର.) ମାହାଙ୍ଗା ବ୍ଲକରେ କିରୋସିନ ବଣ୍ଟନରେ ଅନିୟମିତତା ଓ ଡାଲି ବଣ୍ଟନରେ ବିଳମ୍ବ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ସୂଚନା ଅଧିକାର ଅଭିଯାନର ସଦସ୍ୟ ଧାରଣା ଦେଇଥିଲେ। ଲକ୍‌ଡାଉନ ସମୟରେ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆଗୁଆ ୩ ମାସର ରାଶନ ସାମଗ୍ରୀ ପହଞ୍ଚାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସମୟରେ ହିତାଧିକାରୀଙ୍କୁ ୧୫ କିଲୋ ଚାଉଳ, ୨ ଲିଟର କିରୋସିନ୍ ଓ ୩ କିଲୋ ଡାଲି ଆଗୁଆ ପହଞ୍ଚାଇବା ପାଇଁ ସରକାର ଘୋଷଣା କରିଥିଲେ। ମାତ୍ର ମାହାଙ୍ଗା ବ୍ଲକରେ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଛି। ଏଠାରେ ହିତାଧିକାରୀଙ୍କୁ କମ୍ ପରିମାଣର କିରୋସିନ୍ ପ୍ରଦାନ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ଡାଲି ମିଳିନାହିଁ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ସୂଚନା ଅଧିକାର ଅଭିଯାନ ସଦସ୍ୟ ଧାରଣାରେ ବସିଥିଲେ। ବିଡିଓ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିବା ସହ ତୁରନ୍ତ ଡାଲି ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ଔଷଧ ବ୍ୟବସାୟୀଙ୍କୁ କରୋନା ଯୋଦ୍ଧା ମାନ୍ୟତା ଦାବି

ପୁରୀ ଅଫିସ,୨୮।୫: କରୋନା ଲଢେଇରେ ଯେଉଁମାନେ ଆଗଧାଡ଼ିରେ ରହିଛନ୍ତି ସେମାନଙ୍କୁ କରୋନା ଯୋଦ୍ଧା ଆଖ୍ୟା ଦିଆଯାଇଛି। କିନ୍ତୁ ଏହି ତାଲିକାରେ ଔଷଧ ବ୍ୟବସାୟୀଙ୍କୁ ସାମିଲ କରାଯାଇ ନାହିଁ। ସେମାନଙ୍କୁ କରୋନା ଯୋଦ୍ଧାର ମାନ୍ୟତା ଦେବା ସହ ବୀମାଭୁକ୍ତ କରିବା ଲାଗି ପୁରୀ ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛି। ସଂଘ ସଭାପତି ସୁଜିତ୍ ସେନଗୁପ୍ତା, ସମ୍ପାଦକ ଦୀପକ ରଞ୍ଜନ ମହାନ୍ତି, ସଦସ୍ୟ ପ୍ରସନ୍ନ ମହାପାତ୍ର ପ୍ରମୁଖ ଏହି ଦାବି କରିଛନ୍ତି। ଚିଠିରେ ଦର୍ଶାଯାଇଛି ଯେ, ଔଷଧ ଦୋକାନ ମାଲିକ ଏବଂ କର୍ମଚାରୀମାନେ ଲୋକଙ୍କୁ ଲକ୍‌ଡାଉନ ସମୟରେ ସେବା ଯୋଗାଇଛନ୍ତି। ଏପରିକି କଣ୍ଟେନମେଣ୍ଟ ଏବଂ ବଫର ଜୋନରେ ଘରକୁ ଘର ଯାଇ ଔଷଧ ଯୋଗାଣ କରୁଛନ୍ତି। ତେଣୁ ସେମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିବା ସହ ବୀମା ଏବଂ ଅନ୍ୟାନ୍ୟ ସୁବିଧା ଦିଆଯାଉ ।

# କରୋନା ଆକ୍ରାନ୍ତଙ୍କ ମୃତ୍ୟୁକୁ ନେଇ ଦ୍ୱନ୍ଦ୍ୱରେ ପରିବାର

### ସରକାରୀ ସହାୟତା ପାଇଁ ଗ୍ରାମବାସୀଙ୍କ ଦାବି

ଖୋର୍ଦ୍ଧା ଅଫିସ/ବାଲୁଗାଁ, ୨୮।୫(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ସିଙ୍ଗେଶ୍ୱର ପଞ୍ଚାୟତ ଅଞ୍ଚଳର ଜଣେ ବ୍ୟକ୍ତି କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ତେବେ ତାଙ୍କର ମୃତ୍ୟୁକୁ ନେଇ ସରକାରୀସ୍ତରରେ କୌଣସି ଘୋଷଣା କରାଯାଇ ନାହିଁ କି ପ୍ରମାଣପତ୍ର ଦିଆଯାଇ ନ ଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି । ଏ ନେଇ ପରିବାର ଲୋକେ ଦ୍ୱନ୍ଦ୍ୱରେ ରହିଛନ୍ତି।

ସୂଚନାଥାଉ କି, କରୋନା ଆକ୍ରାନ୍ତ ଜଣଙ୍କ ଦୀର୍ଘଦିନ ଧରି ସୁରଟରେ କାମ କରି ପରିବାର ଚଳାଉଥିଲେ। କିଛିଦିନ ପୂର୍ବରୁ ସେଠାରେ ସେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ତାଙ୍କର ଜଣ୍ଡିସ୍ ହୋଇଥିବା ଜଣାପଡ଼ିବା ପରେ ଚିକିତ୍ସା ପାଇଁ ସେଠାରୁ ଆମ୍ବୁଲାନ୍ସରେ ଗତ ୧୪ତାରିଖରେ ଗ୍ରାମରେ ପହଞ୍ଚିଥିଲେ। ସ୍ଥାନୀୟ ସରପଞ୍ଚ ତାଙ୍କୁ ଚିକିତ୍ସା ପାଇଁ ଅନ୍ୟଏକ ଗାଡ଼ିର ବ୍ୟବସ୍ଥା କରି ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ପଠାଇଥିଲେ। ସେଠାରେ ତାଙ୍କର ସ୍ୱାବ୍ ପରୀକ୍ଷା କରାଯିବା ପରେ କରୋନା ପଜିଟିଭ୍ ରିପୋର୍ଟ ଆସିଥିଲା। ଏହା ପରେ ତାଙ୍କୁ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ଅପରାହ୍ଣରେ ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ବାଲୁଗାଁ ନିରୀକ୍ଷଙ୍କ ଠାରୁ ଖବରପାଇ ବିଳମ୍ବିତ ରାତ୍ରିରେ ଉକ୍ତ କୋଭିଡ୍ ହସ୍ପିଟାଲରେ ପହଞ୍ଚିଥିଲେ। ପ୍ରାୟ ୫ଶହ ମିଟର ଦୂରରୁ ତାଙ୍କ ମୃତଦେହକୁ ପରିବାରଲୋକେ ଦେଖିଥିଲେ। ପରେ ନିୟମମୁତାବକ ପରିବାରଲୋକଙ୍କ ଠାରୁ କାଗଜପତ୍ର କରାଇ ଘରକୁ ପଠାଇ ଦିଆଯାଇଥିଲା। ତେବେ ଇତି ମଧରେ ଦୁଇଦିନ ବିତିଯାଇଥିଲେ ମଧ ସରକାରଙ୍କ ପକ୍ଷରୁ ମୃତକଙ୍କ ସମ୍ପର୍କରେ ବିଧିବଦ୍ଧ ଘୋଷଣା କରାଯାଇ ନ ଥିବା ପରିବାରଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ପକ୍ଷରୁ ଦାବି ହୋଇଛି। ଅନ୍ୟପଟେ ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱରଞ୍ଜନ ପତିଙ୍କୁ ପଚାରିବାରୁ କରୋନାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସେ ଅବଗତ ଥିବା କହିଛନ୍ତି।

# କ୍ୱାରାଣ୍ଟାଇନ୍ ସେଣ୍ଟର ଆଗରେ ଅନ୍ତେବାସୀଙ୍କ ଅନଶନ

ବାଲୁଗାଁ,୨୮।୫(ଡି.ଏନ୍.ଏ.): ବାଲୁଗାଁ ଏନ୍‌ଏସି ଅଧୀନ ବାଲୁଗାଁ ମହାବିଦ୍ୟାଳୟରେ ଖୋଲାଯାଇଥିବା କ୍ୱାରାଣ୍ଟାଇନ୍ ସେଣ୍ଟରରେ ପୁଣି ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅନ୍ତେବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସମସ୍ତ ଅନ୍ତେବାସୀ ଖାଦ୍ୟ ବର୍ଜନ କରିବା ସହ ଗୁରୁବାର କ୍ୱାରାଣ୍ଟାଇନ୍ ସେଣ୍ଟର ଫାଟକ ନିକଟରେ ଅନଶନରେ ବସିଥିଲେ। ଖବରପାଇ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଚିଲିକା ତହସିଲଦାର ପୁନମ ମହାପାତ୍ର, ଅତିରିକ୍ତ ତହସିଲଦାର ଅପର୍ଣ୍ଣା ଭୋଇ, ବାଲୁଗାଁ ଏନ୍‌ଏସି ନୋଡାଲ ଅଫିସର ରାଜେନ୍ଦ୍ର ମିଶ୍ର ପହଞ୍ଚି ପ୍ରବସୀଙ୍କୁ ବୁଝାଶୁଝା କରିଥିଲେ। ନିର୍ଦ୍ଧାରିତ ସମୟରେ ଉପଯୁକ୍ତ ଖାଦ୍ୟ ପ୍ରଦାନ ସହିତ ଜଣେ ପ୍ରତିନିଧିଙ୍କୁ ଏଠାରେ ନିୟୋଜିତ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅନ୍ତେବାସୀ ଅନଶନରୁ ଓହରି ଖାଦ୍ୟ ଗ୍ରହଣ କରିଥିଲେ। ସେହିପରି ସ୍ଥାନୀୟ ଚିଲିକାରାଣୀ ଇଂରାଜୀ ମାଧମିକ ବିଦ୍ୟାଳୟରେ ନିମ୍ନମାନରର ଖାଦ୍ୟ ନେଇ ପ୍ରବାସୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ଅନଶନ କରିଥିଲେ। ବ୍ଲକ୍ ପ୍ରଶାସନ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ସୂଚନାଥାଉ କି, ଗତ ୨୫ ତାରିଖରେ ବାଲୁଗାଁ ମହାବିଦ୍ୟାଳୟ କ୍ୱାରାଣ୍ଟାଇନ୍ ସେଣ୍ଟରରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ଅନ୍ତେବାସୀ ଅଭିଯୋଗ କରିବା ସହ ଫାଟକ ନିକଟରେ ଅନଶନରେ ବସିଥିଲେ।



ଅନ୍ତେବାସୀ ଧାରଣାରେ ବସିଛନ୍ତି ।

### ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ

# ଅନୁଗୋଳ, ପୁରୀ ବସ୍‌ଷ୍ଟାଣ୍ଡ ଉନ୍ନତୀକରଣ ହେବ

କଟକ ଅଫିସ,୨୮।୫: କଟକ ବାଦାମବାଡ଼ି ଅଞ୍ଚଳସ୍ଥ ଅନୁଗୋଳ ଓ ପୁରୀ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ କରାଯିବ। ଏ ନେଇ ଗୁରୁବାର ପୂର୍ବାହ୍ନରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉଭୟ ବସ୍‌ଷ୍ଟାଣ୍ଡ ପରିଦର୍ଶନ କରିଛନ୍ତି। ବାଲି ଫିଲିଂ ପରେ ସେଠାକାର ସ୍ଥିତି ପରଖିଛନ୍ତି। ଅନୁଗୋଳ ଓ ପୁରୀ ବସ୍‌ଷ୍ଟାଣ୍ଡ ଯଥାକ୍ରମେ ୩୪୮୮ ଏବଂ ୪୬୮୪ ବର୍ଗ ମିଟରରେ ରହିଛି। ଏଠାରେ ଥିବା ଜବରଦଖଲକୁ ମୁକ୍ତ କରାଯାଇ ୧୯ହଜାର୨୭୭ ବର୍ଗ ମିଟର ପରିଧିକୁ ବୃଦ୍ଧି ପାଇଁ ସ୍ଥିର ହୋଇଛି। ସମସ୍ତ ଉତ୍ତମ ଆନୁସଙ୍ଗିକ ବ୍ୟବସ୍ଥା କରାଯିବା ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବସ୍‌ଷ୍ଟାଣ୍ଡରେ ଯେମିତି ଖାଲଖମା, ନାଳନର୍ଦ୍ଦମା ନ ରହିବ, ସେଥିପାଇଁ କଂକ୍ରିଟ ରାସ୍ତା ସହ ସବୁଜିମା ପାର୍ଶ୍ୱ ନିର୍ମାଣ କରାଯିବ। ବିଶେଷକରି ଯାତ୍ରୀ ବିଶ୍ରାମାଗାର, ଶୌଚାଳୟ, ପାର୍କିଂ ସୁବିଧା, ଫ୍ଲଡ଼ ଲାଇଟ, ଗାଡ଼ିଗୁଡ଼ିକର ସାମୟିକ ମରାମତି ପାଇଁ ବ୍ୟବସ୍ଥା ଆଦି କାର୍ଯ୍ୟ କରାଯିବ ବୋଲି ଜିଲାପାଳ ଚୟନୀ କହିଛନ୍ତି। ଏହି ପରିଦର୍ଶନ ସମୟରେ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ତାରାକାନ୍ତ ମିଶ୍ର, ନିର୍ବାହୀ ଯନ୍ତ୍ରୀ ସୁଧାଂଶୁ ମହାପାତ୍ର, ସିଏମ୍‌ସି ଡେପୁଟି କମିଶନର ଅବିନାଶ ରାଉତ, ସହକାରୀ ଯନ୍ତ୍ରୀ ପିନାକୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।




କଟକ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଆକାଶରୁ ହେବ କରୋନା ସଚେତନତା

■ ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ପିନ୍ଧିବାକୁ ବାର୍ତ୍ତା ଦେବ ଡ୍ରୋନ
■ କମିଶନରେଟ ପୋଲିସ ମୁଖ୍ୟାଳୟରୁ ପରୀକ୍ଷାମୂଳକ ଭାବେ ଉଡ଼ାଗଲା

ଭୁବନେଶ୍ୱର,୨୮।୫ (ବ୍ୟୁରୋ) ସାମାଜିକ ତଥା ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଲକ୍‌ଡାଉନ୍ କଟକଣାକୁ କୋହଳ କରାଯାଇଛି। ଏହି ସୁଯୋଗରେ ଲୋକେ ସବୁ ନିୟମ ଓ କଟକଣାକୁ ପାସୋରି ଦେଲେଣି। ବିଶେଷକରି କରୋନା ମୁକାବିଲାର ଏକମାତ୍ର ଅସ୍ତ୍ର ସାମାଜିକ ଦୂରତ୍ୱ ରକ୍ଷା ଓ ମାସ୍କ ପିନ୍ଧିବା ନିୟମକୁ ମଧ ମାନୁନାହାନ୍ତି। ତେଣୁ ଅମାନିଆଙ୍କୁ ସଚେତନ କରିବା ପାଇଁ କମିଶନରେଟ ପୋଲିସ ଏକ ଭିନ୍ନ ପନ୍ଥା ଆପଣାଇଛି। ଏଥର ଲୋକଙ୍କୁ ଆକାଶ ମାର୍ଗରୁ ଡ୍ରୋନ୍ ମାଧମରେ ସଚେତନ କରାଯିବ। ଡ୍ରୋନ୍‌ଗୁଡ଼ିକ ସହର ଉପରେ ଉଡ଼ି ଉଡ଼ି ଜନଗହଳିପୂର୍ଣ୍ଣ ସ୍ଥାନରେ ଲୋକଙ୍କୁ ସାମାଜିକ ଦୂରତ୍ୱ ରକ୍ଷା କରିବା ସହ ମାସ୍କ ପିନ୍ଧିବା ପାଇଁ ବାର୍ତ୍ତା ଦେବ। ଏଥିସହ ଅମାନିଆଙ୍କ ଫଟୋ ଉଠାଇବ। ଉକ୍ତ ଫଟୋ ଆଧାରରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବ।

ଗୁରୁବାର କମିଶନରେଟ ପୋଲିସ ମୁଖ୍ୟାଳୟରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଏହି ଡ୍ରୋନ୍‌ର ପରୀକ୍ଷାମୂଳକ ଉଡ଼ାଣ କରାଯାଇଛି। ଏନେଇ ଏକ ଘରୋଇ ସଂସ୍ଥା ସହ ଚୁକ୍ତି କରାଯିବାପରେ ଯୋଜନାକୁ କାର୍ଯ୍ୟକାରୀ କରାଯିବ। ଏହି ଡ୍ରୋନ୍‌ରେ ଏକ ଅଡିଓ ସ୍ପିକ୍‌ର ଲାଗିଛି। ଏଥିରେ ଅଟୋମେଟିକ ସଚେତନତା ମୂଳକ ଭଏସ୍ ରେକର୍ଡ ରଖାଯାଇଛି। ଡ୍ରୋନ୍ ଆକାଶରେ ଉଡ଼ିବା ପରେ ଏହି ଭଏସ୍ ରେକର୍ଡ ବାଜିବ। ଏଥିରେ ବ୍ଲୁ ଟୁଥ୍ ମଧ ଲାଗିଛି। ପୋଲିସ ଚାହିଁଲେ ତଳେ ରହି ଡ୍ରୋନ୍ ମାଧମରେ ସିଧାସଳଖ ସଚେତନତା ବାର୍ତ୍ତା ସେବା ସହ ଲୋକଙ୍କୁ ସତର୍କ କରିପାରିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



ସଚେତନତା ପାଇଁ ଡ୍ରୋନର ପରୀକ୍ଷାମୂଳକ ଉଡ଼ାଣ କରାଯାଉଛି ।

### ରାଜଧାନୀରେ ଗଡ଼ିଲା ସଚେତନତା ରଥ

କରୋନା କଟକଣା ଓ ନିୟମ ପାଳନ ପାଇଁ ଲୋକଙ୍କୁ ସଚେତନ କରିବାକୁ ଗୁରୁବାରଠାରୁ ରାଜଧାନୀରେ ଗଡ଼ିଛି କରୋନା ସଚେତନତା ରଥ। ଏଜି ଛକ ନିକଟରେ ଟ୍ରାଫିକ ଡିସିପି ସାଗରିକା ନାଥ ସବୁଜ ପତାକା ଦେଖାଇ ଏହି ରଥକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଟ୍ରାଫିକ ପୋଲିସ ପ୍ଲା କାର୍ଡ ଧରି ଲୋକଙ୍କୁ ସଚେତନ କରିବା ସହ ମାସ୍କ ପ୍ରଦାନ କରିଥିଲେ। ଏହି ରଥ ସହରର ବିଭିନ୍ନ ଛକ ଓ ଗଳି କନ୍ଦିରେ ବୁଲି ଲୋକଙ୍କୁ ସଚେତନ କରିବା ସହ ମାଗଣାରେ ମାସ୍କ ବାଣ୍ଟିବ।

**ସଂକ୍ଷେପରେ**

## ବର୍ଷାଋତୁରେ ଶ୍ରମିକଙ୍କୁ କାମ ଯୋଗାଇବା ଉପରେ ଗୁରୁତ୍ୱ

କର୍ଲାମୁଣ୍ଡା, ୨୮।୫ (ଡି.ଏନ.ଏ.): ଆଗାମୀ ବର୍ଷାଋତୁରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଶ୍ରମିକଙ୍କୁ କାମ ଯୋଗାଇବା ନେଇ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଭାଗୃହଠାରେ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ତହସିଲଦାର ବାସନ୍ତୀ ସେଠ୍, ଏଇ ଗୌରାଙ୍ଗ ପ୍ରସାଦ ମାଝି, ଏସିପି ସତ୍ୟ ପ୍ରଧାନ, ଆଇଜି ଏସଏସଏସ କର୍ମୀ ପ୍ରଦୀପ ସାହୁ, ସେବାଜଗତ କର୍ମୀ ଗରୁଡ ଭୋଇ, ଏମ୍‌ଜିଏନଆରଇଜିଏସ ସହାୟକ ବିରଞ୍ଚି ଗହୀର ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ବର୍ଷାଋତୁରେ ଏମ୍‌ଜିଏନଆରଇଜିଏସ୍‌ରେ ଛୋଟ ଛୋଟ ପ୍ରକଳ୍ପଗୁଡ଼ିକ ଚୟନ କରାଯାଇ ଶ୍ରମିକମାନଙ୍କୁ କିଭଳି କାମ ଯୋଗାଇ ଦିଆଯାଇପାରିବ ତାହା ଉପରେ ଆଲୋଚନା ହୋଇଥିଲା।

# ଥମୁନି ବିସ୍ଥାପିତଙ୍କ ଅସନ୍ତୋଷ

**ସ୍ଥାୟୀ ନିଯୁକ୍ତି, କ୍ଷତିପୂରଣ ଦାବିରେ ଆନ୍ଦୋଳନ**

ସମ୍ବଲପୁର,୨୮।୫(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ତହସିଲ ଅନ୍ତର୍ଗତ ତଲାବିରା କୋଇଲା ଖଣି-୧ ଓ ୨ରେ ବିସ୍ଥାପିତଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି । ଗୁରୁବାର ବିସ୍ଥାପିତମାନଙ୍କ ଅସନ୍ତୋଷ ପୁଣି ଉଗ୍ର ରୂପ ନେଇଛି । ସେମାନେ କମ୍ପାନୀ ଅଫିସ ସମ୍ମୁଖରେ ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଧାରଣାରେ ବସି ଆନ୍ଦୋଳନ କରିଥିଲେ। ଏହାପରେ କମ୍ପାନୀ କର୍ମଚାରୀ ଆଲୋଚନା ପାଇଁ ଆସିଥିଲେ। ହେଲେ ସେମାନେ ବିସ୍ଥାପିତମାନଙ୍କ ଆକ୍ରୋଶର ଶିକାର ହୋଇଥିଲେ । କମ୍ପାନୀ ବାରମ୍ବାର ସ୍ଥାୟୀ ନିଯୁକ୍ତି, କ୍ଷତିପୂରଣ ଦେବା ପାଇଁ ପ୍ରତିଶ୍ରୁତି ଦେଉଛି । ହେଲେ କାର୍ଯ୍ୟକାରୀ ହେଉନାହିଁ। ପୂର୍ବରୁ କ୍ଷତିପୂରଣ ଦେବା ପରେ କୋଇଲା ଉତ୍ତୋଳନ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ। ହେଲେ ପ୍ରତିଶ୍ରୁତି ପାଳନ ନ କରି ଏବେ କୋଇଲା ଉତ୍ତୋଳନ କରାଯାଉଛି। ଅନ୍ୟପଟେ ବଡ ଧରଣର ବ୍ଲାଷ୍ଟିଂ କରାଯିବାରୁ ବୁଧିଆପାଲି ଗ୍ରାମର ଗୋଟିଏ ପରିବାରର ଘର ଭାଙ୍ଗି ଯାଇଛି। ଖରା ବର୍ଷା ସମୟରେ ଭଙ୍ଗା ଘରେ ଗରିବ ପରିବାର ଜୀବନ କାଟୁଛନ୍ତି । ଗ୍ରାମବାସୀଙ୍କୁ କ୍ଷତିପୂରଣ ଓ ଥଇଥାନ ନ କରି ଅବାଧରେ ପ୍ରଶାସନକୁ ହାତ ବାରିସି କରି କମ୍ପାନୀ କାମ କରୁଛି । ବିସ୍ଥାପିତଙ୍କ କ୍ଷତିପୂରଣ ସହିତ ଭଙ୍ଗାଘରର କ୍ଷତିପୂରଣ ଦିଆଯାଉ ନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। କମ୍ପାନୀ ଅଧିକାରୀମାନେ ଶୁକ୍ରବାର ଠାରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବ ଏବଂ ଖୁବ ଶୀଘ୍ର କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କମ୍ପାନୀ ଅଧିକାରୀ ପ୍ରଶ୍ନ ପଣ୍ଡା, ଅମର ସି, ଭବାନୀ ବେହେରା, ଠେଲକୋଲି ଥାନାଧିକାରୀ ସୁରୁବାବୁ ଛତ୍ରିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ଚନ୍ଦ୍ରଶେଖର ରାଉତ, ଉମାକାନ୍ତ ମେହେର, ମାସନ ସାଲିମା, ଜଗବନ୍ଧୁ ସାହୁ, ସଞ୍ଜୟ ପାତ୍ର, ସରୋଜ ମେହେର, ମକୁନ୍ଦ ସାହୁ, ଟିଂୁ ମେହେର ପ୍ରମୁଖ ଉପସ୍ଥିତ ରହିଥିଲେ ।


ସମ୍ବଲପୁର ତଲାବିରା କମ୍ପାନୀ ଅଫିସ ସମ୍ମୁଖରେ ବିସ୍ଥାପିତମାନେ ଧାରଣା ଦେଇଛନ୍ତି।

# ସୁନ୍ଦରଗଡ଼ରେ ଗଡ଼ିଲାନି ଘରୋଇ ବସ୍


ସୁନ୍ଦରଗଡ ଲୁହୁରାଢିପାସ୍ଥିତ ନୂତନ ଘରୋଇ ବସଷ୍ଟାଣ୍ଡ ଖାଁ ଖାଁ ।

ସୁନ୍ଦରଗଡ,୨୮।୫(ଡି.ଏନ୍.ଏ)

ରାଜ୍ୟ ସରକାରଙ୍କ ଘୋଷଣା ମୁତାବକ ଗୁରୁବାରଠାରୁ ଘରୋଇ ବସ୍ ଚଳାଚଳ କରିବାକୁ ଥିବାବେଳେ ସୁନ୍ଦରଗଡରେ ଏହା ସ୍ୱାଭାବିକ ହୋଇ ପାରିନାହିଁ। ଲୁହୁରାଢିପାସ୍ଥିତ ନୂଆ ବସଷ୍ଟାଣ୍ଡକୁ ଜଣେ ହେଲେ ଯାତ୍ରୀ ଆସି ନ ଥିବା ବେଳେ ୧୫୦ଖଣ୍ଡ ବସ୍ ମଧ୍ୟରୁ ମାତ୍ର ୨ଟି ଆସିଥିଲା। ହେଲେ ଯାତ୍ରୀ ଆସି ନ ଥିବାରୁ ବସ୍ ୨ଟି ଗନ୍ତବ୍ୟସ୍ଥଳକୁ ଯାତ୍ରା କରିପାରିନାହିଁ । ସେହିପରି ଅନ୍ୟ ବସ୍‌ଗୁଡ଼ିକରେ ଡ୍ରାଇଭର ଓ କର୍ମଚାରୀ ଆସି ନ ଥିବା ବେଳେ ଆଉ କେତେକବସ ଗୁଡ଼ିକ ଯାନ୍ତ୍ରିକ ତ୍ରୁଟି ଯୋଗୁ ଷ୍ଟାଣ୍ଡକୁ ଆସି ନ ଥିବା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି। ରାତିରେ ଖଣ୍ଡିଏ ମାତ୍ର ନାଇଟ କୋଚ୍ ମହାବୀର ଟ୍ରାଭେଲ୍‌ସ ସାନିଟାଇଜ୍ ପରେ ମାତ୍ର ୧୭ ଜଣ ଯାତ୍ରୀଙ୍କୁ ନେଇ ଭୁବନେଶ୍ୱର ଯାତ୍ରା କରିଛି। ଅପରପକ୍ଷେ ଲୁହୁରାଢିପା ନୂତନ ବସ୍ ଟର୍ମିନାଲ ମଧ୍ୟରେ ଗଦାଗଦା ଅଳିଆ ଆବର୍ଜନା ଓ ଶୌଚାଳୟ ଗୁଡ଼ିକୁ ପୌର ପ୍ରଶାସନ ପକ୍ଷରୁ ସଫାସୁତୁରା ଦିଗରେ ଧ୍ୟାନ ଦିଆଯାଇନାହିଁ। ଏପରିକି ଲକଡାଉନ ସମୟ ମଧ୍ୟରେ ବସ୍ ଟର୍ମିନାଲରେ ଠିକାଦାରଙ୍କ ଦ୍ୱାରା ଚାଲିଥିବା ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ଲୁହା ପାଇପ୍ ଓ ଅନ୍ୟ ନିର୍ମାଣ ସାମଗ୍ରୀ ଗଦା ହୋଇଥିବାରୁ ପ୍ରଚଣ୍ଡ ଖରାରେ ଯାତ୍ରୀମାନେ ସେଠାରେ ବସିବାକୁ ମଧ୍ୟ ସ୍ଥାନ ନାହିଁ। ଏ ଦିଗରେ

**ବସ୍‌ଷ୍ଟାଣ୍ଡ ଭିତରେ ଆବର୍ଜନା ଗଦା**

ଜିଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ସମ୍ପର୍କରେ ସୁନ୍ଦରଗଡ଼ ପୌର ନିର୍ବାହୀ ଅଧିକାରୀ ଅଶୋକ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବସ୍ ଟର୍ମିନାଲର ଆଧୁନିକୀକରଣ କରାଯାଉଛି । କାମ କରୁଥିବା ଠିକାଦାର ସେଠାରେ ନିର୍ମାଣ ସାମଗ୍ରୀ ଗଦା କରିଛନ୍ତି । ନିର୍ମାଣ ସାମଗ୍ରୀ ସେଠାରୁ ହଟାଇବାକୁ ତାଙ୍କୁ କୁହାଯିବ ଏବଂ ତୁରନ୍ତ ଶୌଚାଳୟ ସଫେଇ କରାଯିବ ବୋଲି ସେ କହିଥିଲେ ।

# ୪ମାସ ବିତିଲା, ମୃତ୍ୟୁ ରହସ୍ୟ ଉନ୍ମୋଚିତ ହେଲାନି

**ଦେଓଗାଁ**
- ନଦୀପଠାରୁ ନିଖୋଜ ବାଳକଙ୍କ ମୃତଦେହ ଉଦ୍ଧାର ଘଟଣା
- ତଦନ୍ତ ଦାବିରେ ଥାନା ଘେରିଲେ ଗ୍ରାମବାସୀ
- ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ: ଥାନାଧିକାରୀ

ଦେଓଗାଁ, ୨୮।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସିଲେଟକାନୀ ଗାଁ ନିକଟ ସୋନଗଡ ନଦୀପଠାରୁ ୧୧ବର୍ଷର ବାଳକ ବାବୁଲାଲ ବର୍ଗାଙ୍କ ଗଳିତ ମୃତଦେହ ଉଦ୍ଧାର ହେବା ୪ମାସ ବିତିଯାଇଛି। ହେଲେ ଏ ଯାଏ ମୃତ୍ୟୁର ରହସ୍ୟ ଉନ୍ମୋଚନ ହୋଇ ପାରିନାହିଁ। ଏହାକୁ ନେଇ ଗାଁରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି । ବୁଧବାର ସନ୍ଧ୍ୟାରେ ଗାଁରେ ଏ ନେଇ ଏକ ବୈଠକ ପରେ ଉଚ୍ଚସ୍ତରୀୟ ତଦନ୍ତ ଦାବି କରାଯାଇଥିଲା। ଗୁରୁବାର ଗ୍ରାମବାସୀ ଦେଓଗାଁ ଥାନା ଘେରାଉ କରିଥିଲେ । ଥାନାଧିକାରୀ ରଞ୍ଜନ କୁମାର ବରିହା ମୃତ ବାଳକଙ୍କ ପରିବାରବର୍ଗ, ଗାଁର କେତେକ ବ୍ୟକ୍ତି ଓ ସନ୍ଦେହ କରାଯାଉଥିବା କେତେକଙ୍କୁ ପୃଥକଭାବେ ପଚରାଉଚୁରା ପରେ ମୃତ୍ୟୁ ରହସ୍ୟ ଉପରୁ ପରଦା ହଟିବ ବୋଲି କହିଛନ୍ତି । ବାଳକ ନିଖୋଜ ହେବାର ୧୪ ଦିନ ପରେ କୁଲାକୁକୁର କଟାଗୋଡକୁ ଟାଣି ଆଣିବା ଦ୍ୱାରା ଫେବୃୟାରୀ ୫ ତାରିଖରେ ନଦୀପଠାରୁ ଏକ ବାଳକର ଗଳିତ ମୃତଦେହ ଉଦ୍ଧାର ହୋଇଥିଲା । ତେବେ ଶରୀରରେ କ୍ଷତ ନ ଥିବା ଓ ହାଡ ଭାଙ୍ଗି ନ ଥିବା ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ପୋଲିସ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିଲା । ତେବେ ଦେଶରେ କରୋନା ମହାମାରୀ ଆରମ୍ଭ ହେବାରୁ ପୋଲିସ ତଦନ୍ତରେ ବାଧା ଉପୁଜିଥିଲା। ଗ୍ରାମବାସୀଙ୍କ ଦାବି ପରେ ପୋଲିସ ପୁଣିଥରେ ତନାଘନା ଆରମ୍ଭ କରିଛି । ବଳି ଉଦ୍ଦେଶ୍ୟରେ ବାଳକଙ୍କୁ ହତ୍ୟା କରାଯାଇ ଥାଇପାରେ ବୋଲି ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି । ଏ ନେଇ ଥାନାଧିକାରୀ ବରିହାଙ୍କୁ ପଚାରିବାରୁ ପୁଣି ତଦନ୍ତ ଆରମ୍ଭ କରିଛୁ, ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି କହିଥିଲେ ।


ସିଲେଟକାନୀ ଗ୍ରାମବାସୀ ଥାନା ଘେରାଉ କରିଛନ୍ତି।

# ଅଙ୍ଗନୱାଡି କେନ୍ଦ୍ର ନିର୍ମାଣକୁ ସାହିବାସିନ୍ଦାଙ୍କ ବିରୋଧ


ପୌରପରିଷଦ ଏମଇ ସରସ୍ୱତୀ ମହାନନ୍ଦ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରୁଛନ୍ତି ।

ଦେବଗଡ,୨୮।୫(ଡି.ଏନ.ଏ.)

ଦେବଗଡ ପୌରପରିଷଦ ପକ୍ଷରୁ ଗୋପାଳଜୀଉ ମନ୍ଦିର ପଛପାଖରେ ଅଙ୍ଗନୱାଡି କେନ୍ଦ୍ରର ନୂତନ କୋଠା ନିର୍ମାଣ କରାଯାଉଛି। ଗୁରୁବାର ନିର୍ମାଣସ୍ଥଳକୁ ଯାଇ ସାହି ବାସିନ୍ଦା ଏହାକୁ ବିରୋଧ କରିଛନ୍ତି। ବର୍ତ୍ତମାନ ଚାଲୁଥିବା ଅଙ୍ଗନୱାଡି କେନ୍ଦ୍ର ପାଖରେ ନୂତନ କୋଠା ନିର୍ମାଣ କରିବାକୁ ସେମାନେ ଦାବି କରିଛନ୍ତି। ସୂଚନା ଅନୁଯାୟୀ ପୌରାଞ୍ଚଳ ମଠସାହି ସ୍ଥିତ ଅଙ୍ଗନୱାଡି କେନ୍ଦ୍ର ଭାଙ୍ଗିଯିବାରୁ ଅଙ୍ଗନୱାଡି କେନ୍ଦ୍ର ମନୋରାମା କ୍ଲବ ଘରେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଦୀର୍ଘବର୍ଷ ହେବ ଚାଲିଛି। ବର୍ତ୍ତମାନ ନିର୍ମାଣ କରାଯାଉଥିବା ଅଙ୍ଗନୱାଡି କେନ୍ଦ୍ର ପାର୍ଶ୍ୱରେ ଜଳାଶୟ ଥିବାରୁ ସାହି ବାସିନ୍ଦା ଓ ଅଭିଭାବକ ସେମାନଙ୍କ ପିଲାକୁ ସୁରକ୍ଷା ଦୃଷ୍ଟିରୁ ଛାଡିବାକୁ ଅମଙ୍ଗ ହେଉଛନ୍ତି। ଖବରପାଇ ପୌର ପରିଷଦର ଇଞ୍ଜିନିୟର(ଏମଇ) ସରସ୍ୱତୀ ମହାନନ୍ଦ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ । ହେଲେ ସାହିବାସୀନ୍ଦା ସେମାନଙ୍କ ଜିଦ୍‌ରେ ଅଟଳ ରହିବାରୁ ନିର୍ମାଣ କାମ ବନ୍ଦ ରହିଥିଲା। ପୂର୍ବରୁ ସ୍ଥାନୀୟ ବାସିନ୍ଦାମାନେ ବିଧାୟକ, ଜିଲାପାଳ ଏବଂ ପୌରପରିଷଦ ନିର୍ବାହୀ ଅଧିକାରୀଙ୍କ ନିକଟରେ ଲିଖିତ ଭାବେ ମଧ୍ୟ ଜଣାଇଥିଲେ ।

# ସ୍କୁଲ, କଲେଜ ଫି ଛାଡ଼ ଦାବିକଲା ଛାତ୍ର କଂଗ୍ରେସ

ବଲାଙ୍ଗୀର ଅଫିସ, ୨୮।୫

କରୋନା ମହାମାରୀ ଓ ଲକ୍‌ଡାଉନ୍ ଯୋଗୁଁ ଲୋକଙ୍କ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଜୀବନ ସହ ଶିକ୍ଷାକ୍ଷେତ୍ର ବହୁଳ ଭାବେ ପ୍ରଭାବିତ ହୋଇଛି । ଦୀର୍ଘ ସମୟ ଧରି ଲକ୍‌ଡାଉନ ଯୋଗୁଁ ଦେଶ, ରାଜ୍ୟ ତଥା ବଲାଙ୍ଗିର ଜିଲାର ପ୍ରତ୍ୟେକ ବର୍ଗର ଲୋକେ ଘୋର ଆର୍ଥିକ କ୍ଷତି ସହୁଛନ୍ତି । ବିଶେଷ କରି ମଧ୍ୟମ ଓ ନିମ୍ନ ଆୟକାରୀ ବର୍ଗଙ୍କ ଲୋକଙ୍କ ଅବସ୍ଥା ସାଂଘାତିକ ହୋଇପଡିଲାଣି। ଏଭଳି ସ୍ଥିତିରେ ସେମାନଙ୍କ ପିଲା ଛୁଆମାନେ ପାଠ ପଢ଼ିବା ପାଇଁ ସ୍କୁଲ ଫି ଦେବା ସମ୍ଭବ ନୁହେଁ । ଏହି ପ୍ରସଙ୍ଗକୁ ନେଇ ଗୁରୁବାର ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ୪ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଅତିରିକ୍ତ ଜିଲାପାଳ ଅନନ୍ତ ଚରଣ ସିଂ ଲାଗୁରୀଙ୍କୁ ଦାବିପତ୍ର ଗ୍ରହଣ କରିଥିଲେ । ଜିଲାର ସମସ୍ତ ଲୋକେ କରୋନା ଲକ୍ ଡାଉନ ଯୋଗୁଁ ଘୋର ଆର୍ଥିକ କ୍ଷତି ସହୁଥିବାରୁ ଜିଲାର ସମସ୍ତ ଛାତ୍ରୀଛାତ୍ରଙ୍କ ଚଳିତ ଶିକ୍ଷାବର୍ଷର ସରକାରୀ ଓ ବେସରକାରୀ ସ୍କୁଲ ଫି ଛାଡ କରାଯିବାକୁ ଦାବି କରାଯାଇଛି । ଦ୍ୱିତୀୟରେ ପ୍ରତ୍ୟେକ କ୍ଲାସ ପାଇଁ ଆଡମିସନ ଓ ରିଆଡମିସନ ଫି ସମ୍ପୂର୍ଣ୍ଣ ମାଫ୍ କରିବାକୁ ଦାବି କରାଯାଇଛି । ଆଗାମୀ ୩ ମାସ ପାଇଁ ପ୍ରତ୍ୟେକ ସ୍କୁଲର ଟ୍ୟୁସନ ଫି ମଧ ମାଫ୍ କରାଯିବାକୁ ଦାବି କରାଯାଇଛି ।

# ଚିକିତ୍ସା ଅବହେଳାରୁ ନବଜାତ ଶିଶୁ ମୃତ୍ୟୁ ଅଭିଯୋଗ

ଝାରସୁଗୁଡ଼ା ଅଫିସ,୨୮।୫

ଚିକିତ୍ସା ଅବହେଳାରୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଜଣେ ନବଜାତକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଡାକ୍ତରଖାନାରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା ।

ମିଳିଥିବା ସୂଚନା ଅନୁସାରେ ଲଖନପୁର ବ୍ଲକ ରେଙ୍ଗୁଲି ଗ୍ରାମର ଦୁର୍ଲ୍ଲଭ ତାଣ୍ଡିଆଙ୍କ ସ୍ତ୍ରୀ ତପସ୍ୱିନୀଙ୍କ ପ୍ରସବ ବେଦନା ହେବାରୁ ବୁଧବାର ସକାଳ ସାଢ଼େ ୭ଟାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆରମ୍ଭରୁ ଡାକ୍ତର ଓ ନର୍ସମାନେ ତପସ୍ୱିନୀଙ୍କ ଚିକିତ୍ସା ପ୍ରତି ଗୁରୁତ୍ୱ ଦେଇ ନ ଥିଲେ । ଗୁରୁବାର ସକାଳେ ତପସ୍ୱିନୀଙ୍କ ପ୍ରସବ ବେଦନା ଅଧିକ ହେବାରୁ ପରିବାର ଲୋକେ ଏ ସଂକ୍ରାନ୍ତରେ ଦାୟିତ୍ୱରେ ଥିବା ଡାକ୍ତର ଓ ନର୍ସଙ୍କୁ ଜଣାଇଥିଲେ । ଏଥିପାଇଁ ସର୍ଜରୀ ଆବଶ୍ୟକ ବୋଲି ଡାକ୍ତର କହିଥିଲେ। ହେଲେ ଦିନ ପ୍ରାୟ ୧୧ଟା ବେଳେ ତପସ୍ୱିନୀଙ୍କ ସର୍ଜରୀ କରାଯାଇଥିଲା । ହେଲେ ତପସ୍ୱିନୀଙ୍କ ଗର୍ଭରୁ ଏକ ମୃତ ଶିଶୁ ଜନ୍ମ ନେଇଥିବା ଡାକ୍ତର ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଏହି ଘଟଣା ପରେ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଚିକିତ୍ସାରେ ଅବହେଳା କାରଣରୁ ଏପରି ହୋଇଥିବା ପରିବାର ଲୋକ ଅଭିଯୋଗ କରିଥିଲେ । ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜଗଦୀଶ ଚନ୍ଦ୍ର ବାରିକଙ୍କୁ ପଚାରିବାରୁ ଏହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି । ଅଭିଯୋଗର ସତ୍ୟତା ଥିଲେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।


ଆଶା କର୍ମୀ ମୃତ ଶିଶୁକୁ ଧରି ହସ୍‌ପିଟାଲ ବାହାରକୁ ଆସୁଛନ୍ତି ।

## ହୃଦ୍‌ଘାତରେ ଅଧ୍ୟାପକଙ୍କ ପରଲୋକ

ସୁନ୍ଦରଗଡ଼,୨୮।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଜ୍ୟୋତିନ୍ଦ୍ର ବାରାଙ୍କ ବୁଧବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ତାଙ୍କୁ ୩୯ବର୍ଷ ବୟସ ହୋଇଥିଲା । ତାଙ୍କର ଅକାଳ ବିୟୋଗ ମହାବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି । ଗୁରୁବାର ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ ଅଧ୍ୟକ୍ଷତାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡ କୋଇଡାର ବାସିନ୍ଦା ଅଧ୍ୟାପକ ବାରା ୨୦୦୮ ରେ ନୂଆପଡା ସରକାରୀ ବିଜ୍ଞାନ କନିଷ୍ଠ ମହାବିଦ୍ୟାଳୟରୁ ଅଧ୍ୟାପନା ଆରମ୍ଭ କରିଥିଲେ । ୨୦୧୬ରୁ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରିଆସୁଥିଲେ।

# ଶିବ ପାର୍ବତୀଙ୍କ ବିବାହୋତ୍ସବ ସମ୍ପନ୍ନ

ସୁନ୍ଦରଗଡ, ୨୮।୫ (ଡି.ଏନ୍.ଏ)

ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିହାହୋତ୍ସବ ତଥା ଶୀତଳ ଷଷ୍ଠୀ ଯାତ୍ରା ସୁନ୍ଦରଗଡରେ ସମ୍ପନ୍ନ ହୋଇଛି। ଏହି ବିବାହୋତ୍ସବ ମନ୍ଦିରରେ ନିରାଡମ୍ବର ଭାବେ ପାରମ୍ପରିକ ରୀତିନୀତି ଅନୁଯାୟୀ କରାଯାଇଛି । ବୁଧବାର ଅପରାହ୍ନରେ ସ୍ଥାନୀୟ ସୁନାରିପଡାସ୍ଥିତ ବାବା ଚନ୍ଦ୍ରଶେଖର ମାତା ଚନ୍ଦ୍ରକାନ୍ତିଙ୍କ ପାଣିଗ୍ରହଣ କରିଛନ୍ତି। ଅନ୍ୟବର୍ଷ ପରି ବାବା ଚନ୍ଦ୍ରଶେଖର କନ୍ୟାଗୃହକୁ ବରାନୁଗମନ ନ କରି ମନ୍ଦିର ମଧ୍ୟରେ ମାତା ଚନ୍ଦ୍ରକାନ୍ତିଙ୍କ ସହିତ ସମ୍ପୂର୍ଣ୍ଣ ଲୋକାଚାର ନୀତିରେ ବିବାହ କରିଛନ୍ତି। ବିବାହ ବେଦିରେ ପୁରୋହିତଙ୍କ ପବିତ୍ର ମନ୍ତ୍ର ଉଚ୍ଚାରଣ ମଧ୍ୟରେ ଦେବଦମ୍ପତିଙ୍କ ହସ୍ତଗଣ୍ଠି ପଡିବା ପରେ ପାରମ୍ପରିକ ବେଦି କର୍ମ ସମ୍ପାଦିତ ହୋଇଥିଲା। ଚଳିତ ବର୍ଷ କନ୍ୟା ମାତାପିତା ଭାବେ ସୁନାରିପଡାର କାନନବାଳା ବେହେରା ଓ ଅକ୍ଷୟ କୁମାର ବେହେରା ଏବଂ ବର ମାତାପିତା ଭାବେ ଚନ୍ଦନୀ ନାଏକ ଓ ବୀରେନ ନାଏକ ଦାୟିତ୍ୱ ନିର୍ବାହ କରିଥିଲେ। ବର ବେଶରେ ବାବା ଚନ୍ଦ୍ରଶେଖର ବିବାହ ମଣ୍ଡପକୁ ପହଞ୍ଚି ଥିବା ବେଳେ କନ୍ୟା ଚନ୍ଦ୍ରକାନ୍ତି ମାତାପିତାଙ୍କ ବାସଭବନରୁ ଆସି ବିବାହବେଦିରେ ପହଞ୍ଚିଥିଲେ। ବିବାହ ସମ୍ପନ୍ନ ହେବା ପରେ ଦେବଦମ୍ପତିଙ୍କୁ ବନ୍ଦାପନା କରାଯାଇ ମନ୍ଦିର ପ୍ରବେଶ କରାଯାଇଥିଲା। ପଣ୍ଡିତ ନବୀନ କୁମାର ନାୟକ, ବେଣୁଧର ଷଡ଼ଙ୍ଗୀ, ଦୈତାରୀ ହୋତା ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ। ସୁନାରିପଡା ଶୀତଳଷଷ୍ଠୀ କମିଟି ସଭାପତି ଅଦ୍ୱୈତ ସରାଫ, ଶିବଶଙ୍କର ଭିତ୍ରିଆ, ଜଗଦୀଶ ସରାଫ, ଗୋବିନ୍ଦ ପାତ୍ର, ସୁଧୀର ନାଏକ, ଦୀନବନ୍ଧୁ ଭିତ୍ରିଆ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ। ସେହିପରି ମହାନ୍ତିପଡାସ୍ଥିତ ସିଦ୍ଧେଶ୍ୱର ବାବା ଓ ମାତା ପାର୍ବତୀଙ୍କ ମଧ୍ୟରେ ବୁଧବାର ରାତିରେ ମନ୍ଦିରରେ ନିରାଡମ୍ବର ଭାବେ ବିବାହ ଉତ୍ସବ ସମ୍ପନ୍ନ ହୋଇଛି । ଚଳିତ ବର୍ଷ ପ୍ରଭାତ ଭୋଳ ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ପରିଡା କନ୍ୟା ମାତା ପିତା ଭାବେ ସିଦ୍ଧେଶ୍ୱର ବାବାଙ୍କୁ କନ୍ୟାଦାନ କରିଥିଲେ। ବର ମାତାପିତା ଭାବେ ରବୀନ୍ଦ୍ର ଦାସ ଓ ତାଙ୍କ ସ୍ତ୍ରୀ ପୁଷ୍ପାଞ୍ଜଳି ଦାସ ଦାୟିତ୍ୱ ନିର୍ବାହ କରିଥିଲେ। କମିଟିର ସଭାପତି ଚନ୍ଦ୍ରମଣି ମିଶ୍ର ଓ କର୍ମକର୍ତ୍ତା ସରକାରୀ ନିୟମ ପାଳନ କରି ଏହି ବିବାହକାର୍ଯ୍ୟ ସମ୍ପନ୍ନ କରିଥିଲେ। ଦେବ ଦମ୍ପତିଙ୍କ ନଗର ପରିକ୍ରମା ଶୋଭାଯାତ୍ରାକୁ ବାତିଲ କରାଯାଇଥିଲା । ସେହିପରି ଗୁବାର ସନ୍ଧ୍ୟାରେ ଶ୍ରଦ୍ଧାଳୁମାନେ ସାମାଜିକ ଦୂରତା ରଖି ଦେବ ଦମ୍ପତିଙ୍କ ଦର୍ଶନ କରିଥିଲେ ।

## ଆଉ ୨ କରୋନା ରୋଗୀ ଚିହ୍ନଟ

ସମ୍ବଲପୁର,୨୮।୫(ବ୍ୟୁରୋ)

ସମ୍ବଲପୁର ଜିଲାରେ ଗୁରୁବାର ଆଉ ୨ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏନେଇ ଜିଲାପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଏହାକୁ ମିଶାଇ ଜିଲାରେ ରୋଗୀ ସଂଖ୍ୟା ୭ରେ ପହଞ୍ଚିଛି । ଗୁରୁବାର ଚିହ୍ନଟ ହୋଇଥିବା ରୋଗୀଦ୍ୱୟ ହେଲେ ଜମାଦାରପାଲି କ୍ୱାରାଣ୍ଟାଇନ ସେଣ୍ଟରରେ ରହୁଥିବା ୨ ଯୁବକ । ସେମାନଙ୍କ ମଧ୍ୟରୁ ଜଣେ ୨୨ ବର୍ଷୀୟ ଯୁବକ ମେ ୧୫ରେ ଆଗ୍ରାରୁ ସମ୍ବଲପୁରକୁ ଫେରିଥିଲେ। ନାମ ପଞ୍ଜୀକରଣ କରି ସେ ସରକାରୀ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ଆଉ ଜଣେ ୨୬ ବର୍ଷୀୟ ଯୁବକ ଆନ୍ଧ୍ରପ୍ରଦେଶରୁ ଫେରିଥିଲେ। ସେ ମେ ୧୬ରୁ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ସେମାନଙ୍କୁ ରାଉରକେଲା କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଜିଲାରେ ପ୍ରଥମେ ରେଢ଼ାଖୋଲ ଅଞ୍ଚଳରୁ ଜଣେ ରୋଗୀ ଚିହ୍ନଟ ହୋଇଥିଲେ। ସେ ଅହମଦାବାଦରୁ ଫେରି ସରକାରୀ କ୍ୱାରାଣ୍ଟାଇନରେ ରହୁଥିଲେ।

# ଟାଙ୍ଗରା ଜଙ୍ଗଲରୁ ଚୋରି ହେଉଛି ମୂଲ୍ୟବାନ୍ ଗଛ

ଭବାନୀପାଟଣା/କୋକସରା,୨୮।୫ (ସ୍ୱ.ପ୍ର./ଡି.ଏନ୍.ଏ.)

ଲକ୍‌ଡାଉନ କାଠଚୋରଙ୍କୁ ବେଶ୍ ସୁହାଇଛି। ଏହାର ସୁଯୋଗ ନେଇ ସେମାନେ କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଧର୍ମଗଡ଼ ରେଞ୍ଜ ବେହେରା ସେକ୍ସନ ଅଧୀନରେ ଥିବା ନେଗୀଗୁଡା ଟାଙ୍ଗରା ଜଙ୍ଗଲରୁ ବହୁ ମୂଲ୍ୟବାନ ଗଛ କାଟି ଚାଲାଣ କରିବାରେ ଲାଗିଛନ୍ତି। ବନ ବିଭାଗ କର୍ମଚାରୀ ସବୁଜାଣି ମଧ କୌଣସି ପଦକ୍ଷେପ ନ ନେବାରୁ କାଠଚୋରମାନେ ଅଧିକ ସକ୍ରିୟ ହୋଇ ସେମାନଙ୍କ କାରବାରକୁ ବଢ଼ାଇ ଚାଲିଥିବା ଜଙ୍ଗଲ ସମୀପ ଗାଁର ଲୋକେ ପ୍ରକାଶ କରିଛନ୍ତି।

ଟାଙ୍ଗରା ଜଙ୍ଗଲରେ ଶାଗୁଆନ, ଶାଳ, ପିଆଶାଳ, ବାଉଁଶ, ସର୍ଗି ଭଳି ଅନେକ ମୂଲ୍ୟବାନ ଗଛ ରହିଛି। ୨୭୦ଏକର ପରିମିତଏହି ଜଙ୍ଗଲରେ ୨୦୧୪-୧୫ ମସିହାରେ ବନ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା। ଆବଶ୍ୟକ ରକ୍ଷଣାବେକ୍ଷଣ ଯୋଗୁ ଉକ୍ତ ଜଙ୍ଗଲ ସବୁଜିମାରେ ଭରି ଯାଇଥିଲା। ଏହି ଜଙ୍ଗଲରୁ ଆଖପାଖ ଗାଁର ଲୋକେ ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ। ସବୁଜିମା ଜଙ୍ଗଲ ଯୋଗୁ କିଛି ମାତ୍ରାରେ ଗ୍ରୀଷ୍ମପ୍ରବାହ କମ୍ ରହୁଥିଲା। ବର୍ଷାଦିନେ ପୂର୍ବ ଅପେକ୍ଷା ବର୍ଷାର ପରିମାଣ ମଧ ବୃଦ୍ଧି ପାଇଥିଲା। ହେଲେ କାଠମାଫିଆମାନେ ଯୋଜନାବଦ୍ଧଭାବେ ଏହି ଜଙ୍ଗଲରୁ ଗଛକାଟି ଚାଲାଣ କରିବାରେ ଲାଗିଲେ। ମାର୍ଚ୍ଚ ତୃତୀୟ ସପ୍ତାହରେ ଲକ୍‌ଡାଉନ ଘୋଷଣା ପରେ ଏହି ଧାରା ବଢ଼ିବାରେ ଲାଗିଛି। ମୂଲ୍ୟବାନ ଗଛ ସବୁ କଟାଯାଇ ବାହାରକୁ ଚାଲାଣ ହେବାରେ ଲାଗିଛି। ଅଞ୍ଚଳର କେତେକ ସଚେତନ ନାଗରିକ ଏ ନେଇ ଚିନ୍ତାବ୍ୟକ୍ତ କରି ସୋସିଆଲ ମିଡିଆ ମାଧ୍ୟମରେ ଜଙ୍ଗଲ କାଟିନେଉଥିବା ପୋଷ୍ଟ କରି ଜଙ୍ଗଲ ସୁରକ୍ଷା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଛନ୍ତି। ଏ ନେଇ ବେହେରା ଫରେଷ୍ଟର ସୁରେଶ ଚନ୍ଦ୍ର ରାଉତଙ୍କୁ ପଚାରିବାରୁ ଜଙ୍ଗଲରୁ ଗଛକାଟି ଚାଲାଣ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।


ଟାଙ୍ଗରା ଜଙ୍ଗଲରୁ ଦୁର୍ବୃତ୍ତମାନେ ଗଛ କାଟି ନେଇଛନ୍ତି।

## ସଂକ୍ଷେପରେ

### ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ଯୁବକ ମୃତ

**ସମ୍ବଲପୁର,୨୮।୫(ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଥାନା ଅଞ୍ଚଳରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା ଜଣେ ଯୁବକଙ୍କ ଗୁରୁବାର ମୃତ୍ୟୁ ଘଟିଛି । ମୃତକ ହେଲେ କେନ୍ଦୁଝର ଜିଲାର ରୁକ୍ମଣ ମହନ୍ତ (୩୯)। ମୃତଦେହ ବ୍ୟବଚ୍ଛେଦ ପାଇଁ ବୁର୍ଲା ଭିମ୍ସାରକୁ ପଠାଯାଇଛି । ମୃତକ ଗତ ୪ଦିନ ତଳେ କେନ୍ଦୁଝର ଜିଲାରୁ ଆସିଥିବାରୁ ଲୋକମାନଙ୍କ ମଧ୍ୟରେ ନାନା ଆଲୋଚନା ହେଉଛି । ସୂଚନା ଅନୁସାରେ, ରୁକ୍ମଣ ହୀରାକୁଦରେ ଭଡ଼ାଘରେ ରହି ଏଫସିଆଇରେ କାମ କରନ୍ତି । ସେ ଗତ ୨୪ ତାରିଖରେ ନିଜ ଘର କେନ୍ଦୁଝରରୁ ସମ୍ବଲପୁର ଆସିଥିଲେ । ବୁଧବାର ରାତିରେ ସେ ଘର ମାଲିକଙ୍କ ସହ କଥା ହୋଇଥିଲେ। ଗୁରୁବାର ସକାଳେ ରୁକ୍ମଣ ଘରୁ ନ ବାହାରିବାରୁ ମାଲିକଙ୍କ ସନ୍ଦେହ ହୋଇଥିଲା ଏବଂ ସେ ସ୍ଥାନୀୟ ଡାକ୍ତରଙ୍କୁ ଏ ନେଇ ସୂଚନା ଦେଇଥିଲେ । ଡାକ୍ତରୀ ଟିମ୍ ସେଠାରେ ପହଞ୍ଚି ଯାଞ୍ଚ କରିଥିଲେ ଏବଂ ଗୁରୁତର ଅବସ୍ଥାରେ ରୁକ୍ମଣଙ୍କୁ ବୁର୍ଲା ଭିମ୍ସାର ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ମୃତ ରୁକ୍ମଣଙ୍କ ସ୍ୱାବ୍ ପରୀକ୍ଷା କରାଯାଇ ନ ଥିବା ଜଣାପଡିଛି । ଅନ୍ୟପଟେ ମେ ୨୫ ତାରିଖରୁ ଯୁବକ ଜଣକ ହୋମ୍ କ୍ୱାରାଣ୍ଟାଇନରେ ଥିଲେ ମଧ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ନ ଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ଏଡିଏମ୍‌ଓ ଅଶୋକ ଦାସଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ଯୁବକ ଜଣକ ହୋମ କ୍ୱାରାଣ୍ଟାଇନରେ ନ ଥିଲେ। ତାଙ୍କର ହୃଦ୍‌ରୋଗ କିମ୍ବା ଅଂଶୁଘାତଜନିତ ମୃତ୍ୟୁ ହୋଇ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସତ୍ୟାସତ୍ୟ ଜଣାପଡିବ ବୋଲି ଦାସ କହିଥିଲେ ।

### କ୍ୱାର୍ଟର୍ସରୁ ଏଏନ୍‌ଏମ୍‌ଙ୍କ ମୃତଦେହ ଉଦ୍ଧାର

**ପଡ଼ିଆବାହାଲ,୨୮।୫ (ଡି.ଏନ.ଏ.):** ସମ୍ବଲପୁର ଜିଲା ସଦର ଥାନା କବରାପାଲିସ୍ଥିତ କ୍ୱାର୍ଟର୍ସରୁ ଜଣେ ଏଏନ୍‌ଏମ୍‌ଙ୍କ ମୃତଦେହ ପୋଲିସ ଗୁରୁବାର ସକାଳୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ମୃତକ ହେଲେ କଟକ ଜିଲା ସାଲେପୁର ଅଞ୍ଚଳର ଜ୍ୟୋତ୍ସ୍ନାରାଣୀ ମହନ୍ତ (୫୫)। ତାଙ୍କ ପରିବାର ଲୋକଙ୍କୁ ଏ ସଂକ୍ରାନ୍ତରେ ଖବର ଦିଆଯାଇଛି । ଜ୍ୟୋତ୍ସ୍ନାରାଣୀ ନିକଟସ୍ଥ କ୍ୱାରାଣ୍ଟାଇନ ସେଣ୍ଟରରେ ନିୟମିତ ଡ୍ୟୁଟି କରୁଥିଲେ । ବୁଧବାର ନିକଟସ୍ଥ ଗ୍ରାମକୁ ଡ୍ୟୁଟିରେ ଯାଇ ସେ ସନ୍ଧ୍ୟାରେ କ୍ୱାର୍ଟର୍ସକୁ ଫେରିଥିଲେ। ସକାଳେ ପଡୋଶୀମାନେ ତାଙ୍କୁ ଡାକିଥିଲେ । ହେଲେ ଘର ଭିତରୁ କୌଣସି ଉତ୍ତର ମିଳି ନ ଥିଲା । ଶେଷରେ ସ୍ଥାନୀୟ ଲୋକେ ପୋଲିସକୁ ଏ ସଂକ୍ରାନ୍ତରେ ଜଣାଇଥିଲେ । ଲୋକଙ୍କ ଉପସ୍ଥିତିରେ ପୋଲିସ ତାଙ୍କ କ୍ୱାର୍ଟର୍ସର କବାଟ ଭାଙ୍ଗି ମୃତଦେହ ଠାବ କରିଥିଲା ।

### ୧୩ ଖଣ୍ଡ ରେଙ୍ଗାଲ ଗଣ୍ଡି ଜବତ

**ଲୋଇସିଂହା,୨୮।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ତାଲଜୁରୀ ଗ୍ରାମରେ ଲୋଇସିଂହା ବନ ବିଭାଗ ଓ ମୋଇବାଲ ସ୍କ୍ୱାଡ ମିଳିତ ଭାବେ ଚଢାଉ କରି ୧୩ଖଣ୍ଡ ରେଙ୍ଗାଲ ଗଣ୍ଡି ଜବତ କରିଛି । ଜବତ କାଠର ଆନୁମାନିକ ମୂଲ୍ୟ ୫୦ଟଙ୍କା ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଲୋଇସିଂହା ବ୍ଲକ ତାଲଜୁରୀ ଗ୍ରାମରୁ ଆଗଲପୁର ଡୁଡକାମୁଣ୍ଡା ଅଞ୍ଚଳକୁ ସାଇଜ ପଟା ଚୋରାଚାଲାଣ ପାଇଁ ରେଙ୍ଗାଲ କାଠ କରତା ଯାଉଥିବା ବନ ବିଭାଗକୁ ସୂଚନା ମିଳିଥିଲା। ମୋଇବାଲ ସ୍କ୍ୱାଡ ଫରେଷ୍ଟର ସୁନୀଲ ମିଶ୍ର, ସରଗାଡ ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ତାଲଜୁରୀ ଗ୍ରାମର ଏକ ଆମ୍ବତୋଟା ଉପରେ ଗୁରୁବାର ଚଢାଉ କରିଥିଲେ ।

### ପୁଣି ୨ ଚିହ୍ନଟ, ୫୬କୁ ବୃଦ୍ଧି ପାଇଲା ସଂକ୍ରମିତ ସଂଖ୍ୟା

**ବଲାଙ୍ଗୀର ଅଫିସ/ଟିଟିଲାଗଡ, ୨୮।୫(ଡି.ଏନ୍.ଏ.):** ବଲାଙ୍ଗୀର ଜିଲାରେ ଗୁରୁବାର ଆଉ ଦୁଇ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏହାକୁ ମିଶାଇ ଜିଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୫୬କୁ ବୃଦ୍ଧି ପାଇଛି । ତେବେ ୪ ଜଣ ସଂକ୍ରମିତ ସୁସ୍ଥ ହୋଇ ଫେରିଥିବାରୁ ଏବେ ଜିଲାରେ ୫୨ ଜଣ ସକ୍ରିୟ ରହିଛନ୍ତି। ଟିଟିଲାଗଡ ବ୍ଲକ ବୁରୋବନ୍ଧଠାରେ ଦୁଇଜଣ ମୁମ୍ବାଇ ଫେରନ୍ତା କରୋନା ସଂକ୍ରମିତ ହୋଇଛନ୍ତି। ଏହି ଦୁଇଜଣ ମୁମ୍ବାଇରୁ ଫେରିବା ପରେ ଗତ ୧୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍‌ରେ ଥିଲେ।

# ଲକ୍‌ଡାଉନରେ ରୋଜଗାର ଦେଉଛି ଚାରା ପ୍ରସ୍ତୁତି

**ସମ୍ବଲପୁର,୨୮।୫(ବ୍ୟୁରୋ)**

ବନ ବିଭାଗ ସମ୍ବଲପୁର ଡିଭିଜନରେ ଚଳିତ ବର୍ଷ ୧୯ ଲକ୍ଷ ଚାରାରୋପଣ କରିବାର ଲକ୍ଷ୍ୟ ରଖିଛି। ୧୯ ଲକ୍ଷ ଚାରାରୁ ପ୍ରାୟ ୨ ଲକ୍ଷ ଲୋକଙ୍କୁ କେବଳ ମାଗଣାରେ ବଣ୍ଟନ କରାଯିବ। ବାକି ଚାରା ରାଜସ୍ୱ, ଗ୍ରାମ୍ୟ ଜଙ୍ଗଲ ସହ ରାସ୍ତା କଡ଼ରେ ଲଗାଯିବ। ଏଥିପାଇଁ ବିଭିନ୍ନ ନର୍ସରିରେ ଶାଳ, କରଞ୍ଜ, ସାଗୁଆନ, ଶିଶୁ, କୃଷ୍ଣଚୂଡା, ରାଧାଚୂଡା, ଆମ୍ବ, ଜାମୁ, ପଣସ, ସଜନା, ପିଜୁଳି ଆଦି ଚାରା ପ୍ରସ୍ତୁତ କରାଯାଇଛି। ଏହା ଫଳରେ କରୋନା ଲକ୍‌ଡାଉନ୍ ସମୟରେ ମଧ୍ୟ ବିଭିନ୍ନ ନର୍ସରିରେ ୪ ହଜାର ଲୋକଙ୍କୁ ରୋଜଗାର ଦିଆଯାଇ ପାରିଛି ବୋଲି ଡିଏଫ୍‌ଓ ସଞ୍ଜିତ୍ କୁମାର କହିଛନ୍ତି।

ଜିଲାରେ ଥିବା କମ୍ପାନୀଗୁଡ଼ିକୁ ମଧ୍ୟ ଚାରା ଯୋଗାଇ ଦିଆଯାଇଥାଏ। ବିଭିନ୍ନ ସରକାରୀ ଅଫିସ ଓ ସ୍କୁଲକଲେଜକୁ ମଧ୍ୟ ଚାରା ବଣ୍ଟନ କରାଯିବ। ସମ୍ବଲପୁର ମହାନଗର ନିଗମ ଅଧୀନରେ ଚାରା ପହଞ୍ଚାଇବା ପାଇଁ ଏକ ଭ୍ୟାନ୍ ରହିଛି। ଯେକୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଚାରାରୋପଣ ଲାଗି ଆଗ୍ରହ ପ୍ରକାଶ କରି ଆବେଦନ କରି ପାରିବେ। ସେମାନଙ୍କୁ ବନ ବିଭାଗ ପକ୍ଷରୁ ଚାରା ଓ ଜୈବିକ ଖତ ଯୋଗାଇ ଦିଆଯିବ। ବାହାଘର, ବ୍ରତଘର ଆଦି ସାମାଜିକ ଓ ମାଙ୍ଗଳିକ କାର୍ଯ୍ୟକୁ ସ୍ମୃତିରେ ରଖିବା ପାଇଁ ଚାରାରୋପଣ କଲେ ଏହି ସୁବିଧା ଯୋଗାଇ ଦିଆଯିବ । ଏଥିରେ ବନ ବିଭାଗ କର୍ମଚାରୀ ସହଯୋଗ କରିବେ ବୋଲି ଡିଏଫ୍‌ଓ ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଟାଉନ ରେଞ୍ଜର ମେଗା ନର୍ସରିରେ ୧ ଲକ୍ଷ ୫୨ ହଜାର ୪ ଶହ, ଲରପଙ୍କରେ ୫୨ ହଜାର, ଡୁମେସିଂହା ୩୦ ହଜାର, ବୁର୍ଲାରେ ୨୦ ହଜାର, ପଡିଆବାହାଲ ରେଞ୍ଜ୍‌ର ମାରଙ୍ଗବାହାଲରେ ୨୨ ହଜାର, ବେହେରାମାଲରେ ୨୨ ହଜାର, ଅଢାପଡାରେ ୫୯,୪୫୧, ଚାରସକଡ଼ାରେ ୮୫,୬୩୪, କୁସାମୁରା ୨୪,୫୩୩, ମହିଳପାଲିରେ ୧୨,୪୫୬, ହାତିବାରୀରେ ୨୫,୦୬୮, ତାଳବେଡାରେ ୨୦ ହଜାର, ଖସୁଆପାଲିରେ ୨୦ ହଜାର ଚାରା ପ୍ରସ୍ତୁତ ହୋଇଛି। ସଦର ରେଞ୍ଜ ଅଧୀନରେ ଝାଙ୍କରପାଲିରେ ୨୯ ହଜାର, ଡେଙ୍ଗସର୍ଗିରେ ୪୨ ହଜାର, ମହୁଲପାଲିରେ ୧ ଲକ୍ଷ ୧୨ ହଜାର ୩୬୬, ଗଡଗଡବାହାଲରେ ୪୨ ହଜାର, ବୈଦାରକଟାରେ ୨୪ ହଜାର, ପାଞ୍ଚଫୁଟରେ ୪୪ ହଜାର ଚାରା ପ୍ରସ୍ତୁତ କରାଯାଇଛି। ସେହିପରି ଧମା ରେଞ୍ଜ ଅଧୀନ ହାଇଟେକ ନର୍ସରିରେ ୪ ଲକ୍ଷ ୮୨ ହଜାର, କେଶପାଲିରେ ୪୯,୧୦୪, ମହକୁଦପାଲିରେ ୩୨,୧୧୫, ବାନପୁରରେ ୫୧,୨୫୯, ଅର୍ଜୁନଡିହିରେ ୪୨ ହଜାର ଚାରା ପ୍ରସ୍ତୁତ ହୋଇଛି। ରେଙ୍ଗାଲି ରେଞ୍ଜ ଅଧୀନ ଗୁଞ୍ଜାମାଳରେ ୨ ଲକ୍ଷ ୨୭ ହଜାର ୩ ଶହ, ନୁଆଁମୁଣ୍ଡାରେ ୨୧ ହଜାର, ରେଙ୍ଗାଲିରେ ୧୫ ହଜାର ଚାରା ପ୍ରସ୍ତୁତ ହୋଇଛି।



ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଅଧୀନରେ ଥିବା ଏକ ନର୍ସରି ।

# କୂଅ ଭିତରେ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକ ମୃତ

**ବୌଦ୍ଧ,୨୮।୫ (ସ୍ୱ.ପ୍ର.)**

ଗୁରୁବାର ବୌଦ୍ଧ ଥାନା ମହାନଦୀ ବ୍ରିଜ ଛକ ନିକଟ ଏକ କୂଅରେ ପଶି କାମ କରୁଥିବା ବେଳେ ଶ୍ୱାସରୁଦ୍ଧ ହୋଇ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଟୁଟୁସିଙ୍ଗା ଗ୍ରାମର ପ୍ରଫୁଲ୍ଲ ସାହୁ(୪୦) ଓ ନିରଞ୍ଜନ ଭୋଇ(୪୫)। ଅପରାହ୍ନ ପ୍ରାୟ ଗୋଟାଏ ବେଳେ ମହାନଦୀ ବ୍ରିଜ ଛକ ନିକଟ ଟୁଟୁସିଙ୍ଗା ରାସ୍ତା ପାର୍ଶ୍ୱରେ ଥିବା ବ୍ରଜ କିଶୋର ବିଶିଙ୍କ ନୂତନ ଘରେ ରଙ୍ଗ କାମ କରିବା ପାଇଁ ଟୁଟୁସିଙ୍ଗା ଗ୍ରାମର ପ୍ରଫୁଲ୍ଲ ଓ ନିରଞ୍ଜନ ଆସିଥିଲେ । ମାତ୍ର ଘର ମାଲିକ ବ୍ରଜ କିଶୋର ରଙ୍ଗ କାମ ସରିବା ପରେ ସେମାନଙ୍କୁ ଘର ପରିସରରେ ଥିବା କୂଅରୁ ପଙ୍କ ଉଦ୍ଧାର କରିବା ପାଇଁ କହିଥିଲେ । ପ୍ରଥମେ ପ୍ରଫୁଲ୍ଲ କୂଅକୁ ପ୍ରବେଶ କରିଥିଲେ । କିନ୍ତୁ କିଛି ସମୟ ଯିବା ପରେ ଭିତରୁ କୌଣସି ଉତ୍ତର ନ ଆସିବାରୁ ନିରଞ୍ଜନ କୂଅ ଭିତରେ ପ୍ରବେଶ କରିଥିଲେ। ତେବେ ସେ ଯିବାର କିଛି ସମୟ ପରେ ବାହାରୁ ଡାକିଲେ ମଧ କୌଣସି ଉତ୍ତର ନ ମିଳିବାରୁ ଅନ୍ୟ ଜଣେ ଯୁବକ ସେମାନଙ୍କୁ ଉଦ୍ଧାର କରିବାକୁ କୂଅରେ ପଶିବା ସମୟରେ ଅର୍ଣନିଶ୍ୱାସୀ ହୋଇ ବାହାରି ଆସିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବୌଦ୍ଧ ଅଗ୍ନିଶମ ସେବା ସଂସ୍ଥାର କର୍ମଚାରୀମାନେ ଉଭୟଙ୍କ ମୃତଦେହ କୂଅରୁ ଉଦ୍ଧାର କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ମୃତ ଶ୍ରମିକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନ କଲେ ମୃତଦେହ ଛାଡିବେ ନାହିଁ ବୋଲି ଗ୍ରାମବାସୀ ଅଡି ବସିଥିଲେ। ଶେଷରେ ସ୍ଥାନୀୟ ସରପଞ୍ଚ ଓ ଭଦ୍ରବ୍ୟକ୍ତିମାନଙ୍କ ଉପସ୍ଥିତିରେ ଏକ ବୈଠକ ବସି ସମସ୍ତଙ୍କ ସହମତିରେ ଦୁଇ ମୃତକଙ୍କ ପରିବାରକୁ ଘରମାଲିକ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ରାଶି ପ୍ରଦାନ କରିବାକୁ ସମ୍ମତି ପ୍ରଦାନ କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

# ବିବାହ ସମ୍ପନ୍ନ, ଦେବଦମ୍ପତିଙ୍କ ଯୁଗଳ ଦର୍ଶନ

**ସୋନପୁର,୨୮।୫(ନି.ପ୍ର.)**

ସୁବର୍ଣ୍ଣପୁର ସହରର ଡେରାପଡାରେ ଗୁରୁବାର ଦେବଦମ୍ପତିଙ୍କ ଯୁଗଳ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରଦ୍ଧାଳୁମାନେ ସାମାଜିକ ଦୂରତ୍ୱ ବଜାୟ ରଖି ଶିବ ପାର୍ବତୀଙ୍କ ଦର୍ଶନ କରିଥିଲେ। ବୁଧବାର ବିଳମ୍ବିତ ରାତିର ମାହେନ୍ଦ୍ର ବେଳାରେ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଥିଲା। ସୁବର୍ଣ୍ଣମେରୁ ମହାପ୍ରଭୁଙ୍କ ବିବାହ ମାତା ପାର୍ବତୀଙ୍କ ସହିତ ପ୍ରତିନିଧି ସ୍ୱରୂପେଣ କନ୍ୟା ପିତାଙ୍କ ବାସଗୃହ ହିମାଦ୍ରି ନଗର(ଡେରାପଡା)ଠାରେ କରୋନା କଟକଣା ଯୋଗୁ ନିରାଡମ୍ବରଭାବେ ହୋଇଥିଲା। ବୁଧବାର ସକାଳେ ଅଳଙ୍କାର ଧାରଣ ପାଇଁ ବର ଘର କନ୍ୟାପିତା ଏସ୍. ନାଗେଶ୍ୱର ରାଓଙ୍କ ବାସଗୃହରେ ପହଞ୍ଚିବା ପରେ ତିଥି ଅନୁଯାୟୀ ସେଠାରେ ମାତା ପାର୍ବତୀଙ୍କ ଅଳଙ୍କାର ଧାରଣ ଓ ମଙ୍ଗଳନ ପର୍ବ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଶଙ୍ଖ, ଘଣ୍ଟା ସହ କନ୍ୟା ଘର ପକ୍ଷରୁ ପୂର୍ତ୍ତ ବିଭାଗ କଲୋନୀର ବର ପିତା ପ୍ରକାଶ ରଥଙ୍କ ଘରକୁ ଦେବ ଦେବ ମହାଦେବଙ୍କୁ ବର ଭାବେ ନିମନ୍ତ୍ରଣ ପାଇଁ ଯାଇଥିଲେ। ପାରମ୍ପରିକ ପୂଜାର୍ଚ୍ଚନା ପରେ ଇଷ୍ଟଦେବତା ସୁବର୍ଣ୍ଣମେରୁ ମହାଦେବଙ୍କୁ ବିବାହ ଉତ୍ସବରେ ବାହାରିବା ପାଇଁ ଥନାପତିପଡାରେ ଥିବା ଚନ୍ଦ୍ରଶେଖର ମନ୍ଦିରକୁ ନିଆ ଯାଇଥିଲା। ସେଠାରୁ ମହାଦେବ ବାବା ୧୦୮ ଭରି ସୁନାର ଚନ୍ଦ୍ରଶେଖରଙ୍କ ସହ ଅଷ୍ଟଶମ୍ଭୁ ଓ ଅଷ୍ଟବିଷ୍ଣୁଙ୍କୁ ସାଙ୍ଗରେ ଧରି ବିବାହ ପାଇଁ ବାହାରିଥିଲେ। ଯାତ୍ରାର ଏହା ହିଁ ମୁଖ୍ୟ ଆକର୍ଷଣ ଥିଲା। ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ମୁତୟନ ହୋଇଥିଲେ। ଏଠାରେ ପାଳିତ ହେଉଥିବା ଅନ୍ୟ ଯାନି ଯାତ୍ରା ଭଳି ଲୋକସଂସ୍କୃତି ଓ ଆଧ୍ୟାତ୍ମିକ ପର୍ବ ଶୀତଳ ଷଷ୍ଠୀ ଅନ୍ୟତମ। ରାଜା ରାଜୁଡା ଅମଳରୁ ଚାଲି ଆସିଥିବା ଶତାଧିକ ବର୍ଷର ପୁରୁଣା ଏହି ପରମ୍ପରା। ଇଷ୍ଟ ଦେବତା ସୁବର୍ଣ୍ଣମେରୁଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ବାବାଙ୍କ ସହିତ ଦେବୀ ପାର୍ବତୀଙ୍କ ବିବାହ ହୁଏ। ଯୁଗଳ ଦର୍ଶନ ପରେ ଶୁକ୍ରବାର ସକାଳେ ଦେବ ଦମ୍ପତି ଗଣ୍ଡୁଆଳ ହୋଇ ନଗର ପରିକ୍ରମା ପୂର୍ବକ ଗୃହ ପ୍ରତ୍ୟାବର୍ତ୍ତନରେ ବାହାରିବେ। ଶିବ ପାର୍ବତୀଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ବିନା ଶୋଭାଯାତ୍ରାରେ ନିରାଡମ୍ବର ଭାବେ ହେବ ବୋଲି ଯାତ୍ରା କମିଟି ସୂତ୍ରରୁ ସୂଚନା ମିଳିଛି।



ଡେରାପଡାରେ ଦେବଦମ୍ପତି ଯୁଗଳ ଦର୍ଶନ ଦେଉଛନ୍ତି।

**ସୁବର୍ଣ୍ଣପୁର ଶୀତଳ ଷଷ୍ଠୀ ଯାତ୍ରା**

# ସୀମାନ୍ତରେ ଜୀବନ ହାରିଲେ ଆଉ ଜଣେ ପ୍ରବାସୀ

**ବରଗଡ଼ ଅଫିସ,୨୮।୫**

ପଶ୍ଚିମବଙ୍ଗ ଅନ୍ତର୍ଗତ ମାଲଦାକୁ ଯିବା ପାଇଁ ବରଗଡ଼ ଜିଲା ସୀମାନ୍ତ ଲୁହୁରାଚଟିରେ ଥିବାବେଳେ ନୁରୁଲ୍ ଇସ୍‌ଲାମ ମୋହିମ(୫୩)ଙ୍କ ମୃତ୍ୟୁ ହୋଇଛି । ସେ ଗୁରୁତର ଅସୁସ୍ଥ ହୋଇପଡ଼ିବାରୁ ବୁଧବାର ରାତ୍ରି ପ୍ରାୟ ସାଢ଼େ ୯ଟାରେ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ତେବେ ପ୍ରବାସୀ ହୋଇଥିବାରୁ ଜିଲା ମୁଖ୍ୟ ଡାକ୍ତରଖାନା ପରିସରରେ ଦୀର୍ଘ ୧୪ଘଣ୍ଟା ଧରି ମୃତଦେହ ପଡ଼ି ରହିଥିଲା। କିଛି କର୍ମଚାରୀ ମୃତଦେହକୁ ଏକ ଷ୍ଟ୍ରେଚରରେ ଆଣି ଡାକ୍ତରଖାନା ପରିସରସ୍ଥ ଏକ କାନ୍ଥକଡରେ ରଖି ଦେଇଥିଲେ । କରୋନା ସଂକ୍ରମଣ ଭୟରେ ମୃତଦେହ ଠାରୁ ସମସ୍ତେ ଦୂରେଇ ରହିଥିଲେ। ମୃତଦେହ ଉଠାଇବା ପାଇଁ କେତେକ ଲୋକ ସେଠାରେ ୫ହଜାର ଟଙ୍କା ଦାବି କରିଥିଲେ । ଗୁରୁବାର ସ୍ଥାନୀୟ କେତେଜଣ ସ୍ୱେଚ୍ଛାସେବୀ ମୃତଦେହକୁ ଉଠାଇ ଶବ ବାହକ ଗାଡ଼ିରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ ।

# ମୂଷା ଖାଇଦେଲା ରବର ଷ୍ଟାମ୍ପ



ଲୋକ ସୂଚନା ଅଧିକାରୀଙ୍କ କାର୍ଯ୍ୟାଳୟ

ଶ୍ରୀ/ଶ୍ରୀମତୀ/ସୁଶ୍ରୀ......ଠିକଣା......

......ତାରିଖ......

......ଙ୍କ ଠାରୁ ସୂଚନା ପ୍ରଦାନ ନିମନ୍ତେ ଆବେଦନ ପତ୍ର ପ୍ରାପ୍ତି ସ୍ୱୀକାର କଲୁ ।

ସ୍ଥାନ :

ତାରିଖ :

ଲୋକ ସୂଚନା ଅଧିକାରୀଙ୍କ ସଂପୂର୍ଣ୍ଣ ନାମ ପଦବୀ ଏବଂ ମୋହର

ବିନା ମୋହରରେ ଦିଆଯାଇଥିବା ରିସିଭ କପି ।

**ଭବାନୀପାଟଣା/କେଗାଁ, ୨୮।୫(ସ୍ୱ.ପ୍ର/ଡି.ଏନ୍.ଏ.)**

- ଗୋଲାମୁଣ୍ଡା ସିଡିପିଓ କାର୍ଯ୍ୟାଳୟ
- ବିନା ମୋହରରେ ଦିଆଯାଉଛି ରସିଦ

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ସିଡିପିଓ କାର୍ଯ୍ୟାଳୟରେ ବିନା ମୋହର(ରବର ଷ୍ଟାମ୍ପ)ରେ ରସିଦ ଦିଆଯାଉଛି। ରବର ଷ୍ଟାମ୍ପକୁ ମୂଷା ଖାଇ ଦେଇଥିବାରୁ ଏପରି କରାଯାଉଥିବା ଦାୟିତ୍ୱରେ ଥିବା ଅଧିକାରୀ କହୁଥିବାରୁ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଗୋଲାମୁଣ୍ଡା ବ୍ଲକ ଖସିଗୁଡା ଗ୍ରାମର ପ୍ରେମଲାଲ ସୁନାନୀ ସିଡିପିଓ କାର୍ଯ୍ୟାଳୟରେ ଛତୁଆ ଓ ପ୍ରିସ୍କୁଲ କିଟ୍ ଯୋଗାଣ ଆଦି ଉପରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ। କାର୍ଯ୍ୟାଳୟର ସୂଚନା ଅଧିକାରୀ ଫୁରଲିଆ ମାଝୀ ସୂଚନା ଗ୍ରହଣ କରି ରସିଦ ସହ ରିସିଭ କପି ଆବେଦନକାରୀଙ୍କୁ ଦେଇଥିଲେ। ତେବେ ଏହି ରସିଦ ଓ ରିସିଭ କପିରେ କେବଳ ଦସ୍ତଖତ ରହିଥିବାରୁ ପ୍ରେମଲାଲ ମୋହର ମାରିବା ପାଇଁ ଅଧିକାରୀଙ୍କୁ କହିଥିଲେ। ଅଧିକାରୀ ମାଝୀ ରବର ଷ୍ଟାମ୍ପକୁ ମୂଷା ଖାଇଦେଇଥିବା କହିଥିଲେ। ଯାହାଫଳରେ ବିନା ମୋହରରେ ସେ ରସିଦ ଓ ରିସିଭ କପି ନେଇ ଫେରିଥିଲେ। ଏହି ଘଟଣାକୁ ନେଇ ସମ୍ପୃକ୍ତ ଅଧିକାରୀଙ୍କ ଦାୟିତ୍ୱ ଓ ଅବହେଳାକୁ ନେଇ ପ୍ରଶ୍ନ ଉଠିଛି। ଏ ନେଇ ସିଡିପିଓ ପ୍ରିୟମଞ୍ଜୁରୀ ସାହୁଙ୍କୁ ପଚାରିବାରୁ ଏହା ଗୋଟିଏ ମାମୁଲି କଥା ବୋଲି କହିଥିଲେ।

# ଗାଁରାସ୍ତା ମରାମତି ହେଲା ନାହିଁ

**ବଲାଙ୍ଗୀର ଅଫିସ/ପୁଇଁତଲା, ୨୮।୫ (ଡି.ଏନ୍.ଏ.)**

**ପ୍ରଳୟଙ୍କରୀ ବନ୍ୟାକୁ ବିତିଲାଣି ୯ ମାସ**

- ବର୍ଷା ପୂର୍ବରୁ ମରାମତି ଦାବି କଲେ ଗ୍ରାମବାସୀ
- ୩୫ ଲକ୍ଷ ଟଙ୍କାର ଏଷ୍ଟିମେଟ୍ ପଠାଯାଇଛି : ନିର୍ବାହୀ ଯନ୍ତ୍ରୀ

ଗତ ଅଗଷ୍ଟ ମାସର ପ୍ରଳୟଙ୍କରୀ ବନ୍ୟାକୁ ଇତିମଧ୍ୟରେ ୯ ମାସରୁ ଅଧିକ ସମୟ ବିତିଯାଇଛି । ଏହି ବନ୍ୟାରେ ବଲାଙ୍ଗୀର ସହର ସମେତ ଜିଲାର ବିଭିନ୍ନ ସ୍ଥାନରେ ଅଭୂତପୂର୍ବ କ୍ଷୟକ୍ଷତି ଘଟିଥିଲା । ତେବେ ବନ୍ୟାର ୯ ମାସ ପରେ ମଧ ଧୋଇ ହୋଇଯିବା ରାସ୍ତା ମରାମତି ହୋଇନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ପୁଇଁତଲା ବ୍ଲକ୍ ଭାଲେର ପଞ୍ଚାୟତ ଅନ୍ତର୍ଗତ ଫଟକରା (କ) ଗାଁରେ ଅଗଷ୍ଟ ମାସର ବନ୍ୟା ବିପ୍ଳାତ ଘଟାଇଥିଲା । ଏହି ଗାଁର ନବନିର୍ମିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତା ଧୋଇ ହୋଇଯିବା ସହ ଏକର ଏକର ଚାଷଜମି ବାଲିଚର ହୋଇଯାଇଥିଲା। ରାସ୍ତା ଧୋଇ ହୋଇଯିବାରୁ ଗାଁ ଲୋକେ ଯୋଗାଯୋଗରୁ ବିଚ୍ଛିନ୍ନ ହୋଇଯାଇଥିଲେ। ଏହା ବାଦ୍ ଉକ୍ତ ରାସ୍ତାର ଗାଁ ମୁଣ୍ଡରେ ପ୍ରାୟ ୧୮ ଫୁଟ୍‌ର ଗଭୀର ଗର୍ତ୍ତ ସୃଷ୍ଟି ହୋଇ ସେଠାରେ ରାସ୍ତା ସମ୍ପୂର୍ଣ୍ଣ ଧୋଇ ହୋଇଯାଇଥିଲା । ଏ ନେଇ ସେତେବେଳେ ସରପଞ୍ଚ, ବିଡିଓ, ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଇଥିଲେ । ରାସ୍ତା ଧୋଇ ହୋଇଯାଇଥିବାରୁ ଲୋକେ ଯିବା ଆସିବା ବେଳେ ଅସୁବିଧା ଭୋଗୁଥିବା ଜଣାଇ ଶୀଘ୍ର ମରାମତି କରିବାକୁ ଅନୁରୋଧ କରିଥିଲେ। ମାତ୍ର ଇତିମଧ୍ୟରେ ୯ ମାସ ଅତିବାହିତ ହୋଇଯାଇଥିଲେ ମଧ ଏହି ରାସ୍ତା ମରାମତି କରାଯାଇନାହିଁ। ଲୋକେ ବଡ଼କଷ୍ଟରେ ଯିବା ଆସିବା କରୁଛନ୍ତି । ଗାଁକୁ କୌଣସି ଗାଡି ମୋଟର ଯାଇପାରୁନାହିଁ । ଆଗକୁ ବର୍ଷା ଆସିବା ସମୟ ଉପନୀତ ହେବାବେଳେ ବିଭାଗ ପକ୍ଷରୁ ରାସ୍ତା ମରାମତି ହେଉ ନ ଥିବାରୁ ଗ୍ରାମବାସୀ ଚିନ୍ତାରେ ପଡିଛନ୍ତି। ଶୀଘ୍ର ରାସ୍ତା ମରାମତି ନ ହେଲେ ଆଗକୁ ଗ୍ରାମବାସୀ ବାଧ ହୋଇ ଆନ୍ଦୋଳନ କରିବେ ବୋଲି ଜଣାଇଛନ୍ତି । ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟଙ୍କୁ ପଚରାଯିବାରୁ ଏହି ରାସ୍ତା ପାଇଁ ୩୫ ଲକ୍ଷ ଟଙ୍କାର ଏଷ୍ଟିମେଟ ପ୍ଲାନ୍ ପଠାଯାଇଛି । ଏଠାରେ କଲଭର୍ଟ ସହ ରାସ୍ତାର ଉଭୟ ପଟେ ଗାର୍ଡୱାଲ ନିର୍ମାଣ ହେବ । ଅନୁଦାନ ଆସିଲେ ରାସ୍ତା କାମ କରାଯିବ ବୋଲି ସେ କହିଛନ୍ତି।



ବନ୍ୟାରେ ଫଟକରା ଗାଁ ରାସ୍ତା ଧୋଇ ହୋଇଯାଇ ଗର୍ତ୍ତ ସୃଷ୍ଟି ହୋଇଛି।

# କରୋନା ଯୋଦ୍ଧାଙ୍କୁ ଘୋଷିତ ସୁବିଧା ଦିଅ

**ବଲାଙ୍ଗୀର ଅଫିସ, ୨୮।୫**

ଚୁକ୍ତିଭିତ୍ତିକ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା) ଓ ଏଏନ୍‌ଏମ୍‌ମାନେ ଗୁରୁବାର ବଲାଙ୍ଗୀର ସିଡିଏମ୍‌ଓଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବି ଆଗାମୀ ୩୦ ଦିନ୍ ମଧ୍ୟରେ ପୂରଣ ନହେଲେ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି । ପ୍ରଦତ୍ତ ଦାବିପତ୍ରରେ କରୋନା ଯୋଦ୍ଧା ଭାବେ ଏହି ସ୍ୱାସ୍ଥ୍ୟକର୍ମୀ ଓ ଏଏନ୍‌ଏମ୍‌ମାନେ ଆଗ ଧାଡିରେ ରହି ସେବା ଯୋଗାଇ ଆସୁଥିଲେ ମଧ ସେମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ତରଫରୁ ଘୋଷିତ ସହାୟତା ଓ ସୁବିଧା ମିଳୁନାହିଁ ବୋଲି ଉଲ୍ଲେଖ କରିଛନ୍ତି । କୋଭିଡ୍-୧୯ ମୁକାବିଲାରେ କରୋନା ଯୋଦ୍ଧାଙ୍କୁ ଦୈନିକ ଭତ୍ତା, ୫୦ ଲକ୍ଷ ଟଙ୍କାର ଜୀବନବୀମା ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି। ମାତ୍ର ଏହି ସ୍ୱାସ୍ଥ୍ୟକର୍ମୀ ଓ ଏଏନ୍‌ଏମ୍‌ମାନଙ୍କୁ ଏହା ମିଳୁନାହିଁ । ରାଜ୍ୟ ସରକାରଙ୍କ ନିୟମାନୁଯାୟୀ ୬ ବର୍ଷ କାମ କଲାପରେ ସେମାନଙ୍କ ଚାକିରୀକୁ ରେଗୁଲାର କରାଯିବା କଥା। ମାତ୍ର ଏହା ହେଉନାହିଁ। ଏଣୁ ଶୀଘ୍ର ରେଗୁଲାର କରିବାକୁ ଦାବି କରିଥିଲେ। ଯଥାଶୀଘ୍ର ଗ୍ରେଡେସନ୍‌ର ନିୟମ କାର୍ଯ୍ୟକାରୀ କରାଯିବା ସହ ବାର୍ଷିକ ଇନ୍‌କ୍ରିମେଣ୍ଟ ପ୍ରଦାନ କରାଯିବା ଓ ଅଗ୍ରୀମ ୪ ମାସର ଦରମା ପ୍ରଦାନ କରିବାକୁ ଦାବି ଜଣାଇଛନ୍ତି । ଦାବିପତ୍ର ଗ୍ରହଣ କରିବା ପରେ ଏନେଇ ବିହିତ ପଦକ୍ଷେପ ନେବେ ବୋଲି ସିଡିଏମ୍‌ଓ ଡା ନାରାୟଣ ଥନାପତି ସୂଚନା ଦେଇଛନ୍ତି।



ବଲାଙ୍ଗୀର ସିଡିଏମ୍‌ଓ ଅଫିସକୁ ଆସି ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଦାବିପତ୍ର ଦେଇଛନ୍ତି।

- ସିଡିଏମ୍‌ଓଙ୍କୁ ଦାବିପତ୍ର ଦେଲେ ମହିଳା ସ୍ୱାସ୍ଥ୍ୟକର୍ମୀ, ଏଏନ୍‌ଏମ୍
- ୩୦ ଦିନରେ ୪ ଦଫା ଦାବି ପୂରଣ ନହେଲେ କାର୍ଯ୍ୟବନ୍ଦ ଚେତାବନୀ

# ବରଗଡ଼ରେ ଦ୍ୱିତୀୟ କରୋନା ଆକ୍ରାନ୍ତ ଚିହ୍ନଟ

**ବରଗଡ଼ ଅଫିସ,୨୮।୫**

ବରଗଡ଼ ଜିଲାରେ ଗୁରୁବାର ପୁଣି ଜଣେ କରୋନା (କୋଭିଡ୍-୧୯) ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହା ପରେ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦୁଇରେ ପହଞ୍ଚିଛି। ଆକ୍ରାନ୍ତ ଜଣକ ଜିଲାର ବରପାଲି ବ୍ଲକ ଅନ୍ତର୍ଗତ ହଳଦୀପାଲି ଗ୍ରାମର ଜଣେ ୪୦ବର୍ଷ ବୟସ୍କ ପୁରୁଷ ଏବଂ ମୁମ୍ବାଇରୁ ଫେରିବା ପରେ ସେ ନିକଟସ୍ଥ ବାରଗୁଡ଼ା ସରକାରୀ ହାଇସ୍କୁଲ କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ସ୍ୱାବ୍ ନମୁନା ପରୀକ୍ଷା ପଜିଟିଭ ଆସିବା ପରେ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ତାଙ୍କୁ ରାଉରକେଲାସ୍ଥିତ ହାଇଟେକ୍ କୋଭିଡ୍ ହସ୍‌ପିଟାଲକୁ ଚିକିତ୍ସା ପାଇଁ ପଠାଇ ଦିଆଯାଇଛି । ଅନ୍ୟପଟେ ପ୍ରଶାସନ ପକ୍ଷରୁ ବାରଗୁଡ଼ା, ବାବୁପାଲି ହଳଦୀପାଲି ଅଞ୍ଚଳକୁ କଣ୍ଟେନମେଣ୍ଟ ଏବଂ ପାର୍ଶ୍ୱବର୍ତ୍ତୀ ସତଲମା, ମହଦା, ଖେମେସରା ଅଞ୍ଚଳକୁ ବଫର ଜୋନ ଘୋଷଣା କରାଯାଇଛି। ସେହିପରି ରାପିଡ୍ ରେସପନ୍ସ ଟିମ୍ ଘର ଘର ବୁଲି କଣ୍ଟାକ୍ଟ ଟ୍ରେସିଂ ସହିତ କରୋନା ମୁକାବିଲା ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି । ଜିଲାର ପ୍ରଥମ ଆକ୍ରାନ୍ତ ବରଗଡ଼ ସହରର ହୋଇଥିବାବେଳେ ଦ୍ୱିତୀୟ ଆକ୍ରାନ୍ତ ଜଣକ ଗ୍ରାମାଞ୍ଚଳର ଅଟନ୍ତି । ସହରାଞ୍ଚଳ ପରେ ଗ୍ରାମାଞ୍ଚଳରେ ଆକ୍ରାନ୍ତ ଚିହ୍ନଟ ବର୍ତ୍ତମାନ ଚିନ୍ତାଜନକ ହୋଇପଡ଼ିଛି ।

ଏ ନେଇ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସୂଚନା ଦେଇ କହିଛନ୍ତି, ଆକ୍ରାନ୍ତ ଜଣକ ଗତ ୨୦ତାରିଖରେ ମୁମ୍ବାଇରୁ ଫେରିଥିଲେ । ଏହାପରେ ତାଙ୍କୁ ବାରଗୁଡ଼ାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ରଖାଯାଇଥିଲା। ତାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଥିଲା। ପରୀକ୍ଷା ରିପୋର୍ଟ ପଜିଟିଭ ଆସିବା ପରେ ଆକ୍ରାନ୍ତଙ୍କ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ସେହିପରି ସଂକ୍ରମଣକୁ ପ୍ରତିହତ କରିବା ପାଇଁ ବାରଗୁଡ଼ା ତଥା ଆଖପାଖ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ୍ ଘୋଷଣା ସହିତ ସାନିଟାଇଜେଶନ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ପ୍ରଧାନ କହିଛନ୍ତି।




ଏହି କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ ଆକ୍ରାନ୍ତ।

- ସହରାଞ୍ଚଳ ପରେ ଗ୍ରାମାଞ୍ଚଳକୁ ପ୍ରବେଶ
- ଉଭୟ ଆକ୍ରାନ୍ତ ମୁମ୍ବାଇରୁ ଫେରିଥିଲେ
- କଣ୍ଟେନମେଣ୍ଟ, ବଫର ଜୋନ୍ ଘୋଷଣା
- ଚିନ୍ତା ବଢ଼ାଉଛନ୍ତି ପ୍ରବାସୀ

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ

ଡାବୁଗାଁ,୨୮।୫(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ-ମାନିଗାଁ ରାସ୍ତାରେ ଥିବା ଅଙ୍ଗୀ ନଦୀ ପୋଲ ପାଖରେ ବୁଧବାର ରାତିରେ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ପାତ୍ରୀ ଗ୍ରାମର ଟଙ୍କଧର ଗୌଡ଼ (୨୨) ଓ ବୈଦ୍ୟନାଥ ମାଝି (୩୦) ଡାବୁଗାଁରୁ ନିଜ ଗ୍ରାମକୁ ଫେରୁଥିବା ବେଳେ ଡାବୁଗାଁ- ମାନିଗାଁ ମୁଖ୍ୟ ରାସ୍ତାରେ ଥିବା ଅଙ୍ଗୀ ନଦୀ ପୋଲ ପାଖରେ ନିଜ ବାଇକ ରଖି ପରିସ୍ରା କରୁଥିଲେ । ସେହି ସମୟରେ ଏକ ଗାଡ଼ି ଦ୍ରୁତ ଗତିରେ ଆସି ଟଙ୍କଧରଙ୍କୁ ଧକ୍କାଦେଇ ପଳାଇଯାଇଥିଲା । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ବୈଦ୍ୟନାଥ ଗ୍ରାମରେ ଏ ସମ୍ପର୍କରେ ଖବର ଦେଇଥିଲେ। ମୃତକ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଗୁରୁବାର ଟଙ୍କଧରଙ୍କ ପିତା ପୂର୍ଣ୍ଣ ଗଉଡ଼ ଡାବୁଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ସବ୍‌ଇନ୍ସପେକ୍ଟର ଫକୀର ମୋହନ ଖୁରା ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଥିଲେ । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ଏନେଇ ଡାବୁଗାଁ ଥାନାରେ ନଂ. ୧୦୭/୨୦ ରେ ଏକ ମାମଲା ରୁଜୁ କରାଯାଇଛି ।

### ଆର୍‌ବିଏସ୍‌କେ କର୍ମଚାରୀଙ୍କ ପକ୍ଷରୁ ସିଡିଏମ୍‌ଓଙ୍କୁ ଦାବିପତ୍ର

ନବରଙ୍ଗପୁର,୨୮।୫(ବି.ପ୍ର.)- ନବରଙ୍ଗପୁର ଜିଲାରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆର୍‌ବିଏସ୍‌କେ) ଯୋଜନାରେ ବିଭିନ୍ନ ମେଡିକାଲରେ କାର୍ଯ୍ୟରତ କର୍ମଚାରୀ ବିଭିନ୍ନ ଦାବି ନେଇ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବର୍ତ୍ତମାନ ସାରା ବିଶ୍ୱରେ ମହାମାରୀ କରୋନା ବ୍ୟାପିଥିଲାବେଳେ ସରକାର ସେମାନଙ୍କୁ ଛାଡ଼ି ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀଙ୍କୁ ବିଭିନ୍ନ ସୁବିଧା ଯୋଗାଇ ଦେଉଛନ୍ତି। ଯଦିଓ ସେମାନଙ୍କୁ ସରକାର ଯେଉଁ କାର୍ଯ୍ୟ ଦେଉଛନ୍ତି ତାହାକୁ ସୁରୁଖୁରୁରେ ସେମାନେ ତୁଲାଉଥିବା କହିଛନ୍ତି। ଅନ୍ୟପଟେ ସେମାନେ ୭ ବର୍ଷ ହେବ ସରକାରଙ୍କ ଅଧୀନରେ ଚାକିରି କରୁଥିଲେ ବି ରେଗୁଲାର ହୋଇପାରୁ ନ ଥିବା କହିଛନ୍ତି। ଅନ୍ୟ କର୍ମଚାରୀମାନେ ଯେଉଁ ସୁବିଧା ପାଉଛନ୍ତି ତାହା ଯଦି ତୁରନ୍ତ ଯୋଗାଇଦେବେ ନାହିଁ ତା'ହେଲେ ଆଗାମୀ ଦିନରେ ପ୍ରତିବାଦ କରାଯିବ ବୋଲି ସରକାରଙ୍କୁ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦାବିପତ୍ର ଗ୍ରହଣକରି ଉପରିସ୍ଥ ଅଧିକାରୀଙ୍କୁ ପ୍ରେରଣକରି ଏମାନଙ୍କୁ ସୁବିଧା ଯୋଗାଇଦେବାକୁ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ବୈପାରିଗୁଡ଼ା ମୁଖ୍ୟ ରାସ୍ତାରେ ଲାଗିଲା ସିସିଟିଭି

ବୈପାରିଗଡ଼ା, ୨୮।୫ (ଡି.ଏନ୍.ଏ.)- ବୈପାରିଗଡ଼ା ମୁଖ୍ୟ ରାସ୍ତାର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଗୁରୁବାର କାର୍ଯ୍ୟକ୍ଷମ କରାଯାଇଛି। ଜୟପୁର ଏସ୍‌ଡିପିଓ ବିମଳକାନ୍ତ ବ୍ରହ୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନା ଅଧିକାରୀ ଅଂଶୁମାନ ଦ୍ୱିବେଦୀ, ବିଡିଓ ଅଭିମନ୍ୟୁ କବିଶତପଥୀ, ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ସରପଞ୍ଚ ଭାଗୀରଥି ମର୍ଜିଆ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ରାସ୍ତା ଓ ବଜାରର ବିଭିନ୍ନ ସ୍ଥାନରେ ୧୬ ମେଗାପିକ୍ସେଲର ୭ ଟି ଏବଂ ୨ ମେଗାପିକ୍ସେଲର ୨ ଟି ସିସି କ୍ୟାମେରା ଲଗାଯାଇଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ମୁଖ୍ୟତଃ ଗଞ୍ଜେଇ ଚୋରାଚାଲାଣ ଓ ଅପରାଧ ରୋକିବାରେ ସିସିଟିଭି ସହାୟକ ହେବ।

# ବିଚ୍ଛିନ୍ନାଞ୍ଚଳରେ ପ୍ରଜାମେଳି

କୋରୁକୋଣ୍ଡା, ୨୮।୫(ଡି.ଏନ୍.ଏ.)


ପ୍ରଜାମେଳିରେ ସାମିଲ ହୋଇଥିବା ଜନସାଧାରଣ ।

- ମୌଳିକ ସୁବିଧା ପାଇବାରେ ଆମେ ଅବହେଳିତ
- ବିଦ୍ୟାଳୟ ଆସୁନାହାନ୍ତି ଶିକ୍ଷକ
- ମୁଦୁଲିଗୁଡାକୁ ନୂଆ ପଞ୍ଚାୟତ ଘୋଷଣା ଦାବି

ବିଚ୍ଛିନ୍ନାଞ୍ଚଳବାସୀ ବାରମ୍ବାର ନିଜ ସମସ୍ୟା ନେଇ ପ୍ରଶାସନ ନିକଟରେ ଉପସ୍ଥାପନ କରିଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଫଳରେ ବିଚ୍ଛିନ୍ନାଞ୍ଚଳବାସୀ ପୁଣି ଥରେ ପ୍ରଜାମେଳି କରିଥିବା ଦେଖିବାକୁ ମିଳିଛି। ସେମାନେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡି ପଞ୍ଚାୟତର ଗୋଙ୍କୁଳି ଗ୍ରାମରେ ଏକାଠି ହୋଇଥିଲେ। ଯୋଡାମ୍ବ, ପଣସପୁଟ, ଯନ୍ତ୍ରୀ, ଅଣ୍ଡ୍ରାହାଲ ପଞ୍ଚାୟତର ପ୍ରାୟ ୨ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରଜାମେଳିରେ ସାମିଲ ହୋଇଥିଲେ। ଏହି ୪ଟି ପଞ୍ଚାୟତରୁ ନାକାମାମୁଡି ପଞ୍ଚାୟତଟି କୋରୁକୋଣ୍ଡା ବ୍ଲକ ଅଧୀନରେ ଯାଉଥିବା ବେଳେ ଅନ୍ୟ ୩ଟି ପଞ୍ଚାୟତ ଚିତ୍ରକୋଣ୍ଡା ବ୍ଲକ ଅଧୀନରେ ରହିଛି। ଏହି ଅବସରରେ ସେମାନେ ମୁଦୁଲିଗୁଡାକୁ ନୂତନ ପଞ୍ଚାୟତ ରୂପେ ଘୋଷଣା କରିବାକୁ ଦାବି କରିଥିଲେ। ଦେଶୀ ଡଙ୍ଗା ଦ୍ୱାରା ଆବଶ୍ୟକ ସମୟରେ ନାକାମାମୁଡି ପଞ୍ଚାୟତକୁ ଯାତାୟାତ କରିବା ସମ୍ଭବ ହେଉ ନ ଥିବାରୁ ମୁଦୁଲିଗୁଡ଼ାକୁ ନୂତନ ପଞ୍ଚାୟତ କରିବା ଲାଗି ସେମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସରକାରଙ୍କ କୌଣସି ଯୋଜନା ସେମାନଙ୍କ ନିକଟରେ ପହଞ୍ଚିପାରୁନି। ବିଦ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର ନାମକୁ ମାତ୍ର ଚାଲିଛି। ସ୍ୱାସ୍ଥ୍ୟସେବା ମଧ୍ୟ ସେମାନଙ୍କ ପାଇଁ ଅପହଞ୍ଚ ହୋଇଛି। ସେମାନେ କହିଛନ୍ତି ଯେ, ଆମ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାଘାଟ ଆଦି ମୌଳିକ ସୁବିଧା ପାଇବା କ୍ଷେତ୍ରରେ ଆମେ ଅବହେଳିତ ହୋଇ ରହିଛୁ। ଏଥିପାଇଁ ଆମକୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଆମ ଅଞ୍ଚଳର ଶିଶୁମାନେ ସୁଷମ ଖାଦ୍ୟ ପାଉନାହାନ୍ତି। ବିଦ୍ୟାଳୟକୁ ଶିକ୍ଷକ ଆସୁ ନ ଥିବାରୁ ପିଲାମାନେ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି। ଆମ ପଞ୍ଚାୟତଗୁଡ଼ିକରେ ଶତାଧିକ ଯୁବତୀଯୁବକ ଯୁକ୍ତ୨ ଓ ଯୁକ୍ତ ୩ ପର୍ଯ୍ୟନ୍ତ ପାଠ ପଢ଼ି ବେକାର ହୋଇ ଘରେ ବସିଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ସରକାର ଯଦି ଆଗାମୀ ଦିନରେ ଏଦିଗରେ ପଦକ୍ଷେପ ନ ନିଅନ୍ତି ତେବେ ବିଚ୍ଛିନ୍ନାଞ୍ଚଳବାସୀ ଆନ୍ଦୋଳନକୁ ତୀବ୍ର କରି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ପାଇଖାନା ଘରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ମାଲକାନଗିରି/ କୁଡୁମୁଲୁଗୁମ୍ମା, ୨୮।୫(ଡି.ଏନ.ଏ.)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମାର ବଜାରସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ଅର୍ଦ୍ଧଦଗ୍ଧ ଅବସ୍ଥାରେ ଜଣେ ମହିଳାଙ୍କ ମୃତଦେହ ପାଇଖାନା ଘରୁ ଉଦ୍ଧାର ହୋଇଛି। ତାଙ୍କ ନାମ ଅନିତା ମହାରଣା। ସେ ଗୋବିନ୍ଦ ମହାରଣାଙ୍କ ସ୍ତ୍ରୀ ବୋଲି ଜଣାପଡିଛି। ତେବେ ଅନିତାଙ୍କ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି।

ଖବରରୁ ଜଣାପଡିଛି ବଜାର ସାହିରେ କାଳୁ ମହାରଣା ପୁଅବୋହୂଙ୍କୁ ଧରି ସପରିବାର ରହନ୍ତି। ବୁଧବାର ଭୋରରୁ ଗୋବିନ୍ଦ ପଡୋଶୀ ଲୋକଙ୍କୁ ଡାକି ତାଙ୍କ ସ୍ତ୍ରୀ ଅନିତା ପାଇଖାନା ଘରେ ଅର୍ଦ୍ଧଦଗ୍ଧ ହୋଇ ଜଳୁଥିବା ଦେଖାଇଥିଲେ। ମାତ୍ର ନିଆଁରେ ପାଣି ପକାଇ ନ ଥିଲେ କି ଅନିତାଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ କରି ନ ଥିଲେ। ପଡୋଶୀ ଚାଲିଯିବା ପରେ ସେ ନିଆଁରେ ପାଣି ପକାଇ ଲିଭାଇଥିଲେ। ସେତେବେଳକୁ ଅନିତାଙ୍କ ମୃତ୍ୟୁ ହୋଇସାରିଥିଲା। ଖବରପାଇ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ଲାଗି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଗଞ୍ଜାମ ଜିଲା ହିଞ୍ଜିଳିରେ ରହୁଥିବା ଅନିତାଙ୍କ ମାଆଭାଇ ପହଞ୍ଚିଛନ୍ତି। ସେମାନଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ତାଙ୍କ ଝିଅ ଆତ୍ମହତ୍ୟା କରିନି। ତାକୁ ମାରି ଦିଆଯାଇଛି। ପୂର୍ବରୁ କ୍ରମାଗତ ଭାବେ ଝିଅକୁ ନିର୍ଯାତନା ଦେଉଥିଲେ। ଏବେ ପୋଡି ମାରିଦେଲେ। ଘଟଣାକୁ ଚାପି ଦେବାକୁ ଆତ୍ମହତ୍ୟାର ରୂପ ଦେଇ ତାର ମୃତଦେହକୁ ପାଇଖାନା ଘର ଭିତରେ ନିଆଁ ଲଗାଇ ପୋଡାଯାଇଛି ବୋଲି ଶାଶୁଘର ଲୋକେ କହୁଥିବା ଅନିତାଙ୍କ ମାଆ ଅଭିଯୋଗ କରିଛନ୍ତି। ଏଥିରେ ଶାଶୁ ଲକ୍ଷ୍ମୀ ମହାରଣା, ପୁଅ ଗୋବିନ୍ଦ ମହରଣା ସମ୍ପୃକ୍ତ ଅଛନ୍ତି। ତାଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

## ୧ କୁଇଣ୍ଟାଲ ୭୧ କିଲୋ ଗଞ୍ଜେଇ ଜବତ

ନବରଙ୍ଗପୁର,୨୮।୫(ବି.ପ୍ର.)

ଏକ ଟ୍ରକରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ମୈଦଲପୁର ପୋଲିସ ଯାଞ୍ଚ କରି ୧ କୁଇଣ୍ଟାଲ ୭୧ କିଲୋ ଗଞ୍ଜେଇ ଗୁରୁବାର ଜବତ କରିଛି। ଏଥିସହ ୩ ଜଣଙ୍କୁ ମୈଦଲପୁର ପୋଲିସ ଗିରଫ କରିଛି। ଟ୍ରକ (ନଂ. ୟୁପି ୭୦ଟି୧୦୦୮) ରେ ଗଞ୍ଜେଇ ବିହାର ଚାଲାଣ ହେଉଥିଲା। ମୈଦଲପୁର ପୋଲିସ ଖବର ପାଇ ଚଢାଉ କରିଥିଲା।

## କରୋନା ମୁକ୍ତ ଦାମନଯୋଡ଼ି ପାଇଁ ନାଲ୍‌କୋର ପ୍ରୟାସ

ଦାମନଯୋଡ଼ି,୨୮।୫(ଡି.ଏନ୍.ଏ.)

କୋରାପୁଟ ଜିଲାକୁ କରୋନା ପ୍ରବେଶ କରିଥିଲେ ମଧ୍ୟ ଦାମନଯୋଡ଼ି ଶିଳ୍ପାଞ୍ଚଳକୁ କରୋନା ମୁକ୍ତ ରଖିବା ପାଇଁ ନାଲ୍‌କୋ ପକ୍ଷରୁ ପ୍ରୟାସ ଜାରି ରହିଛି। ଖଣି ଓ ପରିଶୋଧକ ପ୍ରକଳ୍ପରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ମାସ୍କ, ସାବୁନ ଓ ହ୍ୟାଣ୍ଡୱାଶ ପ୍ରଦାନ କରାଯାଉଛି। ପ୍ରକଳ୍ପ ମଧ୍ୟରେ ୪ଟି ସ୍ୱୟଂଚାଳିତ ସାନିଟାଇଜର ୟୁନିଟ ମଧ୍ୟ ସ୍ଥାପନ କରାଯାଇଛି। ସିଆଇଏସ୍‌ଏଫ୍ ଫାୟାର କର୍ମଚାରୀଙ୍କୁ ନେଇ ନାଲ୍‌କୋ ଟାଉନ୍‌ସିପ, ଭେଜାପୁଟ, ମାଥାଲପୁଟ ଓ ୨ ବିସ୍ଥାପିତ କଲୋନୀକୁ ପ୍ରତ୍ୟେକ ସପ୍ତାହରେ ସାନିଟାଇଜ୍ କରାଯାଉଛି। ସେହିପରି କର୍ମଚାରୀଙ୍କ ଶରୀରର ତାପମାତ୍ରା ଯାଞ୍ଚ ବ୍ୟବସ୍ଥା କରାଯାଇଛି। ବୁଧବାର କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଆଉ ଏକ ସାନିଟାଇଜର ମେସିନ ଉଦ୍‌ଘାଟିତ ହୋଇଛି। ନିୟନ୍ତ୍ରଣ ଓ ଉପକରଣ ବିଭାଗ କର୍ମଚାରୀମାନେ ଏହାକୁ ପ୍ରସ୍ତୁତ କରିଛନ୍ତି। ପ୍ରକଳ୍ପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ



ରବିଶଙ୍କର ଦାଶ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପର ମହାପ୍ରବନ୍ଧକ ଭୀମସେନ ପ୍ରଧାନ, ନେତ୍ରାନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ନିୟନ୍ତ୍ରଣ ଓ ଉପକରଣ ବିଭାଗ ମୁଖ୍ୟ ପି. କେ. ଦାଶ ଏବଂ ଟିମ୍ ଏହାର ନିର୍ମାଣ କରିଥିବା ଜଣାପଡ଼ିଛି।

## ଶ୍ରମିକ,ଚାଷୀଙ୍କୁ ସହାୟତା ଯୋଗାଇଦିଅନ୍ତୁ କେନ୍ଦ୍ର, ରାଜ୍ୟ ସରକାର

ଜୟପୁର,୨୮।୫(ଡି.ଏନ୍.ଏ./ନି.ପ୍ର.)



ଖବରଦାତା ସମ୍ମିଳନୀରେ ବିଧାୟକ ତାରା ପ୍ରସାଦ ବାହିନୀପତି ସୂଚନା ଦେଉଛନ୍ତି ।

ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଗୁରୁବାର ଜିଲା କଂଗ୍ରେସ ଭବନଠାରେ ଏକ ଖବରଦାତା ସମ୍ମିଳନୀରେ ବାହାର ରାଜ୍ୟରୁ ଫେରିଥିବା ପ୍ରବାସୀ, ଶ୍ରମିକ ଏବଂ ଚାଷୀଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। କରୋନା ଲକ୍‌ଡାଉନ ସମୟରେ ପ୍ରବାସୀ ଓଡ଼ିଆ ଶ୍ରମିକମାନେ ବେଶି ପ୍ରଭାବିତ ହୋଇଛନ୍ତି। ସେମାନଙ୍କୁ ତୁରନ୍ତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପ୍ରବାସୀଙ୍କ ନାମରେ ୧୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା,ଆସନ୍ତା ୬ ମାସ ପର୍ଯ୍ୟନ୍ତ ସେମାନଙ୍କୁ ପ୍ରତ୍ୟେକ ମାସରେ ୭୫୦୦ ଟଙ୍କା ପରିବାର ଭରଣପୋଷଣ ପାଇଁ ଦେବା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୫୦ ଦିନ ବଦଳରେ ୨୦୦ ଦିନର କାର୍ଯ୍ୟଦିବସ ସୃଷ୍ଟି କରି ଯୋଗାଇଦେବା, ଚାଷୀଙ୍କୁ ସାର, କୀଟନାଶକ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଦାନ କରିବା, କ୍ଷୁଦ୍ର ଓ ମଧ୍ୟମ ଧରଣର କାରଖାନା ଚାଲୁ କରିବା, ୧୮ ମାସରୁ ଊର୍ଦ୍ଧ୍ୱ ଦିନ ହେଲା ବନ୍ଦ ରହିଥିବା ଜୟପୁରସ୍ଥିତ ବିଲ୍ଟ କାଗଜକଳକୁ ଉତ୍ପାଦନକ୍ଷମ କରିବାକୁ ସେ ଦାବି କରିଛନ୍ତି। ରବି ଧାନମଣ୍ଡି ବର୍ତ୍ତମାନ କୋରାପୁଟ ଜିଲାରେ ଆରମ୍ଭ ହୋଇଯାଇଛି। ବଲାଙ୍ଗୀର ଜିଲାର ମିଲ୍ ମାଲିକମାନେ କଷ୍ଟମ ମିଲିଂ ଧାନ ଏହି ଜିଲାରୁ ନେଉଛନ୍ତି । ମାତ୍ର ଧାନର ମାନ ବିଭିନ୍ନ ଆଳ ଦେଖାଇ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୭କିଲୋ ଅଧିକ ଦାବି କରୁଛନ୍ତି । ତୁରନ୍ତ ବିନା କାଟ୍‌ନି ଛାଟ୍‌ନି ଧାନରେ ମିଲ୍ ମାଲିକମାନେ ନେବାକୁ ସେ କହିଛନ୍ତି। ସେହିପରି ସମ୍ବଲପୁର ଏବଂ ବଲାଙ୍ଗୀର ଜିଲାର ଟ୍ରକ୍‌କୁ ଏଠାକୁ ଆଣି ମିଲରମାନେ ଧାନ ପରିବହନ କରୁଛନ୍ତି । ଫଳରେ ଏଠାରେ ଥିବା ଟ୍ରକ୍ ମାଲିକମାନେ କ୍ଷତି ସହୁଛନ୍ତି । ସ୍ଥାନୀୟ ଟ୍ରକ୍‌ଗୁଡ଼ିକକୁ ଧାନ ପରିବହନ ପାଇଁ ନିୟୋଜିତ କରିବା ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି। ନଚେତ୍ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ସେ ଦେଇଛନ୍ତି । ଏହି ଖବରଦାତା ସମ୍ମିଳନୀରେ କୃଷ୍ଣଚନ୍ଦ୍ର ନେପାକ, ନରେନ୍ଦ୍ର ମହାନ୍ତି, କାନ୍ତ ପାଢୀ, ନିହାର ବିଶୋୟୀ, ମଦନମୋହନ ନାୟକ, ଭେଙ୍କଟରାଓ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଟ୍ରକ୍-ଭ୍ୟାନ୍ ଦୁର୍ଘଟଣା ଗ୍ରସ୍ତ, ଜଣେ ମୃତ

ରାୟଗଡା ଅଫିସ,୨୮।୫:

ସହର ନିକଟ ପିତାମହଲସ୍ଥିତ ବିଷ୍ଣୁଗୁଡ଼ା ଛକଠାରେ ଗୁରୁବାର ଏକ ଟ୍ରକ୍ ଓ ମିନି ଭ୍ୟାନ୍ ମଧ୍ୟରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ଯେ, ରାସ୍ତା ପାର୍ଶ୍ୱରେ ଏକ ଟ୍ରକ୍ ଠିଆ ହୋଇଥିବା ସମୟରେ ରାଉରକେଲାରୁ ଆନ୍ଧ୍ରପ୍ରଦେଶ ଯାଉଥିବା ଏକ ମିନି ଭ୍ୟାନ୍ ଭାରସାମ୍ୟ ହରାଇ ତାକୁ ଧକ୍କା ଦେଇଥିଲା। ଏଥିରେ ଭ୍ୟାନ୍‌ରେ ଥିବା ହେଲ୍‌ପର ସଞ୍ଜୟ ଶଙ୍କର(୪୨)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେହିପରି ଚାଳକ ଏବଂ ଅନ୍ୟ ଜଣେ ସହଯୋଗୀ ଆହତ ହୋଇ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଖବର ପାଇ ଶେଷଖାଲ ଥାନା ଆଇଆଇସି ବିଜୟଲକ୍ଷ୍ମୀ ହିକ୍କା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

## ଜେଲ୍‌ରେ କରୋନା ସୁରକ୍ଷା ଯାଞ୍ଚ କଲା ଡିଏଲ୍‌ଏସ୍‌ଏ କୋର୍ କମିଟି

ରାୟଗଡା ଅଫିସ,୨୮।୫:

ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ)ର କୋର୍ କମିଟି ସଦସ୍ୟମାନେ ଗୁରୁବାର ରାୟଗଡ଼ା ଜେଲ ପରିଦର୍ଶନ କରିଛନ୍ତି। କରୋନା ମୁକାବିଲା ତଥା ଜେଲରେ ଥିବା ଅନ୍ତେବାସୀଙ୍କ ସୁରକ୍ଷା ପାଇଁ କିଭଳି ପଦକ୍ଷେପ ନିଆଯାଇଛି ସେ ବିଷୟରେ କମିଟି ତଦାରଖ କରିଛି। ସେହିପରି କରୋନା ଭୂତାଣୁଠାରୁ କିପରି ସୁରକ୍ଷିତ ରହିବେ, ସେ ନେଇ କମିଟିର ସଦସ୍ୟମାନେ ଅନ୍ତେବାସୀମାନଙ୍କୁ ବୁଝାଇଥିଲେ। ଏଥିସହ ଅନ୍ତେବାସୀଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା, ସାମାଜିକ ଦୂରତା ବଜାୟ ରଖିବା ଏବଂ ମାସ୍କ ବ୍ୟବହାର କରିବା ପାଇଁ ଜେଲ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରିଦର୍ଶନବେଳେ ରାୟଗଡ଼ା ଜିଲା ଜଜ୍ ତଥା ଡିଏଲ୍‌ଏସ୍‌ଏ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ, କୋର୍ ଗ୍ରୁପ୍ ସଦସ୍ୟ ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ମନୋରଞ୍ଜନ ଦାସ, ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ବି. ଲକ୍ଷ୍ମୀନାରାୟଣ ପୃଷ୍ଟି, ଓକିଲ ପଦ୍ମନାଭ ଦାସ, ଶୁଭ୍ରା ପଣ୍ଡା ଉପସ୍ଥିତ ଥିଲେ।


ଜେଲ ପରିଦର୍ଶନରେ ଯାଇଥିବା ଡିଏଲ୍‌ଏସ୍‌ଏ କୋର କମିଟିର ସଦସ୍ୟମାନେ ।

## ସଙ୍ଗରୋଧ କେନ୍ଦ୍ରରେ ପ୍ରସବ କଲେ ମହିଳା

ବୋରିଗୁମ୍ମା,୨୮।୫(ଡି.ଏନ୍.ଏ.):

**ମା', ନବଜାତ ସୁସ୍ଥ, ମେଡିକାଲକୁ ସ୍ଥାନାନ୍ତର**

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ୍ କାଠରଗଡ଼ା ସଙ୍ଗରୋଧ କେନ୍ଦ୍ରରେ ଜଣେ ମହିଳା ପ୍ରସବ କରିଛନ୍ତି। ବୁଧବାର ସନ୍ଧ୍ୟାରେ ସେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମହିଳା ଏବଂ ତାଙ୍କ ସ୍ୱାମୀ ଆନ୍ଧ୍ରପ୍ରଦେଶରୁ ଫେରି ୧୨ଦିନ ହେଲା ଏଠାରେ ସଙ୍ଗରୋଧରେ ରହିଛନ୍ତି। ବୁଧବାର ମହିଳାଙ୍କ ପ୍ରସବ ଯନ୍ତ୍ରଣା ହୋଇଥିଲା। ଏହା ଜାଣି କାଠରଗଡ଼ା ସରପଞ୍ଚ ତୁରନ୍ତ ଡାକ୍ତରଙ୍କୁ ଡକାଇବା ସହ ସ୍ଥାନୀୟ ବିଡିଓ ପ୍ରଣୟ ରଞ୍ଜନ ବେହେରାଙ୍କୁ ସୂଚନା ଦେଇଥିଲେ। ଡାକ୍ତର ପହଞ୍ଚି ସଙ୍ଗରୋଧ କେନ୍ଦ୍ରରେ ମହିଳାଙ୍କ ପ୍ରସବ କରାଇଥିଲେ। ମା' ଓ ଶିଶୁ ସୁସ୍ଥ ଥିବାବେଳେ ଉଭୟଙ୍କୁ ଆମ୍ବୁଲାନ୍ସ ଯୋଗେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।

## ଚିତ୍ରକୋଣ୍ଡାରେ କୃଷକ ପ୍ରତିବାଦ ଦିବସ

ଚିତ୍ରକୋଣ୍ଡା,୨୮।୫(ଡି.ଏନ୍.ଏ.)

ଅଲ ଇଣ୍ଡିଆ କିଷାନ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଚ୍ଛିନ୍ନାଞ୍ଚଳର ଏଲାମପକାଠାରେ ଗାଜୁଲୁମାମୁଡି ପଞ୍ଚାୟତବାସୀ ବିଭିନ୍ନ ସମସ୍ୟା ନେଇ ଗୁରୁବାର କୃଷକ ପ୍ରତିବାଦ ଦିବସ ପାଳନ କରିଛନ୍ତି। ଏନେଇ ସେମାନେ ମାଲକାନଗିରି ଜିଲାପାଳଙ୍କ ଉଦ୍ଦେଶ୍ୟରେ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ଦେଇଛନ୍ତି। କୃଷକଙ୍କୁ ସୁଧମୁକ୍ତ ଋଣ ଦେବା, ଉଚିତ ମୂଲ୍ୟରେ କୃଷି ଦ୍ରବ୍ୟ ପ୍ରଦାନ, ଭାଗଚାଷୀଙ୍କୁ ସମସ୍ତ ସୁବିଧା ଦେବା, ସମସ୍ତ ଚାଷ ଉପକରଣ କ୍ରୟରେ ୫୦ ପ୍ରତିଶତ ରିହାତି, ସମସ୍ତଙ୍କୁ ରାଶନ ସାମଗ୍ରୀ, ଜଣେ ବ୍ୟକ୍ତିଙ୍କୁ ମାସକୁ ୫ କେଜି ପରିବର୍ତ୍ତେ ୧୫ କେଜି ଚାଉଳ ଦେବା, କରୋନା ସମୟରେ ଜୀବିକା ହରାଉଥିବା ବ୍ୟକ୍ତିଙ୍କୁ ୬ ମାସ ପର୍ଯ୍ୟନ୍ତ ୧୦ ହଜାର ଲେଖାଏ ଟଙ୍କା ସହାୟତା ପ୍ରଦାନ, କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତ କୃଷି ଶ୍ରମିକ ଓ ଆଦିବାସୀ ବିରୋଧୀ ନିର୍ଦ୍ଦେଶ ପ୍ରତ୍ୟାହାର କରିବା, ଗ୍ରାମୀଣ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସହ ଅନ୍ୟାନ୍ୟ ଦାବି ରହିଛି। ଦାବିପତ୍ର ପ୍ରଦାନ ଅବସରରେ କୃଷକମାନେ ସାମାଜିକ ଦୂରତା ରକ୍ଷାକରି ପଦଯାତ୍ରା କରିଥିଲେ। ଜିଲା ପ୍ରଶାସନ ସେମାନଙ୍କ ଦାବି ପୂରଣ କରିବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

## ଯୁବତୀଙ୍କ ପର୍ସ ଲୁଟିନେଲେ ଅନ୍ୟ ଜଣେ ଯୁବତୀ

ଜୟପୁର,୨୮।୫(ଡି.ଏନ୍.ଏ.)

କୋରାପୁଟ ଜିଲା ଜୟପୁର ସହରର ଦୈନିକ ବଜାରଠାରେ ଏକ ଫ୍ୟାନ୍ସି ଦୋକାନରେ ଜଣେ ଯୁବତୀ ସାମଗ୍ରୀ କ୍ରୟ କରୁଥିବା ବେଳେ ତାଙ୍କ ପର୍ସ ପଛପଟେ ଠିଆ ହୋଇଥିବା ଅନ୍ୟ ଜଣେ ଯୁବତୀ ଲୁଟି ନେଇଛନ୍ତି । ଏହି ଦୃଶ୍ୟ ଦୋକାନରେ ଲାଗିଥିବା ସିସି ଟିଭିରେ ରେକର୍ଡ ହୋଇଛି। ସ୍ଥାନୀୟ ଗୌଡ଼ସାହିର ସୌଦାମିନୀ ଅଧିକାରୀ (୨୬) ଗୁରୁବାର ଦୈନିକ ବଜାରର ଏକ ଦୋକାନରେ କିଛି ସାମଗ୍ରୀ କିଣୁଥିଲେ। ଦୋକାନର ଟେବୁଲ ଉପରେ ତାଙ୍କ ପର୍ସ ରଖିଥିଲେ। ମାତ୍ର ସାମଗ୍ରୀ କିଣିସାରିବା ପରେ ଟଙ୍କା ଦେବାକୁ ତାଙ୍କ ପର୍ସ ଖୋଜି ପାଇ ନ ଥିଲେ। ଦୋକାନ ମାଲିକ ତୁରନ୍ତ ସିସି ଟିଭି ଦେଖିଥିଲେ। ସେଥିରେ ସୌଦାମିନୀଙ୍କ ପଛପଟେ ଠିଆ ହୋଇଥିବା ଅନ୍ୟ ଜଣେ ଯୁବତୀ ଉକ୍ତ ପର୍ସକୁ ଲୁଚାଇ ନେଇଯାଉଥିବା ଜଣା ପଡିଥିଲା । ଏନେଇ ସୌଦାମିନୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ପର୍ସରେ ୩ହଜାର ଟଙ୍କା, ୨ଟି ଏଟିଏମ୍ କାର୍ଡ, ପାନ୍‌କାର୍ଡ, ଭୋଟରକାର୍ଡ ଏବଂ ଅନ୍ୟାନ୍ୟ କିଛି ଜରୁରୀ କାଗଜପତ୍ର ଥିଲା ବୋଲି ସେ ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ସିସିଟିଭି ଯାଞ୍ଚକରି ତଦନ୍ତ ଆରମ୍ଭ କରିଛି।

# ସେବାୟତଙ୍କ ହେବ କୋଭିଡ୍ ପରୀକ୍ଷା

ଜୟପୁର,୨୮।୫(ଡି.ଏନ.ଏ.)

- ଭକ୍ତଙ୍କ ଠାକୁର ଦର୍ଶନ ଉପରେ କଟକଣା
- ଗଙ୍ଗାନଗର ଛକରୁ ରଥପଡ଼ିଆ ଛକ ପର୍ଯ୍ୟନ୍ତ ହେବ ବ୍ୟାରିକେଡ୍

କୋରାପୁଟ ଜିଲା ଜୟପୁରଠାରେ ଆସନ୍ତା ରଥଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଗୁରୁବାର ସ୍ଥାନୀୟ ପିଏ ଆଇଟିଡିଏ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ଦେବୋତ୍ତର ଅଧିକାରୀ ତଥା ତହସିଲଦାର ଅଶ୍ୱିନୀ ମହାପାତ୍ରଙ୍କ ଆହ୍ୱାନକ୍ରମେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ସମ୍ପର୍କରେ ଆଲୋଚନା ହୋଇଥିଲା । ସରକାର ଏବଂ ପ୍ରଶାସନର ନିର୍ଦ୍ଦେଶ ଓ ଅନୁମତି ଅନୁଯାୟୀ ରଥଯାତ୍ରା ଆୟୋଜନ କରାଯିବ । ରୀତିନୀତିରେ ଦେବସ୍ନାନ କରାଯିବ । ତିନିଠାକୁର, ପତିତପାବନ ଏବଂ ସୁଦର୍ଶନଙ୍କୁ ସ୍ନାନମଣ୍ଡପକୁ ପହଣ୍ଡି ନିମନ୍ତେ ସାମନ୍ତରାସାହି ଏବଂ ହେମଗିରିସାହିର କେବଳ ୨୫ରୁ ୩୦ଜଣ ସେବାୟତ ଉପସ୍ଥିତ ରହିବେ। ସେହିପରି ସମସ୍ତ ସେବାୟତଙ୍କ କୋଭିଡ୍ ନମୁନା ଯାଞ୍ଚ ମଧ୍ୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଭକ୍ତମାନଙ୍କ ଠାକୁର ଦର୍ଶନ ଉପରେ କଟକଣା ଜାରି କରାଯାଇଛି । ଗଙ୍ଗାନଗର ଛକରୁ ରଥପଡ଼ିଆ ଛକ ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯିବ । ଫଳରେ ଜଗନ୍ନାଥ ମନ୍ଦିର ସମ୍ମୁଖ ରାସ୍ତା ବାହାର ଲୋକଙ୍କ ଯାତାୟାତ ନିମନ୍ତେ କଟକଣା ରହିବ । ସେହିପରି ରଥଯାତ୍ରା ଅନୁଷ୍ଠିତ ହେଲେ ରଥ ଉପରେ କେବଳ ୨୦ଜଣ ପୂଜକ, ଘଣ୍ଟୁଆ, ସେବାୟତ ଉପସ୍ଥିତ ରହିବେ । ସେହିପରି ରଥ ୧୦ ମିଟର ପରିଧିରେ କେବଳ ବ୍ରେକ୍ ଦେଉଥିବା ସେବାୟତ ଉପସ୍ଥିତ ରହିବେ। ମୁଖ୍ୟରାସ୍ତାକୁ ଆସନ୍ତା ୮ ଦିନ ମଧ୍ୟରେ ନିର୍ମାଣ ପାଇଁ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଉପଜିଲାପାଳ ଲୋକନାଥ ଦଳବେହେରା, ଜିଲା ଚିକିତ୍ସାଳୟର ଅଧୀକ୍ଷକ ଡା. ରାମଚନ୍ଦ୍ର ମହାନ୍ତି, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ, ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ସଦରଥାନା ଅଧିକାରୀ ଶିବଶଙ୍କର ସାହୁ, ଦେବୋତ୍ତର ଉପଦେଷ୍ଟା କମିଟିର ସଭାପତି ଲାଲମୋହନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# କର୍ମଚାରୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ନ ଦେଲେ ଗଡ଼ିବନି ବସ୍

ଜୟପୁର,୨୮।୫(ଡି.ଏନ୍.ଏ./ନି.ପ୍ର.)


ଏକତ୍ରିତ ହୋଇଥିବା ବସ୍ କର୍ମଚାରୀମାନେ ।

- ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ବ୍ୟବସ୍ଥା ହେଉ
- କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା ଦାବି
- ଯଦି କରୋନା ଆକ୍ରାନ୍ତ ହେଲେ ମାସକୁ ମିଳୁ ୩୦ ହଜାର

ଯାତ୍ରୀବାହୀ ବସ୍ ଆସନ୍ତା ୧ତାରିଖରୁ ଚାଲିବ। ଏନେଇ ରାଜ୍ୟ ସଂଘ ସହ ଆଲୋଚନା ପରେ ନିଷ୍ପତ୍ତି ହୋଇଛି। ବିଭିନ୍ନ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। କୋରାପୁଟ ଜିଲା ଜୟପୁର ଘରୋଇ ବସ୍‌ରେ କାର୍ଯ୍ୟରତ ଡ୍ରାଇଭର, କଣ୍ଡକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ହେବେ। ତେବେ ବସ୍‌ରେ ଯାତ୍ରା ବେଳେ କେହି କରୋନା ଆକ୍ରାନ୍ତ ଯାତ୍ରୀ ମଧ୍ୟ ଯାତ୍ରା କରିବାର ଆଶଙ୍କା ରହିଛି। ଏହି ପରିପ୍ରେକ୍ଷୀରେ ଘରୋଇ ବସ୍ ଚଳାଚଳ ପୂର୍ବରୁ ମାଲିକମାନଙ୍କ ପକ୍ଷରୁ କାର୍ଯ୍ୟରତ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଇ କ୍ଷତିପୂରଣ ବ୍ୟବସ୍ଥା କରାଯାଉ ବୋଲି ବସ୍ କର୍ମଚାରୀମାନେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏଥିପ୍ରତି ଅଣଦେଖା କରାଗଲେ ବସ୍ ଚଳାଚଳ ବନ୍ଦ କରାଯିବ। ଏହି ସମୟରେ କାର୍ଯ୍ୟରତ କୌଣସି ବସ୍ କର୍ମଚାରୀଙ୍କ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁ ହେଲେ ତାଙ୍କ ପରିବାରକୁ ୧୦ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ନେଇ ବ୍ୟବସ୍ଥା କରାଯାଉ ବୋଲି କର୍ମଚାରୀମାନେ ଦାବି କରିଛନ୍ତି। ଏଥିରେ ଆକ୍ରାନ୍ତ ହେଲେ ରୋଗରୁ ମୁକ୍ତ ହେବା ପର୍ଯ୍ୟନ୍ତ ସମ୍ପୃକ୍ତ କର୍ମଚାରୀଙ୍କ ପରିବାର ଭରଣପୋଷଣ ପାଇଁ ମାଲିକଙ୍କ ପକ୍ଷରୁ ମାସକୁ ୩୦ ହଜାର ଟଙ୍କାର ସହାୟତା ରାଶି ଦେବାକୁ ସେମାନେ ଦାବି କରିଛନ୍ତି । ସେହିପରି ସରକାରଙ୍କ ପକ୍ଷରୁ ଘରୋଇ ବସ୍ ଚଳାଚଳରେ ନିୟୋଜିତ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା କରାଯିବା ସହିତ କାହାର ଯଦି ମୃତ୍ୟୁ ହୁଏ ତେବେ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ଦେବାକୁ ଏହି କର୍ମଚାରୀମାନେ ଦାବି କରିଛନ୍ତି । ସ୍ଥାନୀୟ ଟିକେଟ କାଉଣ୍ଟର କର୍ମଚାରୀ ସଂଘର କାର୍ଯ୍ୟାଳୟରେ ହୋଇଥିବା ଏହି ଖବରଦାତା ସମ୍ମିଳନୀରେ ଶିବରାମ ବେହେରା. ରାଜୀବ ଟାକ୍ରି, ରମେଶ ଚନ୍ଦ୍ର ପାତ୍ର, ଅଭୟ ନାୟକ, ସନ୍ତୋଷ ହନ୍ତାଳ, ବାବୁଲା ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ରାହାସ ଭାଡ଼ି ଭାଙ୍ଗି ଜଣେ ମୃତ

**ଛେଣ୍ଡିପଦା, ୨୮।୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ଜରପଡା ଥାନା ଟାସରା ଗ୍ରାମରେ ରାହାସ ଭାଡି ଭାଙ୍ଗି ବିଜୟ କୁମାର ସାହୁଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ଜଣାପଡ଼ିଛି, ଏକ ଟିପ୍ପ ବୋଝେଇ ଟିପ୍ପର ଅନ୍‌ଲୋଡ ପରେ ଡାଲା ତଳକୁ ନ ଖସାଇ ଯାଉଥିବାବେଳେ ଡାଲାଟି ଗ୍ରାମର ରାହାସ ଭାଡ଼ିରେ ଲାଗି ଯାଇଥିଲା। ସେହି ସମୟରେ ଭାଡ଼ି ତଳେ ବସିଥିବା ବିଜୟଙ୍କ ଉପରେ କଂକ୍ରିଟ ଖଣ୍ଡ ଖସି ପଡିଥିଲା। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଟିପ୍ପର ଜବତ କରିବା ସହ ଚାଳକଙ୍କୁ ଅଟକ ରଖିଛି।

## ସଂକ୍ଷେପରେ

### ବିଲରେ ଟଳିପଡ଼ିଲେ ଶିକ୍ଷକ

**ରାସୋଳ, ୨୮।୫(ଡି.ଏନ.ଏ.):** ରାସୋଳ ଥାନା ଅଧୀନ କାରନ୍ଦା ଗ୍ରାମ ସାନସାହିର ଶିକ୍ଷକ ଅଭୟ ପରିଡ଼ା (୫୫)ଙ୍କ ଗୁରୁବାର ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ବିଲରେ ଚାଷକାର୍ଯ୍ୟ ତଦାରଖ କରୁଥିବାବେଳେ ସେ ହଠାତ୍ ଟଳିପଡ଼ିଥିଲେ। ତାଙ୍କୁ ତୁରନ୍ତ ଖଜୁରିଆକଟା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ କହିବା କଥା, ଅଭୟ କୋଭିଡ୍ ଯୋଦ୍ଧା ଭାବେ କାର୍ଯ୍ୟ କରୁଥିଲେ। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ହେଲେ ତାଙ୍କର ଏପରି ମୃତ୍ୟୁକୁ ନେଇ ବିଭିନ୍ନ ଚର୍ଚ୍ଚା ହେଉଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଶିକ୍ଷକଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ପାରିବାରିକ କଳହରୁ ଆତ୍ମହତ୍ୟା

**କାମାକ୍ଷାନଗର, ୨୮।୫(ଡି.ଏନ.ଏ.):** ପାରିବାରିକ କହଳଙ୍କୁ କେନ୍ଦ୍ର କରି କଙ୍କଡାହାଡ଼ ଥାନା ପାଟବେଡ଼ା ଗ୍ରାମର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ରହଣି ଗ୍ରାମର କାଳିନ୍ଦୀ ବେହେରା (୩୫)। ମୃତ ଯୁବକ ପାଟବେଡ଼ା ଗ୍ରାମରେ ବିବାହ କରି ଘର ଜ୍ୱାଇଁ ଭାବେ ରହୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି।

### ମଦ ଜବତ, ୩ ଗିରଫ

**ଅନୁଗୋଳ ଅଫିସ, ୨୮।୫:** ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇ ୧୧୦ ଲିଟର ଚୋରା ଦେଶୀ ମଦ ଜବତ ସହ ୩ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ଏସ୍‌ପି କ୍ରିଷ୍ଣା ନାଏକ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, ଅନୁଗୋଳ ଜିଲା ମୋବାଇଲ୍ ସ୍କ୍ୱାଡ୍ ପକ୍ଷରୁ ଇନ୍ସପେକ୍ଟର କରୁଣା ଶଙ୍କର ତିୱାରିଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଶାକସିଂହା ଅଞ୍ଚଳର ବିଭୂତି ଭୂଷଣ ନାଏକ ଓ ଛେଣ୍ଡିପଦା ଅଞ୍ଚଳର ଅର୍ଜୁନ ନାଏକଙ୍କୁ ଗିରଫ କରାଯିବା ସହ ୫୦ ଲିଟର ଚୋରା ମଦ ଜବତ କରାଯାଇଥିଲା। ସେହିପରି ହେମସୁରପଡ଼ାର ଶୁଭେନ୍ଦୁ କୁମାର ସାହୁଙ୍କ ଠାରୁ ୬୦ ଲିଟର ଚୋରା ମଦ ଜବତ ସହ ତାଙ୍କୁ ଗିରଫ କରାଯାଇଛି। ଏସ୍‌ଆଇ ଜାକିର ହୁସେନ୍, ସରୋଜ କୁମାର ସାହୁ, ମମତା ପଲେଇ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ଆକ୍ରମଣରେ ଜଣେ ଗୁରୁତର

**କଣିହାଁ, ୨୮।୫(ଡି.ଏନ.ଏ.)-** କଣିହାଁ ବ୍ଲକ ସମଲ ଥାନା କର୍ଣ୍ଣପାଳ ପଞ୍ଚାୟତ ଶିପୁର ଗ୍ରାମ କୁସୁମପାଳସାହିରେ ଗୁରୁବାର ରବି ପ୍ରଧାନ ଓ ତାଙ୍କ ପୁଅ ରଞ୍ଜନ ପ୍ରଧାନଙ୍କ ଆକ୍ରମଣରେ ପଡୋଶୀ ଜିତୁ ସାହୁ ଗୁରୁତର ହୋଇଛନ୍ତି। ଆହତଙ୍କୁ ଗୋଡିବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ନଂ. ୯୭/୨୦ରେ ମାମଲା ରୁଜୁ ହୋଇଛି। ସମଲ ଥାନା ସୂତ୍ରରୁ ପ୍ରକାଶ, ପୂର୍ବ ବିବାଦକୁ ନେଇ ଦୁଇ ପଡୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବାପ ପୁଅ ଜିତୁଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ଜିତୁଙ୍କ ବାପା ଗୋଲେଖ ସାହୁ ଏ ନେଇ ଅଭିଯୋଗ କରିଥିଲେ।

### ଭ୍ୟାନକୁ ଧକ୍କା ଦେଲା ଆମ୍ବୁଲାନ୍ସ

**ଛେଣ୍ଡିପଦା, ୨୮।୫(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା କୋଶଳା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଛିଡା ହୋଇଥିବା ଦୁଇଟି ପିକଅପ୍ ଭ୍ୟାନକୁ ଏକ ୧୦୮ ଆମ୍ବୁଲାନ୍ସ ଗୁରୁବାର ଧକ୍କା ଦେଇଛି। ଏଥିରେ ଭ୍ୟାନ ଦୁଇଟି ଭାଙ୍ଗିରୁଜି ଯାଇଥିବାବେଳେ ଆମ୍ବୁଲାନ୍ସରେ ଥିବା ହେଲପର ଜିତେନ୍ଦ୍ର ବେହେରା ଗୁରୁତର ହୋଇଛନ୍ତି। ଆମ୍ବୁଲାନ୍ସ ଚାଳକ ଓ ଫାର୍ମାସିଷ୍ଟ ମଧ୍ୟ ଆହତ ହୋଇଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଛାଡ଼ି ବାଗେଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଫେରୁଥିବା ପୋଲିସ ସୂଚନା ଦେଇଛି।

### ଭାଲୁ ଆକ୍ରମଣରେ ମହିଳା ଗୁରୁତର

**ପାଲଲହଡ଼ା, ୨୮।୫(ଡି.ଏନ.ଏ.):** ପାଲଲହଡ଼ା ବ୍ଲକ ଖେମଲା ପଞ୍ଚାୟତ ଫୁଲଝରି ଗ୍ରାମର ରଜନୀ ପେଣ୍ଡୋଇ ଗୁରୁବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ପାଲଲହଡ଼ା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସକାଳ ପ୍ରାୟ ୬ଟାରେ କେତେଜଣ ମହିଳା ନିକଟସ୍ଥ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିବାବେଳେ ଏକ ଭାଲୁ ହାବୁଡ଼ରେ ପଡ଼ିଥିଲେ। ଅନ୍ୟମାନେ ଦୌଡି ପଳାଇଆସିଥିବାବେଳେ ରଜନୀଙ୍କୁ ଭାଲୁ ଆକ୍ରମଣ କରିଥିଲା।

# ବାଟବଣା ବୃତ୍ତିହରା ବୁଣାକାର

**ରାଜକୁମାର ପ୍ରଧାନ**
**ଭାପୁର, ୨୮।୫**

- ତନ୍ତରେ ଲାଗିଛି କରୋନା ବ୍ରେକ୍
- ଚିନ୍ତାରେ ପଡ଼ିଛନ୍ତି ୨୧୫ କାରିଗର
- ବଞ୍ଚିବାକୁ ଖୋଜିଲେଣି ଅନ୍ୟ ପନ୍ଥା



ତନ୍ତକୁ ସାହାରା କରି ଗଢ଼ିଚାଲିଥିଲା ଜୀବନ। ଦିନରାତି କଷ୍ଟ କରି ଯାହା ମିଳୁଥିଲା ସେଥିରେ ହସଖୁସିରେ ପରିବାର ଚଳୁଥିଲା। ଅନେକ ସମସ୍ୟା ଆସିଛି ଆଉ ଚାଲିଯାଇଛି। ତନ୍ତ କେବେ ବନ୍ଦ ହେବାର ଜାଣିନୁ। ହେଲେ କରୋନା ଆସିବା ଦିନରୁ ବୃତ୍ତି ହିଁ ବୁଡ଼ିଗଲା। ପର୍ବପର୍ବାଣି, ବିବାହ ଋତୁରେ ଭଲ ବେପାର ହେବ ବୋଲି ଆଶା କରିଥିଲୁ। ସେହି ଅନୁଯାୟୀ ଶାଢ଼ି, ଲୁଗା ପ୍ରସ୍ତୁତ କରି ରଖିଥିଲୁ। ଦୁଇମାସ ହେଲା ବ୍ୟବସାୟ ପୂରା ବନ୍ଦ। ହାତବାନ୍ଧି ବସିଛୁ। ଏଭଳି କିଛିଦିନ ଲାଗିରହିଲେ ପିଲାଛୁଆ ଭୋକ ଉପାସରେ ରହିବେ। ବଞ୍ଚିବାକୁ ହେଲେ ବୃତ୍ତି ଛାଡ଼ି ଅନ୍ୟପନ୍ଥା ଦେଖିବାକୁ ପଡ଼ିବ ବୋଲି କହିଛନ୍ତି ଢେଙ୍କାନାଳ ସଦର ବ୍ଲକ ବାଲ୍ୟାମ୍ବା ପଞ୍ଚାୟତ ଅଧୀନ ସରାକପାଟଣା ଗ୍ରାମର ବୁଣାକାର।

ବୁଣାକାରଙ୍କ ଗାଁ ଭାବେ ଜିଲା ତଥା ଜିଲା ବାହାରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛି ସରାକପାଟଣା। ଗ୍ରାମରେ ୭୦ ତନ୍ତ ପଡ଼ିଥିବାବେଳେ ୧୦୦ ପରିବାରର ୨୧୫ ବୁଣାକାର କୌଳିକ ବୃତ୍ତିକୁ ଆଧାର କରି ଜୀବିକା ଅର୍ଜନ କରିଥାନ୍ତି। କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବ୍ୟବସାୟ ୮ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସମ୍ଭାଳୁଛନ୍ତି। ପଲ୍ଲିଶ୍ରୀ ମେଳା, ରାଜ୍ୟ ବାହାରେ ହେଉଥିବା ପ୍ରଦର୍ଶନୀରେ ସାମଗ୍ରୀ ବିକ୍ରିବଟା କରି କାରିଗରମାନେ ଭଲ ଦି ପଇସା ରୋଜଗାର କରୁଥିଲେ। ସେହିପରି ବିବାହ, ବ୍ରତ, ସାବିତ୍ରୀରେ ଶାଢ଼ି ସମେତ ଅନ୍ୟ ସାମଗ୍ରୀର ଚାହିଦା ବେଶି ରହୁଥିଲା। ହେଲେ ଲକ୍‌ଡାଉନ୍ କଟକଣା ଯୋଗୁ ୨ମାସ ହେଲା ବ୍ୟବସାୟରେ ବ୍ରେକ୍ ଲାଗିଛି। ଆବଶ୍ୟକ କଞ୍ଚାମାଲ ଅଭାବରୁ ସାମଗ୍ରୀ ତିଆରି ହୋଇପାରୁନାହିଁ। ବଜାର ଅବ୍ୟବସ୍ଥିତ ହୋଇପଡିଥିବାରୁ ତିଆରି କରି ରଖାଯାଇଥିବା ସାମଗ୍ରୀ ବିକ୍ରି କରିବାରେ ସମସ୍ୟା ଉପୁଜିଛି। ଫଳରେ ବୃତ୍ତିହରାଇ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି ବୁଣାକାର ପରିବାର। କରୋନା ବୁଣାକାରଙ୍କ ଜୀବିକାକୁ ଆଶଙ୍କା ଭିତରକୁ ଠେଲି ଦେଇଥିବାବେଳେ ଏବେ ଅନେକେ ହସ୍ତତନ୍ତ କାରିଗର ବୃତ୍ତି ବଦଳାଇବାକୁ ଚିନ୍ତା ମଧ୍ୟ କଲେଣି।

ଏ ନେଇ ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜିକା ମୋନାଲିସା ଭଞ୍ଜ କୁହନ୍ତି, ସରକାରୀସ୍ତରରେ ଆୟୋଜିତ ମେଳାରେ ବୁଣାକାରଙ୍କ ହାତ ତିଆରି ଜିନିଷ ବିକ୍ରି କରିବା ଲାଗି ଆବଶ୍ୟକ ସହଯୋଗ କରାଯାଉଛି। ଲକ୍‌ଡାଉନ୍ ପରେ ବି ହସ୍ତତନ୍ତ କାରିଗରଙ୍କୁ ପ୍ରୋତ୍ସାହିତ କରାଯିବ। ସ୍ଥିତିରେ ସୁଧାର ଲାଗି ଋଣ ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

### ସରକାରୀ ସହାୟତା ଦାବି

ବୁଣାକାର ପରିବାରକୁ ସୂତା ଯୋଗାଇବା ହେଉ କି ସାମଗ୍ରୀ ତିଆରି କରି ବଜାରରେ ବିକିବା, ସବୁଥିରେ ଶତାଧିକ ଲୋକଙ୍କ ଜୀବିକା ଜଡ଼ିତ ଥିଲା। ଏହି ବିଦ୍ୟାକୁ ପାଥେୟ କରି ପରିବାର ସୁରୁଖୁରୁରେ ଚଳାଇ ହୋଇଯିବ ବୋଲି ବିଶ୍ୱାସ ଥିଲା। ହେଲେ କରୋନା ଏହାକୁ ଭୁଲ ବୋଲି ପ୍ରମାଣିତ କରିଛି। ଆଗାମୀ ଦିନରେ ବୁଣାକାର ପରିବାରର ପିଲାମାନେ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାକୁ ଆଗ୍ରହୀ ହେବେନାହିଁ। ବିକଳ୍ପ ବ୍ୟବସ୍ଥା ଖୋଜିବେ। ସରକାର ଏଥିପ୍ରତି ଗୁରୁତ୍ୱ ଦେବାକୁ ବୁଣାକାର ସଂଘ ସଭାନେତ୍ରୀ ରତ୍ନାବତୀ ସାହୁ, ବୁଣାକାର ଲକ୍ଷ୍ମଣ ନାୟକ, ବିଜୟ ନାୟକ, ଗୁନେଇ ନାୟକ ପ୍ରମୁଖ ଦାବି କରିଛନ୍ତି।

# ତାଲା ପକାଇ ବେପାର

**ଢେଙ୍କାନାଳ ଅଫିସ, ୨୮।୫**

- ନିୟମ ମାନୁନାହାନ୍ତି ବ୍ୟବସାୟୀ
- ଅଫ୍‌ଲାଇନ୍‌ରେ ଚାଲିଛି ବ୍ୟବସାୟ
- ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

ଢେଙ୍କାନାଳ ଜିଲାରେ ଲକ୍‌ଡାଉନ୍ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇ ମଦ କାରବାର ଚାଲିଛି। ଦୋକାନ ଆଗପଟେ ଶଟର ପକାଇ ପଛପଟେ ବେପାର କରୁଛନ୍ତି ବ୍ୟବସାୟୀ। ଅନ୍‌ଲାଇନ୍ ପରିବର୍ତ୍ତେ ଅଫ୍‌ଲାଇନ୍‌ରେ ଏପରି କାରବାର ଚଳାଇଥିବା ଅଭିଯୋଗ ହୋଇଛି। କେତେଜଣ ବୁଦ୍ଧିଜୀବୀ ଏ ନେଇ ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଇ ନ ଥିଲା। ଘଟଣା ପ୍ରଘଟ ହେବା ପରେ ଗୁରୁବାର ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଜିଲାରେ ୩୯ ଅଫ୍‌ଶପ୍, ୮ ବାର ଏବଂ ପାର୍ଲର ରହିଛି। ଅନ୍‌ଲାଇନରେ ବିକ୍ରି ପାଇଁ ୨୩ ଅନଶପ୍ ଏବଂ ୭ଟି ବାରକୁ ଅନୁମତି ମିଳିଛି। ତେବେ କେତେକ ବ୍ୟବସାୟୀ ଦୋକାନ ପଛପଟେ ଅଫ୍‌ଲାଇନ୍‌ରେ ବ୍ୟବସାୟ କରୁଛନ୍ତି। ସୂଚନା ଥିବା ସତ୍ତ୍ୱେ ଅବକାରୀ ବିଭାଗ ଅଧିକାରୀ ଏହାକୁ ଘଣ୍ଟ ଘୋଡ଼ାଇବାକୁ ଉଦ୍ୟମ କରୁଥିଲେ। ଏ ସମ୍ପର୍କରେ ସୂଚନା ପାଇ ଜିଲାପାଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଏପରି ବେଆଇନ କାରବାରକୁ ପ୍ରଶ୍ରୟ ନ ଦେବାକୁ ଅବକାରୀ ଅଧୀକ୍ଷକଙ୍କୁ ତାଗିଦ କରିଥିଲେ। ଏଥିସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଅବକାରୀ ବିଭାଗ ଏବଂ ମଦ ବ୍ୟବସାୟୀଙ୍କ ମଧ୍ୟରେ ସଲାସୁତରାରେ ଏପରି କାର୍ଯ୍ୟ ଚାଲିଥିବା ସହରରେ ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀ କୁହନ୍ତି, ମଦବିକ୍ରି ଆରମ୍ଭ ହେବାର ୩ ଦିନ ମଧ୍ୟରେ ୨,୧୪୬ ଅର୍ଡର ମିଳିଥିଲା। ତଦନୁଯାୟୀ ୨,୪୩୦ ଲିଟର ବିଦେଶୀ ଏବଂ ୨୩୩୦ ଲିଟର ବିଅର ବିକ୍ରି ହୋଇଛି। କେତେକ ସ୍ଥାନରେ ଅନ୍‌ଲାଇନ ଅର୍ଡରରେ ହୋମ ଡେଲିଭରି ଦେବାକୁ ଯାଉଥିବା ଦୋକାନ କର୍ମଚାରୀଙ୍କୁ ଆକ୍ରମଣ କରାଯାଇ ମଦ ଛଡାଇ ନିଆଯାଇଥିବା ନଜରକୁ ଆସିଛି। ଏହାକୁ ନେଇ ମଦ ବ୍ୟବସାୟୀମାନେ ଭୟଭୀତ ଥିବା ସେ ସୂଚନା ଦେଇଛନ୍ତି।

## ନଦୀଘାଟରୁ ମୃତଦେହ ଉଦ୍ଧାର

**କଣିହାଁ, ୨୮।୫(ଡି.ଏନ.ଏ.)**

କଣିହାଁ ବ୍ଲକ ଟିକିରା ନଦୀଘାଟରୁ ଗୁରୁବାର କରଡେଇ ଗ୍ରାମର ଚୈତନ୍ୟ ବେହେରାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପାଣିରେ ବୁଡ଼ି ତାଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିବାବେଳେ ପୋଲିସ ନଂ. ୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏନ୍‌ଟିପିସି ଥାନା ଆଇଆଇସି ଦୀପିକା ଦେବୀରାୟଙ୍କ କହିବା ମୁତାବକ, ଚୈତନ୍ୟ ନଦୀକୁ ସ୍ନାନ ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ଅଭିଯୋଗ ପାଇ ତାଙ୍କୁ ଉଦ୍ଧାର କରାଯାଇ ଏନ୍‌ଟିପିସି ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଚୈତନ୍ୟଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

## ପ୍ରବାସୀଙ୍କ ସହ ଆଲୋଚନା କଲେ ସିଡିଏମ୍‌ଓ

**ଅନୁଗୋଳ ଅଫିସ, ୨୮।୫**

ତାଳଚେର କୋଭିଡ୍ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ଅନୁଗୋଳ ସହର ଉପକଣ୍ଠ ଏକ ଅସ୍ଥାୟୀ ମେଡିକାଲ ସେଣ୍ଟରରେ ରହୁଥିବା ୧୫ ଜଣ ପ୍ରବାସୀଙ୍କ ମଧ୍ୟରେ ମଙ୍ଗଳବାର ରାତିରେ ଅସନ୍ତୋଷ ଦେଖାଦେଇଥିଲା। ସେଠାରେ ଥିବା ଡାକ୍ତର ଓ ନର୍ସମାନେ ସେମାନଙ୍କ କଥା ବୁଝୁ ନ ଥିବା ଏବଂ ନିମ୍ନମାନର ଖାଦ୍ୟ ନେଇ ପ୍ରବାସୀମାନେ ଅଭିଯୋଗ କରିଥିଲେ। ଏହି ଘଟଣାର ଅନୁଧ୍ୟାନ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ପ୍ରତାପ ବେହେରା ସେଠାରେ ପହଞ୍ଚି ପ୍ରବାସୀଙ୍କ ସହ ଆଲୋଚନା କରିଥିଲେ। ଡାକ୍ତର ଓ ନର୍ସମାନେ ପ୍ରବାସୀଙ୍କୁ ଚିକିତ୍ସା ଯୋଗାଇବେ ବୋଲି ସିଡିଏମ୍‌ଓ ପ୍ରତିଶ୍ରୁତି ଦେଇଥିଲେ।

## ସଙ୍ଗରୋଧକୁ ବିରୋଧ କରି ଆକ୍ରମଣ, ୫ ଗିରଫ

**ବଇଣ୍ଡା, ୨୮।୫(ଡି.ଏନ.ଏ.):** ସଙ୍ଗରୋଧରେ ରଖିବାକୁ କହିବାରୁ ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା କୋରାବ ଗ୍ରାମର ଏକ ପରିବାରର ୫ ଜଣଙ୍କୁ ପ୍ରବାସୀମାନେ ଭୁଜାଲିରେ ଆକ୍ରମଣ କରିଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ ସହ ଅଭିଯୁକ୍ତ ୫ ପ୍ରବାସୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ସେହି ଗ୍ରାମର ସୁରେନ୍ଦ୍ର ସିଠ, ପୁରନ୍ଦର ସିଠ, ମାମଲା ସିଠ, ଚଗଲା ସିଠ, ଭୀମ ସେଠ। ପୋଲିସ କହିଛି, ବାହାର ରାଜ୍ୟରେ କାମ କରୁଥିବା କେତେଜଣ ଶ୍ରମିକ ଗ୍ରାମକୁ ଫେରିଛନ୍ତି। ଧରଣୀଧର ଖିଲାର ଗ୍ରାମ ସମ୍ପାଦକ ହୋଇଥିବାରୁ ପ୍ରବାସୀଙ୍କୁ ସଙ୍ଗରୋଧରେ ରଖିବା ପାଇଁ ଗ୍ରାମରେ ସମୀକ୍ଷା କରୁଥିବାବେଳେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ଧରଣୀଧରଙ୍କ ସହ ତାଙ୍କ ପରିବାର ସଦସ୍ୟଙ୍କୁ ଆକ୍ରମଣ କରିଥିଲେ।

### ଫଟୋରେ ଖବର



କରୋନା ସଂକ୍ରମଣରୁ ରକ୍ଷା ପାଇଁ ଅନୁଗୋଳର ଜଣେ ଅଟୋ ଚାଳକ ଯାତ୍ରୀ ଓ ତାଙ୍କ ମଝିରେ ପଲିଥିନ ପରଦା ଟାଣିଛନ୍ତି।

## ବ୍ଲକ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ

**କଣିହାଁ, ୨୮।୫(ଡି.ଏନ.ଏ.)-** ବାହାର ରାଜ୍ୟରୁ ଓଡ଼ିଶା ଫେରୁଥିବା ପ୍ରବାସୀଙ୍କ ପାଇଁ ସେପରି କିଛି ବ୍ୟବସ୍ଥା କରାଯାଉ ନ ଥିବା ଅଭିଯୋଗ କରି ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ କଣିହାଁ ବ୍ଲକ କମିଟି ପକ୍ଷରୁ ଗୁରୁବାର ବ୍ଲକ ସମ୍ମୁଖରେ ପ୍ରତିବାଦ ସଭା ଆୟୋଜନ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ସମସ୍ତ ପ୍ରବାସୀ ଶ୍ରମିକ, ମହିଳା, ଶିଶୁମାନଙ୍କ ସୁରକ୍ଷା, ଉପଯୁକ୍ତ ଥଇଥାନ ଆଶା, ଅଙ୍ଗନୱାଡି, ପାଚିକାଙ୍କ ସମେତ ମହିଳା ଶ୍ରମିକଙ୍କୁ ଆର୍ଥିକ ସହାୟତା, ଅମ୍ଫନ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଙ୍ଗଠନର ମାନସୀ ସ୍ୱାଇଁ, ପ୍ରଗତୀ ନାୟକ, ନିର୍ମଳା ସାହୁ, ସରପଞ୍ଚ ଜେମାମଣି ନାଏକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।



ସଙ୍ଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ନୋ ପାର୍କିଂକୁ ନେଇ ଅଡୁଆ

**ଅନୁଗୋଳ ଅଫିସ, ୨୮।୫**

ଅନୁଗୋଳ ପୂର୍ତ୍ତ ବିଭାଗ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ରାସ୍ତା ପାର୍ଶ୍ୱରେ ଗୁରୁବାର ନୋ ପାର୍କିଂ ବୋର୍ଡ ଲଗାଯାଇଛି। ଫଳରେ ଏଠାରେ ଗାଡ଼ି ପାର୍କିଂ କରୁଥିବା ସରକାରୀ ଅଧିକାରୀ, କର୍ମଚାରୀ ଓ ଜନସାଧାରଣ ଅଡୁଆରେ ପଡ଼ିଛନ୍ତି। ପ୍ରଶାସନର ନିର୍ଦ୍ଦେଶ ମୁତାବକ ବୋର୍ଡ ଲଗାଯାଇଥିବା ପୂର୍ତ୍ତ ବିଭାଗର ଜଣେ ଅଧିକାରୀ କହିଛନ୍ତି।

ପ୍ରକାଶ ଯେ, ଅନୁଗୋଳ ଜେଲ୍ ଛକ ଠାରୁ ଷ୍ଟେଟ ବ୍ୟାଙ୍କ ଛକ ମଧ୍ୟରେ ଏଣିକି ଗାଡ଼ି ରଖିବାକୁ ବାରଣ କରାଯାଇଛି। ବିଭିନ୍ନ ସମୟରେ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜୁଥିବାରୁ ପ୍ରଶାସନ ପକ୍ଷରୁ ଏହି ନଷ୍ପତ୍ତି ନିଆଯାଇଛି। କିନ୍ତୁ ଉକ୍ତ ରାସ୍ତା ପାର୍ଶ୍ୱରେ ତାମଡା କାର୍ଯ୍ୟାଳୟ, ଅବକାରୀ ବିଭାଗ ଅଫିସ, ସମଗ୍ରଶିକ୍ଷା କାର୍ଯ୍ୟାଳୟ, ସବ୍‌ରେଜେଷ୍ଟ୍ରି ଅଫିସ, ଇଣ୍ଡିଆନ୍ ବ୍ୟାଙ୍କ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ ରହିଛି। ଏସବୁ ସ୍ଥାନକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକେ ରାସ୍ତା ପାର୍ଶ୍ୱରେ ଗାଡ଼ି ରଖି କାର୍ଯ୍ୟାଳୟ ଭିତରକୁ ଯାଇଥାନ୍ତି। ଏହାଛଡ଼ା କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ଗାଡ଼ି ପାର୍କିଂ ମଧ୍ୟ ରାସ୍ତା ପାର୍ଶ୍ୱରେ କରାଯାଉଥିଲା। ତେବେ ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳରେ ଗାଡ଼ି ରଖିବାକୁ ବାରଣ କରାଯିବାରୁ ଅଧିକାରୀ, କର୍ମଚାରୀ ଓ ସାଧାରଣ ଲୋକମାନେ ଅସୁବିଧାର ସମ୍ମୁଖୀନ ହେବେ। ପ୍ରଶାସନ ପକ୍ଷରୁ ପାର୍କିଂ ବ୍ୟବସ୍ଥା କରା ନ ଯାଇ କାହିଁକି ହଠାତ୍ ଏପରି ବୋର୍ଡ ଲଗାଇ ଦିଆଗଲା ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲା କାର୍ଯ୍ୟାଳୟ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।




## ୩ ଘଣ୍ଟା ଉଡ଼ିଲା ପାଉଁଶ

**କଣିହାଁ, ୨୮।୫(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକ ଅଞ୍ଚଳରେ ଥିବା ପ୍ରକଳ୍ପରୁ ଗୁରୁବାର ଅପରାହ୍ନରେ ୩ ଘଣ୍ଟା ଧରି ପ୍ରବଳ ମାତ୍ରାରେ ପାଉଁଶ ଉଡିଥିଲା। ଏଥିଯୋଗୁ ରାସ୍ତାରେ ଯାଉଥିବା ଲୋକଙ୍କ ସହ ମଶୁଣିହତା, ବଡହୀରା, ଡେରେଙ୍ଗ, ଭୂଇଁପୁର, କଣିହାଁ, ଟାକୁଆ, ବାଲିପଟା ଆଦି ୧୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସେହିପରି ଖଣି ଅଞ୍ଚଳରୁ କୋଇଲାଗୁଣ୍ଡ ଉଡିବାରୁ ଜରଡ଼ା, କଂସମୁଣ୍ଡା, ତେଲିସିଂହା ଆଦି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏଥିପ୍ରତି ପ୍ରଦୂଷଣ ବିଭାଗ ଦୃଷ୍ଟି ଦେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ନରେଶ ସାହୁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ନୀଳମଣି ସାହୁ ପ୍ରମୁଖ ଦାବି କରିଛନ୍ତି।



କଣିହାଁ ଅଞ୍ଚଳରେ ଉଡୁଥିବା ପାଉଁଶ।

## ଚାଷରେ ପ୍ରବାସୀ ଶ୍ରମିକଙ୍କୁ ନିୟୋଜିତ କର

**ଅନୁଗୋଳ ଅଫିସ, ୨୮।୫**



ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବୈଠକ।

- ଖରିଫ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକ
- ଚାଷୀଙ୍କୁ ଦିଆଯିବ ୩୧୦ କୋଟିର ଋଣ
- ୮୭ ହଜାର ହେକ୍ଟର ପାଇଁ ଫସଲ ଖସଡ଼ା

କରୋନା ସଂକ୍ରମଣ ବ୍ୟାପୁଥିବାରୁ ବାହାର ରାଜ୍ୟରେ ଥିବା ଅନୁଗୋଳ ଜିଲାର ଶ୍ରମିକମାନେ ଘରମୁହାଁ ହୋଇଛନ୍ତି। ତେଣୁ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଚାଷ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ଗୁରୁବାର ଜିଲା କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଅନୁଷ୍ଠିତ ଚଳିତ ଖରିଫ କୃଷି ନୀତି ନିର୍ଦ୍ଧାରଣ କମିଟି ବୈଠକରେ ଜିଲାପାଳ ମନୋଜ କୁମାର ମହାନ୍ତି ଗୁରୁତ୍ୱାରୋପ କରିଛନ୍ତି। ଏଥିସହ ସେମାନଙ୍କୁ ଋଣ ଯୋଗାଇ ଦେବାକୁ ଜିଲାପାଳ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି।

ବୈଠକ ପ୍ରାରମ୍ଭରେ ଜିଲା ମୁଖ୍ୟ କୃଷି ଅଧିକାରୀ ଭୋଳାଶଙ୍କର ବେହେରା କୃଷି ଓ ଏହାର ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସହ ଜଳସେଚନ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ଜିଲାପାଳ ମହାନ୍ତି ଜିଲାରେ ଥିବା ବିଭିନ୍ନ ଜଳଉତ୍ସରୁ ଚାଷ କାର୍ଯ୍ୟ ପାଇଁ ଆବଶ୍ୟକ ପାଣି କିପରି ଯୋଗାଇ ଦିଆଯାଇପାରିବ ସେଥିପାଇଁ ବିଭାଗୀୟ କର୍ମକର୍ତ୍ତାମାନେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ଜିଲାରେ ୮୩ ହଜାର ୮୪୮ ହେକ୍ଟରରେ ଧାନ, ୩ ହଜାର ୨୦୨ ହେକ୍ଟରରେ ଅଣଧାନକୁ ମିଶାଇ ମୋଟ୍ ୮୭ ହଜାର ୫୦ ହେକ୍ଟର ଜମିରେ ଫସଲ ଖସଡ଼ା ପ୍ରସ୍ତୁତି ହୋଇଛି। ସେଥିରୁ ୬୮ ହଜାର ୪୫୮ ହେକ୍ଟର ଜମିକୁ ଜଳସେଚନ ଯୋଗାଇ ଦିଆଯିବାର ଯୋଜନା ରହିଛି। ସେହିପରି ଜିଲାରେ ୧୦୩ଟି କୃଷି ସମବାୟ ସମିତି ମାଧ୍ୟମରେ ୧୨୩୨୮ କୁଇଣ୍ଟାଲ ଧାନ, ୧୦୦ କୁଇଣ୍ଟାଲ ବିରି, ୩୦ କୁଇଣ୍ଟାଲ ହରଡ଼, ୧୦୦ କୁଇଣ୍ଟାଲ ଚିନାବାଦାମ ଓ ୬୦ କୁଇଣ୍ଟାଲ ଧନିଚା ବିହନ ଡିବିଟି ମାଧ୍ୟମରେ ବିକ୍ରୟ କରାଯିବ। ବିଭିନ୍ନ କୃଷି ସମବାୟ ସମିତି ମାଧ୍ୟମରେ ଚାଷୀମାନେ ରିହାତି ଦରରେ ଧାନ ବିହନ କିଣିବେ। ସମବାୟ ଓ ବ୍ୟବସାୟିକ ବ୍ୟାଙ୍କ ମାଧ୍ୟମରେ ଚାଷୀମାନଙ୍କୁ ୩୧୦ କୋଟି ଟଙ୍କାର ଋଣ ଯୋଗାଇ ଦିଆଯିବ। ଚଳିତ ଖରିଫ ଋତୁ ପାଇଁ ଆବଶ୍ୟକ ୧୪ ହଜାର ୨୦୦ ମେଟ୍ରିକ ଟନ୍ ସାରରୁ ବର୍ତ୍ତମାନ ୫୦୦ ଟନ୍ ୟୁରିଆ ଗଚ୍ଛିତ ଅଛି ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, କୃଷି ଓ ଏହାର ଆନୁଷଙ୍ଗିକ ବିଭାଗ ଗୁଡ଼ିକର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।



ନିର୍ମଳ କୁମାର ମିଶ୍ର

# ଖୁସିର ଲହରି

**କରୋନା ଭାଇରସ୍‌ଜନିତ ଲକ୍‌ଡାଉନ୍ କାରଣରୁ ସାରା ବିଶ୍ୱରେ କ୍ରୀଡ଼ା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ଲକ୍‌ଡାଉନ୍ ଶେଷ ହେବା ପୂର୍ବରୁ ଖେଳାଳିମାନଙ୍କୁ ଅଭ୍ୟାସ ପାଇଁ ଅନୁମତି ମିଳିଛି। ଖେଳ ପଡିଆରେ ଦେଖିବାକୁ ମିଳିଛି ଖୁସିର ଲହରି..**



ନୀରଜ ଚୋପ୍ରା



ହିମା ଦାସ

କୋଭିଡ୍-୧୯ ଜନିତ ଲକ୍‌ଡାଉନ୍ ଯୋଗୁ ଅନେକଗୁଡିଏ ଜାତୀୟ/ଅନ୍ତର୍ଜାତୀୟ ପ୍ରତିଯୋଗିତା ବାତିଲ ହୋଇଛି। ପଡ଼ିଆରେ ଅଭ୍ୟାସକୁ ବାରଣ କରାଯାଇ ଥିବାରୁ ଚିନ୍ତାରେ ରହିଥିଲେ କ୍ରୀଡ଼ାବିତ୍। ସମସ୍ତ ପ୍ରକାର କ୍ରୀଡ଼ା କାର୍ଯ୍ୟକଳାପ ଚଳିତବର୍ଷ ପାଇଁ ବନ୍ଦ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। କ୍ଲବ ଏବଂ ପ୍ରଶିକ୍ଷଣ ଶିବିରଗୁଡିକ ଖାଁ ଖାଁ ଲାଗୁଥିଲା। ଖେଳାଳିଙ୍କ ମନରୁ ସରସତା ଚାଲିଯାଇଥିଲା। ମାତ୍ର ଖୁସିର କଥା ଯେ କେନ୍ଦ୍ର ସରକାର ଚତୁର୍ଥ ପର୍ଯ୍ୟାୟ ଲକ୍‌ଡାଉନ୍ ଶେଷ ହେବା ପୂର୍ବରୁ ଖେଳାଳିମାନଙ୍କୁ ପଡ଼ିଆରେ ଅଭ୍ୟାସ ପାଇଁ ଅନୁମତି ଦେଇଛନ୍ତି, ଯାହା କି କ୍ରୀଡ଼ାଜଗତକୁ ବିଶେଷ କରି ଟ୍ରେନିଂ ସେଣ୍ଟରଗୁଡିକୁ ପୁନର୍ବାର ଚଳଚଞ୍ଚଳ କରିଛି। ଖେଳ ପଡିଆରେ ଦେଖିବାକୁ ମିଳିଛି ଖୁସିର ଲହରି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ, ତାରକା ଧାବକ ଅମିୟ ମଲିକଙ୍କ ଭଳି କିଛି ଆଥଲେଟ୍ ଅଭ୍ୟାସ ପାଇଁ ଫେରିଛନ୍ତି। ରାଜ୍ୟର କ୍ଲବଗୁଡିକ ସକ୍ରିୟ ହୋଇ ପଡ଼ିଥିଲେ ହେଁ ଦଳଗତ ଖେଳଗୁଡିକରେ ବ୍ୟାପକ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି। ମାସ୍କ ବ୍ୟବହାର ଏବଂ ସାମାଜିକ ଦୂରତା ବଜାୟ ରଖିବା ପାଇଁ ନିର୍ଦ୍ଦେଶ ରହିଛି।

କ୍ରିକେଟ ଅଭ୍ୟାସ ସମୟରେ ସତର୍କତା ଦୃଷ୍ଟିକୋଣରୁ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) କେତେଗୁଡିଏ କଟକଣା ମାନିବାକୁ ଟେଷ୍ଟ ଖେଳୁଥିବା ଦେଶ ଏବଂ ସହଯୋଗୀ ସଦସ୍ୟଗୁଡ଼ିକୁ ପରାମର୍ଶ ଦେଇଛି। ନୂଆ ନିୟମ ମଧ୍ୟରେ କୌଣସି ମ୍ୟାଚ ଆରମ୍ଭ କିମ୍ବା ସମାପ୍ତ ହେବା ପରେ କରମର୍ଦ୍ଦନ କରିବାକୁ ବାରଣ କରାଯାଇଛି। କୌଣସି ବୋଲର ଉଇକେଟ ନେବା ସମୟରେ ଖେଳାଳିମାନେ ପରସ୍ପରକୁ ଆଲିଙ୍ଗନ କରିପାରିବେ ନାହିଁ କିମ୍ବା ଏକତ୍ରିତ ହୋଇପାରିବେ ନାହିଁ। ମ୍ୟାଚ ସମୟରେ ଅମ୍ପାୟର ମଧ ଖେଳାଳିଙ୍କଠାରୁ ସନ୍‌ଗ୍ଲାସ, କ୍ୟାପ, ଟାୱେଲ ଆଦି ପଦାର୍ଥ ନିଜ ପାଖରେ ରଖିବେ ନାହିଁ। ବୋଲରମାନେ ବଲକୁ ଚିକ୍କଣ କରିବା ପାଇଁ ବ୍ୟବହାର କରୁଥିବା ଲାଳ କିମ୍ବା ଛେପ ମଧ ବ୍ୟବହାର କରିପାରିବେ ନାହିଁ।

ରିପୋର୍ଟ ଅନୁସାରେ ଟ୍ରାକ୍ ଧାବକ ଓ ଥ୍ରୋ ଇଭେଣ୍ଟକୁ କ୍ୟାରିୟର କରୁଥିବା ଆଥଲେଟ୍‌ମାନେ ଏନଆଇଏସ ପଟିଆଲା, ରେସ୍ ୱାକରମାନେ ବେଙ୍ଗାଲୁରୁସ୍ଥିତ ସାଇ(ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ) ସେଣ୍ଟର ଓ ଲଙ୍ଗ ଡିଷ୍ଟାନ୍ସ ରନରମାନେ ତାମିଲନାଡୁର ଉଟିଠାରେ ଆଉଟଡୋର ଟ୍ରେନିଂ ଆରମ୍ଭ କରିଛନ୍ତି। ଲକ୍‌ଡାଉନ୍ ଯୋଗୁ ରୁମ୍‌ରେ ୨ ମାସରୁ ଅଧିକ ଆବଦ୍ଧ ହୋଇ ରହିବାପରେ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା, ସ୍ପ୍ରିଣ୍ଟର ହିମା ଦାସ ପ୍ରମୁଖ ପଟିଆଲାସ୍ଥିତ ସାଇ ସେଣ୍ଟରରେ ବୁଧବାର ଆଉଟଡୋର ଅଭ୍ୟାସ କରିଛନ୍ତି। ସ୍ୱାସ୍ଥ୍ୟ ସମ୍ପର୍କିତ ସରକାରଙ୍କ ଗାଇଡଲାଇନ୍‌କୁ କଡ଼ାକଡ଼ି ପାଳନ କରାଯାଉଛି ବୋଲି ସାଇ ପକ୍ଷରୁ ପ୍ରକାଶ କରାଯାଇଛି। ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସ(ଏନଆଇଏସ) ଭାବେ ପରିଚିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସି(ଏନ୍‌ସିଓଇ) ଏବେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭାରୋତ୍ତୋଳକଙ୍କ ପ୍ରିୟ ସ୍ଥାନ ପାଲଟିଛି। ବେଙ୍ଗାଲୁରୁଠାରେ ଭାରତୀୟ ମହିଳା ଓ ପୁରୁଷ ହକି ଦଳ ଏବଂ କେ.ଟି. ଇରଫାନ ଓ ଭାୱନା ଜାଟ୍‌ଙ୍କ ପରି ରେସ୍ ୱାକର ରହିଛନ୍ତି।

ଆଉଟଡୋର ଅଭ୍ୟାସ ଖେଳାଳିମାନଙ୍କ ମନରେ ଆଶା ସଞ୍ଚାର କରିଛି। ଲକ୍‌ଡାଉନ୍ ଯୋଗୁ ଗୃହାବଦ୍ଧ ହୋଇ ରହିଥିବାରୁ ପଡ଼ିଆକୁ ଓହ୍ଲାଇ ସମସ୍ତେ ଖୁସି। ସମସ୍ତ କାର୍ଯ୍ୟକ୍ରମ ମନ୍ଥର ଗତିରେ ଆଗକୁ ବଢ଼ିବାକୁ ଥିଲେ ହେଁ ଏଥିପାଇଁ କେହି ଚିନ୍ତିତ ନୁହନ୍ତି। ସମୟକ୍ରମେ କରୋନାର ଛାୟା ଅପସରି ଯିବ ଏବଂ କ୍ରୀଡା ପ୍ରେମୀମାନେ ଭରପୂର ଷ୍ଟାଡିୟମ୍‌ରେ ମ୍ୟାଚଗୁଡିକର ମଜ୍ଜା ଉଠାଇବା ଆଶା କରାଯାଉଛି।

# ଜୋକୋଭିଚ୍‌ଙ୍କ ରେକର୍ଡ ଲକ୍ଷ୍ୟ



**ସର୍ବୀୟ ଟେନିସ ତାରକା ନୋଭାକ ଜୋକୋଭିଚ୍ ଆଉ ଦୁଇଟି ରେକର୍ଡ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛନ୍ତି। ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବା ସହ ପୁଣି ୧ ନମ୍ବର ସ୍ଥାନରେ ସର୍ବାଧିକ ସପ୍ତାହରେ ରହି ବିଶ୍ୱ ରେକର୍ଡ ଭଙ୍ଗ କରିବେ ବୋଲି ଜୋକୋଭିଚ୍ କହିଛନ୍ତି...**

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟେନିସ ଖେଳାଳି ବିବେଚିତ ହେଉଥିବା ସର୍ବିୟାର ନୋଭାକ ଜୋକୋଭିଚ୍ ଲକ୍‌ଡାଉନ୍ ଶେଷ ହେବା ପରେ ଫର୍ମକୁ ଫେରି ନିଜର ପୂର୍ବଚମକ ଦେଖାଇବା ଲକ୍ଷ୍ୟରେ ରହିଛନ୍ତି। ଖୁବ୍ କମ୍ ସମୟ ମଧ୍ୟରେ ଅସାଧାରଣ ପ୍ରଦର୍ଶନ କରି ସେ ଦୃଷ୍ଟାନ୍ତମୂଳକ ସଫଳତା ହାସଲ କରିଛନ୍ତି। ଟେନିସରେ ପ୍ରାୟ ସବୁ ପ୍ରକାର ସଫଳତା ଅର୍ଜନ କରିଥିବା ଜୋକୋଭିଚ୍ କିନ୍ତୁ ଦୁଇଟି ରେକର୍ଡ ହାସଲ କରିପାରି ନାହାନ୍ତି। ଏବେ ସେ ବିଶ୍ୱର ଦୁଇ ଦୁଇଟି ରେକର୍ଡ ଭାଙ୍ଗିପାରିବେ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। କ୍ୟାରିୟର ଶେଷ କରିବା ପୂର୍ବରୁ ଜଣେ ସର୍ବଶ୍ରେଷ୍ଠ ଗ୍ରାଣ୍ଡସ୍ଲାମ ଟାଇଟଲ ବିଜେତା ଭାବେ ନିଜକୁ ପ୍ରମାଣିତ କରିବି। ସର୍ବାଧିକ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲରେ ସମସ୍ତଙ୍କୁ ପଛରେ ପକାଇବି ବୋଲି ସେ କହିଛନ୍ତି। ପୁଣି ୧ ନମ୍ବର ସ୍ଥାନରେ ସର୍ବାଧିକ ସପ୍ତାହରେ ରହି ବିଶ୍ୱରେକର୍ଡ ଭଙ୍ଗ କରିବି ବୋଲି ଜୋକୋଭିଚ୍ କହିଛନ୍ତି।

ସର୍ବିୟାର ବେଲଗ୍ରେଡ୍‌ରେ ଜନ୍ମିତ ଓ ୨୦୦୩ରେ ପେସାଦାର ଟେନିସରେ ପଦାର୍ପଣ କରିଥିବା ଜୋକୋଭିଜ୍ ଏପର୍ଯ୍ୟନ୍ତ ୧୭ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ସେ ରୋଜର ଫେଡରର ୨୦ ଓ ରାଫାଲ ନାଡାଲଙ୍କ ୧୯ଟି ଟାଇଟଲରୁ ଯଥାକ୍ରମେ ୩ ଓ ୨ଟି ପାଦ ଦୂରରେ ରହିଛନ୍ତି। କୋଭିଡ୍-୧୯ କାରଣରୁ ୨୦୨୦ ସେସନ ବନ୍ଦ ହେବା ପୂର୍ବରୁ ଜୋକୋଭିଚ୍ ତାଙ୍କର ଅଷ୍ଟମ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିଥିଲେ ଓ ବିଜୟଧାରାକୁ ୧୮-୦ରେ ପହଞ୍ଚାଇଥିଲେ। ଏହି ଦୁଇଟି ରେକର୍ଡ ଭାଙ୍ଗିବାକୁ ସମର୍ଥ ଓ ଏହା ମୋର ଲକ୍ଷ୍ୟ ବୋଲି ସେ ଦୃଢତାର ସହ କହିଛନ୍ତି। ସେ ୨୮୨ ସପ୍ତାହ ବିଶ୍ୱର ୧ ନମ୍ବର ସ୍ଥାନରେ ରହି ରେକର୍ଡ କରିଥିଲେ। ତେବେ ଫେଡେରର ୩୧୦ ସପ୍ତାହ ଓ ପୂର୍ବତନ ଖେଳାଳି ପିଟ୍ ସାମ୍ପ୍ରାସ୍ ୨୮୬ ସପ୍ତାହ ୧ ନମ୍ବର ସ୍ଥାନରେ ରହିଥିଲେ। ତେବେ ବୟସ ଜୋକୋଭିଚ୍‌ଙ୍କ ସପକ୍ଷରେ ରହିଛି। ସେ ଆସନ୍ତା ୨୨ ତାରିଖରେ ୩୩ତମ ଜନ୍ମଦିନ ପାଳନ କରିବାକୁ ଯାଉଛନ୍ତି। ଅନ୍ୟପଟେ ଫେଡରର ଅଗଷ୍ଟରେ ୩୯ ଓ ନାଡାଲ ଜୁନ୍‌ରେ ୩୪ ବର୍ଷରେ ପଦାର୍ପଣ କରିବେ। ଜୋକୋଭିଚ୍ ୪୦ ବର୍ଷ ପର୍ଯ୍ୟନ୍ତ ଖେଳିବେ ବୋଲି ଆଶା ରଖିଛନ୍ତି। ଅପେକ୍ଷାକୃତ କମ୍ ବୟସ ହୋଇଥିବାରୁ ଓ ଫିଟ୍ ନେସ ଦୃଷ୍ଟିକୋଣରୁ ବେଶ୍ ଆଗରେ ଥିବାରୁ ଜୋକୋଭିଚ୍ ତାଙ୍କର ଏହି ଲକ୍ଷ୍ୟରେ ସଫଳ ହେବେ ବୋଲି ଆଶା କରାଯାଉଛି। ଆଉ ମାତ୍ର କିଛିବର୍ଷ ଫର୍ମ ଓ ଫିଟ୍‌ନେସ ବଜାୟ ରଖିଲେ ଜୋକୋଭିଚ୍ ଏହି ଦୁଇଟି ରେକର୍ଡ ସହ ଆହୁରି ଏକାଧିକ ରେକର୍ଡ ସୃଷ୍ଟି କରିପାରିବେ ବୋଲି ଆଶାକରାଯାଉଛି।



**ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ନିଜ ପ୍ରିୟ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କୋଚ୍ ନାଗାପୁରୀ ରମେଶଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଟ୍ରେନିଂ ଆରମ୍ଭ କରିଛନ୍ତି। ବିନା କୋଚ୍, ଫିଜିଓଙ୍କ ଉପସ୍ଥିତିରେ ଖୋଲା ଷ୍ଟାଡିୟମରେ ଦୂତୀ ଅଭ୍ୟାସ କରୁଛନ୍ତି। ଗତବର୍ଷ ଯାହା ପ୍ରସ୍ତୁତି ହୋଇଥିଲା ତାହା ବେକାର ଗଲା। ତେଣୁ ଦୂତୀଙ୍କୁ ପୁଣି ଜିରୋରୁ ଆରମ୍ଭ କରିବାକୁ ହେଉଛି....**

# 'ଜିରୋରୁ ଆରମ୍ଭ'

ଆଥଲେଟମାନଙ୍କୁ ଆଉଟଡୋର ଟ୍ରେନିଂ ପାଇଁ ଅନୁମତି ପରେ ଖେଳ ପଡ଼ିଆକୁ ଜୀବନ ଫେରିଛି। କରୋନା ଭାଇରସ ସଂକ୍ରମଣଜନିତ ଲକ୍‌ଡାଉନ୍ କଟକଣା ଯୋଗୁ ୨ ମାସରୁ ଉର୍ଦ୍ଧ୍ୱ ସମୟଧରି ଘରେ ଆବଦ୍ଧ ହୋଇ ରହିବାରୁ ଅଧିକାଂଶ ଆଥଲେଟ୍‌ଙ୍କ ଫିଜିକାଲ ଫିଟନେସ ସ୍ତର ଜିରୋ(୦) ହୋଇଯାଇଛି। ଏବେ ସେମାନଙ୍କୁ ମୂଳରୁ ଆରମ୍ଭ କରିବାକୁ ପଡୁଛି। ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦଙ୍କ କ୍ଷେତ୍ରରେ ମଧ ସମାନ ଅବସ୍ଥା। ସେ ନିଜ ପ୍ରିୟ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂକୁ ଓହ୍ଲାଇଛନ୍ତି। ହାଇଦ୍ରାବାଦରେ ରହୁଥିବା କୋଚ୍ ନାଗାପୁରୀ ରମେଶ ପ୍ରସ୍ତୁତ କରିଥିବା କାର୍ଯ୍ୟସୂଚୀ ଅନୁସାରେ ଟ୍ରେନିଂ ଆରମ୍ଭ କରିଥିବା ଦୂତୀ ସୂଚନା ଦେଇଛନ୍ତି। "ଏବେ ପାଖରେ କୋଚ୍, ଫିଜିଓ, ରନିଂ ପାର୍ଟନର କେହିହେଲେ ନାହାନ୍ତି। ଷ୍ଟାଡିୟମ ଖୋଲା ହେବାରୁ ମୁଁ ଏକାକୀ ଯେତିକି ଅଭ୍ୟାସ କରିହେବ ତାହା କରୁଛି। କୋଚ୍ ଅନ୍‌ଲାଇନ୍‌ରେ ଭିଡିଓ ମାଧ୍ୟମରେ ଗାଇଡ୍ କରୁଛନ୍ତି। ସକାଳ ୭ଟାରୁ ୯ଟା ଏବଂ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଅଭ୍ୟାସ କରୁଛି। ଗତବର୍ଷ ଯାହା ପ୍ରସ୍ତୁତି ହୋଇଥିଲା ତାହା ବେକାର ଗଲା। ଏବେ ପୁଣି ମୂଳରୁ ଆରମ୍ଭ କରିବାକୁ ହେଉଛି। ବର୍ତ୍ତମାନ ବଡି ଫିଟ୍‌ନେସକୁ ଗୁରୁତ୍ୱ ଦିଆଯାଉଛି। ବଡି ଫିଟ୍ ହେଲେ ଏଣ୍ଡୁରାନ୍ସ ଟ୍ରେନିଂ ଏବଂ ତା' ପରେ ଯାଇ ସ୍ପିଡ୍ ଟ୍ରେନିଂ ଆରମ୍ଭ ହେବ। ଏହା ଅତିକମ୍‌ରେ ୩-୪ ମାସର କଥା। ଟ୍ରାକ୍‌ରେ ଦୌଡ଼ିବା ପୂର୍ବରୁ ମାଂସପେଶୀ, ଜଏଣ୍ଟକୁ ଶକ୍ତିଶାଳୀ କରିବା ପାଇଁ ବିଭିନ୍ନ ଟ୍ରେନିଂ କରାଯାଇଥାଏ। ଜିମ୍‌ରେ ମଧ ବେଶ୍ ଝାଳ ବୁହାଇବାକୁ ପଡ଼ିଥାଏ। ତେଣୁ ମୁଁ ଟ୍ରାକ୍‌କୁ ଆସିବା ପାଇଁ ୨ ମାସ ସମୟ ଲାଗିଯିବ" ବୋଲି ଦୂତୀ ପ୍ରକାଶ କରିଛନ୍ତି। ଆଇଏଏଫ (ଅନ୍ତର୍ଜାତୀୟ ଆଥଲେଟିକ୍ ଫେଡେରେଶନ) ଡିସେମ୍ବର ପର୍ଯ୍ୟନ୍ତ କୌଣସି ଟୁର୍ନାମେଣ୍ଟ ନ କରିବା ପାଇଁ ପରାମର୍ଶ ଦେଇଛି। ଯଦି ବି କୌଣସି ଟୁର୍ନାମେଣ୍ଟ ହୁଏ ତେବେ ତାହା ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଭାବେ ପରିଗଣିତ ହେବନାହିଁ। ତେଣୁ ତରବର ନ ହୋଇ ବର୍ତ୍ତମାନ କେବଳ ନିଜ ଫିଟ୍‌ନେସ ଉପରେ ହିଁ ଧ୍ୟାନ ଦେଉଛି ବୋଲି ଏହି ଜାତୀୟ ରେକର୍ଡଧାରିଣୀ କହିଛନ୍ତି।



ରୁଦ୍ରପ୍ରସନ୍ନ ରଥ

**ଭାରତ ତଥା ବିଶ୍ୱ ହକିରେ ଏକ ଯୁଗର ଅବସାନ ଘଟିଛି। କ୍ରମାଗତ ୩ଥର ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବଲବୀର ସିଂ ସିନିୟରଙ୍କ ପରଲୋକ ହୋଇଛି। ଆଧୁନିକ ଯୁଗର ଧ୍ୟାନଚାନ୍ଦ କୁହାଯାଉଥିବା ପଦ୍ମଶ୍ରୀ ବଲବୀର ଆମ ସମସ୍ତଙ୍କୁ ଛାଡି ଚିରନିଦ୍ରାରେ ଶୋଇ ଯାଇଛନ୍ତି। ଫଳରେ ହକି ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି....**

# ବିଦାୟ ବଲବୀର

ସେ କାଳଖଣ୍ଡର ଗୋଟିଏ ସମୟରେ ଜନ୍ମ ନେଇଥିଲେ ବି ତାଙ୍କର ଚର୍ଚ୍ଚା ସେ କାଳଖଣ୍ଡକୁ ଅତିକ୍ରମ କରିଯାଇଥିଲା। ସେ ଗୋଟିଏ ଦେଶର ଭୌଗୋଳିକ ପରିସୀମାରେ ଜନ୍ମଗ୍ରହଣ କରିଥିଲେ ବି ତାଙ୍କୁ ଭଲ ପାଉଥିବା କୋଟି କୋଟି ଲୋକ ସେ ଦେଶର ଭୌଗୋଳିକ ପରିସୀମା ବାହାରେ ଥିଲେ। ସେ ତାଙ୍କ ସମୟର ହାତ ଗଣତି ଲୋକଙ୍କ ଭିତରୁ ଥିଲେ, ଯିଏ ଭାରତୀୟ ହକିର ସ୍ୱର୍ଣ୍ଣିମ କାଳ ଏବଂ ଏହାର ଭୂଲୁଣ୍ଠିତ ବର୍ତ୍ତମାନକୁ ଏକାସମୟରେ ଦେଖିଥିଲେ। ସେ ଭାରତକୁ ଥରେ ନୁହେଁ ତିନି ତିନିଥର ଅଲିମ୍ପିକ ଚାମ୍ପିୟନ କରାଇ ସ୍ୱର୍ଣ୍ଣ ପଦକ ଜିତାଇଥିଲେ। ଭାରତ ଜିତିଥିବା ଏକମାତ୍ର ହକି ବିଶ୍ୱକପ ବେଳେ ବି ସେ ଦଳ ସହ ଥିଲେ ଜଣେ ମ୍ୟାନେଜର ହୋଇ। ଭାରତୀୟ ହକିରେ ଯଦି ମେଜର ଧ୍ୟାନଚାନ୍ଦଙ୍କ ପରେ ସବୁଠୁ ଅଧିକ କାହାର ଚର୍ଚ୍ଚାହୁଏ ତେବେ ସେ ଥିଲେ ବଲବୀର ସିଂ ସିନିୟର। ବଲବୀର ଏବେ ପୃଥିବୀକୁ ଅଲବିଦା କହି ଚାଲିଯାଇଛନ୍ତି ସେଇସ୍ଥାନକୁ ଯେଉଁଠିକୁ ମଣିଷ ଯାଏ ସିନା ହେଲେ ଆଉ ଫେରେନାହିଁ। ମୋହାଲିରେ ମେ' ୨୫ରେ ୯୬ ବର୍ଷ ବୟସରେ ଏହି ପ୍ରଥିତଯଶା ଖେଳାଳି ତଥା ସ୍ୱାଧୀନ ଭାରତର ପ୍ରଥମ କ୍ରୀଡ଼ା ମହାନାୟକଙ୍କର ଜୀବନର ଯବନିକା ପଡିଛି । ପଦ୍ମଶ୍ରୀ ବଲବୀର ସିଂ ସିନିୟର ଏବେ ଆମ ସମସ୍ତଙ୍କୁ ଛାଡି ଚିରନିଦ୍ରାରେ ଶୋଇ ଯାଇଛନ୍ତି। ଆଉ ଏହା ସହିତ ଭାରତୀୟ ହକିର ଏକ ଯୁଗର ଅନ୍ତ ହୋଇଛି।

ବିଶ୍ୱର ଏହି କିମ୍ବଦନ୍ତୀ ହକି ଖେଳାଳି ଜଣେ ସୁପ୍ରସିଦ୍ଧ ସେଣ୍ଟର ଫରୱାର୍ଡଭାବେ ଖ୍ୟାତଥିଲେ। ୧୯୪୮,୧୯୫୨ ଆଉ ୧୯୫୬ ଅଲିମ୍ପିକ୍ସରେ ସେ ଭାରତକୁ ସ୍ୱର୍ଣ୍ଣ ପଦକ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ସମୟ ଭାରତ ପାଇଁ ବେଶ୍ ସ୍ୱତନ୍ତ୍ର ଥିଲା। ୧୯୫୨ରେ ଭାରତ ଅଲିମ୍ପିକ୍ସ ଫାଇନାଲରେ ହଲାଣ୍ଡକୁ ୬-୧ ଗୋଲରେ ହରାଇଥିଲା ଏବଂ ଏଥିରେ ଏକାକୀ ବଲବୀର ୫ଟି ଗୋଲ ଦେଇଥିଲେ। ଗୋଟିଏ ଫାଇନାଲରେ ଜଣେ ଏକକାଳୀନ ଏତେଗୁଡିଏ ଗୋଲ ଦେବା ଏକ ବିଶ୍ୱ ରେକର୍ଡ, ଯାହା ଆଜିଯାଏ ଅତୁଟ ଅଛି।

ସେ ଲଗାତର ତିନି ବର୍ଷ ୧୯୪୩, ୧୯୪୪, ୧୯୪୫ରେ ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ଅଖିଳ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଚାମ୍ପିୟନ କରାଇଥିଲେ। ଭାରତ ବିଭାଜନ ପରେ ପଞ୍ଜାବ ପୋଲିସ୍‌ରେ ସେ ଚାକିରି କରୁଥିବାରୁ ତାଙ୍କୁ ପରିବାର ସହ ଲୁଧିଆନା ଆସିବାକୁ ପଡିଲା। ପଞ୍ଜାବ ପୋଲିସ ପକ୍ଷରୁ ସେ ପ୍ରାୟ ୧୯୪୧-୧୯୬୧ ଯାଏ ଖେଳିଥିଲେ। ବଲବୀରଙ୍କୁ ସମସ୍ତେ ବଲବୀର ସିଂ ସିନିୟର ବୋଲି ଡାକୁଥିଲେ, କାରଣ ସେତେବେଳେ ଏକାଧିକ ବଲବୀର ସିଂ ଖେଳୁଥିଲେ। ତାଙ୍କ ସହିତ ଏବଂ ପରେ ମୋଟ ଛଅ ଜଣ ଖେଳିଥିଲେ। ଏକ ସମୟରେ ତ ଭାରତୀୟ ହକି ଦଳରେ ୪ଜଣ ବଲବୀର ଖେଳୁଥିଲେ। ଏଣୁ ସୁବିଧା ପାଇଁ ତାଙ୍କୁ ବଲବୀର ସିଂ ସିନିୟର ବୋଲି ସମସ୍ତେ ଡାକୁଥିଲେ। ୧୯୮୨ ଏସିଆନ ଗେମ୍ସର ଜ୍ୟୋତି ପ୍ରଜ୍ୱଳନ ଦାୟିତ୍ୱ ମଧ୍ୟ ତାଙ୍କ ଉପରେ ନ୍ୟସ୍ତ ହୋଇଥିଲା। ତାଙ୍କୁ ହକି ଇଣ୍ଡିଆ ତରଫରୁ ଧ୍ୟାନଚାନ୍ଦ ଲାଇଫ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ମଧ୍ୟ ମିଳିଥିଲା। ନିଜର ଦୀର୍ଘ କ୍ୟାରିୟରରେ ୬୧ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ସେ କରିଥିଲେ ୨୪୬ ଗୋଲ। ମ୍ୟାଚ୍ ପିଛା ଚାରୋଟି ଗୋଲ, ସତରେ ଭାବିଲେ ମୁଣ୍ଡରେ ଚକ୍କର ଆସିଯାଏ। ବିଶ୍ୱର ସର୍ବଶ୍ରେଷ୍ଠ ସେଣ୍ଟର ଫରୱାର୍ଡ ବୋଲି ଦର୍ଶାଇବାକୁ ଏତିକି ଯଥେଷ୍ଟ ନୁହେଁ କି?



ହକି ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ବଲବୀର ଭାରତୀୟ ହକିର ଅଧୋଗତିରେ ମ୍ରିୟମାଣ ହୋଇପଡିଥିଲେ। ତେବେ ଚାଳିଶ ବର୍ଷ ଆଗରୁ ଏ ନେଇ ସେ ଭାରତୀୟମାନଙ୍କୁ ସତର୍କ ବି କରାଇ ଦେଇଥିଲେ। ୧୯୭୬ରେ ଭାରତ ପ୍ରଥମ ଥର ପାଇଁ ଅଲିମ୍ପିକ ସେମିଫାଇନାଲରେ ଖେଳି ନ ଥିବା ସେ ଦେଖିଥିଲେ। ତେବେ ଏ ନେଇ ସେ ନିଜର ପୁସ୍ତକ ମାଧ୍ୟମରେ କ୍ଷୋଭ ବି ପ୍ରକାଶ କରିଥିଲେ। ଭାରତୀୟ ହକିର ପୁନରୁଦ୍ଧାର ପାଇଁ ସେ ଅନେକ ଉପାୟ ମଧ୍ୟ ନିଜ ପୁସ୍ତକରେ ବତାଇଥିଲେ ମଧ୍ୟ ଏହା କାମରେ ଲାଗି ପାରି ନ ଥିଲା। ୧୯୫୭ରେ ସେ ପ୍ରଥମ ଖେଳାଳିଭାବେ ପଦ୍ମଶ୍ରୀ ପାଇଥିଲେ। ଏହାପରେ ତାଙ୍କୁ ଯେମିତି ସରକାର ଭୁଲି ଯାଇଥିଲେ। ନିଜ ସମୟର ହକିର ସର୍ବଶ୍ରେଷ୍ଠ ପ୍ରତିନିଧି ହୋଇଥିବା ସତ୍ତ୍ୱେ ତାଙ୍କୁ ଭାରତରତ୍ନ ତ ପରର କଥା ତାଙ୍କୁ ପଦ୍ମ ବିଭୂଷଣ ମଧ୍ୟ ମିଳିପାରି ନ ଥିଲା। ଏବେ ସମସ୍ତେ ଏହି ମହାନ୍ ଖେଳାଳିଙ୍କ ପାଇଁ କାନ୍ଦୁଥିଲାବେଳେ ତାଙ୍କର ଉପଯୁକ୍ତ ସ୍ମୃତିରକ୍ଷା କିପରି ହୋଇପାରିବ ତାହା ଦେଖିବା ଭାରତ ସରକାରଙ୍କର ଦାୟିତ୍ୱ ବୋଲି ମତ ଦେଉଛନ୍ତି।

## ନିଷ୍ପତ୍ତି ଜୁନ୍ ୧୦କୁ ଘୁଞ୍ଚିଲା

### ଟି୨୦ ବିଶ୍ୱକପ୍

ନୂଆଦିଲ୍ଲୀ, ୨୮।୫ (ପି.ଟି.)

ଇଣ୍ଟରନ୍ୟାଶନାଲ କ୍ରିକେଟ କାଉନ୍ସିଲ (ଆଇସିସି) ବୋର୍ଡର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହା ଟେଲି କନଫରେନ୍ସ ଜରିଆରେ ହୋଇଥିଲା। ଏଥିରେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ପାରିନାହିଁ। ଜୁନ୍ ୧୦ରେ ହେବାକୁଥିବା ପରବର୍ତ୍ତୀ ବୈଠକରେ ଯାହା କିଛି ସ୍ଥିର କରାଯିବ ବୋଲି ଆଇସିସି କହିଛି। ଅଷ୍ଟ୍ରେଲିଆରେ ଟି୨୦ ବିଶ୍ୱକପ୍ ଅକ୍ଟୋବର ୧୮ରୁ ନଭେମ୍ବର ୧୫ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ରହିଛି। କିନ୍ତୁ କୋଭିଡ୍-୧୯ ମହାମାରୀ ଯୋଗୁ ଏହାକୁ ସ୍ଥଗିତ ରଖାଯିବା ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଆଇସିସିର ଏହି ମେଗା ଇଭେଣ୍ଟ ଯଦି ସ୍ଥଗିତ ରୁହେ ତେବେ ଏହି ସମୟରେ ବର୍ତ୍ତମାନ ସସ୍ପେଣ୍ଡ ରହିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆୟୋଜନ ଲାଗି ସମ୍ଭାବନା ଦେଖା ଦେବ। ଅନ୍ୟପକ୍ଷରେ କୋଭିଡ୍-୧୯ ଯୋଗୁ ଦେଖାଦେଇଥିବା ସ୍ୱାସ୍ଥ୍ୟଗତ ସମସ୍ୟାକୁ ଦୃଷ୍ଟିରେ ରଖି ଟି୨୦ ବିଶ୍ୱକପ୍ ନେଇ ବିକଳ୍ପ ପନ୍ଥା ଉପରେ ନିବେଶକାରୀମାନଙ୍କ ସହିତ ଆଲୋଚନା ଜାରି ରଖିବା ଲାଗି ବୋର୍ଡ ଆଇସିସି ମ୍ୟାନେଜମେଣ୍ଟକୁ ଅନୁରୋଧ କରିଛି।

## କ୍ୱାରାଣ୍ଟାଇନ୍‌ରେ ବାତ୍ରା

ନୂଆଦିଲ୍ଲୀ, ୨୮।୫ (ପି.ଟି.): ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ନରିନ୍ଦର ବାତ୍ରାଙ୍କ ପିତା କରୋନାଭାଇରସ୍‌ରେ ସଂକ୍ରମିତ ହୋଇଛନ୍ତି। ତାଙ୍କର ଦୁଇ ଆଟେଣ୍ଡାଣ୍ଟ ଏବଂ ବାସଭବନରେ ପ୍ରହରୀ ଦେଉଥିବା ଦୁଇ ସୁରକ୍ଷା କର୍ମୀ ମଧ୍ୟ କରୋନା ପଜିଟିଭ୍ ବୋଲି କୋଭିଡ-୧୯ ଟେଷ୍ଟରୁ ଜଣାପଡ଼ିଛି। ଫଳରେ ଆସନ୍ତା ୧୭ ଦିନ ଧରି ନିଜ ଘରେ କ୍ୱାରାଣ୍ଟାଇନ୍‌ରେ ରହିବେ ବୋଲି ଆଇଓଏ ସଭାପତି ଏକ ବିବୃତିରେ ପ୍ରକାଶ କରିଛନ୍ତି। ବାତ୍ରାଙ୍କ ବାପା ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେ କହିଛନ୍ତି, ସମ୍ଭବତଃ ନିକଟରେ ନୂତନ ଭାବେ ଯୋଗ ଦେଇଥିବା ଆଟେଣ୍ଡାଣ୍ଟଙ୍କଠାରୁ ତାଙ୍କ ପିତା ସଂକ୍ରମିତ ହୋଇଛନ୍ତି। ବାସଭବନରେ ଆମ ପରିବାରର ୫ ସଦସ୍ୟଙ୍କ ବ୍ୟତୀତ ଅନ୍ୟ ୧୩ ଷ୍ଟାଫ୍ କ୍ୱାର୍ଟରରେ ଅବସ୍ଥାନ କରୁଛନ୍ତି। ଆମ ସମସ୍ତଙ୍କର କୋଭିଡ୍-୧୯ ଟେଷ୍ଟ ହୋଇଥିଲା। ଉପରୋକ୍ତ ୫ଜଣଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତଙ୍କ ଫଳାଫଳ ନେଗେଟିଭ୍ ଆସିଥିଲା। ଜୁନ୍ ୩ କିମ୍ବା ୪ରେ ଆଉ ଥରେ କୋଭିଡ୍-୧୯ ଟେଷ୍ଟ ପର୍ଯ୍ୟନ୍ତ ମୁଁ ନିଜେ ଓ ଅନ୍ୟମାନେ କ୍ୱାରାଣ୍ଟାଇନ୍‌ରେ ରହିବୁ ବୋଲି ବାତ୍ରା କହିଛନ୍ତି।

## ପର୍ବତାରୋହୀଙ୍କୁ ଶୁଭେଚ୍ଛା ଜଣାଇଲେ ଗଣେଶ

ଭୁବନେଶ୍ୱର, ୨୮।୫(କ୍ରୀଡ଼ା ପ୍ରତିନିଧି): ୧୯୫୩ ମେ' ୨୯ରେ ପ୍ରଥମେ ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିଲେ ସାର୍ ଏଡ୍‌ମୁଣ୍ଡ ହିଲାରୀ ଓ ତେନଜିଂ ନର୍ଗେ। ଏହାକୁ ଅନ୍ତର୍ଜାତୀୟ ମାଉଣ୍ଟ ଏଭରେଷ୍ଟ ଦିବସଭାବେ ପାଳନ କରାଯାଉଥିବାବେଳେ ପର୍ବତାରୋହୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଓଡ଼ିଶାର ଏଭରେଷ୍ଟ ଆରୋହୀ ଗଣେଶ ଚନ୍ଦ୍ର ଜେନା।


BIRTHDAY WISH



PAPI
Many many Happy returns of the day.
Happy Birthday
-:Best Wishes From:-
Gudu Bhai

D-69406

ଜନ୍ମଦିନ ଶୁଭେଚ୍ଛା



ନୀହାର ରଞ୍ଜନ
ଭଗବାନଙ୍କ ଆଶୀର୍ବାଦ ତୁମ ଉପରେ ସବୁବେଳେ ରହୁ। ଜୀବନରେ ସବୁବେଳେ ଖୁସିରେ ରୁହ ଏବଂ ବହୁତ ସଫଳତା ଲାଭକର।
-:ଶୁଭେଚ୍ଛା ସହ:-
ବାବା, ମାମା, ବାପା, ମାଆ, ଅଞ୍ଜଳି ଅପା, ଆରତି ଅପା ଏବଂ ପରିବାରବର୍ଗ।

ଧ-୧୭୩୬୪



ରାଜ୍ୟରେ ବିଜେଡି ସରକାରଙ୍କର ସଫଳତାର ସହ ଏକବର୍ଷ ପୂର୍ତ୍ତି ଓ କୋଭିଡ୍-୧୯ର ସଫଳ ମୁକାବିଲା ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି। ଏହି ଅବସରରେ ଢେଙ୍କାନାଳବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ସୁଧୀର କୁମାର ସାମଲ
ବିଧାୟକ, ଢେଙ୍କାନାଳ

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



ଇ. ବ୍ରଜମୋହନ ପାତ୍ର
ଅଶୋକା ଏଣ୍ଟରପ୍ରାଇଜର୍ସ, ପୁରୁଣା ବସଷ୍ଟାଣ୍ଡ, ଆସିକା
ଆବିର୍ଭାବ : ୨୮.୧.୧୯୪୦
ତିରୋଧାନ : ୧୯.୫.୨୦୨୦

ଆଜି ଆପଣଙ୍କ ତିରୋଧାନର ଏକାଦଶାହ ଦିବସରେ ଆପଣଙ୍କ ଅମରଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀ ଜଗନ୍ନାଥଙ୍କ ଚରଣାରବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।

- ଶୋକସନ୍ତପ୍ତ -
ଇ.ବସନ୍ତ କୁମାରୀ, ଦେବେନ୍ଦ୍ର (ଲାଲୁ), ବିସ୍ମିତା (ମିଲି), ଜିତେନ୍ଦ୍ର (ଟୁଲୁ), ସୁସ୍ମିତା, ସାଇରାମ, ସୁନିତା (ଲୀନା), ମଣ୍ଟି, ଲାଡ୍‌ଲି ଏବଂ କ୍ରିସ୍

ଧ-୧୭୩୬୫


## ଭାରତ-ଅଷ୍ଟ୍ରେଲିଆ ସିରିଜ୍ କାର୍ଯ୍ୟସୂଚୀ ଘୋଷିତ

ମେଲବୋର୍ନ, ୨୮।୫(ପି.ଟି.)

କଳ୍ପନା ଜଳ୍ପନାର ଅବସାନ ଘଟାଇ କ୍ରିକେଟ ଅଷ୍ଟ୍ରେଲିଆ ଗୁରୁବାର ଭାରତ ବିପକ୍ଷ ସିରିଜର କାର୍ଯ୍ୟସୂଚୀ ପ୍ରକାଶ କରିଛି। ଫଳରେ ଏହି ଗସ୍ତରେ ଭାରତ ଏକ ପୂର୍ଣ୍ଣ ସିରିଜ ଖେଳିବା ସ୍ପଷ୍ଟ ହୋଇଯାଇଛି। ଟି୨୦ରୁ ଭାରତର ଅଷ୍ଟ୍ରେଲିଆ ଗସ୍ତ ଆରମ୍ଭ ହେବ। ୩ଟି ଟି୨୦ ପରେ ଭାରତ ୪ଟି ଟେଷ୍ଟ ଏବଂ ୩ଟି ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ। ଅକ୍ଟୋବର ୧୧ରେ ବ୍ରିସବେନ୍‌ଠାରେ ଭାରତ-ଅଷ୍ଟ୍ରେଲିଆ ପ୍ରଥମ ଟି୨୦ ଅନୁଷ୍ଠିତ ହେବ। ଏହାପରେ ୧୪ରେ କାନ୍‌ବେରା ଏବଂ ୧୭ରେ ଆଡିଲେଡଠାରେ ମ୍ୟାଚ ଖେଳିବ। କରୋନା ଭାଇରସ ସଂକ୍ରମଣ ଜନିତ ପ୍ରଭାବରୁ ଟି୨୦ ବିଶ୍ୱକପ ଆୟୋଜନ ସମ୍ଭାବନା କ୍ଷୀଣ ଥିଲେ ହେଁ ଏଥିପାଇଁ ସମୟ ରଖା ଯାଇଛି। ଯଦି ବିଶ୍ୱକପ ସମ୍ଭବ ହୁଏ ତେବେ ଭାରତ ଏଥିରେ ଖେଳିବାପରେ ଟେଷ୍ଟ ସିରିଜ ଖେଳିବାକୁ ପୁଣି ପ୍ରତ୍ୟାବର୍ତ୍ତନ କରିବ। ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ବ୍ରିସବେନଠାରେ ଡିସେମ୍ବର ୩ରୁ ଆରମ୍ଭ ହେବ। ଏହାପରେ ଏହି ମାସ ୧୧ରୁ ୧୫ ପର୍ଯ୍ୟନ୍ତ ଆଡିଲେଡଠାରେ ଦ୍ୱିତୀୟ ଟେଷ୍ଟ ଦିବାରାତ୍ର ବିଶିଷ୍ଟ ହେବ। ଡିସେମ୍ବର ୨୬ରୁ ୩୦ ତୃତୀୟ ଟେଷ୍ଟ ମେଲବୋର୍ନ ଏବଂ ୨୦୨୧ ଜାନୁୟାରୀ ୩ରୁ ୭ ପର୍ଯ୍ୟନ୍ତ ୪ର୍ଥ ଟେଷ୍ଟ ସିଡ୍‌ନୀଠାରେ ଖେଳାଯିବ। ଏହାପରେ ଜାନୁୟାରୀ ୧୨ରେ ପର୍ଥ, ୧୫ରେ ମେଲବୋର୍ନ ଏବଂ ୧୭ରେ ସିଡ୍‌ନୀଠାରେ ୩ଟି ଦିନିକିଆ ଅନୁଷ୍ଠିତ ହେବ। ରିପୋର୍ଟ ଅନୁସାରେ କ୍ରିକେଟ ଅଷ୍ଟ୍ରେଲିଆ ଏହି ସିରିଜରୁ ପାଖାପାଖି ୩୦୦ ମିଲିଅନ ଅଷ୍ଟ୍ରେଲୀୟ ଡଲାର ଆୟ କରିବ।

## ଜାତୀୟ କ୍ରୀଡ଼ା ସ୍ଥଗିତ

ନୂଆଦିଲ୍ଲୀ, ୨୮।୫(ପି.ଟି.)

ଆସନ୍ତା ଅକ୍ଟୋବର-ନଭେମ୍ବରରେ ଗୋଆରେ ହେବାକୁଥିବା ୩୬ତମ ଜାତୀୟ କ୍ରୀଡ଼ାକୁ କୋଭିଡ-୧୯ ପାଇଁ ଅନିର୍ଦ୍ଦିଷ୍ଟକାଳ ପାଇଁ ସ୍ଥଗିତ ରଖା ଯାଇଛି। ଅକ୍ଟୋବର ୨୦ରୁ ନଭେମ୍ବର ୪ ମଧ୍ୟରେ ଏହି ପ୍ରତିଯୋଗିତା କରିବା ପାଇଁ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ(ଆଇଓଏ) ପକ୍ଷରୁ ଗୋଆ ସରକାରଙ୍କୁ ପରାମର୍ଶ ଦିଆ ଯାଇଥିଲା। ମାତ୍ର ହଠାତ କରୋନା ଭାଇରସ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରୁ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଲା।


ADITYA BIRLA
HINDALCO

Aditya Aluminium
(A Unit of Hindalco Industries Ltd.)

*The Flagship Unit of Hindalco Industries Ltd., having its Smelter and Captive Power Plants in Odisha, the Land of the Sun Temple.*



*Aditya means Sun, the Primal source of Light and Energy*

**Registered Office**
Ahura Centre,1st Floor,B Wing,
Mahakali Caves Road
Andheri (East), Mumbai- 400093
Tel: (91-22) 66917000,Fax: (91-22) 66917001

**Aditya Aluminium**
At/ Po.- Lapanga
Dist- Sambalpur
Odisha -768212
Tel.: 0663-2536247, Fax : 0663-2536499




ROBUST SAFETY MEASURES:

Disinfectant dispensers are installed.

Regular cleaning of showrooms and equipment with disinfectants.

Robust measures for test drives.

Every RM wears a face mask and a pair of gloves.

A contactless delivery of car will be arranged during this period.

EMI Starting from ₹8800*

Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

BHUBANESWAR: NEXA TWIN CITY (SKY AUTOMOBILES PH: 9776497764, 7064400101), NEXA RAJ BHAVAN ROAD (NARAYANI MOTORS PH: 9583022008, 7381094898), NEXA CYBER CITY (JYOTE MOTORS PH: 8338033884), SAMBALPUR:NEXA SAMBALPUR HIGHWAY (ODYSSEY MOTORS PH: 8599039994), BALASORE:NEXA BALASORE HIGHWAY (JYOTE MOTORS (BALASORE) PH: 8338033994), ANGUL: NEXA ANGUL CENTRAL (ODYSSEY MOTORS PH: 9938948207), CUTTACK: NEXA STADIUM RD (JYOTE MOTORS PH: 8338033889, 7440005239), ROURKELA: NEXA CIVIL TOWN (ORBIT MOTORS PH: 8337900222, 7077727977).

*Finance scheme details mentioned above are at the sole discretion of financier and terms and conditions as specified by the financier shall apply. For more details, please contact your nearest NEXA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice.

SUZUKI connect ADVANCED TELEMATICS SOLUTION
A REVOLUTIONARY WAY TO CONNECT TO YOUR CAR
Vehicle Tracking
Emergency Alert
Driving Behaviour Analysis
Live Vehicle Status
Vehicle Alerts
Offered separately as Genuine NEXA Accessory



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ